# ମନ୍ତ୍ରମୟୀ ସାବିତ୍ରୀ

**ପ୍ରଥମ ପର୍ବ : ଦ୍ୱିତୀୟ ସର୍ଗ, ସମସ୍ୟା (The Issue)**

(୮)

## ଶ୍ରୀଅରବିନ୍ଦ

As in a mystic and dynamic dance
A priestess of immaculate ecstacies
Inspired and ruled from
Truth's revealing vault
Moves in some prophet cavern
of the gods,
A heart of silence in the hands of joy
Inhabited with rich creative beats
A body like a parable of dawn
That seemed a niche for veiled divinity
Or golden temple-door to things beyond.

ସାବିତ୍ରୀ ଦିବ୍ୟ ଆନନ୍ଦର ଏକ ଅପାପବିଦ୍ଧ ପବିତ୍ର ପୂଜାରିଣୀ ସଦୃଶ ସ୍ୱୟଂପ୍ରଭ ଊର୍ଦ୍ଧ୍ୱସ୍ଥିତ ସତ୍ୟ ଦ୍ୱାରା ଅନୁପ୍ରାଣିତ ଓ ନିୟନ୍ତ୍ରିତ ହୋଇ ଏକ ରହସ୍ୟମୟ ନିଗୂଢ଼ ଆବେଶ ମଧ୍ୟରେ ସଜୋରେ ନୃତ୍ୟ କରି କରି ଦେବତାମାନଙ୍କର କୌଣସି ଏକ ଭବିଷ୍ୟବାଣୀ ଯୁକ୍ତ ଗୁହା ମଧ୍ୟରେ ଚାଲିଥିଲେ । ତାଙ୍କର ସମୃଦ୍ଧ ସୃଷ୍ଟିଶୀଳ ସ୍ପନ୍ଦନରାଜିରେ ପରିପୂର୍ଣ୍ଣ ନୀରବ ହୃଦୟ ଏକ ପରମାନନ୍ଦମୟ ହାତ ଧରି ନୃତ୍ୟରତ ଥିଲା । ତାଙ୍କର ଦେହ ଥିଲା ଏକ ଉଷାର ରୂପକ କାହାଣୀ, ଅବଗୁଣ୍ଠିତ କୌଣସି ଦେବତାର ଏକ ନିଭୃତ ବିଶ୍ରାମସ୍ଥାନ ଅଥବା ଊର୍ଦ୍ଧ୍ୱସ୍ଥିତ ବା ଜଗଦତୀତ ଭୂମିରେ ପହଞ୍ଚିବାର ଏକ ସ୍ୱର୍ଣ୍ଣମୟ ମନ୍ଦିରର ଉନ୍ମୁକ୍ତ ଦୁଆର ସଦୃଶ ।

Immortal rhythms swayed in her
time-born steps;
Her look, her smile awoke celestial sense
Even in earth-stuff, and their intense delight
Poured a supernal beauty on men's lives.

ତାଙ୍କର କାଳଜାତ ପଦକ୍ଷେପରେ ଲୀଳାୟିତ ହୋଇ ଉଠୁଥିଲା ଅମରାର ଛନ୍ଦାବଳି, ତାଙ୍କର ଦୃଷ୍ଟି, ତାଙ୍କର ହସ ପାର୍ଥିବ ଉପାଦାନର ମଧ୍ୟରେ ବି ସ୍ୱର୍ଗୀୟ ଅନୁଭୂତି ଜାଗ୍ରତ କରୁଥିଲା, ଏବଂ ସେସବୁର ତୀବ୍ର ଆନନ୍ଦ ମନୁଷ୍ୟର ଜୀବନ ଉପରେ ଢାଳି ଦେଉଥିଲା ଏକ ଅପରୂପ ଦିବ୍ୟ ସୌନ୍ଦର୍ଯ୍ୟ ।

A wide self-giving was her native act;
A magnanimity as of sea or sky
Enveloped with its greatness all that came
And gave a sense as of a greatened world :
Her kindly care was a sweet temperate sun,
Her high passion a blue heaven's equipoise.

ଏକ ଉଦାର ଆତ୍ମଦାନ ଥିଲା ତାଙ୍କର ସ୍ୱାଭାବିକ କର୍ମ, ସାଗର ଓ ଆକାଶ ସଦୃଶ ଏକ ବିପୁଳ ମହାନୁଭବତା ତା'ର ମହିମା ଦ୍ୱାରା ନିକଟସ୍ଥିତ ସକଳଙ୍କୁ ଘେରି ରଖିଥିଲା ଓ ମହତ୍ତ୍ୱରେ ଉନ୍ନୀତ ବା ମହତ୍ତର ଏକ ଜଗତର ବୋଧ ଜାଗ୍ରତ କରିଥିଲା । ତାଙ୍କର ସଦୟ ଯତ୍ନ ଓ ପରିଚର୍ଯ୍ୟା ଥିଲା ଯେପରି ଏକ ମଧୁର ନାତିଶୀତୋଷ୍ଣ ସୂର୍ଯ୍ୟ । ତାଙ୍କର ଉଚ୍ଚ ଆବେଗ ଥିଲା ଯେପରି ପ୍ରଶାନ୍ତ ସୁନୀଳ ଆକାଶ ।

(କ୍ରମଶଃ)

ଗଦ୍ୟାନୁବାଦ : ସୁବୋଧ କୁମାର ଦାସ

❑❑❑

# ସୌରଦୀପ୍ତ ପଥ

## ଶ୍ରୀମା

ଅନ୍ୟ ବ୍ୟକ୍ତି ଏବଂ ଶକ୍ତି :

**ଅନ୍ୟମାନେ ଏକ ଦର୍ପଣ ସଦୃଶ**

ଯେତେବେଳେ ଜଣେ ବ୍ୟକ୍ତି ମଧ୍ୟରେ କିଛି କଥା ସଂପୂର୍ଣ୍ଣ ଗ୍ରହଣ-ଅଯୋଗ୍ୟ ଅଥବା ହାସ୍ୟାସ୍ପଦ ଭଳି ମନେହୁଏ– ''କ'ଣ ! ସେ ଏପରି, ସେ ଏପରି ବ୍ୟବହାର କରୁଛି, ସେ ଏପରି କଥା କହୁଛି, ସେ ଏପରି କଥା କରୁଛି''– ସେତେବେଳେ ତୁମେ ନିଜକୁ କହିବା ଉଚିତ, ''ଆଚ୍ଛା, ଆଚ୍ଛା, ମୁଁ ବି ବୋଧହୁଏ ସେଇକଥା ସଚେତନ ନ ହୋଇ କରିଥାଏ । ତେଣୁ ସେ ବ୍ୟକ୍ତିକୁ ସମାଲୋଚନା କରିବା ପୂର୍ବରୁ ମୁଁ ମୋ ନିଜ ଭିତରକୁ ପ୍ରଥମେ ଥରେ ଦୃଷ୍ଟିପାତ କରିବା ଭଲ ହେବ, ଯାହାଫଳରେ ଜାଣି ହେବ ମୁଁ ନିଜେ ଠିକ୍ ସେଇ କଥାକୁ ସାମାନ୍ୟ ଭିନ୍ନ ଢଙ୍ଗରେ କରୁ ନାହିଁ ତ !'' ପ୍ରତ୍ୟେକଥର ତୁମେ ଯେତେବେଳେ ଅନ୍ୟର ବ୍ୟବହାରରେ ମର୍ମାହତ ହୁଅ ତୁମର ଯଦି ଉତ୍ତମ ବୋଧ ଓ ବୁଦ୍ଧି ଥାଏ ଏହି କଥାଟି କରିବା ଲାଗି ତେବେ ତୁମେ ଜାଣିପାରିବ ଯେ ଜୀବନକ୍ଷେତ୍ରରେ ଅନ୍ୟମାନଙ୍କ ସହିତ ତୁମର ସମ୍ପର୍କ ଏକ ଦର୍ପଣ ସଦୃଶ ଯାହାକି ତୁମ ସମ୍ମୁଖରେ ଉପସ୍ଥାପନ କରାଯାଇଛି, ଯାହାଫଳରେ ତୁମେ ତୁମ ନିଜ ଭିତରେ ବହନ କରି ଚାଲୁଥିବା ଦୁର୍ବଳତାସବୁକୁ ଖୁବ୍ ସହଜ ଓ ସ୍ପଷ୍ଟଭାବରେ ଦେଖି ପାରିବ ।''

ଏକ ସାଧାରଣ ଏବଂ ପୂର୍ଣ୍ଣ ନିଶ୍ଚିତ ଭାବରେ ଅନ୍ୟମାନଙ୍କ ମଧ୍ୟରେ ଯାହା ତୁମକୁ ଆଘାତ ଦେଇଥାଏ ଠିକ୍ ସେହି କଥାଟି ତୁମେ କମ୍ ହେଉ ବା ବେଶୀ ହେଉ ଅବଗୁଣ୍ଠିତ ତଥା ପ୍ରଚ୍ଛନ୍ନ ଭାବରେ ନିଜ ମଧ୍ୟରେ ବହନ କରି ଚାଲିଥାଅ ଯଦିଓ ଟିକେ ଭିନ୍ନ ରୂପରେ ଯାହାକି ତୁମକୁ ପ୍ରତାରିତ ହେବାକୁ ଦେଇଥାଏ । ତୁମ ଭିତରେ ଯାହା ଯଥେଷ୍ଟ ତ୍ରୁଟିଶୂନ୍ୟ ବୋଲି ବୋଧ ହେଉଥାଏ ଅନ୍ୟ ଭିତରେ ସେଇ କଥା ତୁମେ ଦେଖିଲା ମାତ୍ରେ ତାହା ବିଶାଳ ଦାନବୀୟ ରୂପ ଧାରଣ କରେ ।

ଏହି କଥା ଅନୁଭୂତିରେ ଆଣିବାକୁ ଚେଷ୍ଟା କର, ଏହା ତୁମକୁ ନିଜକୁ ପରିବର୍ତ୍ତନ କରିବାରେ ବହୁତ ସାହାଯ୍ୟ କରିବ । ତତ୍ ସଙ୍ଗେ ସଙ୍ଗେ ଏହା ତୁମର ଅନ୍ୟମାନଙ୍କ ସହ ସଂପର୍କରେ ଆଣି ଦେବ ଏକ ଉଜ୍ଜ୍ୱଳ ସହନଶୀଳତା, ଆଣିଦେବ ଏକ ଶୁଭେଚ୍ଛା ଯାହା ବୁଝାମଣା ମଧ୍ୟରୁ ଆସିଥାଏ ଏବଂ ଏହା ସଂପୂର୍ଣ୍ଣରୂପେ ନିରର୍ଥକ, ଏହିସବୁ ଝଗଡ଼ାର ଅବସାନ ଘଟାଇଥାଏ ।

ଏକ ମଙ୍ଗଳମୟ ସ୍ମିତହାସ୍ୟ ସହ ସବୁକିଛି ଉପରେ ଦୃଷ୍ଟିପାତ କର । ଯେଉଁସବୁ କଥା ତୁମକୁ ବିରକ୍ତ କରୁଛି ସେସବୁକୁ ନିଜ ଲାଗି ଏକ ଶିକ୍ଷା ରୂପରେ ଗ୍ରହଣ କର, ଫଳରେ ତୁମ ଜୀବନ ଯେପରି ଅଧିକ ଶାନ୍ତିପୂର୍ଣ୍ଣ ହୋଇ ଉଠିବ ସେହିପରି ଅଧିକ ଫଳପ୍ରଦ ମଧ୍ୟ ହୋଇ ଉଠିବ । କାରଣ ତୁମ ମଧ୍ୟରେ ଯେଉଁ ପୂର୍ଣ୍ଣତା ବାକି ଅଛି ସେଇ ପୂର୍ଣ୍ଣତା ଅନ୍ୟମାନଙ୍କ ମଧ୍ୟରେ ନ ଥିବାର ଦେଖିଲେ ତୁମ ମନରେ ଯେଉଁ ବିରକ୍ତି ଆସେ ତା'ଫଳରେ ତୁମ ଶକ୍ତିର ଏକ ବିରାଟ ଅଂଶ ନଷ୍ଟ ହୋଇଥାଏ ।

ଅନ୍ୟମାନଙ୍କୁ ଯେଉଁ ପୂର୍ଣ୍ଣତା ଲାଭ କରିବାକୁ ହେବ ତୁମ ମଧ୍ୟରେ ବି ସେଇଟିର ଅଭାବ ରହିଛି ଏବଂ ତୁମକୁ ନିଜ ଲାଗି ଯେଉଁ ଲକ୍ଷ୍ୟର ଅନୁସରଣ କରିବାକୁ ହେବ ସେ ସଂପର୍କରେ ତୁମେ କ୍ୱଚିତ୍ ସଚେତନ ଥାଅ । ଯଦି ତୁମେ ଏହି ବିଷୟରେ ସଚେତନ ଥାଅ ତେବେ ତୁମକୁ ଯେଉଁ କାର୍ଯ୍ୟଟି ଦିଆଯାଇଛି ତାହା ଆରମ୍ଭ କର, ଅର୍ଥାତ୍, ତୁମକୁ ଯାହା କରିବାକୁ ହେବ ତାହା ତୁମେ କର ଏବଂ ଅନ୍ୟମାନେ କ'ଣ କରୁଛନ୍ତି ସେ ସଂପର୍କରେ ଚିନ୍ତା କର ନାହିଁ, କାରଣ ଏପରି କରିବା ତୁମର କାର୍ଯ୍ୟ ନୁହେଁ । ଯଥାର୍ଥ ମନୋଭାବ ରକ୍ଷା କରିବା ନିମନ୍ତେ ସର୍ବୋତ୍ତମ ମାର୍ଗ ହେଉଛି ଖାଲି ଏତିକି କହିବା, ''ମୋ ଚତୁଃପାର୍ଶ୍ୱରେ ଯେଉଁମାନେ ଅଛନ୍ତି , ମୋ ଜୀବନର ସମସ୍ତ ପରିସ୍ଥିତି, ମୋ  ନିକଟରେ ଥିବା ସମସ୍ତ ବ୍ୟକ୍ତି ହେଉଛନ୍ତି ଭାଗବତ ଚେତନା ଦ୍ୱାରା ମୋ ଆଡ଼କୁ ଧରା ହୋଇଥିବା ଏକ ଏକ ଦର୍ପଣ ଯାହା ମୋତେ ଦେଖାଇ ଦେବ ଯେ କେଉଁ ଅଗ୍ରଗତିଟି ମୋତେ କରିବାକୁ ହେବ । ଅନ୍ୟମାନଙ୍କ ମଧ୍ୟସ୍ଥ ଯେଉଁ କଥାଟି ମୋତେ ଆଘାତ ଦେଉଛି, ତାହା ସୂଚାଇ ଦେଉଛି ଯେ ସେଇ କଥାଟି ମୋତେ ନିଜକୁ କରିବାକୁ ହେବ ।''

ବୋଧହୁଏ ଯଦି ତୁମେ ନିଜ ମଧ୍ୟରେ ଯଥାର୍ଥ ପୂର୍ଣ୍ଣତା ବହନ କରି ଚାଲିବ, ତେବେ ଅନ୍ୟମାନଙ୍କ ମଧ୍ୟରେ ତାହା ତୁମେ ଅନେକ ସମୟରେ ଆବିଷ୍କାର କରିପାରିବ ।

(କ୍ରମଶଃ)

(The Sunlit Path ପୁସ୍ତକରୁ)

ଅନୁବାଦ : ଧ୍ରୁବ ଚରଣ ହୋତା ❑

# ସ୍ମୃତି ଆଲେଖ୍ୟ

## (୬)

[କଥା ପ୍ରସଙ୍ଗରେ **ଶ୍ରୀଅରବିନ୍ଦ** ତାଙ୍କର ସମୀପଧନ୍ୟ ଶିଷ୍ୟମାନଙ୍କ ନିକଟରେ *ନିଜ ବିଷୟରେ* ଓ *ଅନ୍ୟମାନଙ୍କ ବିଷୟରେ* ଯାହାସବୁ ଉଲ୍ଲେଖ କରିଛନ୍ତି ସେଥିରୁ କିଛି.... ।]

### ସାଧନାରେ ଭୟ

ଯଦି ଜଣେ ଭୟ କରେ, ତେବେ ଯୋଗସାଧନା ଅସମ୍ଭବ । ଏହାକୁ ମନ ଦ୍ୱାରା ଜୟ କରିବାକୁ ହେବ । ଏହା ସମ୍ଭବ ମାନସିକ ପ୍ରଶିକ୍ଷଣ ଓ ଇଚ୍ଛାଶକ୍ତି ଦ୍ୱାରା । ଯେପରି ବିବେକାନନ୍ଦ ଖୁବ୍ ଜୋର୍ ଦେଇ କହିଛନ୍ତି; ଯେ ଜଣେ ଯୋଗୀ ଅବଶ୍ୟ ଜଣେ ''ଅଭୀ'' ବା ଭୟବିହୀନ ହେବା ଉଚିତ ।

ମୋର ମନେ ନାହିଁ ଯେ ତୁମମାନଙ୍କୁ ମୋ ଅନୁଭୂତି ବିଷୟରେ କହିଛି ନା ନାହିଁ । ଲେଲେଙ୍କ ସହିତ ଦେଖାହେବା ପରେ କଲିକତାରେ ମୁଁ ଖୁବ୍ ଧ୍ୟାନ କରୁଥାଏ । ମୁଁ ଏକ ନିଶ୍ଚଳ ନୀରବତା ଅନ୍ତର ମଧ୍ୟରେ ଅନୁଭବ କରୁଥାଏ ଏବଂ ସେତେବେଳେ ମୋର ନିଃଶ୍ୱାସ ପ୍ରଶ୍ୱାସ ମଧ୍ୟ ଥିଲା ଅତି ଧୀର, ଏପରିକି ବନ୍ଦ ହୋଇଯିବା ଭଳି । ଗୋଟିଏ ବାଜେ ଭୟ, ବରଂ କୁହାଯିବ ଏକ ଆଶଙ୍କା, ମୋ ମନ ଉପରେ ଚାପି ବସିଲା ଏବଂ ମୁଁ କହିଲି, ''ଯଦି ମୋ ନିଃଶ୍ୱାସ ବନ୍ଦ ହୋଇଯାଏ, ତେବେ ମୁଁ ବଞ୍ଚିବି କିପରି ?'' ତତ୍‌କ୍ଷଣାତ୍ ପୂର୍ବୋକ୍ତ ସୁନ୍ଦର ଅନୁଭୂତିଟି ବନ୍ଦ ଯେ ହୋଇଗଲା ଆଉ ଫେରି ଆସିଲା ନାହିଁ ।

ଯୋଗ ପାଇଁ ଆବଶ୍ୟକ ଦୁଇଟି କଥା । ପ୍ରଥମେ ଭୟକୁ ପ୍ରତିହତ କରିବା, ଦ୍ୱିତୀୟଟି ସାଧାରଣ ସଙ୍କେତସବୁ ହୃଦୟଙ୍ଗମ କରିବା । ତୁମେ ଜାଣିଥିବ, ଥରେ 'ଭି' ଧ୍ୟାନରେ ଦେଖିଲେ ଯେ ଏକ ସୁନାରଙ୍ଗର ସତ୍ତାମାନେ ପୃଥିବୀ ଉପରକୁ ଅବତରଣ କରିଆସି 'ଭି'କୁ କହିଲେ, ''ଏବେ ତୁମର ଦେହକୁ ଆମେ କାଟିଦେବୁ ଓ ପୁଣି ଯୋଡ଼ି ଦେଇ ନୂଆ କରିଦେବୁ ।'' ସେ ଚିତ୍କାର କଲେ, ''ନା, କଦାପି ନୁହଁ । ଏହା ଅସମ୍ଭବ ।'' ସେ ଭାବିଲେ ଯେ ତାଙ୍କର ସ୍ଥୂଳଦେହକୁ ସେମାନେ କାଟିବାକୁ ଯାଉଛନ୍ତି । କିନ୍ତୁ ଏଠାରେ ପ୍ରକୃତ ଅର୍ଥ ସ୍ପଷ୍ଟ : ପ୍ରକୃତିର ପୁରାତନ ଉପାଦାନଗୁଡ଼ିକୁ ଫିଙ୍ଗିଦିଆଯିବ ଓ ନୂତନ ଉପାଦାନଗୁଡ଼ିକୁ ସ୍ଥୂଳ ଚେତନା ମଧ୍ୟକୁ ଅଣାଯିବ ।

### ଭୟକୁ କିପରି ଜୟ କରିବ

ମାନସିକ ସାମର୍ଥ୍ୟ, ଇଚ୍ଛାଶକ୍ତି ଓ ଆଧ୍ୟାତ୍ମିକ ଶକ୍ତି ଦ୍ୱାରାହିଁ ଭୟକୁ ଜୟ କରାଯାଏ । ମୋ କ୍ଷେତ୍ରରେ ଯେତେବେଳେ କୌଣସି କିଛି ପ୍ରତି ମୋର ଭୟ ଆସେ, ସେତେବେଳେ ମୁଁ ସେହି କାର୍ଯ୍ୟଟିକୁ କରିବସେ, ଯଦିଓ ସେଥିରେ ବେଳେବେଳେ ଭୟଙ୍କର ମୃତ୍ୟୁର ସମ୍ଭାବନା ଥାଏ । ବାରୀନ୍ ଯେତେବେଳେ ଆତଙ୍କବାଦୀ ଭାବରେ କାର୍ଯ୍ୟ କରୁଥାଏ, ସେତେବେଳେ ତା'ର ବହୁତ ଭୟ ଥାଏ । କିନ୍ତୁ ସେ ନିଜେ ନିଜକୁ ବାଧ୍ୟ କରି ସେପରି କାର୍ଯ୍ୟ ସବୁ କରାଉଥାଏ । ଯେତେବେଳେ ମୃତ୍ୟୁଦଣ୍ଡ ଦିଆଯିବାର କଥା ହେଲା, ସେ ତାହାକୁ ବହୁତ ପ୍ରଫୁଲ୍ଲ ଚିତ୍ତରେ ଗ୍ରହଣ କଲା । ଫ୍ରାନ୍ସର ରାଜା ଚତୁର୍ଥ ହେନେରୀଙ୍କର ମଧ୍ୟ ବହୁତ ଭୟ ଥିଲା । କିନ୍ତୁ ଇଚ୍ଛାଶକ୍ତି ଦ୍ୱାରା ସେ ନିଜକୁ ବାଧ୍ୟ କରି ଘୋର ଯୁଦ୍ଧ ମଧ୍ୟକୁ ଠେଲି ପ୍ରବେଶ କରାଉଥିଲେ ଏବଂ ସେ ଜଣେ ବଡ଼ ଯୋଦ୍ଧା ଭାବରେ ବିଖ୍ୟାତ ଥିଲେ । ନେପୋଲିଅନ୍ ଓ ସିଜାରଙ୍କର ଭୟ ବୋଲି କଛି ନ ଥିଲା । ଥରେ ଯେତେବେଳେ ସିଜାର ଆଲବେନିଆରେ ପମ୍ପେଇର ସୈନ୍ୟମାନଙ୍କ ସହିତ ଯୁଦ୍ଧ କରୁଥିଲେ, ସେତେବେଳେ ସିଜାରଙ୍କ ସୈନ୍ୟମାନେ ପ୍ରାୟ ହାରିଯାଉଥିଲେ; ସିଜାର ସେତେବେଳକୁ ଇଟାଲିରେ । 'ସେ ଶୁଣିବାମାତ୍ରେ ସମୁଦ୍ରକୁ ଡେଇଁପଡ଼ି ଜଣେ କେଉଟର ସାଧାରଣ ଡଙ୍ଗାଟିଏ ଧରି କେଉଟକୁ କହିଲେ ପାରି କରିଦେବାକୁ । କେଉଟ ଡଙ୍ଗା ନେଇଗଲା । ଅଧାବାଟରେ ହୋଇଛନ୍ତି ଝଡ଼ ଆସିଲା । କେଉଟ ବିଚାରା ଭୟରେ କମ୍ପିଲା । ସିଜାର କହିଲେ, ''ତୁମେ କାହିଁକି ଭୟ କରୁଛ ? ତୁମେ ସିଜାରଙ୍କର ଭାଗ୍ୟକୁ ବହନ କରି ନେଉଛ ।''

ମୋର ମନେପଡୁଛି ଜଣେ ସାଧକଙ୍କର ହାକୁଟି ବାରଂବାର ହେବାରୁ, ସେ କହିଲେ– ''ଯଦି ଏପରି ହୋଇଚାଲିବ ମୁଁ ମରିଯିବି ।'' ମୁଁ କହିଲି, ''ତୁମର ମୃତ୍ୟୁ

ହେଲେ କ'ଣଟା ହୋଇଯିବ ?'' ତା'ପରେ ହାକୁଟି ବନ୍ଦ ହୋଇଗଲା, ସାଧାରଣତଃ ଅଧିକାଂଶ ସମୟରେ ଭୟ ଓ ବାଜେ ଚିନ୍ତାସବୁ ଯୋଗୁଁ ବିରୋଧୀ ଶକ୍ତିମାନେ ଚେତନା ମଧ୍ୟରେ ପ୍ରବେଶ କରିବାକୁ ସୁଯୋଗ ପାଇଥା'ନ୍ତି । ମୋର ସେପରି ଏକ ନିଷ୍ଠୁର କଥା ଯୋଗୁଁ ସାଧକଙ୍କର ହାକୁଟି ତ ବନ୍ଦ ହୋଇଗଲା, ସେ ନିଜର ଭୁଲ୍ ମଧ୍ୟ ବୁଝି ପାରିଲେ ଏବଂ ତା'ପରେ ସେ ସେପରି ସବୁ ଭୁଲ୍ କଥାକୁ ନିଜ ମଧ୍ୟରେ ପ୍ରବେଶ କରିବାକୁ ଦେଇ ନାହାନ୍ତି । ସେ ଯଥେଷ୍ଟ ସତର୍କ ହୋଇଗଲେ ।

## ଫରାର୍

ଫରାର ଥିଲେ କେମ୍ବ୍ରିଜ୍‌ରେ ମୋର ସହପାଠୀ । କିନ୍ତୁ କଚେରିରେ ଯେତେବେଳେ ଆମର ବିଚାର ଚାଲିଥିଲା ସେ ମୋତେ ଦେଖିପାରି ନ ଥିଲେ । କାରଣ ସମସ୍ତ ବନ୍ଦୀଙ୍କୁ ଏକ ବଡ଼ ପିଞ୍ଜରା ପରି ସ୍ଥାନରେ ରଖା ହୋଇଥିଲା, କର୍ତ୍ତୃପକ୍ଷଙ୍କର ଭୟ ଥିଲା କାଳେ ଆମେ ଡେଇଁ ପଡ଼ି ଜଜ୍‌ଙ୍କୁ ହତ୍ୟା କରିଦେବୁ । ଫରାର୍ ପୂର୍ବରୁ ମାଳୟ ବା ସିଙ୍ଗାପୁର୍‌ରେ ବାରିଷ୍ଟରୀ କରୁଥିଲେ । ସେ ମୋତେ ବିଚାରାଳୟରେ ଦେଖି ବହୁତ ବ୍ୟସ୍ତ ହୋଇଥିଲେ ଏବଂ ମୋତେ ସେଥିରୁ ବାହାର କରିବା ପାଇଁ କୌଣସି ଉପାୟ ପାଉ ନ ଥିଲେ । ମୋର ସହପାଠୀ ଭାବରେ କବିତାର ଏକ ନିର୍ଦ୍ଦିଷ୍ଟ ଛନ୍ଦ ବିଷୟରେ ସେହିଁ ପ୍ରଥମେ ମୋତେ ଏକ ଧାରଣା ଦେଇଥିଲେ । ଇଂରାଜୀ ସାହିତ୍ୟରେ ସେପରି ଛନ୍ଦ ଥିବା ଭଲ କବିତା ବିଶେଷ ନାହିଁ । ମାଥିଉ ଆର୍ନଲ୍‌ଡ଼ ଓ ତାଙ୍କ ବନ୍ଧୁମାନେ ଏ ଦିଗରେ ବହୁତ ଚେଷ୍ଟା କରିଥିଲେ କିନ୍ତୁ ସଫଳ ହୋଇ ନ ଥିଲେ । ଏହି ଛନ୍ଦରେ କେବଳ ହୋମର୍ ଓ ଭର୍ଜିଲଙ୍କର ମହାକାବ୍ୟସବୁ ରଚିତ ହୋଇଥିଲା । ଏହା ଅତି ସୁନ୍ଦର ଓ କେବଳ ମହାକାବ୍ୟ ପାଇଁହିଁ ଉଦ୍ଦିଷ୍ଟ । ମୁଁ ମୋ କବିତା ସେହି ଛନ୍ଦରେ ଲେଖିଥିଲି । କ ଓ ଖ କହିଲେ ଯେ ତାହା ସଫଳ ହୋଇଛି । ମୁଁ ଇଲିଅଟଙ୍କର କେତେକ ପଙ୍‌କ୍ତି ଏବେ ମଧ୍ୟ ମନେ ରଖିଛି ।

## ଖାଦ୍ୟ

ଦ୍ରବ୍ୟଗୁଣ ବୋଲି କିଛି ରହିଛି, ତାହା ହେଉଛି ଖାଦ୍ୟର ପ୍ରକୃତି ଏବଂ ଆମ ସତ୍ତାରେ ଥିବା କେତେକ ଧରାବନ୍ଧା ଧାରଣା । ତେଣୁ ମନ ମଧ୍ୟରୁ ସେସବୁ ଧାରଣା କେବଳ ବହିଷ୍କାର କରିଦେଲେ ଯେ ତୁମେ ସେଥିରୁ ମୁକ୍ତ ହେବ ତାହା ନୁହେଁ, ସେଥିରୁ ମୁକ୍ତ ହେବାକୁ ହେଲେ ସେହି ମୁକ୍ତ ଧାରଣା ବିଷୟରେ ପ୍ରାଣସତ୍ତାରେ ମଧ୍ୟ ସଚେତନ ହେବା ଉଚିତ ଏବଂ ସେଠାରୁ ମଧ୍ୟ ତାକୁ ବହିଷ୍କାର କରିବା ଆବଶ୍ୟକ । ପ୍ରାଣସତ୍ତାରେ ମଧ୍ୟ ଭଲମନ୍ଦର ନିର୍ଦ୍ଦିଷ୍ଟ ଧାରଣା ଖୁବ୍ ଶକ୍ତିଶାଳୀ । ମୁଁ ନିଜେ ମୋର ସତ୍ତାରୁ ଏପରିକି ସ୍ଥୂଳ-ପ୍ରାଣିକ ଅଂଶରୁ ମଧ୍ୟ ସମସ୍ତ ନିର୍ଦ୍ଦିଷ୍ଟ ଧାରଣାଗୁଡ଼ିକୁ ବହିଷ୍କାର କରିଦେଇଛି । ତେଣୁ ମୁଁ ଏବେ ଯେକୌଣସି ଖାଦ୍ୟ ଖାଇ ପାରୁଛି : ଲଙ୍କା, ମସଲା ବା ଭଲ ବା ମନ୍ଦ ସବୁକିଛି । ଏବେ ଯେକୌଣସି ଖାଦ୍ୟରୁ ମୁଁ ତା'ର ପ୍ରୟୋଜନୀୟ ରସ ଗ୍ରହଣ କରିପାରୁଛି । ମୋ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଖାଦ୍ୟ ପାଇଁ ଇଚ୍ଛା ବା ଅନିଚ୍ଛା ଏବେ ମଧ୍ୟ ମୋ ସ୍ଥୂଳ ଶରୀରରେ କେତେକ ଅଣୁ ମଧ୍ୟରେ ରହିଛି । ଯଦି ତାକୁ ମଧ୍ୟ ବହିଷ୍କାର କରି ଦିଆଯାଏ ତେବେ ଗିନାଏ ବିଷ ମଧ୍ୟ ମୋ ଉପରେ କୌଣସି ପ୍ରଭାବ ପକାଇ ପାରିବ ନାହିଁ ।

## ଭବିଷ୍ୟତ କାର୍ଯ୍ୟର ପ୍ରକାର

ଯୋଗସାଧନା ଦ୍ୱାରା ଗୋଟିଏ ଭଲକାମ ହୋଇଛି ଯେ ମୋ ମନରୁ ସମସ୍ତ ପ୍ରକାର (ତଥାକଥିତ) ''ଧର୍ମ'' ବହିଷ୍କାର ହୋଇଯାଇଛି । ତୁମେ ଯଦି ଏହି ପ୍ରଶ୍ନ କିଛି ବର୍ଷ ପୂର୍ବେ ପଚାରିଥା'ନ୍ତ ମୁଁ ହୁଏତ ତୁମକୁ କହିଥା'ନ୍ତି, ''ତାହା ଏକ ଆଧାତ୍ମିକ ସାମ୍ୟବାଦ'' କିଂବା ହୁଏତ, ଅନ୍ୟକିଛି ଯେପରି ଚନ୍ଦନନଗରର ଲୋକେ କହନ୍ତି । ସେତେବେଳେ ମୋର ମାନସକୁ ଉର୍ଦ୍ଧ୍ୱରୁ ସର୍ବଦା ଜ୍ଞାନ ଉତ୍ସାରିତ ହୋଇ ଆସୁଥିଲା; ଓ ମୁଁ ଭାବିଲି ଯେ ଦିବ୍ୟ ସତ୍ୟ ଏକ ନିର୍ଦ୍ଦିଷ୍ଟ ରୂପ ନେବ– ତାହାହିଁ ମୁଁ ମୋତିଲାଲ୍ ରାୟଙ୍କୁ କହିଥିଲି । ଏପରିକି ସେତେବେଳେ ସେ ବିଷୟରେ ମୁଁ ସୁନିଶ୍ଚିତ ନ ଥିଲି । ମୁଁ କେବଳ ଭାବିଥିଲି ଯେ ତାହାହିଁ ଯଥାର୍ଥ ରୂପ । ଏବଂ ମୁଁ ତାହାକୁ ପରୀକ୍ଷା କରି ଦେଖୁଥିଲି ।

କିନ୍ତୁ ଏବେ ଯଦି ତୁମେ ମୋତେ ପଚାରିବ, ମୁଁ କହିବି, 'ଅପେକ୍ଷା କର, ସ୍ୱୟଂ ଦିବ୍ୟସତ୍ୟକୁ ଅବତରଣ କରି ଆସିବାକୁ ଦିଅ ।'

## ମୁକ୍ତ କର୍ମୀ

ମୋ ବଡ଼ଭାଇ ଥିଲେ ଜଣେ ''ମୁକ୍ତ-କର୍ମୀ''। ଏହା ଆରମ୍ଭରୁ ଥିଲା ଏକପ୍ରକାର ସମାଜ, ପରିଷଦ ବା ସଂଗଠନ। ମୋ ଭାଇଙ୍କଠାରୁ ଜାଣିଲି ଯେ ଏହା କିଛି ନୁହେଁ, ଏକେବାରେ ମୂଲ୍ୟହୀନ। କିନ୍ତୁ ଆରମ୍ଭରୁ ଏଥିରେ କିଛି କିଛି ସକ୍ରିୟ ମନୋଭାବ ଥିଲା। ତୁମେ କେବେ କାଗ୍ଲିଓଷ୍ଟ୍ରୋଙ୍କ ନାମ ଶୁଣିଛ ? ସେ ଏହି ସଂଘର ଜଣେ ନେତା; ସେ ଥିଲେ ଏକ ପ୍ରତିଭାବାନ୍ ଭବିଷ୍ୟତବକ୍ତା ଓ ଜଣେ ଗୁପ୍ତବିଦ୍ୟା ବିଶାରଦ। ସେ ଅନେକ କିଛି ଭବିଷ୍ୟତ-ବାଣୀ କରିଥିଲେ। ସେଥିରୁ ଫରାସୀବିପ୍ଳବ, ବାଷ୍ଟିଲ୍ ଦୁର୍ଗର ଉତ୍ଥାନ, ଏବଂ ରାଜାରାଣୀଙ୍କର ଫାଶୀ, ଇତ୍ୟାଦି ଉଲ୍ଲେଖଯୋଗ୍ୟ।

ସେ ଗୋପନରେ ଘୋଡ଼ାଦୌଡ଼ର ଫଳାଫଳ ବିଷୟରେ କହି ଦେଉଥିଲେ। ତେଣୁ ଅସୁବିଧାରେ ପଡ଼ିଥିଲେ ବିପକ୍ଷଦଳ ତାଙ୍କୁ ଜେଲ୍‌ରେ ବନ୍ଦୀ କରି ରଖିଥିଲେ। ସେଇଠାରେହିଁ ତାଙ୍କର ମୃତ୍ୟୁ ହେଲା। ସେ କୌଣସି ବ୍ୟକ୍ତିଠାରୁ କୌଣସି ପାରିଶ୍ରମିକ ଦାବି କରୁ ନ ଥିଲେ। ତଥାପି ସେ ଧନୀ ଓ ସମୃଦ୍ଧିଶାଳୀ ଥିଲେ। କୁହାଯାଏ ଯେ ସେ ସୁନା ତିଆରି କରି ଜାଣିଥିଲେ ଓ ସେଥିଯୋଗୁଁ ଏତେ ଧନୀ ଥିଲେ।

## ଗାଇକୋବାର୍ଡ଼ ପରିବାର

ପ୍ରତାପ ସିଂହଙ୍କ ଫଟୋ ଆଜି ମୁଁ ଦେଖିଲି। ତାଙ୍କ ମୁହଁଟି ଦୁର୍ବଳ ଲାଗୁଛି; ସେ ତାଙ୍କ ଜେଜେବାବାଙ୍କ ପରି ଆଦୌ ନୁହନ୍ତି। ତାଙ୍କ ପିତାଙ୍କ ମଧ୍ୟରେ ଅଧିକ ବୁଦ୍ଧିମତ୍ତା ଓ କ୍ରିୟାଶୀଳତା ଥିଲା। ପ୍ରତାପସିଂହଙ୍କର ଆତ୍ମା ତ ନିଶ୍ଚୟ ଅଛି କିନ୍ତୁ ଦୃଢ଼ ନୁହେଁ।

ଜୟସିଂହ ରାଓ ଖୁବ୍ ମାନ୍ଦା ଲାଗନ୍ତି। ଶିବାଜିରାଓ ଥିଲେ ବୁଦ୍ଧିମାନ୍। ମୁଁ ତାଙ୍କୁ ଫ୍ରେଞ୍ଚ ପଢ଼ାଇଥିଲି। ସେ ଥିଲେ ଜଣେ ଉତ୍ତମ ଛାତ୍ର। ଧୈର୍ଯ୍ୟଶୀଳଙ୍କ ମଧ୍ୟରେ କାମଭାବର ସ୍ଫୁରଣ ଥିଲା ଅଳ୍ପ ବୟସରୁ। ସେସବୁ ରାଜନବରର ପରିଚାରକମାନଙ୍କ ଯୋଗୁଁ ହୋଇଥିଲା। ଇନ୍ଦିରା ଥିଲେ ବେଶ୍ ଦୃଢ଼। ତାଙ୍କ ମଧ୍ୟରେ ତାଙ୍କ ପିତା ଶିବାଜିରାଓଙ୍କର ଗୁଣ ଅଧିକ ଥିଲା।

## ବିଶ୍ୱସ୍ରଷ୍ଟା ଓ ବିଶ୍ୱ

ମୋ ଆଈ ବରାବର କହୁଥାନ୍ତି, ''ଭଗବାନ୍ ଏମିତି ଗୋଟାଏ କି ବିଶ୍ୱ ତିଆରି କରିଛନ୍ତି ? ମୁଁ ଯଦି ତାଙ୍କୁ ଦେଖନ୍ତି, ତେବେ ତାଙ୍କ ବିଷୟରେ ପୋଷଣ କରିଥିବା ମତ ସିଧା ତାଙ୍କୁ ମୁଁ କହିଦିଅନ୍ତି।'' ମୋ ଅଜା କହୁଥା'ନ୍ତି, ''ଠିକ୍ କଥା, କିନ୍ତୁ ଭଗବାନ୍ ଏପରି ଏକ ବ୍ୟବସ୍ଥା କରିଛନ୍ତି ଯେ ତୁମେ ତାଙ୍କ ନିକଟକୁ ଯାଇ ପାରିବ ନାହିଁ, ଯେପର୍ଯ୍ୟନ୍ତ ତୁମ ମନରେ ଏପରି ଏକ ଇଚ୍ଛା ରହିଥିବ।''

## ମୂର୍ତ୍ତିରେ ଈଶ୍ୱର

ଇଉରୋପୀୟ ଶିକ୍ଷାସଂସ୍କୃତି ଦ୍ୱାରା ପ୍ରଭାବିତ ମୋର ମନରେ ମୂର୍ତ୍ତିପୂଜା ଉପରେ ଆଦୌ ବିଶ୍ୱାସ ନ ଥିଲା। ଏପରିକି ଭଗବତ ବିଶ୍ୱାସ ମୋର ଖୁବ୍ କମ୍ ଥିଲା। ଥରେ ମୁଁ କର୍‌ନାଲି ଯାଇଥିଲି। ସେଠାରେ ଅନେକ ଛୋଟ ଛୋଟ ମନ୍ଦିର ଥିଲା। ସେହି ମନ୍ଦିରମାନଙ୍କ ମଧ୍ୟରୁ ଗୋଟିକରେ କାଳୀ ମନ୍ଦିର ଥିଲା। ମୁଁ ସେହି କାଳୀମୂର୍ତ୍ତି ଦେଖିବା ମାତ୍ରେ କାଳୀଙ୍କର ଜୀବନ୍ତ ଉପସ୍ଥିତି ଉପଲବ୍ଧି କଲି। ପ୍ରଥମଥର ପାଇଁ ଭଗବାନଙ୍କର ଦିବ୍ୟ ଉପସ୍ଥିତିରେ ମୁଁ ବିଶ୍ୱାସ କଲି।

## ଗୁରୁ

ଯେତେବେଳେ ଚୈତ୍ୟ ଉନ୍ମୀଳନ, ଦୃଢ଼ତା ଓ ସମର୍ପଣ ଭାବସବୁ ଆସିଥାଏ, ସେତେବେଳେ ଗୁରୁଙ୍କର ମାନୁଷୀ ଦୁର୍ବଳତା ସେସବୁର ଉପଲବ୍ଧିରେ ଅନ୍ତରାୟ ହୋଇ ନ ଥାଏ। ଗୁରୁ ହେଉଛନ୍ତି ଭଗବାନ୍ ଓ ଭକ୍ତ ମଧ୍ୟରେ ଏକ ସେତୁ; କିଂବା ସେ ହୁଏତ ଭଗବାନଙ୍କର ଏକ ପ୍ରତିନିଧି କିଂବା ଭଗବାନଙ୍କର ଏକ ପରିପ୍ରକାଶ, ତାହା ନିର୍ଭର କରେ ତାଙ୍କର ବ୍ୟକ୍ତିତ୍ୱ ଓ ତାଙ୍କର କିପ୍ରକାର ସିଦ୍ଧିସବୁ ହୋଇଛି ତାହା ଉପରେ। ତେବେ ସେ ଯାହା ବି ହୁଅନ୍ତୁ ତାଙ୍କ ପ୍ରତି ଉନ୍ମୁଖ ରହିଲେ, ଆପେ ଆପେ ମଣିଷ ଈଶ୍ୱରଙ୍କ ପ୍ରତି ମଧ୍ୟ ଉନ୍ମୁଖ ରହିଥାଏ।

ମୋ ନିଜ କ୍ଷେତ୍ରରେ ଯେତେବେଳେ ପ୍ରଥମ କରି ଆନ୍ତର୍ଜୀବନରେ କିଛି ପରିବର୍ତ୍ତନ ହେଲା, ଏକ ସ୍ଥିରନିଶ୍ଚିତ ପରିବର୍ତ୍ତନ, ସେତେବେଳେ ଜଣେ ବ୍ୟକ୍ତିଙ୍କର ପ୍ରଭାବ ମୋ

ଉପରେ ଥିଲା ଯାହାଙ୍କ ପ୍ରତି ମୁଁ କୃତଜ୍ଞ; କିନ୍ତୁ ସେ ବ୍ୟକ୍ତି ଶିକ୍ଷା, ବୁଦ୍ଧି, ଦକ୍ଷତା ଇତ୍ୟାଦିରେ ମୋଠାରୁ ଅନେକ କମ୍, ଏବଂ ଆଧ୍ୟାତ୍ମିକତା ଦିଗରୁ ଦେଖିଲେ ମଧ୍ୟ ବିଶୁଦ୍ଧତା ଓ ମହାନତା ତାଙ୍କ ମଧ୍ୟରେ ବହୁତ କମ୍ ଥିଲା । କିନ୍ତୁ ସେତେବେଳେ ତାଙ୍କ ମଧ୍ୟରେ ଏକ ଶକ୍ତି ଥିବାର ହୃଦୟଙ୍ଗମ କରି, ମୁଁ ସ୍ଥିର କରିଲି ଯେ ମୋର ଆନ୍ତର୍ଜୀବନର ପରିବର୍ତ୍ତନ ସକାଶେ ମୁଁ ତାଙ୍କର ସାହାଯ୍ୟ ନେବି; ତା'ପରେ ମୁଁ ନିଜକୁ ସମଗ୍ର ଭାବରେ ତାଙ୍କ ନିକଟରେ ସମର୍ପଣ କଲି ଓ ଶାନ୍ତ, ସହଜ ଭାବରେ ତାଙ୍କର ଅନୁସରଣ କଲି । ସେ ନିଜେହିଁ ଖୁବ୍ ଆଶ୍ଚର୍ଯ୍ୟ ହେଲେ; ପରେ ସେ ଅନ୍ୟମାନଙ୍କୁ କହିଲେ ଯେ ସେ କେବେ ମଧ୍ୟ ଏଭଳି ବ୍ୟକ୍ତିଟିଏ ଜୀବନରେ ଦେଖି ନାହାନ୍ତି ଯିଏ ନିଜକୁ ଏତେ ସମଗ୍ର ଭାବରେ ସମର୍ପଣ କରିପାରେ, ନିଜର କୌଣସି କିଛି ନ ରଖି ।

ଫଳରେ ବହୁ ଅନୁଭୂତି ହେଲା; ଏବଂ ସେଗୁଡ଼ିକ ସ୍ପଷ୍ଟ ଓ ଯଥାର୍ଥ । ତା'ପରେ ସେସବୁ ସେ ଅଧିକ ଅନୁସରଣ କରିପାରିଲେ ନାହିଁ । ମୋତେ ତା'ପରେ ସେ କହିଲେ ''ଏଣିକି ତୁମର ହୃଦୟରେ ଥିବା ଦେବୀଙ୍କୁ ସମସ୍ତ କିଛି ସମର୍ପଣ କର, ଠିକ୍ ଯେପରି ବାହ୍ୟ ଭାବରେ କରୁଛ ।''

## ଗୁରୁଙ୍କ ସହାୟତାରେ ସର୍ତ୍ତ ରହିଛି

ମୁଁ 'ଟି'ଙ୍କୁ ସ୍ପଷ୍ଟ ଭାବରେ କହିଥିଲି, ''ତୁମେ ଯଦି ନିଜ ଇଚ୍ଛାରେ ଯାହା ତାହା କରିବ ଏବଂ ସେଥିପାଇଁ ଗୁରୁଙ୍କ ସହାୟତା ଆଶା କରିବ, ତେବେ ସେଥିପାଇଁ ମୁଁ କଥା ଦେଇ ପାରିବି ନାହିଁ ।'' ଏହି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ କ୍ଷେତ୍ରରେ ଦୁଇଟି ଭୁଲ୍ ଜିନିଷ ରହିଛି । ପ୍ରଥମତଃ ତାଙ୍କର କିଛି ଅନୁଭୂତି ହୋଇଥିଲା ଯେଉଁଟାକୁ ସେ ନିଜ ବ୍ୟକ୍ତିଗତ କାମ ଯୋଗୁଁ ସେଥିରୁ ଭାଗ ବସାଇଲେ । ତାଙ୍କର ମହାନତାର ଭାବ ଓ ଶକ୍ତିସବୁର ଅନୁଭୂତି ହୋଇଥିଲା । ଥରେ ତାଙ୍କର ପତଳା, ଜୀର୍ଣ୍ଣ ଶରୀରକୁ ନେଇ ତିନିଦିନ ଉପବାସ କରି ବସିଲେ । ଲୋକେ ଆଶ୍ଚର୍ଯ୍ୟ ହେଲେ । କିନ୍ତୁ ତାଙ୍କର ପ୍ରାଣସତ୍ତା ଥିଲା ବେଶ୍ ଦୃଢ଼ । ତେଣୁ ତାହାରି ସହାୟତା ନେଇ ସେ ସବୁକିଛି କରୁଥିଲେ ।

ଦ୍ୱିତୀୟ ଭୁଲ୍‌ଟି ହେଲା ସେ ଦିବ୍ୟ ସତ୍ୟକୁ ଯୋଗ ପାଇଁ ଚାହୁଁ ନ ଥିଲେ । ସେ ଚାହୁଁଥିଲେ ଯେ ଯଦି ତାହା ସେ ଉପଲବ୍ଧି କରନ୍ତି ତେବେ ସେ ଜଣେ ମହାନ୍ ବ୍ୟକ୍ତି ହେବେ ଓ ବିଖ୍ୟାତ ହେବେ । ସେ ତାହା ନିଜର ସାଂସାରିକ ଉନ୍ନତି ପାଇଁ ଚାହୁଁଥିଲେ । ସେ ନିଜକୁ ଦେବତା କରିବାକୁ ଚାହୁଁଥିଲେ । ସେ ମୋତେ କହୁଥିଲେ ଯେ ଅତିମାନସର ଅର୍ଦ୍ଧେକ ସେ ପ୍ରାପ୍ତ କରି ସାରିଛନ୍ତି । ମୁଁ ତାଙ୍କୁ ସ୍ଥୂଳଚେତନା ମଧ୍ୟକୁ ଠେଲିଦେବାକୁ ଚେଷ୍ଟା କରୁଥିଲି । କିନ୍ତୁ ଦୁର୍ଭାଗ୍ୟବଶତଃ ତାଙ୍କ ଚୈତ୍ୟସତ୍ତାର, ଅନ୍ୟାନ୍ୟ ଅଂଶସବୁ ଉପରେ କୌଣସି କର୍ତ୍ତୃତ୍ୱ ନ ଥିଲା ।

ମଣିଷର ସ୍ୱ ଇଚ୍ଛା ବ୍ୟତୀତ କୌଣସି କିଛି କରାଯାଇ ପାରିବ ନାହିଁ । ମୁଁ ତାଙ୍କୁ କହିଥିଲି ଯେ ଉଚ୍ଚତର ଶକ୍ତିମାନଙ୍କୁ ନିମ୍ନକୁ ଆକର୍ଷିତ ନ କରିବାକୁ । ସେ କହୁଥାନ୍ତି, ''ଠିକ୍ ଅଛି, ଠିକ୍ ଅଛି ।'' କିନ୍ତୁ ସେ ନିଜ କାମରୁ କେବେ ମଧ୍ୟ ଅଲଗା ହେଉ ନ ଥିଲେ । ଶେଷକୁ ସେ ଏପରି ଏକ ଅବସ୍ଥାକୁ ଆସିଲେ ଯେ ସେ ମୋ କଥା ଆଦୌ ଶୁଣିଲେ ନାହିଁ । ସେ ସବୁ ସମୟରେ କହୁଥା'ନ୍ତି କି ସେ ଅତିମାନସକୁ ପ୍ରାପ୍ତ କରି ସାରିଛନ୍ତି । ମୁଁ ଯେତେବେଳେ ତାଙ୍କୁ କହିଲି ଯେ ତାହା କେବେ ହେଲେ ଅତିମାନସ ହୋଇ ନ ପାରେ । ସେତେବେଳେ ସେ କହନ୍ତି, ''ହଁ, ହଁ, ଠିକ୍ କଥା ।'' କିନ୍ତୁ ତା'ପରେ ସେ ପୁଣି ନିଜ କାମରେ ଲାଗିଯିବେ ।

ଏହି ଯୋଗରେ କାହାକୁ ବାଧ୍ୟ କରି ଦିବ୍ୟସତ୍ୟ ମଧ୍ୟକୁ ପ୍ରବେଶ କରାଇ ଦିଆଯାଏ ନାହିଁ । ମଣିଷ ଦିବ୍ୟସତ୍ୟକୁ ପ୍ରତି ପଦକ୍ଷେପରେ ଉପଲବ୍ଧି କରିବା ଉଚିତ ।

## ଗୁରୁଗିରି

ମୋର ଗୁରୁଗିରି ପ୍ରତି ଏକ ଭୟଙ୍କର ବିରକ୍ତି ଭାବ ରହିଛି । କିନ୍ତୁ ଦେଖ ତ, ଘଟଣାଚକ୍ରରେ ପଡ଼ି କିଂବା କୌଣସି କିଛିର ପଶ୍ଚାତ୍‌ରେ ଥିବା ସତ୍ୟର ପ୍ରଭାବ ଯୋଗୁଁ ମୋତେହିଁ ଗୁରୁ ହେବାକୁ ପଡୁଛି ଓ ଗୁରୁଗିରିକୁ ପ୍ରଚାର କରିବାକୁ ପଡୁଛି । ହାୟ ଭାଗ୍ୟ ।

(କ୍ରମଶଃ)

ସଂଗ୍ରହ : ସବ୍ୟସାଚୀ

❑❑❑

# ମୋର ସ୍ୱତନ୍ତ୍ର ଇଚ୍ଛା ଓ ଭଗବତ୍ ଇଚ୍ଛା

## (୬)

## ଯୁଗଳକିଶୋର ମୁଖୋପାଧ୍ୟାୟ

ଆଚ୍ଛା, ସାଧକ ଭଗବାନଙ୍କ ଇଚ୍ଛାକୁ, divine willକୁ ଜାଣିବାକୁ ଚାହୁଁଛି କାହିଁକି ? କେଉଁ ପ୍ରୟୋଜନରେ, କେଉଁ ଉଦ୍ଦେଶ୍ୟରେ ? କ'ଣ ନିଜର କୌଣସି ବ୍ୟକ୍ତିଗତ ସ୍ୱାର୍ଥ ସିଦ୍ଧି ପାଇଁ ?– ସେହି ସ୍ୱାର୍ଥ ଯେତେ ଉଚ୍ଚସ୍ତରର ଏପରିକି ଉତ୍କଟ ଅଧ୍ୟାତ୍ମ ଗନ୍ଧଯୁକ୍ତ ହୋଇଥାଉ ପଛକେ : ତାହାହିଁ ଯଦି ଗୋପନ ଅଭିପ୍ରାୟ ହୋଇଥାଏ, ତା'ହେଲେ ଭଗବାନଙ୍କ ଇଚ୍ଛା ସେହି ସାଧକର ଚେତନାରେ ପୂର୍ଣ୍ଣଭାବରେ ବିକଶିତ ହୋଇ ଉଠିବ ନାହିଁ । ଭଗବାନଙ୍କ ଇଚ୍ଛା ସମ୍ପାଦନ କରିବା ନାମରେ ସେହି ସାଧକ ଯାହା କରିବ, ତାହା ହେବ ତା'ର ଅହଂକାରର ଛଦ୍ମବେଶୀ କ୍ଷୁଧାରହିଁ ପରିତୃପ୍ତି ମାତ୍ର, ତା'ଠାରୁ ଆଉ ଅଧିକ କିଛି ନୁହେଁ । ଏ ସମ୍ବନ୍ଧରେ ଶ୍ରୀମା ଆମମାନଙ୍କୁ ସତର୍କ କରାଇ ଦେଇ କହିଛନ୍ତି :

ସାଧକ ଭଗବାନଙ୍କ ଇଚ୍ଛାକୁ ପାଳନ କରିବ, ଭଗବାନଙ୍କରହିଁ ଇଚ୍ଛା ବୋଲି; ବାସ୍ ଏହାଠାରୁ ଅଧିକ ଆଉ କିଛି ନୁହେଁ, ସେପରି କ୍ଷେତ୍ରରେ କୌଣସିପ୍ରକାର egoistic personal reason (ବ୍ୟକ୍ତିଗତ ଅହମାତ୍ମକ କାରଣ ଯୋଗୁଁ)କୁ ଲୁଚି ଛପି ପ୍ରବେଶ କରିବାକୁ ଦେବା ଆଦୌ ଉଚିତ ନୁହେଁ ତାହା ଯେତେ ସାମାନ୍ୟ ହୋଇଥାଉ ପଛକେ । *"So long as there will be any personal aspiration or a personal desire or preference, an egoistic will, this will always create a mixture and it will no longer be an exact expression of the divine Will. The only thing that sould count is the Divine. His Will, His manifestation and His expression in us and through us."*

ଅର୍ଥାତ୍, ''ଯେପର୍ଯ୍ୟନ୍ତ କୌଣସି ବ୍ୟକ୍ତିଗତ ଲାଭ ପାଇଁ ଆସ୍ପୃହା କିଂବା ବ୍ୟକ୍ତିଗତ କାମନା ବା ପସନ୍ଦ ଅପସନ୍ଦ, ଏକ ଅହମାତ୍ମକ ଇଚ୍ଛା ଆମମାନଙ୍କ ମଧ୍ୟରେ ରହିଥିବ, ତାହା ଏକ ମିଶ୍ରଣକୁ ଜନ୍ମଦେବ ଏବଂ ତାହା କେବେହେଁ ଦିବ୍ୟ ପରମ ଇଚ୍ଛା ଅବିକଳ ଭାବ ହୋଇ ରହି ନ ଥିବ । ଆମମାନଙ୍କ ନିକଟରେ କେବଳ ଗୋଟିଏ କଥାରହିଁ ମୂଲ୍ୟ ରହିଛି ଆଉ ତାହା ହେଉଛି ଆମମାନଙ୍କ ମଧ୍ୟରେ ଏବଂ ଆମମାନଙ୍କ ମଧ୍ୟ ଦେଇ କେବଳ ଦିବ୍ୟ ପରମ ସତ୍ତାଙ୍କର ଇଚ୍ଛାର ଅଭିବ୍ୟକ୍ତି ଏବଂ ତାଙ୍କର ପ୍ରକାଶ ଘଟାଇବା ।''

ତେଣୁ ସାଧକ ଯେଉଁ ମୁହୂର୍ତ୍ତରୁ ଭଗବାନଙ୍କ ଇଚ୍ଛାକୁ ଜାଣିବା ପାଇଁ ଆଗ୍ରହୀ ହୋଇଉଠିବ, ସେହି ମୁହୂର୍ତ୍ତରୁ ତା'ର ପ୍ରତି ମୁହୂର୍ତ୍ତର ମନ୍ତ୍ର ହେବ : ''ମୁଁ ଭଗବାନଙ୍କ ଇଚ୍ଛାକୁ ଜାଣିବାକୁ ଚାହେଁ, ଅହଂକାରର କୌଣସି ପ୍ରକାର ପ୍ରୟୋଜନ ଲାଗି ନୁହେଁ, କିନ୍ତୁ ଭଗବାନଙ୍କ ସେବା ପାଇଁ, ତାଙ୍କର ପ୍ରକାଶର ଉପଯୁକ୍ତ ଆଧାର ବା ବାହନ ହୋଇଉଠିବା ପାଇଁ ।'' ଆଉ ଏହି ଭାବଧାରା ସାଧକର ଚେତନାରେ ଯେଉଁ ପରିମାଣରେ ଗଢ଼ିଉଠିବ, ସେହି ଅନୁପାତରେ ଭଗବତ୍ ଇଚ୍ଛାକୁ ଜାଣିପାରିବା ଏବଂ ତା' ଦ୍ୱାରା ନିର୍ବିବାଦରେ ପରିଚାଳିତ ହେବା ତା' ପକ୍ଷରେ ସହଜ ହୋଇଉଠିବ । ଏହି ପ୍ରସଙ୍ଗରେ ଦିବ୍ୟଜନନୀଙ୍କ ମନ୍ତ୍ରସମାନ ବାଣୀ ଉଦ୍ଧୃତ କରାଗଲା : *"To exist only for the Divine. To exist only by the Divine. To exist only in the service of the Divine. To exist only by becoming the Divine. All else is falsehood which must vanish."*

''ମୁଁ'' ଓ ''ମୋର'' ସବୁକିଛିକୁ ଭଗବାନଙ୍କ ଚରଣରେ ନିଃଶେଷରେ ସମର୍ପଣ କରିଦେଇହିଁ ଭଗବାନଙ୍କ ଇଚ୍ଛାକୁ ଜାଣିବାକୁ ହେବ, ତା' ନ ହେଲେ 'ଭାବର ଘରେ ଚୋରି' ପରି ଘଟଣା ଘଟିଯିବ । ଆମମାନଙ୍କର ପ୍ରାଚୀନ ଭାରତୀୟ ସାଧନାଶାସ୍ତ୍ରରେ ମଧ୍ୟ କେତେଗୁଡ଼ିଏ ସୁନ୍ଦର କଥା ରହିଛି : ''ମାଂ ମଦୀୟଂ ସକଳଂ ସମ୍ୟକ୍ ମମ ଇଷ୍ଟଦେବତାୟୈ ପରମାତ୍ମନେ ସମର୍ପୟାମି'', ମୋତେ ଓ ମୋର ସବୁକିଛିକୁ ସମ୍ୟକ୍‌ଭାବରେ ପରମ ଦେବତାଙ୍କ ପାଖରେ ଉତ୍ସର୍ଗ କରିଦେଲି । ''ମୟାର୍ପ୍ୟତେ ତ୍ୱଚ୍ଚରଣେଽୟମାତ୍ମା / ପ୍ରତୀଚ୍ଛ ହେ ସ୍ୱସ୍ୟ ଧନଂ ସ୍ୱୟଂ ତ୍ୱମ୍ ।

କିଞ୍ଚିନ୍ନିଜସ୍ୱଂ ନ ହି ବିଦ୍ୟତେ ମେ / ଯଦୀୟତେ ତ୍ୱଚ୍ଚରଣେ ମୁକୁନ୍ଦ ।।'' 'ମୋ'ରୁ 'ମୁଁ' କୁ ତୁମେହିଁ ଦେଇଛ । ମୋର ଏପରି କିଛି ନାହିଁ, ଯାହା ତୁମକୁ ଦେଇପାରେଁ । ହେ ଭଗବାନ, ତୁମେ ତୁମର ନିଜର ସମ୍ପଦକୁ ନିଜେହିଁ ଗ୍ରହଣ କରି ମୋତେ କୃତାର୍ଥ କର ।''

ଏହାହିଁ ହେଲା ଲକ୍ଷ୍ୟ; କିନ୍ତୁ ସାଧକ ତ ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ଏପରି ଅବସ୍ଥାରେ ପହଞ୍ଚି ପାରିବ ନାହିଁ । ସେଥିପାଇଁ ନିଜ ଆଡ଼କୁ ଅନାଇ ସେ ଦେଖିବାକୁ ପାଇବ ଯେ ସେଠାରେ କୋଳାହଳ କରୁଛି ନାନାପ୍ରକାର ବାସନା-କାମନା-ଅଭିରୁଚିର ଦଳ ଅହମାଶ୍ରିତ ଦେହ-ପ୍ରାଣ-ମନର ଅସଂଖ୍ୟ ଦାବି । ଆଉ ଏମାନେ ସାଧକକୁ କେବଳ ବିଭ୍ରାନ୍ତ ବା ବିପଥରେ ଚାଳିତ କରନ୍ତି ନାହିଁ, ଭଗବତ୍ ଇଚ୍ଛାକୁ ଜାଣିବା ପଥରେ ମଧ୍ୟ ଦୁର୍ଲଙ୍ଘ୍ୟ ବାଧା ସୃଷ୍ଟି କରନ୍ତି । ଏହି egoistic will ହିଁ ଯେତିକି ନଷ୍ଟର ମୂଳ । ଆଉ, ଏହାର ରୂପ କ'ଣ ଗୋଟିଏ ପ୍ରକାରର ? ବହୁରୂପୀ ପରି ଏହା ପ୍ରତି ମୁହୂର୍ତ୍ତରେ ରଙ୍ଗ ବଦଳାଏ; ଅବସ୍ଥାଭେଦରେ ମହିଷାସୁର ପରି ରୂପ ପରିବର୍ତ୍ତନ କରେ । ଏହି ବହୁରୂପୀ personal will ର ବହୁ ବିଚିତ୍ର ଆବିର୍ଭାବ ପ୍ରସଙ୍ଗରେ ଶ୍ରୀଅରବିନ୍ଦ ଲେଖିଛନ୍ତି :

"The will itself takes different shapes, (i) the will of the intelligence, (ii) the wishes of the emotional mind (iii) the desires of the passion and the vital being (iv) the impulsions and blind or half blind compulsions of the nervous and the subconscient nature. And all these make by no means a harmony, but at best a precarious concord among discords. The will of the mind and life is a stumbling about in search of the right force, right Tapas."

(The Synthesis of Yoga p.762)

ଅର୍ଥାତ୍, ''ସ୍ୱୟଂ ସଂକଳ୍ପହିଁ ନାନା ସମୟରେ ନାନା ଆକାର ଧାରଣ କରୁଛି, (i) ବୁଦ୍ଧିର ସଂକଳ୍ପ (ii) ସଂବେଗୀ ମନର ନାନା ଇଚ୍ଛା (iii) ଆବେଗମୟ ତଥା ପ୍ରାଣିକ ସତ୍ତାର ନାନା କାମନା (iv) ସ୍ନାୟୁବଶ ତଥା ଅବଚେତନ ପ୍ରକୃତିର କେତେ ଉତ୍ତେଜନା ଏବଂ ଅନ୍ଧ ଅଥବା ଅର୍ଦ୍ଧ-ଅନ୍ଧ ପ୍ରବଳ ପ୍ରେରଣା,— ଏହିପରି ତାହାର ନାନା ଆକାର ରହିଛି । ଏବଂ ଏହି ସବୁଯାକ ମିଶି କେବେହେଲେ କୌଣସି ପ୍ରକାର ସମଞ୍ଜସତା ଆଦୌ ସମ୍ଭବ କରିପାରୁ ନାହାନ୍ତି, ସେମାନେ ଖୁବ୍ ବେଶୀ ହେଲେ ନାନା ବିସମ୍ବାଦ ମଧ୍ୟରେ ଏକ ଅସ୍ଥାୟୀ ସଂଗତି ମାତ୍ର ସମ୍ଭବ କରିପାରୁଛନ୍ତି । ମନ ତଥା ପ୍ରାଣଭୂମିର ସଂକଳ୍ପ ଯଥାର୍ଥ ସମର୍ଥତା ଓ ଯଥାର୍ଥ ତପଃ ଲାଗି ଝୁଣ୍ଟିପଡ଼ି ଏଣେତେଣେ ବୁଲିବାରେ ଲାଗିଛି ।''

କିନ୍ତୁ ସାଧନାର ଲକ୍ଷ୍ୟ ହେଲା, ଏହି ମିଶ୍ରିତ ଓ ଅଜ୍ଞାନାନ୍ଧ ego-willକୁ ବର୍ଜନ କରି, ଚେତନା ଓ ପ୍ରକୃତିର କର୍ମକୁଶଳତା ମଧ୍ୟରେ ଭଗବତ୍ ଇଚ୍ଛାକୁ ଜାଗ୍ରତ ଓ ପୂର୍ଣ୍ଣ ବିକଶିତ କରି ସ୍ଥାପନ କରିବା । ଲକ୍ଷ୍ୟଟି ତ ବୁଝିହେଲା, କିନ୍ତୁ ସେହି ଲକ୍ଷ୍ୟରେ ପହଞ୍ଚିବାର ସାଧନ-ପଦ୍ଧତିଟି କ'ଣ ? ଏପରି କ୍ଷେତ୍ରରେ ଅଧିକାଂଶ ସାଧକହିଁ ଗୋଟିଏ ଭୁଲ୍ କରିପକାଇବା ଦିଗରେ ପ୍ରଲୁବ୍ଧ ହୋଇଥାଆନ୍ତି । ସେମାନେ ମନେକରନ୍ତି ଯେ ସେମାନଙ୍କ personal willକୁ ନିଶ୍ଚେଷ୍ଟ କରିଦେବାଟାହିଁ ବୋଧହୁଏ ଶ୍ରେଷ୍ଠ ଉପାୟ । ସାଧକର ସମସ୍ତପ୍ରକାର ସଂକଳ୍ପ-ଶକ୍ତିକୁ ବିସର୍ଜନ ଦେଲେହିଁ ବୋଧହୁଏ ଭଗବତ ଇଚ୍ଛା ଉଜ୍ଜ୍ୱଳ ହୋଇ ଫୁଟିଉଠିବ । "Offering of will" ଆଉ "abdication of will" (''ଇଚ୍ଛାକୁ ନୈବେଦ୍ୟ ସ୍ୱରୂପ ଅର୍ପଣ କରିବା'', ''ଇଚ୍ଛାକୁ ବିସର୍ଜନ ଦେବା'') ଯେ ଏକହିଁ ଜିନିଷ ନୁହେଁ ଏକଥା ଅଧିକାଂଶ ସାଧକହିଁ ବୁଝିପାରନ୍ତି ନାହିଁ, ଆଉ ଏପରି କ୍ଷେତ୍ରରେହିଁ ଘଟିଥାଏ ଅନବଧାନତା ବା ଭୁଲଧାରଣା । ବିଷୟଟିକୁ ଟିକିଏ ବିଶଦଭାବରେ ଆଲୋଚନା କରି ଦେଖାଯାଉ ।

ସାଧକକୁ ଯାହା ତ୍ୟାଗ କରିବାକୁ ହେବ ତାହା ହେଲା ପ୍ରଭୁତ୍ୱ-ଖ୍ୟାତି-ଗର୍ବାଦିମୂଳକ କର୍ମୋନ୍ମାଦନା ଆଉ ବାସନା-କାମନାର ଅନ୍ଧ ଆବେଗ ସକଳକୁ; କିନ୍ତୁ ସଂକଳ୍ପ-ଶକ୍ତିର ତପଃଶକ୍ତିକୁ ନୁହେଁ । ''ମୁଁ ଯାହା ସତ୍ୟ ବୋଲି ବୁଝିଛି, ଯାହା କରିବା ଉଚିତ ବୋଲି ଜାଣିଛି— ତାହା ମୁଁ ଅବଶ୍ୟ କରିବି, ଆଉ ତାହା ସଂପାଦନ କରିବି ନିଖୁଣ ଭାବରେ ମାତୃଚରଣରେ ନିବେଦିତ ପୁଷ୍ପାଞ୍ଜଳି ସଦୃଶ । ପଥର କୌଣସି ବାଧାବିଘ୍ନ ବା ମୋହକାରିଣୀ ମରୀଚିକାର ବିଭ୍ରାନ୍ତିକର ଛଳନା ଦ୍ୱାରା ମୁଁ ନିବୃତ୍ତ ହେବି ନାହିଁ ।'' ଏପରି ଧରଣର ଯେଉଁ ସଂକଳ୍ପ-ଶକ୍ତି ତାହାକୁହିଁ will କୁହାଯାଏ । ଆରମ୍ଭରେହିଁ ଏହି willକୁ ବିସର୍ଜନ କରିବସିଲେ ଚଳିବ

❑❑❑

ନାହିଁ । କାରଣ ପ୍ରକୃତରେ ତାକୁ ବିସର୍ଜନ ଦିଆହେବ ନାହିଁ; କେବଳ କୋଳାହଳମୁଖର ପ୍ରଭୁତ୍ୱ-ଖ୍ୟାତି-ଗର୍ବାଦିମୂଳକ ଉଦ୍ମାଦନା ସ୍ଥାନରେ ତାମସିକ ଶିଥିଳତା ଓ ଅପ୍ରବୃତ୍ତି ଆସି ଘର କରିବ । ତା'ହେଲେ ସେଠାରେ ଭଗବତ୍ ଇଚ୍ଛା ଫୁଟିଉଠିବ କିପରି ? ବରଂ ଯାହା ଘଟିବ ତାହା ହେଲା, ସାଧକ ଯାହାର ତାହାର ଇଚ୍ଛାକୁହିଁ, ବହିରାଗତ ଅନ୍ଧ ପ୍ରଭାବ ସବୁକୁହିଁ, ଭଗବାନଙ୍କଠାରୁ ଆଗତ ପ୍ରେରଣା ବୋଲି ଭାବି ତାକୁ ସଫଳ କରିତୋଳିବା ପାଇଁ ବ୍ୟଗ୍ର ହୋଇଉଠିବ; କାରଣ ''ସମର୍ପଣ''ର ମୁଖା-ପରିହିତ ନିଷ୍କ୍ରିୟତା ଯୋଗୁଁ ତା' ମଧ୍ୟରେ ପ୍ରତିରୋଧ ଶକ୍ତି ଦୁର୍ବଳ ହୋଇଯିବ, ବିବେକର ବୁଝିପାରିବା ଶକ୍ତି ମଧ୍ୟ କ୍ଷୀଣ ହୋଇଯିବ । ଆଉ ତା'ର ପରିଣାମ ଯେ କେତେ ମାରାତ୍ମକ ହୋଇ ଉଠିବ, ସେକଥା କ'ଣ ଆଉ କହିବାକୁ ପଡ଼ିବ ?

ନା, ସେପରି ଆଦୌ ନୁହେଁ; କାମନା-ବାସନା ନୁହେଁ, ଅହଂକାରର ଆସୁରିକ କ୍ଷୁଧାର ଅଭିବ୍ୟକ୍ତି ନୁହେଁ, ଉତ୍ତେଜନା ଦ୍ୱାରା ଉତ୍ପୀଡ଼ିତ ବ୍ୟକ୍ତିର ପ୍ରଚେଷ୍ଟା ବା personal will ନୁହେଁ କିନ୍ତୁ ପ୍ରୟୋଜନ ଅନୁଯାୟୀ କର୍ତ୍ତବ୍ୟ ସଂପାଦନ ଲାଗି ଯୋଗ୍ୟ ସଂଘବଦ୍ଧ ଶକ୍ତି– ସାଧକକୁ ଏହି ପ୍ରକାରର ଏକ ସଂକଳ୍ପ-ଶକ୍ତି ବା willକୁ ତା'ର କର୍ମକ୍ଷମ ଚେତନା ମଧ୍ୟରେ ସଦାସର୍ବଦା ଜାଗ୍ରତ କରି ରଖିବାକୁ ହେବ । କେବଳ ଜାଗ୍ରତ କରି ରଖିବା ନୁହେଁ, ଜଣେ ଅନୁଗତ ସେବକ ଭଳି ତାକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦେବାକୁ ହେବ । ଭଗବାନଙ୍କ ପାଖରେ ଏପରି କହି ପ୍ରାର୍ଥନା ଜଣାଇବାକୁ ହେବ : ''ହେ ପ୍ରଭୁ, ମୁଁ ତ ଜାଣେ ନାହିଁ ମୋର କରଣୀୟ କ'ଣ ବୋଲି, ତୁମର ଇଚ୍ଛା କ'ଣ ତାହା ମଧ୍ୟ ମୁଁ ବୁଝିପାରେ ନାହିଁ; ହେଲେ ବି ଏକଥା ସତ ଯେ ମୁଁ କେବଳ ତୁମର ଇଚ୍ଛାକୁହିଁ ସମ୍ପାଦନ କରିବାକୁ ଚାହେଁ । ମୁଁ ମୋର ସଂକଳ୍ପ-ଶକ୍ତିକୁ ସଦାଜାଗ୍ରତ, ସର୍ବଦା ପ୍ରସ୍ତୁତ କରି ରଖିଛି, କେବଳ ତୁମରି ସେବା ପାଇଁ । ହେ ପ୍ରଭୁ, ତୁମେ ତାକୁ ସତ୍ୟ ପଥରେ ପରିଚାଳିତ କର । ମୋର ଅଜାଣତରେହିଁ ମୋର ଇଚ୍ଛାକୁ ତୁମରି ଇଚ୍ଛାର ଅନୁଗାମୀ କରିନିଅ । ଯେପର୍ଯ୍ୟନ୍ତ ତୁମର ଇଚ୍ଛାକୁ ପ୍ରତ୍ୟକ୍ଷଭାବରେ ମୁଁ ଜାଣି ନ ପାରୁଛି, ସେପର୍ଯ୍ୟନ୍ତ ମୋର ଇଚ୍ଛାକୁ ବାସନା କାମନାର ଚରିତାର୍ଥତା ଲାଗି ନିଯୁକ୍ତ କରିବି ନାହିଁ । କେବଳ ବର୍ତ୍ତମାନ ମୋ ନିକଟରେ ଯେତିକି ବିବେକ-ଜ୍ଞାନ ରହିଛି ତାହାରି ମାଧ୍ୟମରେ according to my best light of the moment ଯାହା କରିବା ବା ଆଚରଣ କରିବା କଥା ବୋଲି ବୁଝିବି କେବଳ ତାହାହିଁ କରିଯିବି ଏହି ଆଶା ଓ ବିଶ୍ୱାସକୁ ହୃଦୟରେ ବହନ କରି ଯେ ତୁମେ ଭାବଗ୍ରାହୀ ଜନାର୍ଦ୍ଦନ ମୋର ଅନ୍ତରରେ ଅଧିଷ୍ଠିତ ରହି ମୋର ଆନ୍ତରିକ ଆସ୍ପୃହାକୁ ଜାଣି ମୋର ବିଚାରର ଭୁଲଭ୍ରାନ୍ତି ସବୁକୁ ଦୂରେଇ ଦେଇ ମୋର ଇଚ୍ଛାଶକ୍ତିକୁ ସଂପୂର୍ଣ୍ଣ ଭାବରେ ନମନୀୟ କରି ତୁମରି ପ୍ରଭାବ ନିକଟରେ ସମର୍ପଣ କଲି । ତୁମରି ଇଚ୍ଛା ପ୍ରତିପାଳନର ପ୍ରତିରୋଧୀ ସମସ୍ତ ପ୍ରକାର ଦ୍ୱିଧା-ଦ୍ୱନ୍ଦ୍ୱ-ଅସଙ୍ଗତି ତୁଲ୍ୟ ବାଧାସବୁକୁ ମୋର ଅନ୍ତର ମଧ୍ୟରୁ ବାହାର କରିଦେଲି । ହେ ଭଗବାନ, ଆଧାର ବର୍ତ୍ତମାନ ପ୍ରସ୍ତୁତ; କେବଳ ଅଭାବ ରହିଛି ସତ୍ୟଜ୍ଞାନର । ସେହି ଜ୍ଞାନକୁ ତୁମେ ମୋ ମଧ୍ୟରେ ପ୍ରକାଶିତ କରିଦିଅ ।''

(କ୍ରମଶଃ)

(ମୂଳବଙ୍ଗଳା 'ପୂର୍ଣ୍ଣ ଯୋଗେର ସାଧନ ପଦ୍ଧତି' ପୁସ୍ତକରୁ)

ଅନୁବାଦ : ଗୋପାଳହରି ଦାସ

❑❑❑

**ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ**

ସଂପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସା/ପୋ. ଖାତିଗୁଡ଼ା ଜି. ନବରଙ୍ଗପୁର, ପିନ୍-୭୬୪୦୮୫ ଜଣାଇଛନ୍ତି ଯେ ସେଠାକାର ଶିକ୍ଷାକେନ୍ଦ୍ର ପାଇଁ ଜଣେ ବି.ଏ.ବିଇଡ଼ି. ଓ ଜଣେ ବି.ଏସ୍‌ସି. ବିଇଡ଼ି. ମାତୃପ୍ରେମୀ ଶିକ୍ଷକ/ ଶିକ୍ଷୟିତ୍ରୀ ଆବଶ୍ୟକ । ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ଠିକଣାରେ ଯଥାଶୀଘ୍ର ପତ୍ରାଳାପ କରିବା ଲାଗି ଅନୁରୋଧ ।

# ଶ୍ରୀମା'ଙ୍କ ଉତ୍ତର
## (୫)

[ଶ୍ରୀମାଙ୍କ ଏହି ଉତ୍ତରଗୁଡ଼ିକ ଜଣେ ଶିଷ୍ୟାଙ୍କୁ ଲିଖିତ, ଯେକି ୧୯୪୪ରେ ଆଠବର୍ଷ ବୟସରେ ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗ ଦେଇଥିଲେ । ମାତ୍ର ଏଗାର ବର୍ଷ ବୟସରେ କ୍ୟାପ୍ଟେନ୍ ହୋଇ ସେ ପ୍ରାୟ ତିରିଶ ବର୍ଷ ଧରି ଆଶ୍ରମର ଶାରୀରିକ ଶିକ୍ଷା ବିଭାଗରେ କାମ କରିଥିଲେ ।]

ଆମ ଭିତରେ ଆଣି ଦିଅ ଏକ ଗୌରବୋଜ୍ଜ୍ୱଳ ଭବିଷ୍ୟତ ଉପରେ ବିଶ୍ୱାସ ଓ ତାହାକୁ ସିଦ୍ଧ କରିବା ପାଇଁ ସାମର୍ଥ୍ୟ ।

୩୦ ଡିସେମ୍ବର ୧୯୩୧

ହେ ପ୍ରଭୁ, ପରମ ସତ୍ୟ,

ଆମେ ଅଭୀପ୍ସା କରୁଛୁ ତୁମକୁ ଜାଣିବା ପାଇଁ ଓ ତୁମର ସେବା କରିବା ପାଇଁ ।

ତୁମର ଯୋଗ୍ୟ ସନ୍ତାନ ହୋଇଉଠିବା ପାଇଁ ଆମକୁ ସାହାଯ୍ୟ କର ଏବଂ ଏଥିପାଇଁ ତୁମର ନିରନ୍ତର ଆଶୀର୍ବାଦ ସଂପର୍କରେ ଆମକୁ ସଚେତ କର, ଯେପରିକି ଆମର ହୃଦୟ କୃତଜ୍ଞତାରେ ଭରିଉଠିବ ଏବଂ ତାହା ଆମ ଜୀବନକୁ ପରିଚାଳିତ କରିବ ।

୨ ଜାନୁୟାରି ୧୯୭୨

ନିଜର ଅଧ୍ୟବସାୟ ଓ ଲାଗି ରହିବାରେ ନିଷ୍ଠାପର ହୁଅ; ତା'ହେଲେ ଆଜି ଯେଉଁ କାମଟି କରିପାରୁ ନାହଁ ନିୟମିତ ଓ ଦୃଢ଼ ନିରବଚ୍ଛିନ୍ନ ପ୍ରଚେଷ୍ଟା ପରେ ଦିନେ ନା ଦିନେ ତୁମେ ତାହା କରିବା ପାଇଁ ସମର୍ଥ ହେବ ।

ନିଜକୁ ପୂର୍ଣ୍ଣଭାବରେ ଭଗବାନଙ୍କୁ ଦେଇଦିଅ, ଏବଂ ଭଗବତ୍ ସହାୟତା ନିରନ୍ତର ତୁମ ସଙ୍ଗରେ ରହିବ ।

୪ ଜାନୁୟାରି ୧୯୭୨

ଯେତେବେଳେ ଜଣେ ଭଗବାନଙ୍କୁ ଯଥାର୍ଥରେ ଓ ପୂର୍ଣ୍ଣ ଭାବରେ ଭଲପାଏ, ସେତେବେଳେ ସେ ତାଙ୍କର ସୃଷ୍ଟି ଓ ତାଙ୍କର ସୃଷ୍ଟଜୀବମାନଙ୍କୁ ମଧ୍ୟ ଭଲପାଏ । ସ୍ୱାଭାବିକ ଭାବରେ ତାଙ୍କର ସୃଷ୍ଟଜୀବମାନଙ୍କ ମଧ୍ୟରେ ଏପରି କେତେକ ଥାଇପାରନ୍ତି ଯେଉଁମାନଙ୍କ ସହିତ ସେ ଅଧିକ ଘନିଷ୍ଠ ବୋଲି ଅନୁଭବ କରେ ଏବଂ ସେମାନଙ୍କୁ ସେ ଅଧିକ ବିଶେଷଭାବରେ ଭଲ ପାଏ । କିନ୍ତୁ ସେ ଯେଉଁ ଭଲ ପାଇବା ଅନୁଭବ କରେ, ତାହା ସାଧାରଣ ମଣିଷସୁଲଭ ଏକ ସ୍ୱାର୍ଥପର ଭଲପାଇବା ନୁହେଁ; ଏହା ଏପରି ଏକ ପ୍ରେମ ନୁହେଁ ଯାହା ବାନ୍ଧି ରଖିବା ପାଇଁ ଓ ଅଧିକାର କରିବା ପାଇଁ ଚାହେଁ, ବରଂ ଏହି ପ୍ରେମ ତା'ର ପ୍ରତିଦାନ ସ୍ୱରୂପ କୌଣସି କିଛି ନ ଚାହିଁ କେବଳ ନିଜକୁ ଦେଇ ଦେଇଥାଏ ।

ଭଲ ପାଇବାର ଆନନ୍ଦ ପାଇଁ ଭଲ ପାଇବା ହେଉଛି ଶାନ୍ତି ଓ ସୁଖମୟ ଜୀବନ ପାଇଁ ସର୍ବୋତ୍ତମ ଅବସ୍ଥା; ଅନ୍ୟ କଥାରେ ଏହାର ଅର୍ଥ ହେଉଛି ସବୁକିଛିର ଭିତରେ ଭଗବାନଙ୍କୁ ଭଲପାଇବା ।

ଯଦି ଏହା ସେହି ଅବସ୍ଥାରେ ପହଞ୍ଚେ ଯେତେବେଳେ ତୁମେ କେବଳ ତାହାହିଁ ଚାହିଁବ ଯାହା ଭଗବାନ ଚାହାନ୍ତି, ତା'ହେଲେ ତୁମେ ପୂର୍ଣ୍ଣ ଶାନ୍ତି ଲାଭ କରିପାରିବ ।

୫ ଜାନୁୟାରି ୧୯୭୨

ମଣିଷ ଜୀବନର ଦୀର୍ଘ ପରମାୟୁ କ୍ଷେତ୍ରରେ ସଂଖ୍ୟା ୧୦୦ର ନିଜସ୍ୱ କିଛି ବିଶେଷ ତାତ୍ପର୍ଯ୍ୟ ନାହିଁ । କିନ୍ତୁ ଯେହେତୁ ମଣିଷର ଜୀବନ ଏତେ ଜଟିଳ ହୋଇ ପଡ଼ିଛି ଯେ ତାହା ଆପେକ୍ଷିକ ଭାବରେ ସେତିକି ଅଳ୍ପାୟୁ ମଧ୍ୟ ହୋଇପଡ଼ିଛି, ଏବଂ ଏକ ଶହ ବର୍ଷର ଆୟୁଷ ହେବା ପର୍ଯ୍ୟନ୍ତ ବଞ୍ଚିବା ଆଜି କଦବା କ୍ୱଚିତ୍ ଘଟିଥାଏ ।

ଯେତେବେଳେ ମଣିଷ ବିଶ୍ୱ-ପ୍ରକୃତି ସହ ସୁସମଞ୍ଜସତା ରକ୍ଷା କରି ଜୀବନଧାରଣ କରୁଥିଲା ସେତେବେଳେ ତା'ର ଜୀବନ ଦୀର୍ଘାୟୁ ହେଉଥିଲା ।

ଯେତେବେଳେ ମଣିଷ କେବଳ ଭଗବାନଙ୍କ ପାଇଁ, କେବଳ ତାଙ୍କୁହିଁ ଆଶ୍ରୟ କରି ବଞ୍ଚିବ ସେତେବେଳେ ତା'ର ଜୀବନ ଦୀର୍ଘାୟୁ ହେବ ଏବଂ ଦିନେ ଭଗବାନ ତା' ଆଗରେ ଅମରତ୍ୱର ଗୋପନ ରହସ୍ୟ ପ୍ରକଟ କରିବେ ।

୬ ଜାନୁୟାରି ୧୯୭୨

ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀ ପାଳନ କରୁଛନ୍ତି ସେହି ଲୋକମାନଙ୍କ ଆବାହନହିଁ ତାଙ୍କର ଉପସ୍ଥିତିକୁ ଅଧିକ ସକ୍ରିୟ ଓ ଫଳପ୍ରଦ କରିଥାଏ । କିନ୍ତୁ

ଯେଉଁମାନେ ସବୁ ସମୟରେ ତାଙ୍କ ସଙ୍ଗରେ ରହିଛନ୍ତି, ସେମାନଙ୍କ କ୍ଷେତ୍ରରେ ଏହା ବିଶେଷ କୌଣସି ପାର୍ଥକ୍ୟ ସୃଷ୍ଟି କରି ନ ଥାଏ ।

ଠିକ୍ ଏହାହିଁ ଘଟେ ଯେତେବେଳେ ଲୋକମାନେ ସମାଧି ନିକଟରେ ତାଙ୍କ ଉପରେ ଏକାଗ୍ର ହୁଅନ୍ତି, ସେ ସବୁସମୟରେ ସେଠାରେ ଅଛନ୍ତି, କିନ୍ତୁ ଲୋକମାନଙ୍କର ଆବାହନର ଉତ୍ତରରେ ତାଙ୍କର ଉପସ୍ଥିତି ଅଧିକ ସକ୍ରିୟ ହୁଏ ।

୭ ଜାନୁୟାରି ୧୯୭୨

ଯେଉଁ ସମସ୍ତ ଛାତ୍ରମାନେ ଜୀବନରେ କୃତକାର୍ଯ୍ୟ ହେବାକୁ ଓ ଅର୍ଥ ଉପାର୍ଜନ କରିବାକୁ ଚାହାନ୍ତି ସେମାନଙ୍କର ଏଠାରେ କୌଣସି ପ୍ରୟୋଜନ ନାହିଁ । ଆମେ କେବଳ ସେହିମାନଙ୍କୁ ଏଠାରେ ଚାହୁଁ ଯେଉଁମାନେ ଚାହାନ୍ତି ଏକ ଉଚ୍ଚତର ଜୀବନ ଯାପନ କରିବାକୁ । ପିଲାମାନଙ୍କୁହିଁ ନିଷ୍ପତ୍ତି ନେବାକୁ ହେବ ସେମାନେ ନୂତନ ଜୀବନର ଅନ୍ତର୍ଗତ ହେବେ ନା ''କୃତକାର୍ଯ୍ୟ'' ହୋଇ ଏକ ସାଧାରଣ ଜୀବନଯାପନ କରିବେ । ମୁଁ ଭାବୁଛି କେତେକ ପିଲା ଏଠାରୁ ବାହାରକୁ ଚାଲିଯିବେ ।

୩୦ ଜାନୁୟାରି ୧୯୭୨

ଆମକୁ ସେହି ଅଜ୍ଞାନମୟ ସଦିଚ୍ଛାରୁ ସୁରକ୍ଷିତ କର ଯାହା ଭାବୁଥାଏ ତାହା ଆମକୁ ସେବା କରୁଛି କିନ୍ତୁ ପ୍ରକୃତରେ ତାହା ଆମକୁ ନାନା ଅପମିଶ୍ରଣ ଦ୍ୱାରା ନିକୃଷ୍ଟ କରିଦିଏ ।

ସମସ୍ତ ଅଜ୍ଞାନରୁ ଆମର ଚେତନାକୁ ଶୁଦ୍ଧ କର, ଯାହାଫଳରେ ଆମେ ସତ୍ୟରେ ରହି ତୁମର ସେବା କରିପାରିବୁ ।

୧୨ ଫେବ୍ରୁୟାରି ୧୯୭୨

ମୁଁ ପରମପ୍ରଭୁଙ୍କୁ ଜଣାଇଛି ତାଙ୍କୁ ପାଇବା ପାଇଁ ସେ ତୁମକୁ ସାହାଯ୍ୟ କରନ୍ତୁ, ଏବଂ ଏହି ଆବିଷ୍କାର ଦିଗରେ ତୁମକୁ ସାହାଯ୍ୟ କରିବାକୁ ମୁଁ ପ୍ରତ୍ୟେକ ଦିନ ତୁମ ପାଇଁ କେଇ ମୁହୂର୍ତ୍ତ ସମୟ ଦେବାକୁ ପ୍ରସ୍ତୁତ ଅଛି ।

ମୁଁ ତୁମଠାରୁ ମାତ୍ର ଏତିକି ଚାହେଁ ଯେ ଆମେ ଏକତ୍ର ଯେଉଁ ସମୟରେ ଏକାଗ୍ର ହେବା, ସେହି ସମୟତକ ତୁମେ ନୀରବ ରହିବା ପାଇଁ ଚେଷ୍ଟା କରିବ ।

ତୁମେ ଯଦି ନିଜକୁ ଖୋଲି ହୁଗୁଳା କରିଦେଇ ଖୁବ୍ ସହଜ ଅନୁଭବ କରିବ ତେବେ ତାହା ଅତି ଉତ୍ତମ; ତୁମେ ଯଦି ନୀରବତା ଭିତରେ ପ୍ରବେଶ କରିପାରିବ ତେବେ ତାହା ହେବ ସର୍ବୋତ୍ତମ । ପ୍ରତ୍ୟେକ ଦିନ ଆମେ ଏହି ପ୍ରାର୍ଥନା ଦେଇ ଆରମ୍ଭ କରିବା, ''ଏହି ପ୍ରାର୍ଥନା ପୂରଣ କର ଯେପରିକି ଆମେ ତୁମର ଉପସ୍ଥିତି ସଂପର୍କରେ ସଚେତନ ହେଉ ।'' ଏବଂ ଆମ ଅଭୀପ୍ସାର ଅନୁରାଗ ଓ ନୀରବତା ଭିତରେ ଆମେ କେଇ ମୁହୂର୍ତ୍ତରେ ଏକତ୍ର ଅଭୀପ୍ସା କରିବା ।

୧୦ ମାର୍ଚ୍ଚ ୧୯୭୨

ଆମେ ଯେଉଁ ଭଗବାନଙ୍କୁ ଖୋଜୁଛୁ ସେ ଆମଠାରୁ ଦୂରରେ ନାହାନ୍ତି ବା ଅନଧିଗମ୍ୟ, ଅପ୍ରାପ୍ୟ ହୋଇ ରହିନାହାନ୍ତି । ସେ ତାଙ୍କ ସୃଷ୍ଟିର ହୃଦୟରେହିଁ ବିରାଜମାନ ଏବଂ ସେ ଚାହାନ୍ତି ଆମେ ଯେପରି ତାଙ୍କୁ ପାଇବୁ ଏବଂ ଆମ ନିଜର ରୂପାନ୍ତର ଫଳରେ ସମର୍ଥ ହୋଇଉଠିବୁ ତାଙ୍କୁ ଜାଣିବା ପାଇଁ, ତାଙ୍କ ସହ ଏକ ହୋଇଯିବା ପାଇଁ ଏବଂ ଶେଷରେ ସଚେତ ଭାବରେ ତାଙ୍କୁ ପ୍ରକାଶ କରିବା ପାଇଁ ।

ଏହି ଲକ୍ଷ୍ୟ ପାଇଁ ଆମ ନିଜକୁ ଉତ୍ସର୍ଗ କରିବାକୁ ହେବ, ଏହାହିଁ ଆମ ଜୀବନର ଯଥାର୍ଥ ଉଦ୍ଦେଶ୍ୟ ।

ଏବଂ ଏହି ସୁମହାନ ଉପଲବ୍ଧି ଦିଗରେ ପ୍ରଥମ ପଦକ୍ଷେପ ହେଉଛି ଅତିମାନସ ଚେତନାର ଅଭିବ୍ୟକ୍ତି ।

୨୦ ମାର୍ଚ୍ଚ ୧୯୭୨

ନୂତନ ସୃଷ୍ଟି ଦିଗରେ ଏହି ପଦକ୍ଷେପ ନେବା ପାଇଁ ଆମର ମନକୁ ସଂପୂର୍ଣ୍ଣ ନୀରବ କରିଦେଇ ଊର୍ଦ୍ଧ୍ୱର ଦିବ୍ୟଚେତନା ଭିତରକୁ ଉଠିଯିବାକୁ ହେବ ।

୨ ଏପ୍ରିଲ ୧୯୭୨

ନୀରବତାରେହିଁ ଚେତନାର ଅଭିବୃଦ୍ଧି ହୁଏ । ଏହା ଆପଣଙ୍କୁ ଅଧିକରୁ ଅଧିକ ପୂର୍ଣ୍ଣ ଭାବରେ ଜାଣିବା ପାଇଁ ଅଭୀପ୍ସା କରେ ।

୩ ଏପ୍ରିଲ ୧୯୭୨

ନୀରବତାରେହିଁ ରହିଛି ସର୍ବଶ୍ରେଷ୍ଠ ଅଭୀପ୍ସା । ଆମେ ପ୍ରାର୍ଥନା କରୁଛୁ ତହିଁରେ ସର୍ବଶ୍ରେଷ୍ଠ ଗ୍ରହଣଶୀଳତା ମଧ୍ୟ ବିରାଜ କରୁ ।

୪ ଏପ୍ରିଲ ୧୯୭୨

ପ୍ରଭୁ, ଆପଣଙ୍କୁ ଧନ୍ୟବାଦ ଜ୍ଞାପନ କରୁଛୁ,

ଆପଣ ଅଲୌକିକ ଭାବରେ ପ୍ରତ୍ୟେକଟି ଆନ୍ତରିକ ଅଭୀପ୍ସାର ଉତ୍ତର ଦିଅନ୍ତି ।

୫ ଏପ୍ରିଲ ୧୯୭୨

ନୀରବତାରେହିଁ ରହିଛି ସର୍ବଶ୍ରେଷ୍ଠ ଉକ୍ତି ।

୬ ଏପ୍ରିଲ ୧୯୭୨

ଯେତେବେଳେ ଆପଣଙ୍କ ଉପସ୍ଥିତି ପ୍ରତି ଆମର ଚେତନା ପୂର୍ଣ୍ଣ ଭାବରେ ଜାଗ୍ରତ ହୁଏ, ସେତେବେଳେ ଏକ ମୁହୂର୍ତ୍ତ ଆସେ ଯେତେବେଳେ ନୀରବତା ଭିତରେହିଁ ରହିଥାଏ ସବୁଠାରୁ ଶକ୍ତିଶାଳୀ କ୍ରିୟା ।

୭ ଏପ୍ରିଲ ୧୯୭୨

ଆପଣ ଯାହା ଚାହାନ୍ତି ସବୁ ସମୟରେ ସବୁ ପରିସ୍ଥିତିରେ ତାହାହିଁ ଚାହିଁବା ହେଉଛି ଅଖଣ୍ଡ ଶାନ୍ତିର ଆସ୍ୱାଦନ ପାଇଁ ଏକମାତ୍ର ପଥ ।

୮ ଏପ୍ରିଲ ୧୯୭୨

ଆମେ କେବେହେଲେ ଏକାକୀ ନୋହୁଁ, ଭଗବାନ ସବୁ ସମୟରେ ଆମ ସଙ୍ଗରେ ଅଛନ୍ତି । ତାଙ୍କ ଉପସ୍ଥିତି ସଂପର୍କରେ ସଚେତ ହେବା ଆମ ଉପରେ ନିର୍ଭର କରେ ।

ଆଶୀର୍ବାଦ । ୧ ଜାନୁୟାରି ୧୯୭୩

ମୁଁ ତୁମ ସଙ୍ଗରେ ସବୁ ସମୟରେ ରହିଛି; ଚିରସ୍ଥାୟୀ ଆନନ୍ଦର ଯାହା ଏକମାତ୍ର ପଥ, ଭଗବାନଙ୍କୁ ପାଇବା ପାଇଁ ତୁମର ସେହି ଯାତ୍ରାପଥରେ ତୁମକୁ ସାହାଯ୍ୟ କରିବା ପାଇଁ ମୁଁ ବରାବର ତୁମ ସଙ୍ଗେ ସଙ୍ଗେ ରହିବି । ତୁମ ଜନ୍ମଦିନରେ ତୁମକୁ ଦେଖିବାକୁ ଆଶା କରୁଛି; ତୁମେ ଦିବ୍ୟ ଭଗବତ୍ କୃପା ପାଇଁ ପ୍ରାର୍ଥନା କର, ତାହାହିଁ ହେଉଛି ତୁମ ଜୀବନର ଯଥାର୍ଥ ଲକ୍ଷ୍ୟ ।

ମୁଁ କେବଳ ଚାହେଁ ତୁମେ ତୁମ ଭିତରେ ବିଶ୍ୱାସ ଓ ଭରସା ରଖ ।

ମୁଁ ନିଜକୁ ତୁମ ହୃଦୟରେ ସ୍ଥାପିତ କରୁଛି ଯେପରିକି ତୁମେ ସେଠାରେ ମୋତେ ସବୁ ସମୟରେ ପାଇପାରିବ ।

ସ୍ନେହ ଓ ଆଶୀର୍ବାଦ ସହ ।

(ବୁଲେଟିନ୍ ନଭେମ୍ବର ୧୯୯୯ ପୃ. ୨୩ରୁ ୨୭)

ଅନୁବାଦ : ବିଶ୍ୱମ୍ଭର ସାମନ୍ତ

❑❑❑

*With Best Compliments From :*

MBD Group of Publications

**Badambadi, Link Road, Cuttack - 12**

**☎ - 612013, 614767**

**H.O. - Gulab Bhawan, 6-Bahadur Shah Zaffar Marg.**

**New Delhi - 110002**

**☎ - 3317931, 3318301**

***Our Associate Concern :***

- Modern Publishers

  (Producer of +2 & +3 Text Books)

- Holy Faith International (P) Ltd.

  (Publishers of Quality School Books)

  (From Nursery to XII)

# ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ନଳିନୀଦା’

## ନୀରଦବରଣ

[**ପୂର୍ବାଭାଷ :** ସାଧକ ମନୀଷୀ ନଳିନୀକାନ୍ତ ଗୁପ୍ତ ଆଶ୍ରମରେ ‘ନଳିନୀଦା’ ବୋଲିହିଁ ପରିଚିତ । ବର୍ତ୍ତମାନ ବାଂଲାଦେଶ ଅନ୍ତର୍ଗତ ଫରିଦପୁର ଜିଲାର ହାରୋୟା ଗ୍ରାମରେ ୧୮୮୯ ମସିହା ଜାନୁଆରି ୧୩ ତାରିଖରେ ତାଙ୍କର ଜନ୍ମ ହୋଇଥିଲା । ପିତା ରଜନୀକାନ୍ତ ଥିଲେ ଆଇନଜୀବୀ । ଓକିଲାତି କରିବା ଉପଲକ୍ଷେ ସେ ରଂପୁରର ନୀଳଫାମାରୀ ସହରରେ ବସବାସ କରୁଥିଲେ । ନଳିନୀକାନ୍ତଙ୍କର ବାଲ୍ୟଜୀବନର ବିଦ୍ୟାଶିକ୍ଷା ହୋଇଥିଲା ରଂପୁରରେ । ରଂପୁର ଜିଲାସ୍କୁଲରୁ ୧୯୦୪ ମସିହାରେ ସେ ଏଣ୍ଟ୍ରାନ୍‌ସ୍ ପାସ୍ କରି କଲିକତାର ପ୍ରେସିଡେନ୍‌ସି କଲେଜରେ ଭର୍ତ୍ତି ହୋଇଥିଲେ । ସେ ଯେତେବେଳେ ଏଇ କଲେଜର ଚତୁର୍ଥ ବର୍ଷର ଛାତ୍ର ସେତେବେଳେ ତତ୍କାଳୀନ ସ୍ୱାଧୀନତାକାମୀ ସଶସ୍ତ୍ର ବିପ୍ଳବରେ ଯୋଗଦାନ କରିଥିଲେ । ଅଳ୍ପ କିଛିଦିନ ପରେହିଁ ୧୯୦୮ ମସିହା ମେ ମାସ ୨ ତାରିଖରେ ସେ ମାଣିକତଲାର ମୁରାରିପୁକୁର ବଗିଚାଘରର ଅନ୍ୟାନ୍ୟ ବିପ୍ଳବୀମାନଙ୍କ ସହ ଗିରଫ୍ ହୋଇଥିଲେ । ବର୍ଷେକାଳ ବିଚାରାଧୀନ ଆସାମୀରୂପେ କାରାରୁଦ୍ଧ ରହିବା ପରେ ୧୯୦୯ ମସିହା ମେ ମାସ ୯ ତାରିଖରେ ସେ ମୁକ୍ତିଲାଭ କରିଥିଲେ । ଏହାପରେ କେତେକ ବର୍ଷ ସେ ସଂସାରୀ-ଜୀବନ ଯାପନ କରିଥିଲେ । ଏହି ସମୟରେ ସେ ବିଶେଷ ଭାବରେ ସାହିତ୍ୟସେବାରେ ମନୋନିବେଶ କରିଥିଲେ । ତାଙ୍କର ସମସ୍ୟାମୂଳକ ଓ ଭାବଗମ୍ଭୀର ରଚନାଗୁଡ଼ିକ ସୁଧୀସମାଜରେ ସମାଦୃତ ହୋଇଥିଲା । ସେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ସହିତ ଯୋଗାଯୋଗ ରକ୍ଷା କଲେ ଏବଂ କେତେଥର ଆଶ୍ରମକୁ ଯାତାୟାତ ବି କରିଥିଲେ । ଶେଷରେ ୧୯୨୬ ମସିହାର ମଧ୍ୟଭାଗରେ ସେ ସ୍ଥାୟୀଭାବେ ଆଶ୍ରମକୁ ଆସି ବାସ କରିଥିଲେ ଏବଂ କାଳକ୍ରମେ ଆଶ୍ରମର ସେକ୍ରେଟାରି ହୋଇଥିଲେ । ବସ୍ତୁତଃ ସେ ଥିଲେ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ଉତ୍ତର-ସାଧକ ବା ପଟ୍ଟଶିଷ୍ୟ । ବହୁ ଭାଷାବିଦ୍ ପଣ୍ଡିତ ନଳିନୀକାନ୍ତଙ୍କର ଇଂରାଜୀ ଓ ବାଂଲା ରଚନା ସାହିତ୍ୟ-ଜଗତର ଅମୂଲ୍ୟ ସମ୍ପଦ । ସର୍ବୋପରି ତାଙ୍କର ସରଳ ଜୀବନଯାତ୍ରା, ଉଦାର ମାନସିକତା ଓ ଅଧ୍ୟାତ୍ମ-ସିଦ୍ଧି ତାଙ୍କୁ ସମସ୍ତଙ୍କ ଶ୍ରଦ୍ଧାଭାଜନ କରି ରଖିଛି । ୧୯୮୪ ମସିହା ଫେବ୍ରୁଆରି ୭ ତାରିଖରେ ସେ ଦେହରକ୍ଷା କରିଥିଲେ ।]

ଆମେ ଶ୍ରୀଅରବିନ୍ଦଙ୍କର ସେବା କରିବାର ସୌଭାଗ୍ୟ ଲାଭ କରିଛୁ, ତେଣୁ ତାଙ୍କ ଘରେ ଆଶ୍ରିତ । ଦିନେ ସକାଳେ ଦେଖିଲି ନଳିନୀଦା ଚଟାଣରେ ବସି ଶ୍ରୀଅରବିନ୍ଦଙ୍କର ବହିଗୁଡ଼ିକ ନୀଳ କିଂବା ଧୂସର ପାଣ୍ଡୁର ବର୍ଣ୍ଣର କାର୍ପେଟ୍ ଉପରେ ରଖି ଗୋଟିଏ ପରେ ଗୋଟିଏ ପରିଷ୍କାର କରୁଛନ୍ତି, ନିଃଶବ୍ଦେ, ସଯତ୍ନେ ଓ ଶ୍ରୀଅରବିନ୍ଦଙ୍କୁ ପଛକରି । ଦେହରେ ଗେଞ୍ଜି, ତା’ ଉପରେ ଧଳା ଚାଦର, ଚାଦରଟା ଭାଙ୍ଗି କାନ୍ଧ ଉପରେ ପକାଇ ଥିବାରୁ ଗେଞ୍ଜିର ତଳପାଖ ଅନାବୃତ ରହିଛି । ଏଇଟା ତାଙ୍କର ସକାଳର ପୋଷାକ, ଏହା ସମସ୍ତେ ଜାଣନ୍ତି । ଦିନର ତିନି ବେଳାରେ ତାଙ୍କର ତିନି ବେଶ । ବସିଛନ୍ତି, ଚେକା ମାଡ଼ି ନୁହେଁ (ତାହା ଆରାମ କାମ ପାଇଁ), ସିଧା ହୋଇ, ବୁଢ଼ାମାନଙ୍କ ପରି ଆଣ୍ଠୁ କୁଞ୍ଚାଇ, କିନ୍ତୁ ଡାହାଣ ଆଣ୍ଠୁ ଭୂଇଁରେ, ପଛରେ ଗୋଇଠି ଧରି ରଖିଛି ଶରୀରର ଭାର । ବାମ ଆଣ୍ଠୁ ସିଧା, ଭଙ୍ଗିମାଟା ବୁଝାଇ ପାରିଲିନି ବୋଧହୁଏ । ଶ୍ରୀଅରବିନ୍ଦ ବିଛଣାରେ ବସି ରହିଛନ୍ତି, ପୃଷ୍ଠାଶ୍ରୟ (back-rest)ରେ ଆଉଜି, ଚକ୍ଷୁ ଦୁଇଟି ଉନ୍ମୁକ୍ତ । ଆଖି ତାଙ୍କର ପ୍ରାୟ ଖୋଲାହିଁ ରହୁଥିଲା, ଧ୍ୟାନ କରୁଥିଲେ ଖୋଲା ଆଖିରେ — ଧ୍ୟାନ କଥାଟା ଯଦି ତାଙ୍କ ସମ୍ବନ୍ଧରେ ବ୍ୟବହାର କରାଯାଏ — ବରଂ କହିବି, ବିଶ୍ୱର ସମସ୍ତ ଲୀଳା-ଖେଳା ଦେଖୁଛନ୍ତି, ନଳିନୀଦାଙ୍କ ଲୀଳା ବି ବାଦ୍ ପଡୁନି, ବିଶେଷ କରି ତାଙ୍କର କେଶବିରଳ ଉଜ୍ଜ୍ୱଳ ମଥାର ମଣିଟା । ମନେ ମନେ ଭାବିଲି, ତାଙ୍କର ବସିବାର ଭଙ୍ଗୀ, ଅଭ୍ୟସ୍ତ ହାତର କାର୍ଯ୍ୟ ଇତ୍ୟାଦି ନିଶ୍ଚୟ ପ୍ରଥମ ଦିନର ନୁହେଁ । ପରେ ଜାଣିଲି, ଏହା ତାଙ୍କର ମାସିକ କର୍ତ୍ତବ୍ୟ-କର୍ମ, ବହୁଦିନ ଧରି ଚାଲିଛି । ମଝିରେ ବନ୍ଦ ଥିଲା । ମା’ ପୁଣି ଧାର୍ଯ୍ୟ କରି ଦେଇଛନ୍ତି । ଏଇ ଧରଣର କାମରେ ଯାକୁ ତାକୁ ଏଠି ସେଠି ଲଗାଇବା ମା’ଙ୍କର ଧାରା — ବିଶେଷ ଉଦ୍ଦେଶ୍ୟରେ ।

ଦିନେ ଶ୍ରୀଅରବିନ୍ଦ କହି ବସିଲେ, ‘ନଳିନୀର ଚନ୍ଦା ମଥାଟା ଦେଖି ଭାବୁଛି, ଟାଙ୍ଗରା ମୁଣ୍ଡ ଲାଗି କ’ଣ

କିଛି ଔଷଧ ନାହିଁ ?' କହିବା ବାହୁଲ୍ୟ, ଶ୍ରୀଅରବିନ୍ଦଙ୍କ ଶିର ଆଦୌ କୌଣସି ଚନ୍ଦା ନ ଥିଲା; ବହୁ ବର୍ଷ ବିଲାତରେ ବାସ କରି ଟୋପି ପିନ୍ଧୁଥିବା ସତ୍ତ୍ୱେ ବି । ଅନ୍ୟ ଗୋଟିଏ ଦିନ କେଉଁ ପ୍ରସଙ୍ଗରେ ମନେ ନାହିଁ, ସେ କହିଲେ, 'ମୁଁ ସବୁ ସମୟରେ ଦେଖେ, ନଳିନୀ ଭିତରେ ଆଲୋକ ଉତୁରୁଛି ।' ଏକଥାଟି ମୁଁ ଭୁଲିନି, ଭୁଲିବି ବି ନାହିଁ ।

ଅନ୍ୟଦିନେ କଥା-ପ୍ରସଙ୍ଗରେ – ଏଇଟା ଆମ ବୈଠକରେ, ନା ତାଙ୍କ ସହିତ ମୋର ପତ୍ରାଳାପରେ,ମୋର ମନେ ନାହିଁ – କହିଲି, କାହାରି କାହାରି ମତରେ ନଳିନୀ ଏବଂ ଆଉ ଦୁଇତିନି ଜଣ ଆପଣଙ୍କ ଯୋଗ କରୁ ନାହାନ୍ତି । ସେମାନେ ପ୍ରାୟହିଁ ଏକୁଟିଆ ରହନ୍ତି, କାହା ସହିତ ମିଳାମିଶା କରନ୍ତି ନି ।....

ଶ୍ରୀଅରବିନ୍ଦ ଉତ୍ତର ଦେଲେ, 'ନଳିନୀ ଯଦି ମୋ ଯୋଗ କରୁନି, ତେବେ ଆଉ କିଏ ମୋ ଯୋଗ କରୁଛି ?'

କହିଲି, ଲୋକବାକ ଆସିଲେ, ଅର୍ଥାତ୍ ନାମକରା ଲୋକ – ସେ ସେମାନଙ୍କ ସହ ସାକ୍ଷାତ୍ କରନ୍ତି ନାହିଁ, ସେଥିରେ ଆଗ୍ରହ ବି ଦେଖାନ୍ତି ନାହିଁ ।

ଶ୍ରୀଅରବିନ୍ଦ କହିଲେ, 'ଲୋକଙ୍କ ପଛରେ ଗୋଡ଼ାଇବା ପାତ୍ର ସିଏ ନୁହେଁ ।'

ଆଉ ଗୋଟିଏ ଘଟଣା ମନେ ପଡୁଛି : ଥରେ ଶ୍ରୀଅରବିନ୍ଦଙ୍କ ପାଇଁ ନୂଆ ଜୋତା ହଳେ କିଣିବା ପାଇଁ ମା ଖବର ଦେଲେ ।

ଶ୍ରୀଅରବିନ୍ଦ କହିଲେ, ' ମୁଁ ତ ଜୋତା ପିନ୍ଧୁନି, ତେବେ ନଳିନୀର ଜୋତା ପିନ୍ଧିବାରେ ଭାରି ସଉକ ଅଛି, ତାକୁ ଦିଆହେଉ ।'

ଆଉ ଥରେ କ'ଣ ଗୋଟାଏ ଘଟଣାରେ ଆମେ ସମସ୍ତେ ଭାରି ଚଞ୍ଚଳ ହୋଇ ପଡ଼ିଛୁ । କଥାଟା ଶ୍ରୀଅରବିନ୍ଦଙ୍କ କାନକୁ ଗଲା । କିଏ ଜଣେ ନଳିନୀଦା'ଙ୍କ ନାମ ବି କହିଲା ।

ଶ୍ରୀଅରବିନ୍ଦ କହିଲେ, 'ସେ ସହଜରେ ବିଚଳିତ ହୁଏନି ।'

ଆମେ ସମସ୍ତେ ଶ୍ରୀଅରବିନ୍ଦଙ୍କ ସମକ୍ଷରେ ଆଶ୍ରମ କବିମାନଙ୍କ ଗୁଣଗାନ କରୁଛୁ, ସେ ଚୁପ୍ କରି ଶୁଣୁଛନ୍ତି । କିଏ କହୁଛି, ଅମୁକ ୟେଟ୍ସ୍‌ଙ୍କ ସମକକ୍ଷ, ଅମୁକଙ୍କୁ ରବୀନ୍ଦ୍ରନାଥଙ୍କ ପାଖରେ ବସାଇ ହେବ ଇତ୍ୟାଦି । କେହି ଜଣେ ନଳିନୀଦା'ଙ୍କ କଥା ଉଲ୍ଲେଖ କରି କହିଲା, ନଳିନୀ ମନେ କରେ ଏମାନେ ଏବେ ବି ପିଲା – beginners !

ଶ୍ରୀଅରବିନ୍ଦ ମୃଦୁ ହସି କହିଲେ, 'ନଳିନୀ ଜଣେ ଭଲ ସମାଲୋଚକ'– 'he is a good judge.'

ଆଉ ଦିନେ ଶ୍ରୀଅରବିନ୍ଦଙ୍କ 'The Mother' ବହିର ଅନୁବାଦ ନେଇ କଥା ଉଠିଲା, କୌଣସି ପ୍ରତିଷ୍ଠିତ ସାଂବାଦିକଙ୍କ ମତରେ ସେଇଟା ବାଂଲାହିଁ ନୁହେଁ । ଏଠାରେ ବି ଶ୍ରୀଅରବିନ୍ଦ ଏକମତ ହୋଇ ପାରିଲେନି, କହିଲେ, 'କାହିଁକି, ସେଇଟା ଖୁବ୍ ଭଲ ଅନୁବାଦ ହୋଇଛି ବୋଲି ମୁଁ ମନେକରେ ।'

ଘଟଣାଗୁଡ଼ିକ ସାମାନ୍ୟ, ମନ୍ତବ୍ୟ ସଂକ୍ଷିପ୍ତ, କିନ୍ତୁ ଖୋଜି ଦେଖିଲେ ଏହା ମଧ୍ୟରେ ମିଳିବ ଗଭୀର ତାତ୍ପର୍ଯ୍ୟ ।

(କ୍ରମଶଃ)

(ବଙ୍ଗଳା ପୁସ୍ତକ 'ରଚନା ବିଚିତ୍ରା'ରୁ ଅନୂଦିତ)

❑ଅନୁବାଦ : ରାମଚନ୍ଦ୍ର ପାଣି

## ପ୍ରାପ୍ତି ସ୍ୱୀକାର

ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ-ସାଗରରେ ପ୍ରବେଶ କରିବା ନିମନ୍ତେ ଏକ ପୋତ ସଦୃଶ ଶହେଟି ସୁନିର୍ବାଚିତ ଶବ୍ଦକୁ ନେଇ ସେଇମାନଙ୍କ ଭାବଧାରାର ଆଶ୍ରୟରେ ଗଭୀର ଅର୍ଥବ୍ୟଞ୍ଜନା ସହ ସ୍ୱନାମଧନ୍ୟ ଲେଖକ **ଶ୍ରୀ ଚିତ୍ତରଞ୍ଜନ ଦାସ**ଙ୍କର ଏକ ଅଭିନବ ଉଦ୍ୟମ ରୂପେ ପ୍ରକାଶ ପାଇଛି **''ଶବ୍ଦଶତକ''** ।

ପ୍ରକାଶକ : ସୁହୃଦ୍ ଗୋଷ୍ଠୀ, ଭୁବନେଶ୍ୱର ।

ମୂଲ୍ୟ– ଟ.୪୦.୦୦

ପ୍ରାପ୍ତିସ୍ଥାନ : ଶ୍ରୀମତୀ କୁମୁଦିନୀ ଗୁରୁ

୩୪୮୧/୨, ପଳାଶୁଣି, ଭୁବନେଶ୍ୱର - ୭୫୧୦୧୦

**ସାହିତ୍ୟ ଓ ସାହିତ୍ୟିକ**

# ''ବିଶ୍ୱକୁ ଗବାକ୍ଷ'' : ଏକ ଅଧ୍ୟୟନ
## (୨)
## ଶେଖ୍ ଅବଦୁଲ୍ କାଶମ୍

ଧର୍ମ ସମ୍ୱନ୍ଧରେ ଲେଖକ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ଦାସ କହନ୍ତି ଯେ ଧର୍ମ ହେଉଛି ଏକ ପଥ, ଏହା ଆଦୌ ଏକ ମତ ନୁହେଁ । ମାନବ ଇତିହାସକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ନିଜକୁ ଧାର୍ମିକ ବୋଲାଉଥିବା କ୍ଷମତାଲୋଭୀ ମଣିଷମାନେ ପଥଟାକୁ ମତରେ ପରିଣତ କରି ପକାଇଛନ୍ତି । ସେମାନେ ଅନ୍ତରର ଆଧ୍ୟାତ୍ମିକ ଆହ୍ୱାନକୁ ଗୁରୁତ୍ୱ ନ ଦେଇ କେତେକ ଶାସ୍ତ୍ରୀୟ ମତ ଓ ନିୟମଗୁଡ଼ିକର ବାହ୍ୟିକତାକୁହିଁ ଗୁରୁତ୍ୱ ଦେଇଛନ୍ତି । କେତେକ ରାଜସିକ ଓ ତାମସିକ ବାହ୍ୟ ଅନୁଷ୍ଠାନକୁହିଁ ସେମାନେ ଧର୍ମର ନାମ ଦେଇଛନ୍ତି । ଧର୍ମ ଭିତରୁ ଆଧ୍ୟାତ୍ମିକତାକୁ ପୃଥକ୍ କରି ଦିଆଯାଇଛି । ତେଣୁ ଧର୍ମ ଆଉ ତା'ର ପ୍ରକୃତ ସ୍ୱରୂପ ଓ ମର୍ମକୁ ଧାରଣ କରି ନାହିଁ । ଶ୍ରୀଅରବିନ୍ଦ କହନ୍ତି ଯେ ଆମର ସାମାଜିକ ଜୀବନରେ ଆଧ୍ୟାତ୍ମିକତାକୁ ଅବହେଳା କରାଯାଇଥିବାରୁ ଆମର ସଭ୍ୟତା ଦୋଷଯୁକ୍ତ ହୋଇ ରହିଛି । ସମାଜରେ ମନୁଷ୍ୟମାନେ ଏକ ସୁସ୍ଥ ଶରୀର, ଏକ ବଳିଷ୍ଠ ପ୍ରାଣ, ଏକ ସକ୍ରିୟ ଓ ସ୍ୱଚ୍ଛ ମନ, ଏକ ସୁଶୃଙ୍ଖଳିତ ନୈତିକ ଜୀବନ, ଏକ ନିର୍ଦ୍ଦିଷ୍ଟ ଧର୍ମମତ, ଏକ ଧର୍ମବିଶ୍ୱାସ ଓ ଧର୍ମପରାୟଣତାର ଅଧିକାରୀ ହେଲେ ମଧ୍ୟ ସମାଜର ପରିତ୍ରାଣ ଲାଗି ତାହା ଆଦୌ ଯଥେଷ୍ଟ ନୁହେଁ । ସକଳ ଧର୍ମପରାୟଣତା ସତ୍ତ୍ୱେ ସମାଜ ସ୍ଥାଣୁ ହୋଇରହିଛି । ଯେଉଁ ସମାଜ ଆପଣାର ବ୍ୟକ୍ତିମାନଙ୍କ ମଧ୍ୟରେ ନ ବଞ୍ଚି ଆପଣାର ଅନୁଷ୍ଠାନଗୁଡ଼ିକ ମଧ୍ୟରେ ବାନ୍ଧି ହୋଇ ରହିଥାଏ ଓ ତାହାକୁହିଁ ଜୀବନ ବୋଲି କହୁଥାଏ, ତାହାକୁ ଏକ ସମୂହ-ଆତ୍ମା ବୋଲି ଆଦୌ କୁହାଯାଇପାରିବ ନାହିଁ, ତାହାକୁ ଏକ ମେସିନ୍ ବୋଲିହିଁ କୁହାଯିବ ।

("A society that lives not by its men but by its institutions, is not a collective soul, but a machine." – Sri Aurobindo, The Human Cycle, Chapter XXIV)

ଶ୍ରୀଅରବିନ୍ଦ ଆହୁରି କହନ୍ତି ଯେ ସମାଜ ମନୁଷ୍ୟର ଆତ୍ମାଟିକୁ ଧରି ତାହାକୁ ଏକ ସାମାଜିକ-ଧାର୍ମିକ ଚକରେ ଆଣି ବାନ୍ଧି ଦେଇଛି । ଯଥାର୍ଥ ଆଧ୍ୟାତ୍ମିକ ସ୍ୱାଧୀନତା ପରିବର୍ତ୍ତେ ତାହା ଉପରେ ଏକ ଉଦ୍ଧତ ନିୟମବୋଝ ଆଣି ଲଦି ଦେଇଛି । ମନୁଷ୍ୟର ଧର୍ମଜୀବନ ଉପରେ ତାହା ଗୋଟିଏ ଗିର୍ଜା ବା ମନ୍ଦିରକୁ ଆଣି ସଇସ କରି ବସାଇ ଦେଇଛି । ଏକ ପୁରୋହିତ-ତନ୍ତ୍ର ଓ ଆନୁଷ୍ଠାନିକତାର ବହୁଳତାକୁ ଆଣି ଲଦିଦେଇଛି ଏବଂ ବିଶ୍ୱାସ ତଥା ଧର୍ମସୂତ୍ରଗୁଡ଼ାକର ନାଆଁରେ ଗୁଡ଼ାଏ କୁକୁରଙ୍କୁ ଆଣି ପହରା ଦିଆଯାଇଛି । ଧର୍ମର ଏହି ମିଥ୍ୟା ସମାଜୀକରଣ (false socialisation of religion) ସର୍ବଦା ମନୁଷ୍ୟଜାତିର ଅଗ୍ରଗତିରେ ଅନ୍ତରାୟ ହୋଇରହିଛି । ଯଥାର୍ଥ ଆଧ୍ୟାତ୍ମିକ ଯୁଗ ସେତେବେଳେ ଆସିବ ଯେତେବେଳେ ଅଧିକରୁ ଅଧିକ ବ୍ୟକ୍ତି ନାନା ଧର୍ମମତ, ଧର୍ମବିଶ୍ୱାସ ତଥା ଧର୍ମାନୁଷ୍ଠାନର ଯାନ୍ତ୍ରିକତା ଭିତରୁ ମୁକୁଳି ଆସିବେ ଏବଂ ଚିରାଚରିତ ବୁଦ୍ଧିଗତ, ପ୍ରାଣିକ ଓ ଭୌତିକ ଜୀବନ ଭିତରେ ସନ୍ତୁଷ୍ଟ ହୋଇ ନ ରହି ଏକ ବୃହତ୍ତର ବିବର୍ତ୍ତନ ବା ପରିବର୍ତ୍ତନକୁ ଆକାଂକ୍ଷା କରିବେ ତଥା ସେ ଦିଗରେ ଐକ୍ୟବଦ୍ଧ ଭାବରେ ପ୍ରୟାସ କରିବେ ।

ଶ୍ରୀଯୁକ୍ତ ଦାସ ଲେଖିଛନ୍ତି– ଚିତା ଓ ପଇତାରୁ ନୁହେଁ, ହୃଦୟରୁହିଁ ଧର୍ମର ପରୀକ୍ଷା ହେବ । ଅର୍ଥାତ୍ ହୃଦୟର ଆସ୍ପୃହା ଓ ଆଧ୍ୟାତ୍ମିକ ଅନ୍ୱେଷଣରୁହିଁ ଧର୍ମର ପରୀକ୍ଷା ହୋଇଥାଏ । ଯିଏ ପ୍ରକୃତରେ ଧାର୍ମିକ ବା ଧର୍ମପ୍ରାଣ ବ୍ୟକ୍ତି ତା'ର ଜୀବନର ସକଳ ସମ୍ୱନ୍ଧଗୁଡ଼ିକରେ ଧର୍ମର ଅନ୍ତର୍ନିହିତ ସତ୍ୟ ଫୁଟି ଉଠୁଥିବା ଉଚିତ । ପ୍ରେମ, ଶାନ୍ତି, ଉଦାରତା, ଭ୍ରାତୃତ୍ୱବୋଧ, କରୁଣା ଭଳି ଗୁଣ ଯଦି ଜଣକର ଜୀବନରେ ଫୁଟିଉଠି ନାହିଁ, ତାକୁ କିପରି ଧର୍ମସ୍ଥ ବ୍ୟକ୍ତିବୋଲି କୁହାଯିବ ? ଆମେ ଯଦି ନିଜ ପାଇଁ ପଥଟିକୁ ଖୋଜି ନାହୁଁ, ଅନ୍ୟମାନଙ୍କର ପଥଗୁଡ଼ିକୁ ସମ୍ମାନ ଦେବା ଶିଖି ନାହୁଁ, ଅନ୍ୟମାନଙ୍କ ସହିତ ଯଦି ଏକତ୍ୱ ଓ ସମନ୍ୱୟ ରକ୍ଷା କରିପାରି ନାହୁଁ ତେବେ ଆମେ କିପରି ଧାର୍ମିକ ହେଲୁ ? ଶ୍ରୀଅରବିନ୍ଦ କହନ୍ତି ଯେ ଆଧ୍ୟାତ୍ମିକ ସତ୍ୟ ତ ଚିରନ୍ତନ ଭାବରେ ରହିଛି, କିନ୍ତୁ ପୃଥିବୀର ମନୁଷ୍ୟଜାତି ପାଇଁ ତାହାର କୌଣସି ଅର୍ଥ

ନାହିଁ ଯଦି ତାହା ବାସ୍ତବଜୀବନରେ ପ୍ରତିଫଳିତ ହୋଇ ନାହିଁ ବା ସତ୍ୟରେ ପରିଣତ ହୋଇ ନାହିଁ । "...it (spiritual truth) is of no avail for humanity here, it does not become truth of earth, truth of life until it is lived." The Human Cycle, Chapter, XXIV) ସୁତରାଂ ଚିତା, ପଇତା, ଭେକ, ରୀତି, ପ୍ରତୀକ, ପରମ୍ପରା– ଏସବୁ ଆଦୌ ମୁଖ୍ୟ ବସ୍ତୁ ନୁହେଁ । ବ୍ୟକ୍ତିର ଅନ୍ତର୍ଗତ ଜୀବନ ଯଦି ବଦଳୁ ନାହିଁ ଏହିସବୁ ବାହ୍ୟିକତା ନିରର୍ଥକ ମାତ୍ର । ଏଇଠିହିଁ ଆମେ ଧର୍ମ ଓ ଆଧାତ୍ମିକତା ଭିତରେ ଏକ ପ୍ରଭେଦ ବାରିପାରୁ । ତଥାକଥିତ ଆନୁଷ୍ଠାନିକ ଧର୍ମ ଆମକୁ ରୀତି, ପରମ୍ପରା, ଭେକ ଓ ପ୍ରତୀକ ଭିତରେ ବାନ୍ଧି ରଖିଥାଏ । ଆମକୁ ନୂଆ ନୂଆ ସତ୍ୟର ଆବିଷ୍କାର, ଚେତନାର ନୂଆ ନୂଆ ଉନ୍ମେଷ ଲାଗି ମୋଟେ ବାଟ ଛାଡ଼େ ନାହିଁ । ଅନ୍ୟ ପକ୍ଷରେ ଆଧାତ୍ମିକତା ଆମର ଚେତନାକୁ ଅଧିକରୁ ଅଧିକ ପ୍ରସାରିତ କରେ, ଆମର ଆନ୍ତର ଓ ବାହ୍ୟ ଜୀବନରେ ଦିବ୍ୟତା ଭରିଦିଏ ।

ଲେଖକ କହନ୍ତି ଯେ ଧର୍ମର ଅସଲ କେନ୍ଦ୍ରଟି ମଣିଷର ହାତଛଡ଼ା ହୋଇଯାଇଛି ବୋଲି ଧର୍ମ-ଧର୍ମ ମଧ୍ୟରେ ଅସଲ ସମନ୍ୱୟଟି ସମ୍ଭବ ହୋଇପାରି ନାହିଁ । ଧର୍ମ ନାମରେ କେତେକ ହିଂସା, କେତେକ ବର୍ବରତା, କେତେ ରକ୍ତପାତ ଘଟିଚାଲିଛି । କେତେ ପ୍ରକାର ଭୟ, ଲୋଭ, କ୍ଷମତାକାଂକ୍ଷା ଓ ଦୁରାଚାର ଧର୍ମ ଭିତରକୁ ପଶି ଆସିଛି । ଧର୍ମ ସମ୍ପ୍ରଦାୟଗୁଡ଼ିକ ରାଜାମାନଙ୍କର ସାହାଯ୍ୟ ନେଇ ବର୍ବର କାର୍ଯ୍ୟସବୁ କରିଛନ୍ତି । ରାଜାମାନେ ମଧ୍ୟ ନିଜର କ୍ଷମତାକୁ ଦୃଢ଼ୀଭୂତ କରି ରଖିବା ପାଇଁ ତଥା ନିଜ ଭୋଗଲାଳସାର ଚରିତାର୍ଥତା ପାଇଁ ଧର୍ମର ଆଶ୍ରୟ ନେଇଛନ୍ତି । ଧର୍ମ ନାମରେ ମଣିଷମାନଙ୍କୁ ଘୁଷୁରି ପରି ବ୍ୟବହାର କରାଯାଇଛି । କେତେ ଅପସାମ୍ରାଜ୍ୟର ପ୍ରତିଷ୍ଠା ହୋଇଛି । ବିଭିନ୍ନ ଧର୍ମରେ ଅନେକ ସଂଖ୍ୟକ ଅତ୍ୟୁତ୍ସାହୀ ବ୍ୟକ୍ତି ଥାଆନ୍ତି ଯେଉଁମାନେ ଅହଂକାରୀ ହୋଇ ନିଜର ଧର୍ମବିଶ୍ୱାସକୁ ଅନ୍ୟ ଉପରେ ଲଦି ଦେବାକୁ ଚେଷ୍ଟା କରିଥାଆନ୍ତି । ଶ୍ରୀଅରବିନ୍ଦ କହନ୍ତି ଯେ ଜଣେ ଯେତେବେଳେ ନିଜର ଧର୍ମମତକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ ଅନ୍ୟମାନଙ୍କ ଉପରେ ତାହାକୁ ବଳପୂର୍ବକ ଲଦି ଦେବାକୁ ଚେଷ୍ଟା କରେ, ସିଏ ସେତେବେଳେ ମନୁଷ୍ୟ ସ୍ୱଭାବର ବିବିଧତା ଓ ମନୁଷ୍ୟ-ଆତ୍ମାର ଏକ ମୌଳିକ ଗୁଣକୁହିଁ ବିରୋଧ କରିବସେ । ("The ambition of a particular religious belief and form to universalise and impose itself is contrary to the variety of human nature and to at least one essential character of the Spirit.") ପ୍ରତ୍ୟେକ ଆତ୍ମାର ଅସଲ ସ୍ୱଭାବ ହେଲା ସ୍ୱାଧୀନତା ଓ ଏକତ୍ୱ । ପ୍ରତ୍ୟେକେ ନିଜସ୍ୱ ଧାରାରେହିଁ ବିକଶିତ ହେବାକୁ ଚାହାନ୍ତି । କିନ୍ତୁ ମତାନ୍ଧ ଓ ଧର୍ମାନ୍ଧ ବ୍ୟକ୍ତି ଏହି ବିକାଶ ଧାରାକୁ ପ୍ରତିହତ କରିଥା'ନ୍ତି ।

ଧର୍ମ ଆଜି ଆଉ ଧର୍ମ ହୋଇ ରହି ନାହିଁ । ସତ୍ୟଗୁଡ଼ାକୁ ପଥର ବା କାଷ୍ଠର ମୂର୍ତ୍ତି କରି ବସାଇ ଦିଆଯାଇଛି । ମନ୍ଦିରର ବେଢ଼ା ଭିତରେହିଁ ପବିତ୍ରତା ବନ୍ଦୀ ହୋଇରହିଛି । ଜୀବନରେ ପବିତ୍ରତାର ନାମଗନ୍ଧ ନାହିଁ । ହିନ୍ଦୁ ମୁସଲମାନକୁ ଯବନ କହି ଘୃଣା କରୁଛି ଆଉ ମୁସଲମାନ ବି ହିନ୍ଦୁକୁ କାଫେର ବୋଲି କହି ଘୃଣା କରୁଛି । ନିଜ ଧର୍ମର ଧ୍ୱଜା ଉଡ଼ାଇବାରେ ବ୍ୟକ୍ତି ଅଶେଷ ଦର୍ପ ପ୍ରଦର୍ଶନ କରୁଛି । କିନ୍ତୁ ତା' ଭିତରେ ଅନ୍ୟମାନଙ୍କ ପ୍ରତି ଶ୍ରଦ୍ଧା ନାହିଁ, ଚେତନାର ସଂପ୍ରସାରଣ ପାଇଁ ଆସ୍ପୃହା ନାହିଁ କି ନିତ୍ୟ ଆନ୍ତର ପ୍ରଗତି ପାଇଁ କୌଣସି ଉଦ୍ୟମ ବି ନାହିଁ । ଲେଖକ ଶ୍ରୀଯୁକ୍ତ ଦାସ କହନ୍ତି, ''ଯିଏ କେବଳ ଛାଞ୍ଚଗୁଡ଼ାକୁ କାମୁଡ଼ି ପଡ଼ି ରହିଛି, ଗଭୀରକୁ ଯିବାକୁ ମନା କରୁଛି, ସୂତ୍ରଯୋଡ଼ିବାକୁ ମନା କରୁଛି, ସିଏ ଯେଉଁ ଧର୍ମର ଛାପା ମାରି ହୋଇ ଯେଡ଼େ ଧାର୍ମିକ ହୋଇଥାଉ ପଛକେ, ସେତେବେଳେ ଏକମାତ୍ର ତାହାକୁହିଁ ମ୍ଳେଚ୍ଛ, କାଫେର୍ ବା ଦୁଷ୍ଟ ବୋଲି କୁହାଯିବ ।'' ଶ୍ରୀଅରବିନ୍ଦଙ୍କ ମତରେ ଯେଉଁମାନେ ନୂତନ ଅଧ୍ୟାତ୍ମ ଯୁଗର ଅଗ୍ରଣୀ ହେବେ ସେମାନେ ଅତୀତ ଓ ବର୍ତ୍ତମାନର ଉପଲବ୍ଧ ଜ୍ଞାନକୁ ବ୍ୟବହାର କରିବେ,କିନ୍ତୁ ସେହି ଜ୍ଞାନ ଦ୍ୱାରା ଆପଣାକୁ ବାଡ଼ ଦେଇ ରଖିବେ ନାହିଁ କିଂବା ସେମାନେ ସୂତ୍ରାୟଉ କେତୋଟି ନିର୍ଦ୍ଦିଷ୍ଟ ଚଳଣି ଭିତରେ ଲାଖି ରହିଯିବେ ନାହିଁ ("they will not... limit themselves by what is now known or cleave only to fixed and stereotyped systems''... The Human Cycle) । ତେଣୁ ନୂତନ ଅଧ୍ୟାତ୍ମଯୁଗର ପ୍ରସ୍ତୁତି ପାଇଁ ଯାହା ଅତି ଆବଶ୍ୟକ ତାହା ହେଲା, ସର୍ବଦା ନୂଆ ନୂଆ ଉଦ୍ଭାବନ ଓ

ପୁନରୁଦ୍ଭାବନ, ନାନା ନୂତନ ସୂତ୍ରପ୍ରବର୍ତ୍ତନ ଓ ମନଃକ୍ଷେତ୍ରରେ ସତତ ଏକ ବୃହତ୍ତର ସମନ୍ୱୟ ("a constant rediscovery and new formulation and larger synthesis in the mind") । ଶ୍ରୀଯୁକ୍ତ ଦାସ ମଧ୍ୟ ଏହି ଆବଶ୍ୟକତା ପ୍ରତି ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି, ଅବଶ୍ୟ ତାଙ୍କର ନିଜସ୍ୱ ଶୈଳୀରେ ।

ଲେଖକଙ୍କ ମତରେ ଧର୍ମ କେବଳ ଆର ଜନ୍ମ ପାଇଁ କଦାପି ଉଦ୍ଦିଷ୍ଟ ନୁହେଁ । ଧର୍ମଗୁଡ଼ିକ ଭଗବାନଙ୍କୁ କେବଳ ବୈକୁଣ୍ଠ ବା ପରଲୋକରେ ପାଇବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ପୃଥିବୀ ଭିତରେ ଜୀବନର ଯାବତୀୟ କ୍ରିୟା ଭିତରେ ଓ ମଣିଷ ମଣିଷ ଭିତରେ ରହିଥିବା ଯାବତୀୟ ସମ୍ବନ୍ଧ ଭିତରେ ମଧ୍ୟ ଭଗବାନଙ୍କୁ ଆବିଷ୍କାର କରାଯାଇ ପାରେ, ଅନୁଭବ କରାଯାଇପାରେ । ଲେଖକ ପ୍ରଶ୍ନ କରିଛନ୍ତି– ଭଗବାନଙ୍କୁ ଆପଣାର ହୃଦୟ ଦେଉଥିବା ମଣିଷ କ'ଣ ଏହି ସଂସାର ପ୍ରତି ପ୍ରକୃତରେ ଉଦାସ ରହିପାରିବ ? ସେବା, ସଦିଚ୍ଛା, ଆଲୋକନ ଏବଂ ଉତ୍ତୋଳନ ପ୍ରତ୍ୟେକ ଧର୍ମର ସର୍ବପ୍ରଧାନ ନୟନ ହୋଇ ରହିବା ଉଚିତ । ଯିଏ ଭଗବାନଙ୍କୁ ପ୍ରକୃତରେ ଭଲ ପାଇବ ସିଏ ଅବଶ୍ୟ କଠିନ ସମର୍ପଣ ବ୍ରତକୁ ଆଚରଣ କରିବ । ସେବା ଓ ସମର୍ପଣର ଏକ ଗୌରବମୟ ଦୃଷ୍ଟାନ୍ତରୂପେ ଲେଖକ ମଦର ଟେରେସାଙ୍କ ନାମ ଉଲ୍ଲେଖ କରିଛନ୍ତି । ଧର୍ମ ଧର୍ମ ମଧ୍ୟରେ ଅସଲ ସମନ୍ୱୟ ସମ୍ଭବ ହୋଇପାରି ନାହିଁ । କେବଳ ପାରସ୍ପରିକ ବିଦ୍ୱେଷ ବଢ଼ିଛି । ଲୋକ ଦେଖାଣିଆ ଭାବରେ ସର୍ବଧର୍ମ ପ୍ରାର୍ଥନା ସଭା ବା ସର୍ବଧର୍ମ ଆଲୋଚନା ସଭାର ଆୟୋଜନ କରାଯାଇଛି । କିନ୍ତୁ ପ୍ରତ୍ୟେକେ ନିଜସ୍ୱ ଧର୍ମମତ ଭିତରେ କିଳି ହୋଇ ରହିଛନ୍ତି । ଯଥାର୍ଥ ସମନ୍ୱୟ କୌଣସି ଧର୍ମର ଆଚରଣ କ୍ଷେତ୍ରରେ ଦେଖିବାକୁ ମିଳୁ ନାହିଁ । ଲେଖକ କହନ୍ତି ଯେ ଆମେ ଯେତିକି ସତ୍ୟକୁ ଜାଣିଛୁ, ସେଇଥିରେ ବାଟ ଚାଲିବା ଉଚିତ ଏବଂ ତଥାପି ଅଧିକ ଜାଣିବା ଏବଂ ଅଧିକ ଉପଲବ୍ଧି କରିପାରିବା ଲାଗି ଆପଣାକୁ ଅନୁରାଗର ସହିତ ଉନ୍ମୋଚିତ କରି ରଖିଥିବା ଉଚିତ । ଏହାକୁହିଁ ଯଥାର୍ଥ ଧର୍ମସମନ୍ୱୟ ଦିଗରେ ସର୍ବପ୍ରଥମ ସୋପାନ ବୋଲି କୁହାଯାଇପାରିବ । ଧର୍ମସମନ୍ୱୟକୁ ସମ୍ଭବ କରିବାକୁ ହେଲେ ଆମକୁ ଉଦାର ଓ ଗ୍ରହଣଶୀଳ ହେବାକୁ ପଡ଼ିବ । ନିଜର ଦୃଷ୍ଟିକୁ ପ୍ରସାରିତ କରିବାକୁ ହେବ, ସବୁପ୍ରକାରର ଆସକ୍ତିରୁ ମୁକ୍ତ ହେବାକୁ ପଡ଼ିବ । ବାହାରେ ପାର୍ଥକ୍ୟସବୁ ରହିଥିଲେ ମଧ୍ୟ ଭିତରେ ଏକ ସୁନିଶ୍ଚିତ ସାମ୍ୟକୁ ଅନୁଭବ କରିବାକୁ ହେବ । ଆପଣା ଭିତରେ ରହିଥିବା ସଂସ୍କାରଗତ ସୀମାଗୁଡ଼ିକୁ ଅତିକ୍ରମ କରିବାକୁ ହେବ । ନିଜ ଭିତରେ ଏକ ଯଥାର୍ଥ ଉନ୍ମୋଚନ ଘଟାଇପାରିଲେ ସମନ୍ୱୟ ସହଜ ହୋଇଯିବ । ଯାବତୀୟ ମୂର୍ତ୍ତି ଓ ଭେକର ବାଡ଼କୁ ଡେଇଁ ମର୍ମକୁ ଛୁଇଁ ପାରିବା ହେଉଛି ପ୍ରକୃତ ସମନ୍ୱୟ । କ୍ରିୟାଶୀଳ ପ୍ରସାରଣ ଲାଗି ଏକ ବିଶେଷ ବାସନାହିଁ ସମନ୍ୱୟ ଆଡ଼କୁ ଆମକୁ ବାଟ କଢ଼ାଇନେବ ।

ଆପଣାର ଧର୍ମ ଭିତରେ ରହି ମଧ୍ୟ ଜଣେ ବ୍ୟକ୍ତି କିପରି ବିଭିନ୍ନ ଧର୍ମର ଆଲୋକ ଦ୍ୱାରା ନିଜର ଜୀବନକୁ ଆଲୋକିତ କରିପାରିବ ଏବଂ ଅଧିକ ଶକ୍ତିଯୁକ୍ତ ଭାବରେ ପଥଟିଏ ଚାଲିପାରିବ, ମହାତ୍ମାଗାନ୍ଧି ତା'ର ଏକ ସଚଳ ଉଦାହରଣ ବୋଲି ଲେଖକ ଉଲ୍ଲେଖ କରିଛନ୍ତି । ବାଇବେଲରେ ଲିଖିତ ଗିରିଶିଖର ଉପଦେଶାବଳୀ ଯେକୌଣସି ଧର୍ମର ସତ୍ୟରୂପେ ଗୃହୀତ ହୋଇପାରେ ବୋଲି ଗାନ୍ଧିଜି ବହୁବାର କହିଥିଲେ । ସେହିପରି ଶ୍ରୀରାମକୃଷ୍ଣ ମଧ୍ୟ ଆମ ଲାଗି ଏକ ଅଭିନବ ସମନ୍ୱୟର ନିଦର୍ଶନ ଦେଇଯାଇଛନ୍ତି ବୋଲି ଲେଖକ ପ୍ରକାଶ କରିଛନ୍ତି । ଶ୍ରୀରାମକୃଷ୍ଣ ପର୍ଯ୍ୟାୟକ୍ରମେ ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ୍ ଧର୍ମର ମାର୍ଗ ଅନୁସରଣ କରି ଏବଂ ପ୍ରତ୍ୟେକ ଧର୍ମ ଭିତରେ ସତ୍ୟକୁ ଉପଲବ୍ଧି କରି ପ୍ରମାଣ କରିଦେଇଛନ୍ତି ଯେ ପଥ ଭିନ୍ନ ଭିନ୍ନ ହେଲେ ମଧ୍ୟ ଲକ୍ଷ୍ୟ ସେହି ଗୋଟିଏ ।

ଧର୍ମର ଅସଲ ତତ୍ତ୍ୱକୁ ଜାଣିପାରୁ ନ ଥିବାରୁ ଧର୍ମ-ଧର୍ମ ମଧ୍ୟରେ ଅସଲ ସମନ୍ୱୟ ପ୍ରତିଷ୍ଠା ହୋଇପାରୁ ନାହିଁ । ବିଭିନ୍ନ ଧର୍ମର ମନ୍ଦିରଗୁଡ଼ିକୁ ଏକତ୍ର ସ୍ଥାପନ କରିଦେଲେ ଯେ ସମନ୍ୱୟ ପ୍ରତିଷ୍ଠା ହୋଇଯିବ, ଏପରି ଭାବିବା ଭୁଲ । ଆମେ ଯଦି ନିଜ ଧର୍ମର ଅସଲ ତତ୍ତ୍ୱକୁ ପ୍ରଥମେ ଉପଲବ୍ଧି କରିବା ଏବଂ ଧର୍ମ ଭିତରେ ରହିଥିବା ସାର ଓ ଅସାରକୁ ଚିହ୍ନିପାରି କେବଳ ସାରକୁହିଁ ଗ୍ରହଣ କରିବା, ତା'ହେଲେ ଅନ୍ୟ ଧର୍ମର ମର୍ମସତ୍ୟକୁ ମଧ୍ୟ ସମ୍ମାନର ସହିତ ଗ୍ରହଣ କରିପାରିବା ।

(କ୍ରମଶଃ)

❑❑❑

**ଶାଶ୍ୱତ ଭାରତ କଥା**

# ଯୋଗକ୍ଷେମଂ ବହାମ୍ୟହମ୍

## କୃଷ୍ଣାଦେବୀ

ଶ୍ରୀମଦ୍ ଭଗବଦ୍‌ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି : ''ଯୋଗକ୍ଷେମଂ ବହାମି ଅହମ୍'' ଅର୍ଥାତ୍ ଯିଏ ମୋ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ, ତା'ର ଯୋଗ ଓ କ୍ଷେମ ମୁଁ ବହନ କରେ– ଯାହା ଅପ୍ରାପ୍ୟ, ସେଇ ଦିବ୍ୟବସ୍ତୁ ଅର୍ଥାତ୍ ଭଗବତ୍ ମିଳନ ଓ ସାଯୁଜ୍ୟ ଲାଭ କରିବାରେ ମୁଁ ସାହାଯ୍ୟ କରେ ଏବଂ ଆଉ ଯାହା ପ୍ରାପ୍ତ ହୋଇଛି ବା ପ୍ରାପ୍ତ ହେବାକୁ ଯାଉଛି ତା'ର ରକ୍ଷଣାବେକ୍ଷଣ ବି ମୋର ଦାୟିତ୍ୱ । ମାତ୍ର ଏ ପୃଥିବୀରେ କେତେଜଣ ମିଳିବେ ଯେଉଁମାନେ ଏପରି ଭଗବତ୍ ନିର୍ଭରଶୀଳ– କଠିନ ଜିନିଷରୁ ଆରମ୍ଭ କରି ସହଜଲଭ୍ୟ ପ୍ରତିଟି ଜିନିଷ ଲାଗି, ବଡ଼ ଜିନିଷରୁ କ୍ଷୁଦ୍ରରୁ କ୍ଷୁଦ୍ରାତିଶୟ ଜିନିଷଟି ଲାଗି ଭଗବତ୍‌କୃପାକୁ କିଏ ଚାହିଁ ବସିଥାଏ ? ତଥାପି କୋଟିକରେ ଗୋଟିଏ ଅବଶ୍ୟ କେଉଁଠି ଥିବେ ଯାହାଙ୍କ ଆବାହନରେ ଭଗବାନ୍ ଉପସ୍ଥିତ ହୁଅନ୍ତି, ନିଜ ହାତରେ ଅବା କାହା ଦ୍ୱାରା ସାହାଯ୍ୟ ପହଞ୍ଚାଇଦିଅନ୍ତି । ଯିଏ ଏକାନ୍ତ ଭାବରେ ତାଙ୍କୁ ଡାକେ, ତାହାର ଡାକକୁ ଏଡ଼ିଦେବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ସେଥିପାଇଁ ଭକ୍ତପର୍ଯ୍ୟାୟ ଭିତରେ ଆର୍ତ୍ତଭକ୍ତଙ୍କର କଥା ପ୍ରଥମେ ରହିଛି । ଦେଖିବାକୁ ଗଲେ ଯେତେଜଣ ଭଗବାନଙ୍କୁ ଆରାଧନା କରନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର କିଛି ନା କିଛି ପ୍ରାର୍ଥନା ରହିଛି, ସଂପୂର୍ଣ୍ଣ ଅହେତୁକୀ ଭକ୍ତି ଦୁର୍ଲଭ । ମାତ୍ର ଏଇଟି ସଫଳ ହୁଏ ଦୃଢ଼ ବିଶ୍ୱାସ ଓ ଅତୁଟ ଆସ୍ଥା ବଳରେ । ଆମଦେଶର ଲୋକ-କଥାରେ ଏପରି ଉପାଖ୍ୟାନ ଅନେକ ରହିଛି । ସେଥି ମଧ୍ୟରୁ ଏଠାରେ ଗୋଟିଏ ଦିଆଗଲା ।

କୌଣସି ଏକ ଜନପଦରେ ଅନେକ ଗୁଡ଼ିଏ ଗ୍ରାମ ପାଖାପାଖି ରହିଥିଲା; ଗ୍ରାମପ୍ରାନ୍ତରେ ଜଳାଶୟ ଦ୍ୱାରା ସେସବୁ ଯୋଡ଼ା ହୋଇଥିଲା ଯେପରି । ସେଠାରେ ସବୁପ୍ରକାର ଜୀବିକାର ଲୋକ ବାସ କରୁଥିଲେ, ବେଶୀ ଥିଲେ ଚାଷୀ । କାହାର ନିଜର ଜମିବାଡ଼ି ହଳବଳଦ ଥିଲା ତ କାହାର ନ ଥିଲା, ତଥାପି ଅପରର ଜମିରେ କାମକରି ଚଳିବା ଲୋକ ବେଶୀ ଥିଲେ ସେ ଅଞ୍ଚଳରେ । ଗୋଟିଏ ଗ୍ରାମର ଶେଷରେ ବ୍ରାହ୍ମଣଟିର ଚାଳଘରଟିଏ । ଗାଁ ଚାହାଳିର ଶିକ୍ଷକ ସିଏ, ମୁଖ୍ୟତଃ କାହାକାହା ଘରେ ଯଜମାନି କରି ସେମାନଙ୍କର ଗୁଜୁରାଣ ଚଳେ । ପତିପତ୍ନୀ ଦୁଇଜଣ, ଘରେ ଶ୍ରୀକୃଷ୍ଣଙ୍କର ସୁନ୍ଦର ବିଗ୍ରହ । ବ୍ରାହ୍ମଣୀ ପ୍ରତିଦିନ ପୁଷ୍କରିଣୀରେ ଗାଧୁଆପାଧୁଆ ଶେଷ କରି ସେଠାରୁ ପାଣି ନେଇ ଆସନ୍ତି, ନିଜହାତରେ କିଛି ରାନ୍ଧି ଠାକୁରଙ୍କ ପାଖରେ ନିବେଦନ କରନ୍ତି । ଯଜମାନିରୁ ଯାହା ସଞ୍ଚମିଳେ, ଶିକ୍ଷକତା କରି ମୁଖିଆଙ୍କ ଘରୁ ଯେତିକି ଅର୍ଥ ଓ ଚାଉଳ ମିଳେ, ସେତିକିରେ ସେମାନେ ସୁଖେଦୁଃଖେ ଚଳିଯା'ନ୍ତି । ବ୍ରାହ୍ମଣ ଶ୍ରୀବତ୍ସ ପଣ୍ଡିତ ପ୍ରଭାତରୁ ପୂଜାହ୍ନିକ ଶେଷକରି ପୋଥି ଧରି ବସନ୍ତି, ସନ୍ଧ୍ୟାରେ ଚାହାଳିରୁ ଫେରି ବି ସେଇପରି ଭାଗବତ ବା ଗୀତା ଧରି ବସନ୍ତି, ଧୀର କଣ୍ଠରେ ଆବୃତ୍ତି କରନ୍ତି, ଗୃହିଣୀ ଗୃହକାମରେ ରତ ଥାଇ ସେଇ ଧ୍ୱନିକୁ ମନଦେଇ ଶୁଣୁଥା'ନ୍ତି । ବେଳେ ବେଳେ ଏତେ ତନ୍ମୟ ହୋଇଯା'ନ୍ତି ସେ, ତାଙ୍କ ଅଜାଣତରେ ହାତ ରହିଯାଏ ଅରଟ ଉପରେ, ସୂତାକଟା ବନ୍ଦ ହୋଇଯାଏ । ସେଇ ସେଇ ପଦକୁ ସେ ମନରେ ଗୁଣିହେଉଥା'ନ୍ତି, ଭାଗବତର ଲୀଳା ଉପାଖ୍ୟାନମାନ ତାଙ୍କ ଆଗରେ ଜୀବନ୍ତ ଚିତ୍ରଭଳି ଭାସି ଉଠେ, ସେ ବି ସେଇ ପାତ୍ରପାତ୍ରୀଙ୍କ ସହିତ ଏକାକାର ହୋଇଯା'ନ୍ତି । ମାତ୍ର ସବୁଦିନ ତ ଆଉ ସମାନ ଯାଏ ନାହିଁ । ସେ ଅଞ୍ଚଳରେ କିଛିଦିନ ବର୍ଷା ହେଲା ନାହିଁ । ଫସଲ ଜମିରେ ଶୁଖିଗଲା । ଯାହା ସଞ୍ଚିତ ଥିଲା, ତାହା କେତୋଟି ମାସରେ ଶେଷ ହୋଇଗଲା । ଚାଉଳ ଓ ପନିପରିବାର ଦାମ ଚଢ଼ିଗଲା । ଲୋକେ ପୂଜାପାର୍ବଣ ଉତ୍ସବ ଆଦି ରୋକିଦେଲେ, ଫଳରେ ବ୍ରାହ୍ମଣଦେବତା ଯାହା ସଞ୍ଚା ଆଦି ପାଉଥିଲେ, ସେସବୁର ପରିମାଣ ବି ଦିନକୁଦିନ ହ୍ରାସ ହେବାକୁ ଲାଗିଲା । ପ୍ରତିଘର ପିଛା କିଛି ଚାନ୍ଦା, ପ୍ରତି ଗାଁ ପିଛା ବି କିଛି ଚାନ୍ଦା ଧାର୍ଯ୍ୟ ଥିଲା, ମୁଖିଆ ସେଇଥିରୁ ସପ୍ତାହକ ଲାଗି ବ୍ରାହ୍ମଣ-ଶିକ୍ଷକଙ୍କୁ ଚଳିବାକୁ ଦେଉଥିଲେ, ଅଭାବ ପଡ଼ିଲେ ମଝିରେ ମଝିରେ ତାଙ୍କୁହିଁ ଦେବାକୁ ହେଉଥିଲା । ବ୍ରାହ୍ମଣ ପରିବାର ଏଣିକି ଗୋଟିଏ ଓଳି ରାନ୍ଧି ପୂଜା ନିବେଦନ କରି ସେତିକିରେହିଁ ସନ୍ତୁଷ୍ଟ ରହୁଥିଲେ ।

ତଥାପି ବ୍ରାହ୍ମଣ ଗୃହସ୍ଥଙ୍କର ସେଥିକୁ ପରବାୟ ନାହିଁ; ପୋଥି ଅଛି ତ ସବୁ ଅଛି– ଏଇପରି ତାଙ୍କର ଭାବ ।

ପୁରୁଣାପୋଥି ସବୁ କାଢ଼ି ଝଡ଼ାଝଡ଼ି କରି ସେ ପଢ଼ିବସନ୍ତି ସୂର୍ଯ୍ୟାସ୍ତ ହେବା ଯାଏଁ । ବ୍ରାହ୍ମଣପତ୍ନୀ ସକାଳୁ ପୂଜାର ସରଞ୍ଜାମ ସଜଡ଼ାସଜଡ଼ି କରି ରଖିଦେଇ ରୋଷେଇଘରକୁ ଯାଇ ଭୋଗ ରନ୍ଧନ କରନ୍ତି । ଟିକିଏ ଲୁଣ ଛିଞ୍ଚି ସାମାନ୍ୟ ଖେଚୁଡ଼ିଟିଏ ରାନ୍ଧି ଥୋଉଥିଲେ, ଗୋଟିଏ ପିତଳ ଥାଳିରେ ଠାକୁରଙ୍କ ନୈବେଦ୍ୟ ଲାଗି । ସେଦିନ କିନ୍ତୁ ଚାଉଳ ହାଣ୍ଡି ଝଡ଼ାଝଡ଼ି କରି ଦୁଇମୁଠା ଖଣ୍ଡେ ଚାଉଳ ପାଇଲେ, ମୁଗ ଡାଲିର ହାଣ୍ଡିଟି ଖାଲି ପଡ଼ିଛି । ବଡ଼ ବିକଳ ଲାଗିଲା–ଗୃହଦେବତା ଜଗମୋହନଙ୍କ ଲାଗି ଆଉ ଏଣିକି ଗଣ୍ଡାଏ ରାନ୍ଧି ଦେଇ ପାରିବେ ନାହିଁ ଭାବି, ଠାକୁରଙ୍କ ମୁହଁଟି ତାଙ୍କୁ ଶୁଖିଲା ଲାଗିଲା । ପ୍ରତିଦିନ ଫୁଲତୁଳସୀର ପୂଜାଥାଳି ସାଙ୍ଗରେ ନୈବେଦ୍ୟଟି ରଖି ସେ ମନେମନେ ତାଙ୍କୁ ଅର୍ପଣ କରନ୍ତି, ଚାହିଁ ଦେଖନ୍ତି ଯେପରି ଜଗମୋହନ ହସୁଛନ୍ତି, ପ୍ରସନ୍ନ ଦେଖାଯାଉଛନ୍ତି, ତାଙ୍କ ହାତରନ୍ଧା ଖାଇବା ଲାଗି ଯେପରି ସେ ଅପେକ୍ଷା କରି ରହିଥିଲେ ! ସେଠାରୁ ସେ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଡାକ ଛାଡ଼ନ୍ତି, ''ଆସ ଆସ, ଟିକିଏ ଭୋଗ ଛଡ଼ାଇ ଦିଅ, ଦିଅଁଙ୍କୁ ଭୋକ ଲାଗିଲାଣି, ପିଲାଲୋକ କେତେବେଳଯାଏଁ ତୁମ ବାଟ ଚାହିଁ ବସିଥିବେ ?'' ଠିକ୍ ନିଜପିଲାଟି ପରି ସେ ଗୃହଦେବତାଙ୍କୁ ଆଦରଯତ୍ନ କରନ୍ତି ।

ମାତ୍ର ସେଦିନ ସେ ଧାଇଁଗଲେ ଅଗଣାର ଗଛଟି ଆଡ଼କୁ, ଯାହାକୁ ଆଉଜି ତାଙ୍କ ସ୍ୱାମୀ ଗୀତାପାଠ କରୁଥିଲେ– 'ଯୋଗକ୍ଷେମଂ ବହାମ୍ୟହମ୍'– ନା, ନା ତାହା କେବେ ସମ୍ଭବ ନୁହେଁ, ହେବା ଉଚିତ– 'ଯୋଗକ୍ଷେମଂ ଦଦାମ୍ୟହମ୍' । ଶ୍ରୀଭଗବାନ୍ କ'ଣ ଆମ ପାଇଁ ବହନ କରି ଆଣିବେ ? ଆମର ସୁଖଦୁଃଖରେ ସହାୟ ସିଏ, ଆମ ପ୍ରାର୍ଥନା ପୂରଣ କରନ୍ତି ସତ, ତେବେ ଭକ୍ତର ଯୋଗକ୍ଷେମ ବହନ କରି ଆଣନ୍ତି– ସେଇ କଥାଟା ମୋ ମନକୁ ପାଉ ନାହିଁ, ମୁଁ ବିଶ୍ୱାସ କରି ପାରୁ ନାହିଁ । ବ୍ୟାସଦେବ ଭୁଲବଶତଃ ଏଇ ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ଭଗବାନ୍ ଜଗଦୀଶ୍ୱର, ଜଗନ୍ନାଥ– ବିରାଟ ବିପୁଳ, ଚିନ୍ତାର କଳ୍ପନାର ଅତୀତ ସିଏ– ଅଗମ୍ୟ ଅଗୋଚର; ତେବେ ଶୁଦ୍ଧ-ମନର ଗୋଚରକୁ ସେ ଆସନ୍ତି । ତାଙ୍କ ସଂପର୍କରେ ଏପରି ଧାରଣା କରିବା ଅର୍ଥ ତାଙ୍କୁ ତଳକୁ ଟାଣି ଆଣିବା । ଜ୍ଞାନ-ମୁକ୍ତିର ପ୍ରଦାତାଙ୍କୁ ବାହକ ପଦକୁ ଓଟାରି ଆଣିବା ଭଳି ଏ କଥା ପଦକ ମୋର ପରତେ ଯାଉ ନାହିଁ । ତେଣୁ ଏହା ହେବା ଉଚିତ 'ଯୋଗକ୍ଷେମଂ ଦଦାମ୍ୟହମ୍'– ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି କଥାଟି ନିଶ୍ଚୟ କହିଥିବେ । ଗୀତାର ରଚୟିତା ନିଜ ମନର ଛାୟାପାତ କରି ଶ୍ରୀକୃଷ୍ଣଙ୍କ ବକ୍ତବ୍ୟକୁ ଅନ୍ୟଭାବରେ ପ୍ରକଟ କରିଛନ୍ତି– ମନକୁ ମନ ବ୍ରାହ୍ମଣ ପଣ୍ଡିତ ଯୁକ୍ତିତର୍କ କରୁଥା'ନ୍ତି ବକ୍ତବ୍ୟର ସ୍ୱପକ୍ଷ ଓ ବିପକ୍ଷରେ । ଶେଷରେ ଏଇ ନିଷ୍କର୍ଷରେ ପହଞ୍ଚିଲେ ଯେ ମହର୍ଷି ବେଦବ୍ୟାସ ମହାଭାରତ ଯୁଦ୍ଧକାଳରେ ଅର୍ଜୁନଙ୍କ ଆଗରେ ଶ୍ରୀକୃଷ୍ଣଙ୍କ ମାହାତ୍ମ୍ୟ ବଢ଼ାଇବାକୁ ଯାଇ ଯଦିବା ଏପରି କହିଥା'ନ୍ତି, ତଥାପି ଯୋଗେଶ୍ୱର ଯୋଗକ୍ଷେମକୁ କେବେହେଁ ବହନ କରି ଆଣିବେ ନାହିଁ, ଆଣିବାର କଳ୍ପନା କରିବା ଗୀତା-ରଚୟିତାଙ୍କର ଏକ ମହାନ୍ ଭ୍ରମ । ଯାହାଙ୍କ ନିର୍ଦ୍ଦେଶରେ ଚରାଚର ଜଗତ ସର୍ବଦା ଗତିଶୀଳ, ଏହିପରି ବିଭୁପରମେଶ୍ୱରଙ୍କୁ ସାମାନ୍ୟ ବାହକ ଭାବରେ କଳ୍ପନା କରିବା, କଳ୍ପନା-ନେତ୍ରରେ ସେ ରୂପକୁ ଦର୍ଶନ କରିବା ବି ମୋ ପକ୍ଷରେ ପାପ ।

ଏହିପରି ସନ୍ଦିଗ୍ଧ ଚିତ୍ତରେ ବ୍ରାହ୍ମଣ ନିଜର ବୁଜୁଳିରୁ ଲେଖନୀଟି ବାହାର କରି ପୋଥି ଦେହରୁ 'ବହାମ୍ୟହମ୍' ପଦଟି କାଟିଦେଲେ ଓ ସେ ଜାଗାରେ ଲେଖନୀ ମୁନରେ ଲେଖିଦେଲେ 'ଦଦାମ୍ୟହମ୍' । ଗୃହିଣୀ ଯେ କେତେବେଳଠୁ ଟିକିଏ ବ୍ୟବଧାନରେ ତାଙ୍କୁ ଡାକି ଚାଲିଛନ୍ତି ଓ କଥା କହି ଚାଲିଛନ୍ତି ସେଥିପ୍ରତି ନଜର ନାହିଁ । ଯେତେବେଳେ କାନରେ ବାଜିଲା– 'କାଲିଠୁ ଆଉ ଭୋଗରନ୍ଧା ହେବ ନାହିଁ', ହଠାତ୍ ତାଙ୍କର ଧ୍ୟାନ ଭଙ୍ଗ ହେଲା । ବ୍ରାହ୍ମଣ ପଚାରିଲେ – କ'ଣ କଥା, କାହିଁକି ଏପରି କହୁଛ ?

ଧର୍ମପତ୍ନୀ ତାଙ୍କୁ ଗୃହସ୍ଥଳୀର ଅବସ୍ଥା ବୁଝାଇଲେ । ସକାଳ ବେଳା ଯେ ଥରେ ମାତ୍ର ଅନ୍ନ ପରଷା ହେଉଥିଲା ଜଗମୋହନଙ୍କ ଆଗରେ, ତାହା ତଣ୍ଡୁଳ ଅଭାବରୁ ବନ୍ଦ ରହିବ ଆଉ ସନ୍ଧ୍ୟାରେ ନୁଖୁରା ବଳିତା ପ୍ରଦୀପରେ ଦେବାକୁ ହେବ– ଏହା ଜାଣି ବ୍ରାହ୍ମଣ ମଧ୍ୟ ବ୍ୟଥିତ ହେଲେ । କହିଲେ, ଆଚ୍ଛା, ମୁଁ ଏବେ ମୁଖିଆଙ୍କୁ ଦେଖାକରି କିଛି ଯଦି ବ୍ୟବସ୍ଥା କରିପାରିବି, ତାହାରି ଚେଷ୍ଟା କରେ, ଫେରିଲେ ପୂଜାରେ ବସିବି ।

ଦେଖିଲ, କେମିତି ଭୁଲକଥାଟିଏ ପୋଥିରେ ଲେଖାଅଛି– ଭଗବାନ୍ ଏ ଜଗତର ସୃଜନକାରୀ ପାଳନକାରୀ, ଯେଉଁଠି ଯେତିକି ପ୍ରାଚୁର୍ଯ୍ୟ ସମ୍ପଦ ଦେବାର କଥା, ସେଠି ତାହାର ବ୍ୟବସ୍ଥା ସେ କରିଥା'ନ୍ତି ସତ, ମାତ୍ର ବେଠିଆଟିଏ ଭଳି ସମ୍ରାଟଙ୍କୁ ଚିତ୍ରିତ କରାହୋଇଛି ଏଇ ଶାସ୍ତ୍ରରେ । ହୁଏତ

ମୂଳ ଗ୍ରନ୍ଥକାର ଲେଖି ନ ଥିବେ ଏ କଥା, ମାତ୍ର ମୂଳ ପୋଥିକୁ ଉତାରିବାକୁ ଯାଇ ଭୁଲଟି ହୋଇଯାଇଛି । ଆଉ ତାହାହିଁ ଗଡ଼ି ଆସୁଛି ଆଜିଯାଏଁ ।

ପତ୍ନୀ ବ୍ରାହ୍ମଣଙ୍କର ଦାର୍ଶନିକ ଦୃଷ୍ଟିଭଙ୍ଗୀ କିଛି ବୁଝିପାରିଲେ ନାହିଁ, ଖାଲି କହିଲେ– କ'ଣ ହେଲା, ସେ ଆମର ପରମ ଆତ୍ମୀୟ, ପିତାମାତା, ଭାଇବନ୍ଧୁ, ପ୍ରିୟ ପରିଜନ; ସେ ଯଦି ଆମକୁ ଆପଣାର ଭାବୁଥିବେ, ଆମ ପାଇଁ କିଛି ବହନ କରି ଆଣିବାକୁ କୁଣ୍ଠା ବୋଧକରିବେ କାହିଁକି, କିଛି ବୁଝିପାରୁ ନାହିଁ । ସେ କ'ଣ ଦୂରର କେହି ଯେ ତାଙ୍କ ବିଷୟରେ ଏପରି ଭାବୁଛ ?

ବ୍ରାହ୍ମଣ ଦେଖିଲେ ନିର୍ବୋଧ ସ୍ତ୍ରୀ, ତାଙ୍କୁ ବୁଝାଇବାକୁ ଚେଷ୍ଟା କରିବା ବୃଥା । ସେ କାନ୍ଧରେ ଗାମୁଛାଟିଏ ପକାଇ ଗାଁ ମୁଖିଆଙ୍କୁ ଦେଖା କରିବାକୁ ବାହାରିଗଲେ । ଇତ୍ୟବସରେ ଗୃହିଣୀ ନୁଆଁଣିଆ ରୋଷେଇ ଘରେ ପଶି ଚୁଲି ଧରାଇଲେ । ଯତ୍ନକରି ସେତିକ ଚାଉଳ ଧୁଆଧୋଇ କରି ହାଣ୍ଡିରେ ବସାଇଦେଲେ । ବାରଂବାର ଦାଣ୍ଡ ଦୁଆରକୁ ଉଙ୍କି ମାରୁଥା'ନ୍ତି ସ୍ୱାମୀ କେବେ ଫେରିବେ । ଖରା ମାଡ଼ିଆସିଲାଣି, ଗୃହଦେବତା ଏତେବେଳଯାଏଁ ଅଭୁକ୍ତ । ପ୍ରାଣଠୁ ପ୍ରିୟ ଏଇ ଦେବତା କିଏ ଜାଣେ କାଲି କ'ଣ ହେବ । ଅନ୍ନ ଗଣ୍ଡାଏ ରାନ୍ଧି ଦେଇପାରିବେ ନାହିଁ ଭାବି ଆଖି ଅଶ୍ରୁ-ସଜଳ ହୋଇଗଲା । ଧାଇଁ ଯାଇ କଳାମୁଗୁନି ପଥରର ମୁରଲୀଧରଙ୍କୁ ଟିକିଏ ଚାହିଁ ଦେଇ ଆସିଲେ, ଲାଗିଲା ଯେପରି ଆଦରଯତ୍ନ ଅଭାବରୁ ପ୍ରଭୁ କ୍ଷୀଣ ହୋଇ ଯାଇଛନ୍ତି, ଲୁଗାକାନିରେ ଆଖିକୋଣ ପୋଛି ପକାଉଥା'ନ୍ତି ନିଜର । ଭାତହାଣ୍ଡି ଚୁଲିରୁ ଉତାରି ଅରଟ ପାଖରେ ବସିବାକୁ ଯାଉଥା'ନ୍ତି, କାହାର ମିଠାଗଳାର ସଂଗୀତ ଯେମିତି ରାସ୍ତା ଉପରୁ ଶୁଣାଗଲା, ଝରକା ବାଟଦେଇ ଚାହିଁଲେ, ଦୂରରୁ କେହି ଜଣେ ସୁନ୍ଦର ଚେହେରାର ପିଲାଟିଏ ମୁଣ୍ଡରେ ବୋଝ ବୋହି ଆସୁଛି । କାହିଁ ଏ ଗାଁର ପିଲାଟି ପରି ତ ମନେହେଉ ନାହିଁ । ଆହା କି ସୁନ୍ଦର ଗଳା– ଗୀତ ଯେମିତି ଶ୍ରୋତାକୁ ଆକର୍ଷଣ କରିନେଉଛି । ବ୍ରାହ୍ମଣୀଙ୍କ ହୃଦୟତନ୍ତ୍ରୀକୁ ଛୁଉଁଛି– ତାଙ୍କୁ ଅଥୟ କରୁଛି ପିଲାଟିକୁ ଦେଖିବାକୁ, ତା'ର ସନ୍ନିକଟକୁ ଯିବାକୁ, ତାକୁ କୁଣ୍ଢାଇ ପକାଇ ଆଦର କରିବାକୁ । ଚାହୁଁ ଚାହୁଁ କିଶୋର ବାଳକଟି ଆସି ତାଙ୍କ ଘରପାଖ ହେଲାଣି । ବ୍ରାହ୍ମଣୀ ଯେ ଝରକା ଛାଡ଼ି କେତେବେଳେ ଦାଣ୍ଡଦୁଆରକୁ ଚାଲି ଆସିଛନ୍ତି ନିଜେ ଜାଣି ପାରିଲେ ନାହିଁ । ଦେଖିଲେ ୧୪/୧୫ ବର୍ଷର ସୁଦର୍ଶନ ବାଳକଟିଏ, ''ଗାଁର ସବୁ ପିଲାଙ୍କୁ ତ ମୁଁ ଜାଣେ, ଇୟେ କାହାର ପୁଅ ମୁଁ ତ ଠଉରାଇପାରୁ ନାହିଁ, ଆହା କି ସୁନ୍ଦର ! ଚିକ୍କଣ ସାବନା ରଙ୍ଗ ଅଥଚ ଅତି ପରିଚିତ ଭଳି ଲାଗୁଛି, ଅଣ୍ଟାରେ ବଇଁଶୀଟିଏ ଖୋସା ହୋଇଛି । ପିଲାଟି ଗାଁ ବାଟଦେଇ ଆସି ଆସି ଏଇ ଦୁଆର ପାଖରେ କାହିଁକି ଅଟକିଲା ? ଦୁହେଁ ଦୁହିଁଙ୍କୁ ଚାହିଁଲେ, ପିଲାଟି ଟିକିଏ ହସିଲା ଓ ମୁଣ୍ଡ ଉପରୁ ବୋଝଟି ଉତାରିଲା । ବେକରୁ ଗାମୁଛାଟି କାଢ଼ି ମୁହଁ ପିଠି ବେକ ପୋଛି ପକାଇଲା, ସେତେବେଳେ ବ୍ରାହ୍ମଣୀଙ୍କ ନଜର ପଡ଼ିଲା– ପିଠିରେ ଦୁଇଟି ପାହାର ବସି ଥିବାର ଦାଗ, ଆହା କିଏ ଏହାର ମାଲିକ ? ମଣିଷ ପୁଣି ଏଡ଼େ ନିଠୁର ହୋଇପଡ଼େ, ସୁକୁମାର କିଶୋରଟିକୁ କି କାରଣରୁ ଏମିତି ପିଟିଛି ? ପଚାରିଲେ, ''ଆରେ, ତୋ ପିଠିରେ ବେତରେ ଦୁଇପାହାର କିଏ ପିଟିଛି, କ'ଣ ପାଠଶାଳାର ଶିକ୍ଷକ ?'' ପିଲାଟି ହସିଦେଇ କହିଲା– ''ନା, ମା, ଏଇଘରର ଗୃହସ୍ୱାମୀ, ଦେଖୁନା କେମିତି ଦୁଇଟି ଗାର ଟାଣି ଦେଲା ଭଳି ପାହାର ବସାଇ ଦେଇଛନ୍ତି । ଦୋଷ କ'ଣ ନା– ମୁଁ କାହିଁକି କାହା ହାତରେ ନ ଦେଇ, ନିଜେ ବୋହି ଆଣୁଛି !'' ମାଡ଼ଟି ସମ୍ବନ୍ଧରେ କହିଲେ ମଧ୍ୟ ଯେମିତି କୌତୁକ କରୁଛି– ତାକୁ ଏହା ପୀଡ଼ା ଦେଉ ନାହିଁ– ଦଣ୍ଡଦାତାର ବିରୋଧରେ ଅଭିଯୋଗ ରହିଛି ଅଥଚ ରାଗ କି ବିଦ୍ୱେଷ ନାହିଁ ! ବ୍ରାହ୍ମଣୀ କିଛି ବୁଝି ପାରିଲେ ନାହିଁ । ସେ ପଣତ କାନିରେ ବାଳକର ପୃଷ୍ଠଦେଶ ପୋଛିଦେଲେ ଯେମିତି ମାତୃସ୍ନେହ ଦେଇ କ୍ଷତଚିହ୍ନଟିକୁ ନିରାମୟ କରିଦେବେ । ଏତେବେଳଯାଏଁ ବୋଝ ଆଡ଼କୁ ନଜର ପଡ଼ି ନାହିଁ । ବ୍ରାହ୍ମଣୀ ବୁଝିପାରିଲେ ନାହିଁ– ତାଙ୍କ ସ୍ୱାମୀ ତ ଜମା କଠୋର ନିର୍ମମ ନୁହନ୍ତି ବାଳକଟିକୁ କି ଦୋଷରେ ମାରିଲେ, ବୋଧହୁଏ ପରିବେଶର ରୁକ୍ଷତା, ଘରର ଅଭାବ ତାଙ୍କ ସଂବେଦନଶୀଳତାକୁ ଟାଣ କରି ଦେଇଛି । ତଥାପି– ଏହା ଅନ୍ୟାୟ, ଘୋର ଅନ୍ୟାୟ, ଚରମ ହୃଦୟହୀନତା !

ତାଙ୍କ ଭାବନାକୁ ବାଧା ଦେଇ ସୁନ୍ଦର କିଶୋରଟି କହିଲା, ''ମା, ଏଇ ବୋଝଟିକୁ ଆପଣ ରଖନ୍ତୁ, କର୍ତ୍ତା ପଠାଇଛନ୍ତି ।'' ବ୍ରାହ୍ମଣୀଙ୍କ ଦୃଷ୍ଟି ସେତେବେଳେ ଯାଇଁ ବୋଝ ପାଛିଆ ଉପରେ ପଡ଼ିଲା– ଟୋକେଇଟିରେ ଭଲ ଚାଉଳ, ଡାଲି, କିଛି ପନିପରିବା, କେତୋଟି ଦରପାଚିଲା ଆମ୍ବ, ପଣସ, ଛୋଟ ଠେକିଟିରେ କଦଳୀପତ୍ର ବନ୍ଧା ହୋଇ କିଛି

ଘିଅ... ଇତ୍ୟାଦି ଇତ୍ୟାଦି ସରଞ୍ଜାମ ରହିଥିବାର ସେ ଦେଖିଲେ । ପଚାରିଲେ– ବାବୁ ! ଏସବୁ ତୁମେ ଭୁଲ୍‌ରେ ଏଠାକୁ ନେଇ ଆସିଛ, ଆମ ପାଖକୁ କିଏ କାହିଁକି ପଠାଇବ ? ଏ ଗୃହସ୍ୱାମୀ ତ ଗାଁ ପଧାନଙ୍କ ଘରକୁ ଯାଇଛନ୍ତି କିଛି ଚାଉଳ ମାଗିବା ସକାଶେ ।

ବାଳକଟି ଜୋର ଦେଇ କହିଲା– ମୋର ଭୁଲ ହୁଏ ନାହିଁ, ମା, ଏହା ତୁମ ଘର ଲାଗିହିଁ ପଠାହୋଇଛି, ମୁଁ ପରା ଭାର ବୋହି ଆଣିଛି ।

ବ୍ରାହ୍ମଣୀ ଟିକିଏ ଆଶ୍ଚର୍ଯ୍ୟ ହୋଇଗଲେ– କ'ଣ ଗାଁ ପଧାନ ଆମ ଉପରେ ଏତେ ସନ୍ତୁଷ୍ଟ ଯେ ଏତେ ସବୁ ଜିନିଷ ଏମିତି ସଜାସଜି କରି ପଠାଇଛି, ଆଚ୍ଛା ବାବୁ, ଆମ ଗୃହସ୍ୱାମୀ କ'ଣ ସେଇଠି ଥିଲେ, ସେ କ'ଣ ଏଇ ଦାନ ଗ୍ରହଣ କରିବାକୁ ସମ୍ମତି ଦେଇଛନ୍ତି ? ଆହା ତୁମ ଭଳି କଅଁଳିଆ ପିଲାଟି ମୁଣ୍ଡରେ ଏତେ ଭାରୀ ବୋଝ, ତୁମକୁ ବହୁତ କଷ୍ଟ ହୋଇଥିବ ।

ବାଳକଟି କହିଲା– ଯିଏ ମୋତେ ଆପଣାର ଭାବେ, ତା' ପାଇଁ ସବୁ କଷ୍ଟ ମୁଁ ସହିପାରେ, ଭାର ମୋତେ ଭାର ଭଳି ବୋଧହୁଏ ନାହିଁ । ସେ ଯଦି ମୋ ଆଡ଼କୁ ପାଦେ ଆଗେଇ ଆସେ, ଦଶପାଦ ମୁଁ ତା ଆଡ଼କୁ ଯାଏ । ଯିଏ ଅବିଶ୍ୱାସ କରେ, ଯୁକ୍ତିତର୍କ କରେ ତା'କୁ ମୁଁ ଧରା ଦିଏ ନାହିଁ ।

ବ୍ରାହ୍ମଣୀ ଚକିତ ହୋଇ କିଶୋରଟିର କଥା ଶୁଣୁଥା'ନ୍ତି– ମଧୁ ଅଛି ଯେମିତି । ଅର୍ଥ ବୁଝିବାକୁ ଚେଷ୍ଟା ନ କରି ଖାଲି ଅପଲକ ଚାହାଣିରେ ସେଇ ରୂପମାଧୁରୀକୁ ଧରି ରଖିବାକୁ ସେଇ ସୁଧାବର୍ଷିଣୀ ବାଣୀକୁ ବାରବାର ଶୁଣିବାକୁ ଇଚ୍ଛା ହେଉଥାଏ । କିଶୋରଟି ବୋଝଟିକୁ ଟେକି ଘର ଭିତରକୁ ନେଇ ଆସିଲା । ବ୍ରାହ୍ମଣୀ ସେଇଟିକୁ ଧରାଧରି କରି ଘରକୋଣରେ ରଖିଦେଲେ । ସେଇଠି କାଷ୍ଠବେଦୀ ଉପରେ ଠିଆହୋଇଥିବା ଶ୍ରୀକୃଷ୍ଣଙ୍କର ମୂର୍ତ୍ତିଟିକୁ ଟିକିଏ ଚାହିଁ ହସିଲା ପିଲାଟି । ତା' ପୃଷ୍ଠଦେଶରେ ଦୁଇଟି କ୍ଷତ ପୁଣି ଥରେ ବ୍ରାହ୍ମଣୀଙ୍କ ଆଖିରେ ପଡ଼ି ତାଙ୍କ ହୃଦୟ ବିଦାରି ଦେଲା ପରି ଲାଗିଲା, ସେ ଅନ୍ୟମନସ୍କା ହୋଇ ପଡ଼ିଲେ ।

ଇତ୍ୟବସରେ କିଶୋରଟି ଦୁଆର ବନ୍ଧ ଡେଇଁ ପାହାଚ ତଳକୁ ଓହ୍ଲାଇ ଗଲାଣି । ପଛକୁ ଫେରି ଚାହିଁଲା ସିଏ, ଆଖିରେ ଦୁଷ୍ଟାମିର ହସ– କିଛି ଅର୍ଥ ବହନ କରୁଥିବା ଭଳି ମନେ ହେଉଥିଲା । ସେଇ ପୁରୁଣା ସୁରରେ ଗୀତ ଗାଇ ଗାଇ ସେ ଦୂରରୁ ଦୂରକୁ ଚାଲି ଯାଉଥିଲା, ଅତି ପ୍ରିୟପରିଜନ କେହି ଘର ଛାଡ଼ି ଚାଲିଗଲେ ଯେପରି ସବୁ ଶୂନ୍ୟ ବୋଧହୁଏ, ଘଡ଼ିକ ମାତ୍ର ସମୟ ସହସ୍ର ଘଡ଼ି ପାରି ହୋଇଗଲା ପରି ବ୍ୟଥାଦାୟକ ହୋଇଉଠେ, ଅଜାଣତରେ ଭିତରଟା ଶୂନ୍ୟବୋଧ ହୁଏ । ତାହାରି ଚାଲିଯାଉଥିବା ଗୀତସ୍ୱରକୁ କାନ ଡେ଼ରି ଥିବାରୁ ବ୍ରାହ୍ମଣୀ ତାଙ୍କ ସ୍ୱାମୀଙ୍କର ଘର ବାହୁଡ଼ା ପଦଶବ୍ଦ ଶୁଣିପାରି ନାହାନ୍ତି । ଯେତେବେଳେ ଶୁଣିଲେ– ''ଗାଁ ପଧାନ ସାମାନ୍ୟ କିଛି ଦେଇଛନ୍ତି, ସେ ବି ତ ପିଲାଛୁଆ ଧରି ଘର କରିଛନ୍ତି, ମରୁଡ଼ିକୁ କାହାର ଡର ନାହିଁ ?'' ତାଙ୍କର ମନ ବାସ୍ତବକୁ ଫେରିଲା ।

ବ୍ରାହ୍ମଣୀ ତ ସ୍ୱାମୀଙ୍କ ଉପରେ ଅସନ୍ତୁଷ୍ଟ ଥିଲେ । ସେ କଥା ନ ଶୁଣି କହି ପକାଇଲେ– କେଡ଼େହେଁ ମାରିଛ ସେ ପିଲାଟିକୁ ? ମୁହଁଟି ତା'ର କି ମନୋହର, ଆଖି ଦୁଇଟିରେ ଯେମିତି ଯାଦୁ ରହିଛି, ଗଳାର ସ୍ୱର କେଡ଼େ ମିଠା, ଦେଖିଲେ କୋଳେଇ ନେବାକୁ ଇଚ୍ଛା ହେବ । ତା' ପିଠିରେ ବେତରେ ମାଡ଼ ଦେଇଛ– ଯେମିତି ଲୁହାକଣ୍ଟାରେ ଛେଦି ଦେଇଛ ।

ବ୍ରାହ୍ମଣ ଗୃହସ୍ୱାମୀ ଆକାଶରୁ ପଡ଼ିବା ଭଳି ପଚାରିଲେ– କେଉଁ ପିଲା କଥା କହୁଛ ? ଏଇତ ମୁଁ ମୁଖିଆ ଘରୁ ଆସିଲି ତୁମ ପାଇଁ ସପ୍ତାହକ ଲାଗି ଚାଉଳ ଦୁଇ ମାଣ ନେଇ, କେଉଁ ପିଲାକୁ ତ ଏତେ ଖରାରେ ଗାଁ ଦାଣ୍ଡରେ ଦେଖି ନାହିଁ ଆଉ ମାରିବି ଅବା ମୁଁ କାହିଁକି ? ବ୍ରାହ୍ମଣୀ ତାଙ୍କଠୁ କଥା ଛଡ଼ାଇ ନେଇ କହିଲେ– ଏଡ଼େ ସରଳିଆ ହସଟା ତା'ର, ସେ ତ କେବେ ମିଛ କହି ନ ଥିବ, କହିଲା– ଏଇ ଘରର ଗୃହସ୍ୱାମୀ ତାକୁ ଦୁଇଘାତ ମାରିଛନ୍ତି– କାହିଁକି ନା ସେ କେବଳ ଦିଏ ନାହିଁ, ଦରବ ଜିନିଷ ନିଜେ ଆଣି ପହଞ୍ଚାଇ ଦିଏ । ଦେଖିବ ଆସୁନ କେଡ଼େ ବୋଝଟାଏ ସେ ମୁଣ୍ଡରେ ଥୋଇ ଏ ଘରଯାଏଁ ଆଣିଛି । ଏସବୁ କ'ଣ ଗାଁ ପ୍ରଧାନ ଆମ ଲାଗି ପଠାଇଛି ? – ଏହା କହି ସେ ସ୍ୱାମୀଙ୍କ ହାତଧରି ଘର ଭିତରକୁ ଟାଣି ନେଲେ । ଦୁଆର ବନ୍ଧ ପାରିହୋଇଛନ୍ତି କି ନାହିଁ ଅପୂର୍ବ ସୁଗନ୍ଧରେ ଘରଟା ମହକୁଛି ବୋଲି ଚମକି ପଡ଼ିଲେ ଦୁହେଁ । ଟୋକେଇଟିରେ ପାଖକୁ ପାଖ ଲାଗି ନାନା ଦରବ ଭରା, କିଏ ସେ ଏହା ପଠାଇଲା, କିଏ ଅବା ବୋହି କରି ଆଣିଲା ? ବ୍ରାହ୍ମଣ ଅବାକ୍ ବିସ୍ମୟରେ ଚାହିଁ ରହିଲେ, ପତ୍ନୀ ମଧ୍ୟ ସ୍ୱାମୀଙ୍କ ମୁହଁକୁ ଚାହିଁ ବିଷୟଟିର ଗଭୀର ଅର୍ଥ ରହିଛି ବୋଲି ଭାବିବାକୁ ଆରମ୍ଭ କଲେ ।

କିଛିକ୍ଷଣ ପରେ ସଂବିତ୍ ଫେରିଲା ତାଙ୍କର ।

ବ୍ରାହ୍ମଣଗୃହସ୍ଥ ସକାଳେ ଯେଉଁଠି ପୋଥି ରଖିଥିଲେ ଧାଇଁଗଲେ ସେଠାକୁ । ପୋଥିରେ ଆଜି ପାଠ କରିଥିବା ଶ୍ଳୋକଦୁଇଟିକୁ ଅଣ୍ଡାଳି ପକାଇଲେ– ସତରେ ସେ ତ ଗୀତାପୋଥିରେ 'ବହାମି' ସ୍ଥାନରେ ଦୁଇଟି ଲେଖନୀ-ଗାର ଟାଣି ଦେଇଛନ୍ତି ଓ ଉପରେ 'ଦଦାମି' ଲେଖିଛନ୍ତି । ହାୟ, କି ମୂର୍ଖ ମୁଁ ଭାଗବତ-ପ୍ରତିଶ୍ରୁତିକୁ ମାନୁଷୀ ଅଜ୍ଞାନ ବଶରେ ସନ୍ଦେହ କଲି ! ଏ ତ ପୋଥି ନୁହେଁ, ସାକ୍ଷାତ୍ ଭାଗବତ ଶରୀର, ସ୍ୱୟଂ ଭଗବାନଙ୍କର ଶ୍ରୀମୁଖନିଃସୃତ ଜୀବନ୍ତ ବାଣୀ । ମୋର ଭୁଲ କ୍ଷମାକର ପ୍ରଭୁ, ମୋର ଭ୍ରମ ସଂଶୋଧନ କରିବାକୁ ଖରାତରାରେ ମୁଣ୍ଡରେ ବୋଝ ବୋହି ତୁମେ ସ୍ୱୟଂ ଆସିଲ ମୋ ଦୁଆରକୁ । ହତଭାଗ୍ୟ ମୁଁ, ତାହା ବି ଦର୍ଶନ କରିବାର ସୁଯୋଗ ମୋତେ ଦେଲ ନାହିଁ ।' ପତ୍ନୀଙ୍କ ଆଡ଼କୁ ଚାହିଁ କହିଲେ– ସେ ଯେ ଆମକୁ ସ୍ନେହ କରନ୍ତି, ଆମର ସୁଖଦୁଃଖରେ ତାଙ୍କର ବି ଭାଗ ଅଛି, ସଦାସର୍ବଦା ଆମେ ତାଙ୍କ ଆଖିର ସମ୍ମୁଖରେ ରହିଛୁ– ଏକଥା ମୁଁ ଭୁଲିଯାଇଥିଲି । ମୋର ଭୁଲଧାରଣାକୁ ସଜାଡ଼ିବା ଲାଗି ସେ ନିଜେ ବୋଝ ବୋହି ତୁମକୁ ଦର୍ଶନ ଦେଇଗଲେ । ବ୍ରାହ୍ମଣୀ, ତୁମେ ଧନ୍ୟ, ତୁମର ପିତାମାତା ଧନ୍ୟ, ସରଳ ଭକ୍ତି ଓ ବିଶ୍ୱାସରେ, ଦୃଢ଼ନିଷ୍ଠା ବଳରେ ତୁମେ ତାଙ୍କ ଦର୍ଶନ ପାଇଲ । ସେ କେବଳ ଯୋଗେଶ୍ୱର ନୁହନ୍ତି, ଆମର ପରମ ଆତ୍ମୀୟ ବି, ସେଥିପାଇଁ କ୍ଷେମ ମଧ୍ୟ ତାଙ୍କଠାରେ ସୁରକ୍ଷିତ ରହିଥାଏ, ଯଥାକାଳରେ ସେ ତାହା ଆମକୁ ଦେଇଥା'ନ୍ତି ।

ବ୍ରାହ୍ମଣ ପୁଣିଥରେ ସ୍ନାନ କରି ନୈବେଦ୍ୟ ଦେବାଲାଗି ଉଠିଗଲେ । ପତ୍ନୀ ସେଇଠାରେ ବସିରହି ଦେଖିଥିବା ସେଇ ରୂପକୁ ଅନ୍ତରରେ ନିବଦ୍ଧ କରି ରଖୁଥା'ନ୍ତି, ସେଇ ବାଣୀକୁ ଆପଣା ଶ୍ରୁତିରେ ଆପୂରିତ କରି ବାରବାର ଶୁଣୁଥା'ନ୍ତି, ଭାବୁଥା'ନ୍ତି– 'ଜୀବନ ମୋର ଧନ୍ୟ ହେଲା, ଖାଲି ମୁଁ ତାଙ୍କୁ ଇଷ୍ଟରୂପେ ଗ୍ରହଣ କରି ନାହିଁ, ତାଙ୍କ ଦ୍ୱାରା ଗୃହୀତ ହୋଇଛି ମଧ୍ୟ ମୁଁ, ଅତୀତର ଯେତେ ଜନ୍ମ ଓ ଭାବୀକାଳରେ ଯେତେ ଜନ୍ମ ମୁଁ ଗ୍ରହଣ କରିବି– ହେ ପ୍ରଭୁ ! ସେ ସବୁ ମୁଁ ଅକୁଣ୍ଠଚିତ୍ତରେ ତୁମକୁହିଁ ସମର୍ପଣ କରୁଛି, ବାରଂବାର ଯେପରି ସମର୍ପଣ କରେ, ତୁମେ ମୋତେ ଅକଳ୍ମଷ ଶୁଦ୍ଧା ଭକ୍ତି ଦିଅ ।

ଏଇପରି ଭାବୁଛନ୍ତି, ଆକାଶରେ ହଠାତ୍ ପ୍ରଚଣ୍ଡ ଘଡ଼ଘଡ଼ିର ଶବ୍ଦ ଶୁଣି ସେ ଚମକି ପଡ଼ିଲେ । ଚାହିଁ ଦେଖିଲେ ପୂର୍ବାକାଶରେ କଳାମେଘ ଘୋଟି ଆସିଲାଣି ଯେପରି ଅନ୍ତରର ଶ୍ୟାମଘନ ଆକାଶ ବକ୍ଷରେ ବିସ୍ତାରିତ ହୋଇ ଛାଇ ଯାଇଛନ୍ତି । ଯେଉଁଠି ପ୍ରିୟ କୃଷ୍ଣଙ୍କର ପଦରଜ ପଡ଼ିଛି, ସେ ଭୂଇଁ କ'ଣ ଶୁଷ୍କ ଊଷର ହୋଇ ରହିପାରେ ବେଶୀ ଦିନ– ଏହା ମନେ ପକାଇ କୃତଜ୍ଞତାରେ ତାଙ୍କ ଅନ୍ତର ଭରିଗଲା । ସେ ଗୃହ ଭିତରକୁ ଉଠିଗଲେ ଦେବତାଙ୍କ ନିକଟରୁ ନୈବେଦ୍ୟଟି ନେଇ ସ୍ୱାମୀଙ୍କ ଲାଗି ବାଢ଼ି ଦେବାଲାଗି ।

ଆମେ ତାଙ୍କୁ ଦୂରସ୍ଥ ଭାବୁ, ମାତ୍ର ସେ ଯେ ନିକଟରୁ ବି ନିକଟତର । ଯୁକ୍ତି ଦ୍ୱାରା ତାଙ୍କୁ ଆପଣା ମନୋଯୋଗୀ ସିଦ୍ଧାନ୍ତରେ ଥୋଇବାକୁ ଚେଷ୍ଟା କରୁ, ମାତ୍ର ସେ ଯେ ସଦା ମୁକ୍ତ ଅବନ୍ଧନ । କେବଳ ଭକ୍ତିର ଡୋରିରେହିଁ ସେ ଧରା ଦିଅନ୍ତି । ସେଥିପାଇଁ ଶ୍ରୀମା କହିଛନ୍ତି :

କିନ୍ତୁ ସେ (ପୁରୁଷୋତ୍ତମ) ଆମ ସମସ୍ତଙ୍କ ସହ ସର୍ବଦା ରହିଛନ୍ତି ଏବଂ ଆମେ ସମସ୍ତେ ତାଙ୍କ ସହିତ ନିରନ୍ତର ସଂପର୍କ ରକ୍ଷା କରିପାରୁ ଯଦି ଯାହା ଆବଶ୍ୟକ ତାହା କରିପାରୁ, ସେଇଟି ହେଉଛି ସରଳଭାବେ ତାଙ୍କୁ ଭଲପାଇବା ।

(ଶ୍ୱେତ ଗୋଲାପ)

ଅନ୍ୟ ଏକ ସ୍ଥାନରେ ସେ କହିଛନ୍ତି : ସରଳ ହୃଦୟର ଏକାନ୍ତ ଭଲପାଇବା ନିକଟରେ ସେ ସହଜଲଭ୍ୟ, ଯୁକ୍ତିପୂର୍ଣ୍ଣ ମନ ବା ସନ୍ଦିଗ୍ଧଚିତ୍ତ ବ୍ୟକ୍ତି ନିକଟରୁ ସେ ନିଜକୁ ଦୂରେଇ ରଖନ୍ତି, ସହଜରେ ଧରାଦିଅନ୍ତି ନାହିଁ ।

❑❑❑

**ଶିକ୍ଷକ ଆବଶ୍ୟକ**

ସେକ୍ରେଟେରି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସା/ପୋ. ଡେରା କୋଲିଆରି, ଜି. ଅନୁଗୁଳ, ପିନ୍-୭୫୯୧୦୩ ଜଣାଇଛନ୍ତି ଯେ ତାଙ୍କ ସ୍କୁଲରେ ମାଟ୍ରିକ୍ ସି.ଟି. କିଂବା ବି.ଏ. ପାସ୍ ଯୋଗ୍ୟତା ଥିବା ଦୁଇଜଣ ଓ ଜଣେ ପି.ଇ.ଟି. ଶିକ୍ଷକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ପତ୍ରାଳାପ କରିବା ଲାଗି ଅନୁରୋଧ ।

অমর জীবনী

# ବିପ୍ଳବୀ-ବୀର ଧରଣୀଧର

## (୫)

## ଗୟାଧର ଦାସ

### ବିଦ୍ରୋହର ସଂଗଠନ ଓ ପ୍ରସାରଣ

କେନ୍ଦୁଝର ଷ୍ଟେଟ୍‌ରେ ଭୂୟାଁଙ୍କୁ ଛାଡ଼ିଦେଲେ ଜୁଆଙ୍ଗ, କୋଲ, ହୋ, ମୁଣ୍ଡା, ସାନ୍ତାଳ, କନ୍ଧ, ବାଥୁଡ଼ି, ଗଣ୍ଡ, ଶବର, ସାଉଁତି ଆଦି ଆଦିବାସୀ ସଂପ୍ରଦାୟର ଲୋକମାନେ ବାସକରନ୍ତି । ସମସ୍ତଙ୍କ ମଧ୍ୟରୁ ଭୂୟାଁମାନେ ସଂଖ୍ୟାଧିକ ଏବଂ ଦୁର୍ଦ୍ଧର୍ଷ, ବଳିଷ୍ଠ ଓ ଜିଦ୍‌ଖୋର । ସେମାନେ ଅନ୍ୟ ସଂପ୍ରଦାୟର ଆଦିମ ଅଧିବାସୀଙ୍କ ଉପରେ କର୍ତ୍ତୃତ୍ୱ ଜାହିର କରିଥା'ନ୍ତି । ଭୂୟାଁମାନଙ୍କର ଜାତୀୟ ସଂଗଠନ ଅତି ସୁଦୃଢ଼ । ସେମାନେ ସ୍ୱଜାତି ବନ୍ଧନ ପ୍ରତି ଏପରି ଆସ୍ଥା ଦେଖାନ୍ତି ଯେ କୌଣସି କାର୍ଯ୍ୟ ଉପଲକ୍ଷେ ଏକତ୍ରିତ ହେବାକୁ ଡାକରା ପାଇଲେ ପ୍ରତ୍ୟେକ ଭୂୟାଁ ଉପସ୍ଥିତ ହେବାକୁ ବାଧ୍ୟ । ଯେ ଅମାନ୍ୟ କରେ ସେ ପତିତ ହୋଇ ରହେ । ସେମାନଙ୍କର ଜାତୀୟ ଏକତା ଏତେ ବେଶୀ ଯେ ଯଦି କେହି ସେମାନଙ୍କର ବଂଶାନୁକ୍ରମିକ ସୁରକ୍ଷିତ ସର୍ତ୍ତ ଉପରେ ହସ୍ତକ୍ଷେପ କରେ କିଂବା ସେମାନଙ୍କର ସ୍ୱାଧୀନତା ମୂଳରେ କୁଠାରାଘାତ କରେ ତେବେ ସେମାନେ ପ୍ରତିଶୋଧପରାୟଣ ହୋଇଉଠନ୍ତି । ଭୂମିକୁ ରକ୍ଷା କରିବାକୁ ହେଲେ ସେମାନେ ଜୀବନ ଦେଇ ସଂଗ୍ରାମ କରନ୍ତି । ସେହି ପ୍ରଜାମାନଙ୍କ ଉପରେ ରାଜକର୍ମଚାରୀମାନଙ୍କର ନିର୍ମମ ଅତ୍ୟାଚାର ଦିନକୁ ଦିନ ବଢ଼ିବାକୁ ଲାଗିଲା । ଦାନା କନା ମିଳିଲା ନାହିଁ । ଅନ୍ୟାୟର ଜୁଲମ ଅସହ୍ୟ ହେବାରୁ ବିଦ୍ରୋହ ବ୍ୟତୀତ ତାଙ୍କ ପାଖରେ ଅନ୍ୟ ପନ୍ଥା ନ ଥିଲା । ବିଦ୍ରୋହର ସଂଗଠନ ମଧ୍ୟ ଅଭିନବ ଥିଲା ।

ଗ୍ରାମମାନଙ୍କର କେତେ ଜଣ ଭୂୟାଁ ଦଳପତି ମିଶି ଗୋଟିଏ ସାଆଡ଼ି ଲଇର ସରୁ ଦଉଡ଼ି କରନ୍ତି ଏବଂ ସେହି ଦଉଡ଼ିରେ ଗ୍ରାମ ଠାକୁରାଣୀ, ମହାରାଜା ଓ ମହାରାଣୀଙ୍କ ନାମରେ ତିନୋଟି ଗଣ୍ଠି ପଡ଼େ ଏବଂ କେତେଦିନ ଭିତରେ ସେମାନଙ୍କୁ ସଂଗଠିତ ହୋଇ ଲକ୍ଷ୍ୟ ପଥରେ ଆଗେଇବାକୁ ପଡ଼ିବ ତାହାର ନିଦର୍ଶନ ସ୍ୱରୂପ ସେତିକି ସାନଗଣ୍ଠି ମଧ୍ୟ ପଡ଼େ । ତତ୍ପରେ ଦେହୁରୀ ଦଉଡ଼ିଟିକୁ ନେଇ ଗ୍ରାମଦେବୀ ପାଖରେ ପୂଜାକରି ଜଣେ ବଳିଷ୍ଠ ଯୁବକଟିକୁ ଦେଇଥାଏ । ଏହିପରି ୪ଟି ଦଉଡ଼ି ତିଆରି ହୋଇ ଚାରିଦିଗକୁ ଚାରିଜଣ ଯୁବକ ହସ୍ତରେ ପଠାଯାଏ । ଯୁବକଟି ନିଜର ଯିବା ପଥରେ ଯେଉଁ ଗ୍ରାମରେ ପହଞ୍ଚେ, ସେହି ଗ୍ରାମରେ ସେ ପ୍ରଥମେ ଯେଉଁ ପୁରୁଷକୁ ଦେଖେ ତାକୁ ଦଉଡ଼ିଟି ଦେଇ ନିଜ ଗାଆଁକୁ ଫେରିଆସେ । ସେହି ଦଉଡ଼ିଟି ଗାଆଁର ପଧାନ ପାଖକୁ ଯାଏ ଏବଂ ସେ ତାହାର ଉଦ୍ଦେଶ୍ୟ ବୁଝିପାରେ । ଉଦ୍ଦେଶ୍ୟ ହେଲା କୌଣସି ଜରୁରୀ କାର୍ଯ୍ୟ ହାସଲ କରିବା ପାଇଁ କିଂବା ବିଦ୍ରୋହ ପାଇଁ ଏକତ୍ରିତ ହେବା ଏବଂ ସମ୍ମତି ସ୍ୱରୂପ ପଧାନ ସେହି ଦଉଡ଼ିରେ ଗୋଟିଏ ଗଣ୍ଠି ପକାଇ ଅନ୍ୟ ଗାଆଁକୁ ଜଣେ ଯୁବକ ହସ୍ତରେ ପଠାଇଦିଏ । ଏହିପରି ଭାବରେ ଅତିଶୀଘ୍ର ସମ୍ବାଦଟି ପ୍ରଚାରିତ ହୋଇଯିବା ଫଳରେ ବିଦ୍ରୋହ ପାଇଁ ସମସ୍ତେ ପ୍ରସ୍ତୁତ ହୋଇ ରହନ୍ତି ।

ବିଦ୍ରୋହର ନେତା ଧରଣୀଧର ହୋଇଥିବାରୁ ଏହା 'ଧରଣୀ ବିଦ୍ରୋହ' ନାମରେ କଥିତ ହେଲା । ଏହି ବିଦ୍ରୋହ ପ୍ରଥମେ ଗଣ୍ଡିବେଡ଼ ଦଣ୍ଡପାଟରୁ ଆରମ୍ଭ ହୋଇ ଭୂୟାଁ ପିଢ଼କୁ ପ୍ରସାରିତ ହେଲା । ଭୂୟାଁ ଦଣ୍ଡପାଟ ଅନ୍ତର୍ଗତ ଶିଖରଖଣ୍ଡ, ଝାଡ଼ଖଣ୍ଡ, ସରଖଣ୍ଡ, ଆଂଶ, ପାଞ୍ଚପଡ଼ା ଓ ଚାରିଗଡ଼ ନାମକ ୬ଗୋଟି ପିଢ଼ର ୮୪ଟି ଗ୍ରାମରେ ପାହାଡ଼ୀ ଭୂୟାଁମାନେ ବିଶେଷ ସଂଖ୍ୟାରେ ବାସ କରନ୍ତି । ତିଳ ସର୍ଦାର ବାଂଶପାଳ ଗ୍ରାମର ଅଧିବାସୀ ଥାଇ ସମଗ୍ର ଦଣ୍ଡପାଟର ସର୍ଦାର ଥିଲେ । ସେ ଧରଣୀଧରଙ୍କ ବଡ଼ ଭିଣୋଇ ହୋଇଥିବାରୁ ବିଦ୍ରୋହର ମୁଖ୍ୟ ପରାମର୍ଶଦାତାରୂପେ ପ୍ରଜାମାନଙ୍କ ମନରେ ଉତ୍ତେଜନା ସୃଷ୍ଟି କଲେ ।

ଭୂୟାଁ ପିଢ଼ର ପଡ଼ୋଶୀ ପିଢ଼ହିଁ ଜୁଆଙ୍ଗ ପିଢ଼ । ଏଠାରେ ଥିବା ୩୨ଟି ଗ୍ରାମର ଜୁଆଙ୍ଗ ପ୍ରଜାମାନେ ଭୂୟାଁମାନଙ୍କ ପରାମର୍ଶରେ ବିଦ୍ରୋହକୁ ସମର୍ଥନ ଜଣାଇଲେ । ହୁଣ୍ଡା ଦଣ୍ଡପାଟର ଭୂୟାଁ, ଗଣ୍ଡିବେଡ଼ ଦଣ୍ଡପାଟର ଥିବା ଗୌଡ଼ଦେଶ ଏବଂ ନୟାକୋଟ ଦଣ୍ଡପାଟରେ ଥିବା ୨୩ଟି ଗ୍ରାମର ଭୂୟାଁମାନେ ବିଦ୍ରୋହରେ ଯୋଗଦେଲେ । ଡଅଁଳା ଗ୍ରାମର ତଥା ସେହି ଦଣ୍ଡପାଟର

ସର୍ଦାର ଜଗନ୍ନାଥ ନାଏକ ଧରଣୀଧରଙ୍କର ମଝିଆ ଭିଣୋଇ ଥିଲେ । ସେ ବିଦ୍ରୋହରେ ଯୋଗ ଦେବାରୁ ଜାମରା ଗ୍ରାମର ବିଦ୍ରୋହୀ ସର୍ଦାର ଶୁକଦେବ ନାଏକ, ନୟାଗଡ଼ ଦଣ୍ଡପାଟର ଭୂୟାଁ ତଥା ସେହି ଦଣ୍ଡପାଟର ଦକ୍ଷିଣ ସୀମାନ୍ତରେ ଥିବା ବଣେଇ ଷ୍ଟେଟର ଭୂୟାଁମାନେ ମଧ୍ୟ ବିଦ୍ରୋହକୁ ସମର୍ଥନ କଲେ । ନୟାଗଡ଼ ଦଣ୍ଡପାଟର ପଡ଼ୋଶୀ ଚମକପୁର ଦଣ୍ଡପାଟରେ ବହୁ ପ୍ରଭାବଶାଳୀ ଭୂୟାଁ ଗ୍ରାମମାନ ଥିବାରୁ ସେଠାରେ ବିଦ୍ରୋହର ରୂପ ଭୟଙ୍କର ହୋଇ ଉଠିଲା । ଏହି ଦଣ୍ଡପାଟ ଅନ୍ତର୍ଗତ କଣ୍ଡରା ଗ୍ରାମର ସର୍ଦାର ବାଣେଶ୍ୱର ନାଏକ, ଦଲ୍କି ଗ୍ରାମର ସର୍ଦାର ସୁଦର୍ଶନ ନାଏକ, ଗୁଆଲି ଗ୍ରାମର ସର୍ଦାର ମଣି ମହାପାତ୍ର, ଦୀନବନ୍ଧୁ ମହାପାତ୍ର ଓ କାଳିଆ ନାଏକ ବିଦ୍ରୋହର ନେତୃତ୍ୱ ନେଇଥିଲେ । କାଳିକା ପ୍ରସାଦ ଦଣ୍ଡପାଟଟି କେଉଁଝର ଓ ସିଂହଭୂମି ଷ୍ଟେଟର ପ୍ରବେଶପଥରେ ଅବସ୍ଥିତ । ଏହି ଦଣ୍ଡପାଟର ଭୂୟାଁମାନଙ୍କ ଆହ୍ୱାନ କ୍ରମେ ସିଂହଭୂମି ଷ୍ଟେଟର ଭୂୟାଁମାନେ 'ଧରଣୀ ବିଦ୍ରୋହ'କୁ ପୂର୍ଣ୍ଣ ସମର୍ଥନ କରି ଦୁଇ ଷ୍ଟେଟର ପ୍ରବେଶପଥକୁ ଅତି ସୁଦୃଢ଼ ଭାବରେ ଅବରୋଧ କରି ରଖିଲେ । ଜ୍ୟୋତିପୁର ଓ ରାଜନଗର ଦଣ୍ଡପାଟରେ ମଧ୍ୟ ବିଦ୍ରୋହର ଅଗ୍ନି ଜଳିଉଠିଲା । ଏହିପରି ଭାବରେ ଅପର କେଉଁଝରର ପ୍ରାୟ ୮୦୦ଟି ଗ୍ରାମର ଭୂୟାଁ ଓ ଅନ୍ୟ ଆଦିବାସୀ ପ୍ରଜାଗଣ ୬୦ଜଣ ସର୍ଦାରଙ୍କ ସହ ଯୋଗ ଦେବାରୁ ବିଦ୍ରୋହଟି ସୁସଂଗଠିତ ହେବା ସଙ୍ଗେ ସଙ୍ଗେ ଭୟାନକ ହୋଇ ଉଠିଲା । ଏହି ବିଷୟରେ ଜନଶ୍ରୁତିରୁ ଶୁଣାଯାଏ– ''ଷାଠିଏ ପାନ ପତର ଆଠଶ ଗୁଆ ସଜ କର । ଆଖୁ ବାଡ଼ିକି ମଡ଼ା ପାଣିରେ ।'' ଅର୍ଥାତ୍– ଷାଠିଏ ଜଣ ସର୍ଦାର ଓ ୮୦୦ ଗ୍ରାମର ଭୂୟାଁ ପ୍ରଜାମାନେ ଏକତ୍ରିତ ହୋଇ ଆଖୁବାଡ଼ି ଅର୍ଥାତ୍ ରାଜବାଟିକୁ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଲେ ।

ଗନ୍ଧମାର୍ଦନ ପର୍ବତର ଶିଖର ଦେଶରେ ଥିବା ସୁବିସ୍ତୃତ ପଥର ଚଟାଣ ଓ ମୁଣ୍ଡତୋପା ପର୍ବତର ପାଦଦେଶରେ ଧରଣୀଧରଙ୍କର ଗୁପ୍ତ ଦରବାର ବସୁଥିଲା । ରତ୍ନା ବିଦ୍ରୋହ ସମୟରେ ଦେୱାନ ନନ୍ଦକିଶୋର ଧଳଙ୍କର ମୁଣ୍ଡ କଟାଯାଇ ଏହିଠାରେ ପୋତା ଯାଇଥିବାରୁ ଏହି ସ୍ଥାନର ନାମ ମୁଣ୍ଡତୋପା ହୋଇଥିବାର ଅନୁମାନ କରାଯାଏ । ଏହି ଅଞ୍ଚଳର ଦଳପତି ଥିଲେ ହିରଣ୍ୟ ସର୍ଦାର । ସେ ପାହାଡ଼ୀ ଭୂୟାଁମାନଙ୍କର କୁଳଗୁରୁ ହୋଇଥିବାରୁ ବିଦ୍ରୋହର ଉପଦେଷ୍ଟା ରୂପେ କାର୍ଯ୍ୟ କରୁଥିଲେ । ଏହିପରି ଏକ ବିସ୍ତୃତ ଅଞ୍ଚଳରେ ଧରଣୀ ବିଦ୍ରୋହ ତେଜି ଉଠିଲା ଏବଂ ବିଦ୍ରୋହୀମାନେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ତାଙ୍କର ନେତା ଧରଣୀଧରଙ୍କ ଆଦେଶକୁ ଅପେକ୍ଷା କରି ରହିଲେ । ଏହି ସମୟରେ ଧରଣୀଧରଙ୍କ ସାନ ଭିଣୋଇ ସିଂହଭୂମି ନିବାସୀ ନରେନ୍ଦ୍ର ମହାପାତ୍ର ଆସି ନିଜର ବୁଦ୍ଧି ଖଟାଇ ଅତି ଚତୁରତାର ସହିତ ବିଦ୍ରୋହ ପରିଚାଳନା କଲେ ।

ପ୍ରକୃତରେ ଭୂୟାଁ ବିଦ୍ରୋହ ପ୍ରତ୍ୟକ୍ଷରେ ରାଜାଙ୍କ ପ୍ରତି ନ ଥାଇ ରାଜଛତ୍ର ପ୍ରତି ଥିଲା । ବିଶେଷତଃ ସହକାରୀ ପରିଚାଳକ ବିଚିତ୍ରାନନ୍ଦ ଦାସଙ୍କ ପ୍ରତି ପ୍ରଜାମାନେ ପ୍ରତିଶୋଧ-ପରାୟଣ ହୋଇ ଉଠିଥିଲେ । ତେଣୁ ବିଚିତ୍ରାନନ୍ଦଙ୍କୁ କାର୍ଯ୍ୟରୁ ଅନ୍ତର କରି ତାଙ୍କର ଅପରାଧ ପାଇଁ ଦଣ୍ଡ ଦେବାକୁ ଭୂୟାଁମାନେ ରାଜାଙ୍କୁ ପ୍ରସ୍ତାବ ଦେଲେ । କିନ୍ତୁ ରାଜା ବିଚିତ୍ରାନନ୍ଦଙ୍କ ପ୍ରତି ଏତେ ଅନୁରକ୍ତ ଥିଲେ ଯେ ସେ ବିଦ୍ରୋହୀମାନଙ୍କର ପ୍ରସ୍ତାବକୁ ଖାତିର କଲେ ନାହିଁ । ଫଳରେ ଅନ୍ୟ ବାଟ ନ ଦେଖି ଧରଣୀଧରଙ୍କ ନେତୃତ୍ୱରେ ଆଦିବାସୀ ପ୍ରଜାମାନେ ବିଦ୍ରୋହ ଘୋଷଣା କଲେ ।

## ବିଦ୍ରୋହର କ୍ରମୋନ୍ନତି

୧୮୯୧ ମସିହା ମେ ମାସ ୨ ତାରିଖରେ କେନ୍ଦୁଝର ବଣେଇ ଓ ସିଂହଭୂମିର ପ୍ରାୟ ଏକ ହଜାର ଭୂୟାଁ, ଜୁଆଙ୍ଗ ଓ କୋଲ ବିଦ୍ରୋହୀ ଚମକପୁର ଦଣ୍ଡପାଟରେ ମିଳିତ ହୋଇ ସେଠାରେ ରାଜାଙ୍କର ଦୁର୍ଗ ରକ୍ଷା ଦାୟିତ୍ୱରେ ଥିବା ପାଇକ ଓ କନେଷ୍ଟବଳମାନଙ୍କୁ ବନ୍ଦି କରି ଚମକପୁର ଗ୍ରାମ ଲୁଣ୍ଠନ କଲେ । ଏହାପରେ ବିଦ୍ରୋହୀମାନେ ଧରଣୀଧର, ଜୟନ୍ତୀ ଗଡ଼ର ନେତା ଦଳେଇ ସର୍ଦାର ଓ ସିଂହଭୂମିର ନେତା ନରେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ପରିଚାଳିତ ହୋଇ କାଳିକାପ୍ରସାଦ ଦଣ୍ଡପାଟରେ ପହଞ୍ଚିଲେ । କ୍ରମଶଃ ବିଦ୍ରୋହୀମାନଙ୍କର ସଂଖ୍ୟା ଦୁଇ ହଜାରରେ ପହଞ୍ଚିଲା ଏବଂ ସେମାନେ ନୟାଗଡ଼ ଓ ଚାରିଗଡ଼ରେ ପହଞ୍ଚି ରାଜାଙ୍କୁ ସମର୍ଥନ କରୁଥିବା ପାଇକ ଓ ସର୍ଦାରମାନଙ୍କୁ ବିଦ୍ରୋହରେ ଯୋଗ ଦେବା ପାଇଁ ବାଧ୍ୟ କଲେ । କେନ୍ଦୁଝର ଗଡ଼କୁ ଯାଇଥିବା ସମସ୍ତ ରାସ୍ତାମାନ ଅବରୋଧ କରି ଗମନାଗମନ ବ୍ୟବସ୍ଥାକୁ ଅଚଳ କରିଦେଲେ । ଷ୍ଟେଟ୍‌ରେ

ଏପରି ଭୟଙ୍କର ବିଦ୍ରୋହ ହେବାରୁ ରାଜା ଧନୁର୍ଜୟ ନାରାୟଣ ଭଞ୍ଜ ଆତ୍ମରକ୍ଷା ନିମନ୍ତେ ୧୮୯୧ ମସିହା ମେ ୭ ତାରିଖରେ ଗଡ଼ ଛାଡ଼ି ଆନନ୍ଦପୁର ପଳାଇଗଲେ । ରାଜା ଭୟରେ ଗଡ଼ ଛାଡ଼ି ପଳାଇ ଯିବାର ଖବର ପାଇ ଷ୍ଟେଟ୍‌ର ବିଭିନ୍ନ ଗୋଷ୍ଠୀର ଲୋକମାନେ ବିଦ୍ରୋହରେ ଯୋଗଦେଲେ ଏବଂ ପ୍ରାୟ ପାଞ୍ଚହଜାର ବିଦ୍ରୋହୀ ଏକତ୍ରିତ ହୋଇ ଗଡ଼ ସହର ଆକ୍ରମଣ କଲେ ।

ଏ ଖବର ପାଇ ରାଜା ସାହେବ ଆନନ୍ଦପୁରରେ ରହିବାକୁ ନିରାପଦ ନ ମଣି ମେ ୧୨ ତାରିଖରେ ପରିଚାଳକ ଫକିର ମୋହନ ସେନାପତିଙ୍କ ସହ କଟକରେ ପହଞ୍ଚି ଟ୍ରିବ୍ୟୁଟେରି ମହାଲସ୍‌ର ସୁପରିନ୍‌ଟେଣ୍ଡେଣ୍ଟ ଜି. ଟଏନବୀଙ୍କୁ ଦେଖାକରି ବିଦ୍ରୋହ ବିଷୟରେ ଅବଗତ କରିବାରୁ ସେ ରାଜାଙ୍କ ଉପରେ ବିରକ୍ତି ପ୍ରକାଶ କଲେ; କିନ୍ତୁ ଫକିରମୋହନଙ୍କ ଉପସ୍ଥିତବୁଦ୍ଧି ଓ କୌଶଳହିଁ ରାଜାଙ୍କୁ ସୁରକ୍ଷା ପ୍ରଦାନ କରିଥିଲା । ସେ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ କହିଲେ– ହଜୁର, ପ୍ରଜାମାନେ ରାଜାଙ୍କର ଅନୁରକ୍ତ; କିନ୍ତୁ ଖୁବ୍ କମ୍ ସଂଖ୍ୟାର ଦୁର୍ଦ୍ଧର୍ଷ ବଣୁଆ ମୂର୍ଖ ଓ ହାଣ୍ଡିଆଖିଆ ଭୂୟାଁ ପ୍ରଜାମାନେ ଏହି ବିଦ୍ରୋହ କରି ରାଜାଙ୍କୁ ବଦନାମ କରିବାକୁ ଚାହୁଁଛନ୍ତି । ରାଜା ସେମାନଙ୍କୁ ଦମନ କରି ପାରିଥା'ନ୍ତେ; କିନ୍ତୁ ୧୮୦୩ ମସିହା ସାମନ୍ତ ସନ୍ଧିରେ ହୋଇଥିବା ଚୁକ୍ତିନାମା ଯୋଗୁଁ ରାଜା ଆପଣଙ୍କୁ ନ ପଚାରି କିଛି କରିବାକୁ ଚାହୁଁ ନ ଥିବାରୁ ହଜୁରଙ୍କ ଉପଦେଶ ଓ ସାହାଯ୍ୟ ଭିକ୍ଷା କରିବା ପାଇଁ ଆସିଛନ୍ତି । ମହାରାଜାଙ୍କର ଇଚ୍ଛା, ହଜୁର ୧୦୦ଜଣ ସିପାହି ସାହାଯ୍ୟ ଦେଲେ ବିଦ୍ରୋହୀମାନେ ସେମାନଙ୍କୁ ଦେଖି ପଳାଇଯିବେ ଏବଂ ଷ୍ଟେଟ୍‌ରେ ଶାନ୍ତି ଫେରି ଆସିବ । ଫକିରମୋହନଙ୍କ କଥାରେ ସୁପରିନ୍‌ଟେଣ୍ଡେଣ୍ଟ ସାହାଯ୍ୟ କରିବାକୁ ସମ୍ମତି ପ୍ରଦାନ କରି କେନ୍ଦୁଝରଗଡ଼ର ବିଦ୍ରୋହ ବିଷୟରେ ବଙ୍ଗ ସରକାରଙ୍କୁ ଅବଗତ କରାଇଲେ । ନୀତି ଦୃଷ୍ଟିରୁ ସରକାର ବିଦ୍ରୋହ ଆରମ୍ଭରୁ ତାହାକୁ ଦମନ କରିବା ପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ । ମାତ୍ର ଯେତେବେଳେ ରାଜା ସାହେବ ନିଜର ଆତ୍ମୀୟ ସ୍ୱଜନଙ୍କ ଜୀବନରକ୍ଷା ନିମନ୍ତେ ସରକାରଙ୍କୁ ପ୍ରାର୍ଥନା କଲେ ଏବଂ ବିଦ୍ରୋହ ଦମନ ନିମନ୍ତେ ଯାବତୀୟ ଖର୍ଚ୍ଚ ବହନ କରିବାକୁ ସ୍ୱୀକୃତି ଦେଲେ ସେତେବେଳେ ସରକାର ହସ୍ତକ୍ଷେପ କରିବାକୁ ନିଷ୍ପତ୍ତି ନେଲେ । ବିଦ୍ରୋହ ଦମନ ପାଇଁ ଚାଇଁବସାର ଡେପୁଟି କମିଶନର ଏଚ୍. ଡସନ୍ ସାହେବ ଓଡ଼ିଶା ଟ୍ରିବ୍ୟୁଟେରି ମହାଲସ୍‌ର ସହକାରୀ ପଦରେ ନିଯୁକ୍ତ ହେଲେ । ତାଙ୍କୁ ବହୁସଂଖ୍ୟାରେ ସିପାହି ଏବଂ ପର୍ଯ୍ୟାପ୍ତ ପରିମାଣର ରସଦ ଯୋଗାଇ ଦିଆଗଲା । ଚାଇଁବସାରେ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ମି. ଚାର୍ଲସ ଉଇଲିଙ୍ଗଷ୍ଟୋନ ଡସନ୍ ସାହେବଙ୍କର ସହକାରୀ ରୂପେ ବିଦ୍ରୋହ ଦମନରେ ସାହାଯ୍ୟ କଲେ ଏବଂ ବିଦ୍ରୋହ ଯେପରି ପଡ଼ୋଶୀ ରାଜ୍ୟ ଢେଙ୍କାନାଳ, ପାଲ୍‌ଲହଡ଼ା, ମୟୂରଭଞ୍ଜ, ସିଂହଭୂମି ଓ ବଣେଇ ଆଦିକୁ ବ୍ୟାପି ନ ଯାଏ ସେଥିପାଇଁ ସତର୍କ ହୋଇ କାର୍ଯ୍ୟପନ୍ଥା ଅବଲମ୍ବନ କଲେ ।

(କ୍ରମଶଃ)

❑❑❑

## ପ୍ରାପ୍ତି ସ୍ୱୀକାର

ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ **''କବି ବିଦ୍ୟୁତ୍‌ପ୍ରଭା– ଜୀବନୀ ଓ ସାହିତ୍ୟ କୃତି''** ପୁସ୍ତକ ଆମର ହସ୍ତଗତ ହୋଇଛି । ଏଥିରେ କବିଙ୍କ ଜୀବନୀ ଓ ସାହିତ୍ୟ ଉପରେ ଆଲୋଚନା ସହିତ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ପ୍ରତି ତାଙ୍କର ଅନୁରକ୍ତି ଓ ପରବର୍ତ୍ତୀ ସମୟରେ ତାଙ୍କ ରଚନା ଉପରେ ତା'ର ପ୍ରଭାବ ବିଷୟରେ ସବିଶେଷ ଆଲୋଚନା କରାଯାଇଛି ।

ଲେଖକ : ଅଧ୍ୟାପକ ସୁଧାଂଶୁଶେଖର ରାୟ

ମୂଲ୍ୟ – ଟ. ୪୫.୦୦

ପ୍ରାପ୍ତିସ୍ଥାନ : ଓଡ଼ିଶା ସାହିତ୍ୟ ଏକାଡେମି, ସଂସ୍କୃତି ଭବନ, ଭୁବନେଶ୍ୱର – ୧୪

ସମୀକ୍ଷା

# ଶିକ୍ଷାକେନ୍ଦ୍ରର ସାଂସ୍କୃତିକ କାର୍ଯ୍ୟକ୍ରମ

## (୨)

## ମଧୁସୂଦନ ମହାପାତ୍ର

ନାଟ୍ୟକଳା ହେଉ ବା ଶାରୀରିକ ଶିକ୍ଷା ହେଉ ମା'ଙ୍କ କାର୍ଯ୍ୟର ଅନ୍ୟ ଗୋଟିଏ ଲକ୍ଷ୍ୟକରିବାର ଦିଗ ହେଉଛି ପୂର୍ବପ୍ରସ୍ତୁତି । ଆମେ କ'ଣ କରୁ ନା, ତେଣେ ଦିନ ପାଖେଇ ଆସିଥିବ ଏଣେ ତରବର ହୋଇ ୧୫/୨୦ ଦିନ ଆଗରୁ ଲାଗିପଡ଼ିବା । ଯାହାହେଲା, ହେଲା– ଯେକୌଣସି ପ୍ରକାରେ କାମଚଳାଇ ଦେବା । ଏପରିକି କାର୍ଯ୍ୟକ୍ରମଟିକୁ ଆଦର୍ଶ ଓ ରୁଚି ଭିତ୍ତିରେ ପର୍ଯ୍ୟବେକ୍ଷଣ କରି ଆବଶ୍ୟକ ସଂଶୋଧନ କରିବା ପାଇଁ ମଧ ବେଳେବେଳେ ସମୟ ହୁଏ ନାହିଁ । ଏଭଳି ଗତିବିଧିକୁ ମା ତାଙ୍କ କାର୍ଯ୍ୟକ୍ରମରେ ପ୍ରଶ୍ରୟ ଦିଅନ୍ତି ନାହିଁ । ପ୍ରତ୍ୟେକ କାର୍ଯ୍ୟକୁ ଖୁଣ୍ଟିନାଣ୍ଟି ପର୍ଯ୍ୟବେକ୍ଷଣ କରି ନିଖୁଣ ତଥା ପୂର୍ଣ୍ଣାଙ୍ଗଭାବେ ଯଥାସମୟରେ ସୁବ୍ୟବସ୍ଥିତରୂପେ ସେ କିପରି ସମ୍ପାଦନ କରନ୍ତି ତାହା 'ମା' ପୁସ୍ତକରେ 'ମହାସରସ୍ୱତୀ' ଅଧ୍ୟାୟରେ ଶ୍ରୀଅରବିନ୍ଦ ବିଶଦ ଭାବେ ବର୍ଣ୍ଣନା କରିଛନ୍ତି । ଆମେ ଯଦି ଆମର କାର୍ଯ୍ୟକୁ ମା'ଙ୍କର ବୋଲି ଅଭିହିତ କରୁଥାଉଁ ତେବେ ତାହାହିଁ ଆମର ଆଦର୍ଶ ହେବା ଉଚିତ । କାର୍ଯ୍ୟତଃ, ପୂର୍ବାଭ୍ୟାସ କଥା ଛାଡ଼ନ୍ତୁ, ପ୍ରଦର୍ଶନ-ଦିବସରେ ରଙ୍ଗମଂଚ, ସିନ୍, ମାଇକ୍, ଲାଇଟ୍ ପ୍ରଭୃତି ସଜାସଜି କରି ଆରମ୍ଭ ବେଳକୁ ଯଦି ଘଣ୍ଟାଏ ବିଳମ୍ବ ହୁଏ ଏଣେ ପୁଣି ଉତ୍ସାହୀ ବ୍ୟବସ୍ଥାପକମାନେ ନେପଥ୍ୟରୁ କାର୍ଯ୍ୟକ୍ରମକୁ ଯଦି ଅଯଥା ଲମ୍ୱେଇ ଚାଲିଥିବେ ତେବେ ଘୋଷିତ ସମୟ ଆହୁରି ଘଣ୍ଟାଏ ବଢ଼ିଯାଇଥିବ । ଏଭଳି ସ୍ୱୈରାଚାର ଫଳରେ ସମସ୍ତଙ୍କର ସମୟ ଓ ଶକ୍ତିର ଯେପରି ଅପଚୟ ଘଟେ ତାହା ଆଦର୍ଶଗତ ଓ ସାମାଜିକ ଦୃଷ୍ଟିରୁ ଏକ ଅପରାଧ : ଭଗବତ୍-ନିବେଦିତ କର୍ମ ନିମନ୍ତେ ତ ଏହା ଏକେବାରେ ଅଶୁଦ୍ଧ, କାରଣ ଆମେ ଆମର ନିର୍ଦୋଷତାକୁ ଯେତେ କାରଣ ଦେଖାଇ ସାବ୍ୟସ୍ତ କରୁ ପଛେ କୌଣସିଠାରେ ଆମର ନିଷ୍ଠାର ଯେ ଅଭାବ ରହିଛି, ଏହା ହେଉଛି ତା'ର ଏକ ଚିହ୍ନ ।

ବାର୍ଷିକ ଦିବସ ପାଇଁ ମା ବର୍ଷ ଆରମ୍ଭରୁ କାର୍ଯ୍ୟ ଆରମ୍ଭ କରି ଦେଉଥିଲେ । ଚମ୍ପକଲାଲଙ୍କର ଏକ ବିବରଣୀରୁ ଅନୁମାନ କରାଯାଏ ୧୯୪୯ରେ ଫ୍ରେଞ୍ଚ ଭାଷାରେ ଲିଖିତ ତାଙ୍କର ପ୍ରଥମ ନାଟକ ''ଭବିଷ୍ୟ ଅଭିମୁଖେ'' ସେହି ବର୍ଷ ମେ ୨୪ ତାରିଖରେ ଶ୍ରୀଅରବିନ୍ଦଙ୍କୁ ପଢ଼ି ଶୁଣାଇଥିଲେ ଓ ମଞ୍ଚସ୍ଥ କରିବା ପାଇଁ ତାଙ୍କର ଅନୁମୋଦନ ପାଇଥିଲେ । ଯଥା :

''ସେଦିନ ଶ୍ରୀଅରବିନ୍ଦ ରାତ୍ରିଭୋଜନ କରୁଥିବା ସମୟରେ ମା ଏକ ଫାଇଲ୍ ଧରି ଉପସ୍ଥିତ ହେଲେ ଓ ସେଥିରୁ କାଗଜ ଫର୍ଦ କିଛି ବାହାର କରି ତାଙ୍କ ସମ୍ମୁଖରେ ପଢ଼ିବାକୁ ଲାଗିଲେ ।...

ସବୁ ଶୁଣିସାରି ଶ୍ରୀଅରବିନ୍ଦ ଅ-ହ, ଅ-ହ କରିବା ସହିତ ମୁଣ୍ଡ ହଲାଇ ସମ୍ମତିର ସୂଚନା ଦେଲେ ।

ମା : ଏହା ଆପଣଙ୍କୁ କିପରି ଲାଗିଲା ?

ଶ୍ରୀଅରବିନ୍ଦ : ବହୁତ ଭଲ ।

ମା : ଏହାକୁ ମଞ୍ଚସ୍ଥ କରାଯାଇ ପାରେ କି ?

ଶ୍ରୀଅରବିନ୍ଦ : ହଁ, ମୋର ଯାହା ମନେହୁଏ, ଏହାକୁ ମଞ୍ଚସ୍ଥ କରାଯାଇ ପାରେ (ପୁଣି ସେ ତାଙ୍କର ମସ୍ତକକୁ ସମ୍ମତି ସୂଚକଭାବେ ସଂଚାଳନ କଲେ) ।''

(Champaklal Speaks P. 77)

ତା'ପରେ, ଏହି ବିବରଣୀରେ ଅଛି, ମା ତାଙ୍କ ଆଗରେ ବର୍ଣ୍ଣନା କରିଛନ୍ତି– କାହା ଭିତରେ କ'ଣ ବିଶେଷ ଗୁଣ ଥିବା ହେତୁ କାହାକୁ କେଉଁ ଚରିତ୍ରର ଅଭିନୟ ଦେବାକୁ ସେ ସ୍ଥିର କରିଛନ୍ତି । ତାଙ୍କର ସମସ୍ତ ଯୋଜନା ଶ୍ରୀଅରବିନ୍ଦଙ୍କର ଅନୁମୋଦନ ଲାଭ କରିଥିଲା ।

ନାଟକ ପାଇଁ ହେଉଥିବା ପୂର୍ବାଭ୍ୟାସ ସମ୍ପର୍କରେ ଆଶ୍ରମର ଜଣେ ସାଧିକା ଏବେ ମନେ ପକାନ୍ତି– ''ମା ଆମମାନଙ୍କୁ ପ୍ରଥମେ ଜଣ ଜଣ କରି ନିର୍ଦ୍ଦିଷ୍ଟ ସମୟରେ ନିକଟକୁ ଡାକୁଥିଲେ ଓ ଆମ ଅଭିନୟର ସଂଳାପଗୁଡ଼ିକ କିପରି ନାଟକୀୟ ଓ ପ୍ରଭାବଶାଳୀ ହୋଇ ପାରିବ ତାହା ସେ ନିଜେ ଉଚ୍ଚାରଣ କରି ଶିଖାଉଥିଲେ । ଥରେ ସେ ମୋତେ କହିଲେ : 'ତୁମେ ଜାଣ ? ମୁଁ ଫ୍ରାନ୍ସରେ ଥିବାବେଳେ

Articulation ଓ Intonation ବିଷୟରେ ଶିକ୍ଷାର୍ଜନ କରିଥିଲି ।' ...ନାଟକ ଦିବସ ପାଖେଇ ଆସିଲେ ମା ଏକପ୍ରକାର ଗଛର ପତ୍ର ଧରି ଆସୁଥିଲେ ଓ ଆମକୁ ଦେଇ କହୁଥିଲେ– ''ଏହାର ସୂକ୍ଷ୍ମ ଅର୍ଥ ହେଉଛି 'ପ୍ରାଣରେ ସ୍ଥିର ଶକ୍ତି' । ଏହାର କାରଣ ବୁଝାଇବାକୁ ଯାଇ ମା କହୁଥିଲେ– 'ଜାଣ ? କଳାକାରମାନଙ୍କ ଜୀବନ କାହିଁକି ଏତେ ଅସଂଯତ ? କଳାରେ ସାଫଲ୍ୟ ଅର୍ଜନ ପରେ ସେମାନଙ୍କ ପ୍ରାଣରେ ଯେଉଁ ଆନନ୍ଦ ସଂଚାର ହୁଏ ଏବଂ ଲୋକଙ୍କଠାରୁ ଯେଉଁ ପ୍ରଶଂସା ମିଳେ ତାହାକୁ ସେମାନେ ସମ୍ଭାଳି ପାରନ୍ତି ନାହିଁ, ଅତ୍ୟନ୍ତ ଉତ୍‌ଫୁଲ୍ଲିତ ଓ ଗର୍ବୀ ହୋଇ ପଡ଼ନ୍ତି ।' ଆମେମାନେ ମଧ୍ୟ ପୂର୍ବରୁ ମା'ଙ୍କୁ ପ୍ରାର୍ଥନା କରି ସଚେତନ ଥାଉ ଯେପରି ଲୋକ ପ୍ରଶଂସା ବା ନିନ୍ଦାରେ ଆମର ଚେତନା ପ୍ରଭାବିତ ନ ହୁଏ । କୌଣସି ଫଳ ଆଶା ନ ରଖି କେବଳ ଶିଖିବା ପାଇଁ ଓ ମା'ଙ୍କୁ ସମର୍ପଣ କରିବା ପାଇଁ ଆମେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁ । ଏଇଥିରେହିଁ ଆମର ଆନନ୍ଦ ।''

ପର୍ଯ୍ୟବେକ୍ଷଣ ଓ ଅଭ୍ୟାସ ପାଇଁ ଯଥେଷ୍ଟ ସମୟ ହାତରେ ରଖିବାର ପରମ୍ପରା ଆଶ୍ରମରେ ଏବେ ମଧ୍ୟ ଅନୁସୃତ । ମା ପୂର୍ବେ ଯେପରି ଶ୍ରୀଅରବିନ୍ଦଙ୍କର ଅନୁମତି ଆଣୁଥିଲେ ଏବଂ ପରେ ମା' ଯେପରି ସବୁକଥା ବୁଝି ବିଚାରି ଅନୁମତି ଦେଉଥିଲେ ଏବେ ମା'ଙ୍କ ପରେ ମଧ୍ୟ ଆଶ୍ରମର ଅଭିଜ୍ଞ ସାଧକମାନଙ୍କ ଅନୁମୋଦନ ପରେ କାର୍ଯ୍ୟକ୍ରମର ଅଭ୍ୟାସ ଆରମ୍ଭ ହୁଏ ।

ଉପରୋକ୍ତ ବର୍ଣ୍ଣନା ଅନୁସାରେ ଆମ ଶିକ୍ଷାକେନ୍ଦ୍ରରେ କଳା ଓ ଶାରୀରିକ ଶିକ୍ଷାର ସ୍ଥାୟୀ ପରିବେଶଟିଏ ସୃଷ୍ଟି କରାଯାଇ ପାରେ କି ? ଏଥିରେ କେହି ନାସ୍ତି କରିବେ ନାହିଁ ସତ, ହେଲେ ସମସ୍ୟା ରହିଛି । କର୍ମକର୍ତ୍ତାମାନେ ହୁଏତ କହିବେ ଏଥିପାଇଁ ଯୋଗ୍ୟ ଶିକ୍ଷକ, ଉପକରଣ, ସ୍ଥାନ ଇତ୍ୟାଦି କାହିଁ ? ଶିକ୍ଷକମାନେ ନିଶ୍ଚୟ ଆଗ୍ରହୀ ହେବେ, ହେଲେ ସମୟ ? ଅବସର ସମୟ ତକ ପିଲାଙ୍କର ଖାତାଦେଖା, ପ୍ରସ୍ତୁତି ଓ ଟ୍ୟୁସନରେ ବନ୍ଧା । ଏଣେ ପିଲାମାନେ ବି ସ୍କୁଲପାଠ ଓ ଟ୍ୟୁସନ୍‌ର ଯନ୍ତା ଭିତରେ ଆବଦ୍ଧ ।

ପ୍ରକୃତରେ ସମୟ, ଶିକ୍ଷକ ଓ ଉପକରଣର ଅପେକ୍ଷା ବଡ଼ ସମସ୍ୟା ହେଉଛି ମୂଲ୍ୟବୋଧର । ପାଠପଢ଼ା ପରି କ୍ରୀଡ଼ା, କଳା ଓ ସଂଗୀତକୁ ଆମେ ପ୍ରକୃତ ମୂଲ୍ୟ ଦେଉ ନାହିଁ । ପିଲା ଗଣିତ ଓ ଇଂରାଜୀରେ ଦୁର୍ବଳ ବୋଲି ଶୁଣିଲେ ବାପାମାଆଙ୍କୁ ଯେତେ ଚିନ୍ତା ଲାଗେ, ପିଲାର ତାଳଜ୍ଞାନ ନାହିଁ, ଅଳ୍ପ ଦୌଡ଼ିଲେ ଧଇଁ ସଇଁ ହୋଇ ପଡୁଛି ଇତ୍ୟାଦି କହିଲେ ସେମାନେ ହସି ଦିଅନ୍ତି । ଆମେ ଜାଣୁ ଆମ ପିଲା ଅନ୍ଧାର ଦେଖିଲେ ଡରେ, ଖାଇବାରେ ବହୁତ ବାଛେ, ଦେହ ଓ ଲୁଗାର ଯତ୍ନ ନେବାରେ ହେଳୁଆ, ସାଙ୍ଗମେଳରେ କିଛି କହିବା ବେଳେ ସାହସ ପାଉନି, ଏସବୁ ଅତ୍ୟନ୍ତ ଜଟିଳ ପ୍ରାଣିକ ସମସ୍ୟା, ତଥାପି ଆମେ ଏହାର ପ୍ରତିକାର ଚିନ୍ତା କରୁନା । ଆମେ ପାଠର ମୂଲ୍ୟାଙ୍କନ କରିଜାଣୁ କିନ୍ତୁ ଜୀବନର ନୁହେଁ । ଶ୍ରୀଅରବିନ୍ଦ ତାଙ୍କର The Human Cycle ଗ୍ରନ୍ଥରେ ଏହି ଜୀବନର ମୂଲ୍ୟ ସମ୍ପର୍କରେ ଅତ୍ୟନ୍ତ ବିସ୍ତୃତ ଓ ଗଭୀର ଆଲୋଚନା କରିଛନ୍ତି । ପ୍ରସଙ୍ଗ କ୍ରମେ ଏଠାରେ ସେଥିରୁ ଗୋଟିଏ ବାକ୍ୟ ଉଦ୍ଧାର କରାଗଲା : ''...without heroism man cannot grow into the Godhead. Courage, energy and strength are among the very first principles of the divine nature in action.''(P.156)

''...ବୀରତ୍ୱ ବିନା ମଣିଷ କଦାପି ଭଗବାନଙ୍କ ଦିଗରେ ବିକଶି ଉଠିପାରିବ ନାହିଁ । ସାହସ, ଶକ୍ତି ଓ ବଳ ହେଉଛନ୍ତି କର୍ମରତ ଭାଗବତ ଗୁଣର ଆଧାରଗୁଡ଼ିକ ମଧ୍ୟରୁ ସର୍ବପ୍ରଥମ ।''

ନିଜର ମାନସିକ ବିକାଶ କରି ଜଣେ ଜ୍ଞାନବାନ୍ ହୋଇପାରେ କିନ୍ତୁ ପ୍ରାଣିକ ବିକାଶ ବିନା ଜୀବନ-ସମସ୍ୟାରେ ହାରି ଯିବାର ସମ୍ଭାବନା ସବୁବେଳେ ରହିଛି । ଆଜିର ସମାଜରେ ଶିକ୍ଷିତ ଲୋକେ ଯେଉଁ ଅନ୍ୟାୟ, ମିଥ୍ୟା, ଲାଞ୍ଚ, ଅପହରଣ, ହିଂସା ଇତ୍ୟାଦି ମାଧ୍ୟମରେ ନିଜର ବାସନା ପୂରଣ କରୁଥିବାର ଦେଖାଯାଉଛି ତା'ର କାରଣ ହେଉଛି ଏହି ପ୍ରାଣିକ ଅଶୁଦ୍ଧି ଓ ଦୁର୍ବଳତା । ନିମ୍ନ ପ୍ରାଣର କାମ, କ୍ରୋଧ, ଲୋଭ, ମୋହ ପ୍ରଭୃତି ପ୍ରବଳ ଥିଲେ ବିବେକର ଡାକକୁ ଜଣେ କର୍ଣ୍ଣପାତ କରିପାରେ ନାହିଁ । ଅନ୍ୟପକ୍ଷରେ ଦିବ୍ୟଜୀବନ ଲାଭ ଯଦି ଆମ ଶିକ୍ଷାର ଲକ୍ଷ୍ୟ ହୋଇଥାଏ ତେବେ ସେହି ସମ୍ଭାବନା ଏହି ପ୍ରାଣରେହିଁ ଅନ୍ତର୍ନିହିତ । ଏଣୁ ପ୍ରାଣିକ ଶିକ୍ଷା କଦାପି ଅଳ୍ପ ମୂଲ୍ୟର ନୁହେଁ । ଉପନିଷଦର ବାକ୍ୟଗୁଡ଼ିକ ପ୍ରତିପାଦନ କରେ ଯେ :

''ଅରାବିବ ରଥନାଭୌ ପ୍ରାଣେ ସର୍ବଂ ପ୍ରତିଷ୍ଠିତମ୍ ।''
(ଚକର ମଝିରେ ଅରଗୁଡ଼ିକ ଯେପରି ଗୁନ୍ଥା ହୋଇ ରହିଥାନ୍ତି ସେହିପରି ପ୍ରାଣକୁ ଆଶ୍ରୟ କରି ସବୁ ରହିଛି ।)
''ପ୍ରାଣସ୍ୟେଦଂ ବଶେ ସର୍ବଂ ତ୍ରିଦିବେ ଯତ୍ ପ୍ରତିଷ୍ଠିତମ୍ ।''
(ଏହି ବିଶ୍ୱରେ ତଥା ସ୍ୱର୍ଗରେ ଯାହାକିଛି ପ୍ରତିଷ୍ଠିତ ସେସବୁ ଏହି ପ୍ରାଣର ଅଧୀନ ।)
(ପ୍ରଶ୍ନ-ଉପନିଷଦ, ଅ : ୨, ଶ୍ଳୋକ.୬,୧୩)

ଖେଳ କସରତ ଆଦି ଶରୀରଚର୍ଚ୍ଚା ଦ୍ୱାରା ବ୍ୟବହାରରେ ଶୃଙ୍ଖଳା, ଶକ୍ତିମତ୍ତା, ବୀରତ୍ୱ, ସହନଶୀଳତା, କର୍ମତତ୍ପରତା, ସହଯୋଗ, ଆତ୍ମରକ୍ଷା ପ୍ରଭୃତି ଗୁଣଗୁଡ଼ିକ ବିକଶିତ ହୋଇଥା'ନ୍ତି; କଳାଚର୍ଚ୍ଚା ଦ୍ୱାରା ବ୍ୟବହାରରେ ଶାଳୀନତା, ମାଧୁର୍ଯ୍ୟ, ପ୍ରେମ, ସୌନ୍ଦର୍ଯ୍ୟବୋଧ, ସତ୍ୟପରାୟଣତା ପ୍ରଭୃତି ଗୁଣଗୁଡ଼ିକ ବିକଶିତ ହୋଇଥା'ନ୍ତି । ଏତଦ୍‌ବ୍ୟତୀତ କଳାସାଧନାର ଏକ ବିଶେଷତ୍ୱ ହେଉଛି ଏହା ମାଧ୍ୟମରେ ପ୍ରାଣ ମାନସିକ ଓ ଆଧ୍ୟାତ୍ମିକ ଜଗତ ସହିତ ସମ୍ମିଳିତ ହୋଇପାରେ । ପୃଥିବୀର ସବୁଧର୍ମ ଓ ସମ୍ପ୍ରଦାୟ ନିଜ ନିଜ ଧାରାରେ ସଂଗୀତ, ନୃତ୍ୟ, ବାଦ୍ୟ, ଅଭିନୟ, ଚିତ୍ର ପ୍ରଭୃତି କଳାତ୍ମକ ବିଭାବଗୁଡ଼ିକୁ ଉପଯୋଗ କରିଛନ୍ତି । ଯେଉଁ ପ୍ରେମ ବଳରେ ପ୍ରାଣ ନିଜର ପରିବାର, ଗୋଷ୍ଠୀ, ଜାତି, ଧର୍ମ ଓ ଜଗତକୁ ଧରି ରଖିପାରିଛି, ତାହା ଯେତେବେଳେ ଭଗବାନଙ୍କ ଦିଗରେ ମୁହେଁଇ ଯାଏ ସେତେବେଳେ ଭଗବାନ୍ ତାଙ୍କର କେଉଁ ଅଜଣା ରାଜ୍ୟରୁ ଆସି ଏହି ମାଟିର ପୃଥିବୀରେ ଧରା ଦିଅନ୍ତି । ଏହି ମହାନ୍ କାର୍ଯ୍ୟରେ କଳାର ଭୂମିକା ସବୁଠୁ ଶକ୍ତିଶାଳୀ ।

ଏହିପରି ଏକ ମୂଲ୍ୟବୋଧକୁ ଆମେ ଯଦି ଧରି ରଖିପାରୁ ତେବେ ଶରୀରଚର୍ଚ୍ଚା ଓ କଳାଶିକ୍ଷା ପାଇଁ ଆମ ଶିକ୍ଷାକେନ୍ଦ୍ରରେ ଏକ ସ୍ଥାୟୀ ପରିବେଶ ଅବଶ୍ୟ ରହିବ । ବିଶେଷ ଦିବସ ଲାଗି ପ୍ରଦର୍ଶିତ ହେବାକୁ ଯାଉଥିବା କାର୍ଯ୍ୟକ୍ରମଗୁଡ଼ିକ ପାଇଁ ପୂର୍ବାଭ୍ୟାସର ପର୍ଯ୍ୟାୟଗୁଡ଼ିକ ଆମ ଭଗବତ୍ ସାଧନାର ଏକ ଅଙ୍ଗ ହୋଇଉଠିବେ– ସମୟ ଅଭାବର ପ୍ରଶ୍ନ ଆଉ ଉଠିବ ନାହିଁ । ଏଠାରେ (ଆଶ୍ରମରେ) ଦେଖାଯାଏ, ଶିକ୍ଷକ ଓ ଛାତ୍ରଗଣ ନିଜ ନିଜର ଦୈନନ୍ଦିନ ରୁଟିନ୍‌ରେ ସକାଳ ୬ଟାରୁ ରାତି ୭ଟା ପର୍ଯ୍ୟନ୍ତ ବ୍ୟସ୍ତ ଥିବା ସତ୍ତ୍ୱେ ଅଧଘଣ୍ଟା କିଂବା ୧୫ ମିନିଟ୍ ହାତରେ ପାଇଲେ କିପରି ତାହାକୁ ଏ ଦିଗରେ ବିନିଯୋଗ କରିଥା'ନ୍ତି । ତଥାପି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଯତ୍‌ସାମାନ୍ୟ ଉପକରଣ ଯୋଗାଇଦେବା ଭିତରେ– ଖେଳପଡ଼ିଆଟିଏ ସାଙ୍ଗକୁ ନାଟ୍ୟକକ୍ଷ, ସ୍ଥାୟୀରଙ୍ଗମଞ୍ଚ, ସ୍ୱର-ତାଳ ପାଇଁ ସର୍ବନିମ୍ନ ଉପକରଣ କେତୋଟି, ଏବଂ ଶୃଙ୍ଖଳାପ୍ରିୟ ଦାୟିତ୍ୱବାନ୍ ଶିକ୍ଷକ ଇତ୍ୟାଦି ଅତ୍ୟନ୍ତ ଆବଶ୍ୟକ ।

ତଥାପି, ଶିକ୍ଷାକେନ୍ଦ୍ରର ପ୍ରାଣିକ ଶିକ୍ଷାର ସଫଳତା ନିର୍ଭର କରେ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ କେଉଁ ସତ୍ୟର ଉପାସନା କରୁଛୁ । ସେ ବିଷୟରେ ଆଗାମୀ ସଂଖ୍ୟାରେ ଆଲୋଚନା କରିବା ।

(କ୍ରମଶଃ)

❑❑❑

**ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ**

ସେକ୍ରେଟେରି, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ, ଗୋପୀନାଥ ପୁର, ଭାୟା : ବହୁଗ୍ରାମ, ଜି : କଟକ, ପିନ୍-୭୫୪୨୦୦ ଜଣାଇଛନ୍ତି ଯେ ତାଙ୍କ ଶିକ୍ଷାକେନ୍ଦ୍ର ପାଇଁ ଜଣେ ଅଭିଜ୍ଞ ମାତୃଭକ୍ତ ବିଜ୍ଞାନ ଶିକ୍ଷକ, ଜଣେ ସଂସ୍କୃତ ଏବଂ ଖେଳ ଶିକ୍ଷକ ଆବଶ୍ୟକ । ଇଚ୍ଛୁକ ମାତୃପ୍ରେମୀ ଭାଇ/ଭଉଣୀ ଜୁନ୍ ୨୫ ତାରିଖ ମଧ୍ୟରେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ ।

# ଫଟା ଫତେଇ

## ସନ୍ତୋଷ ରଥ

ଘୁଞ୍ଚା ଶୀତର ରାତି । ସମୁଦ୍ରକୂଳିଆ ଘର, ପୁଣି ତିନିମହଲା ଉପରେ । ଶୀତ ଫେରିଯାଇଥିଲେ ବି ଶୀତୁଆ ଭାବଟା ଅଧାଉଙ୍କୁଟା ମଲୁକୁଟି ପରି ରାତିର ଦେହରୁ ଛାଡ଼ିଯାଇ ନ ଥାଏ । କାଲୁଆ ପବନଟା ଧସେଇ ପଶି ଆସେ ଉତ୍ତରମୁହଁ ଝରକା ଦେଇ । ପବନର ଅବାଧ ଗତି ମୋ ରୁମ୍‌ରେ । କାରଣ କବାଟ ଝରକା ସବୁ ଖୋଲା ମେଲା ପୁଣି ମୁହାଁ ମୁହିଁ । ଦକ୍ଷିଣକୁ ବାଲ୍‌କୋନି, ଉତ୍ତର ପଟେ ବିରାଟ ଖୋଲା ବାରଣ୍ଡା । ଟିକିଏ ବେନଜର ହେଇ ସାମ୍ନାସାମ୍ନି କବାଟ ଦୁଇଟାକୁ ସାହାଣ ମେଲା କରିଦେଲେ କଥା ଶେଷ । କାନ୍ଥ ଲଟକା କ୍ୟାଲେଣ୍ଡର ସବୁ ଧୁମ୍ ଧାମ୍ ହୋଇ ବିଛାଡ଼ି ହୋଇ ପଡ଼ନ୍ତି ଝଡ଼ ସାଉଁଟା ଧାନ କିଆରୀ ପରି ରୁମ୍‌ଟା ସାରା । ତେଣୁ ଗୋଟିଏ ତରଫ ବନ୍ଦ କରି ଆର ତରଫକୁ ଖୋଲିବାର ନିଘା ରଖିଥାଏ । ହେଲେ ରାତିରେ ଝରକା ଦୁଇଟାକୁ ଦରଆଉଜା କରିଦେଲେ ଢେର । ସବୁଦିନ ପରି ରାତି ଶୋଇବାବେଳକୁ ପିନ୍ଧାକୁର୍ତ୍ତାକୁ ଦୋହରେଇ ପିନ୍ଧିବାକୁ ଆଜି କାହିଁକି ଇଚ୍ଛା ହେଲାନି । ମନେ ପଡ଼ିଗଲା : ‘‘ବାବା, ଶୋଇବା ବେଳେ ପିନ୍ଧି ପକାଇବ... ।’’

ଲଣ୍ଡ୍ରି ଫେରନ୍ତା କପଡ଼ା ଥାକ ଭିତରୁ ଧଳା ଧପ୍ ଧପ୍ କଡ଼ା ଇସ୍ତିରିଆ ଫତେଇଟାକୁ ବାହାର କରିନେଲି । ଓଡ଼ିଶାର ତନ୍ତବୁଣା ଖଦିକପଡ଼ାରେ ତିଆରି । ବହୁତ ସାଧାସିଧା କାରିଗରି, ହେଲେ ବିଶେଷତ୍ୱ ରହିଛି ତିଆରି ଶୈଳୀରେ । ଫତେଇ ଖଣ୍ଡିକ ଖଣ୍ଡିଏ କପଡ଼ାରେ ତିଆରି ଯେମିତି କୋଣାର୍କର ନବଗ୍ରହ ମୂର୍ତ୍ତି, ପୁରୀ ମନ୍ଦିରର ଅରୁଣ ଖମ୍ବ । ଗୋଟିଏ ପଥରରେ ଗଢ଼ା ପୂରାପୂରି ନିଖୁଣ । କପଡ଼ାରେ ଯୋଡ଼ାଯୋଡ଼ି ନାହିଁ କି ବେକରେ ବୋତାମ ନାହିଁ । ସଫେଇ ଜନିତ ସିଲେଇ ଫିଟିବାର କି ବୋତାମ ଛିଣ୍ଡିବାର ଝାମେଲା ମଧ୍ୟ ନାହିଁ । ଢେର ଦିନ ହେଲାଣି ଢେର ପିନ୍ଧିଛି ।

ସେତେବେଳେ ପଢ଼ାସାରି ନୂଆ ନୂଆ ଚାକିରି କରୁଥାଏ । ଅଫିସ୍ ଫେରନ୍ତା ରାସ୍ତାକଡ଼ର ଖଦି ଓ ଗ୍ରାମୋଦ୍ୟୋଗ ଦୋକାନରେ ଲଟକିଥିବା ଏଇ ଫତେଇଗୁଡ଼ାକ ଆଡ଼େ ନଜର ଲାଗିଗଲା । ଭଲ ଲାଗିଲା, ନିଜ ମାପର ଖଣ୍ଡିଏ ମାଗିନେଲି । ହେଲେ ପାଖରେ ଥିବା ସହକର୍ମୀ ଜଣକ ଚିଲେଇ ଉଠିଲା, ‘‘ଆରେ ତୁ କ’ଣ ପାଗଳ ହୋଇଗଲୁ ନା କ’ଣ ? ଫତେଇ ପିନ୍ଧିବୁ ପୁଣି ଖଦି କପଡ଼ାର ।’’

ଦୋକାନୀ ବାପୁଡ଼ା ତା’ ସହ ତାଳ ଦେଇ କହି ପକାଇଲା :

– ବାବୁ ତାଙ୍କ ବୁଢ଼ା ବାପାଙ୍କ ପାଇଁ ନେଉଥିବେ ନା । ଆପଣମାନଙ୍କ ବୟସର ବାବୁମାନେ କେହି କ’ଣ ଫତେଇ ପିନ୍ଧିବେ ? ପୁଣି ଆଜି ଯୁଗରେ ! ଯୁଗ ଥିଲା ଗାନ୍ଧିଜିଙ୍କ ଅମଳରେ ଏଇ ଖଦି କପଡ଼ାକୁ କେତେ ଆଦର କରୁଥିଲେ ଆମେମାନେ । ସ୍ୱଦେଶୀମାନଙ୍କ ପିନ୍ଧା ଟୋପିଠାରୁ ଜାତୀୟ ପତାକା ଯାଏଁ ସବୁ ଏଇଥିରେ ହେଉଥିଲା । କୁଟି ଖାଇବା କାଟି ପିନ୍ଧିବା ଥିଲା ସେତେବେଳର ଗୋଟାଏ ଆଦର୍ଶ । ବିଦେଶୀ କପଡ଼ା ବର୍ଜନ କରିବା ଥିଲା ସ୍ୱରାଜବାଦର ଚିହ୍ନ । ହେଲେ ଆଜି ଯୁଗରେ ସେଇ ବିଦେଶୀମାନଙ୍କ ଢଙ୍ଗରେ ନିଜକୁ ଅଧା ଫୁଙ୍ଗୁଳା କରି ରାସ୍ତାରେ ଘୂରି ବୁଲିବା ହେଉଛି ଆମ ପିଲାମାନଙ୍କର ସବୁଠାରୁ ବଡ଼ଫେସନ୍ । ହେଲେ ବାବୁଙ୍କ ବିନା ସେମାନେ କେହି ମୋ ଦୋକାନ ମାଡ଼ନ୍ତିନି ।

– ଥାଉ, ଢେର କହିଲଣି । ପୁରୁଣା କାଳିଆ ଲୋକମାନଙ୍କର ଏଇଟା ଗୋଟାଏ ରୋଗ । ଆଜିର ଚଳଣିଟା କାଲିକି ପୁରୁଣା ହୋଇଗଲେ ସେଇସବୁ ଭାରି ସୁନ୍ଦର, ହେଲେ ଆଜି ନୁହେଁ । ଏଇଭଳି ପରିବର୍ତ୍ତନ-ବିମୁଖତା ଯୋଗୁଁହିଁ ଦେଶର ଆଜି ଏ ଅବସ୍ଥା ।

ବନ୍ଧୁଙ୍କ ଚଢ଼ାଗଳାର ଉତ୍ତରରେ ବିଚରା ଚୁପ୍ ହୋଇଗଲା । କଥା ନ ବଢ଼ାଇ ପଇସା ବଢ଼ାଇ ଫେରି ଆସିଲି । ଭୁଲ୍‌ଟା କାହାରି ନୁହେଁ । କିଏ ବା କାହିଁକି ଜାଣିବ ମୋ ମନକଥା ! ସାଧାରଣ ସଂସାରୀ ଜୀବନରୁ ଓହରିଯାଇ ଆଶ୍ରମରେ ରହିବାର ମନବଳିବା ଦିନଠୁ ମୋ ପୋଷାକ ସଉକି ମନଟାର ରଙ୍ଗ ବଦଳି ଯାଇଥିଲା । ଭାବିଲି ଆଶ୍ରମରେ ରହିବି ପୁଣି ପୋଷାକପତ୍ରରେ ଏତେ ସଉକି କ’ଣ ଦରକାର ? ଆମ ଆଶ୍ରମରେ ସିନା ପୁରୁଣାକାଳିଆ ଗେରୁଆ କପଡ଼ା, ଶିଖା ତିଳକର ପ୍ରଥା ନାହିଁ ହେଲେ ସାଧା

ସରଳତାର ସୀମା ପାରିହେବାରେ ଲାଭ କ'ଣ ? ଘୋଡ଼ାର ବେକରୁ ଲଗାମ କାଢ଼ିନେଇ ଦୌଡ଼ାଇବା ସଇସର ଧର୍ମ ନୁହେଁ କି ପ୍ରତିଯୋଗିତାର ଲକ୍ଷ୍ୟ ମଧ୍ୟ ନୁହେଁ । ବରଂ ଲଗାମ, ଚାବୁକ ଓ ଘୋଡ଼ା ସମସ୍ତଙ୍କୁ ନିଜର ଆୟତ୍ତାଧୀନ କରି ଦୌଡ଼ିବାରେ ରହିଛି ପ୍ରକୃତ ସାର୍ଥକତା । ପ୍ରଗତିର ପ୍ରକୃତ ପନ୍ଥା । ଗୁରୁଦେବଙ୍କର ଏଇ ଧାରାଟା ମୋ ମନକୁ ବେଶ୍ ଛୁଇଁ ଯାଇଥିଲା । ଅତ୍ୟାବଶ୍ୟକ ବସ୍ତୁସକଳ ପ୍ରତି ବିରାଗ ନୁହେଁ କି ଅସଂଯମତା ପ୍ରତି ଅନୁରାଗ ମଧ୍ୟ ନୁହେଁ । ଲୋକଦେଖାଣିଆ ବାହ୍ୟ ବୈରାଗ୍ୟଠାରୁ ଆନ୍ତର ବୈରାଗ୍ୟରେହିଁ ରହିଥାଏ ପ୍ରାଣିକ ଗତିବୃତ୍ତି ଉପରେ ପ୍ରକୃତ ବିଜୟ ।

ଆଶ୍ରମରେ ରହିବା ବର୍ଷ ମୋର ଏବେ ପାଞ୍ଚ ପୂରି ଛଅ ଚାଲିବ । ପଣ୍ଡିଚେରୀର ଗରମ ହାଓ୍ୱାକୁ ହାଫ୍‌ପ୍ୟାଣ୍ଟ ଓ ଫତେଇ ମୋତେ ବେଶ୍ ପୋଷାଏ । କେଇଜଣଙ୍କୁ ବହୁତ ଭଲ ଲାଗିଲା, ପୁଣି କେଇଜଣ ପୁରୁଣା କାଳିଆ ସାଧକ ମାନଙ୍କ ନାମ ଧରି ମୃଦୁ ସମାଲୋଚନାମୂଳକ ସ୍ମୃତିଚାରଣ କଲେ । ମୋର କିନ୍ତୁ ସେ ସବୁ ପ୍ରତି ଖାତିର ନ ଥାଏ । ଆଶ୍ରମ କାମରେ ଜିନିଷ ଲଦା ଟ୍ରଲିରିକ୍ସା ଟାଣି ଆଣିବା ବେଳେ ଫତେଇଟା ମୋ ମନ ପସନ୍ଦର ପୋଷାକ ହୋଇଉଠେ । ସତ କହିବାକୁ ଗଲେ ସାମାଜିକ ଓ ପାରିବାରିକ ପଦମର୍ଯ୍ୟାଦାକୁ ଚାହିଁ କାମ, ପୁଣି କାମ ଜନିତ ପଦମର୍ଯ୍ୟାଦା– ଏଇ ଦୁଇଟାର ଠେଲାପେଲା ଭିତରୁ ଓହରି ଯିବା ପାଇଁ ବାହାର ଦୁନିଆର ଲୋକେ କେହି ବି ଚାହାନ୍ତିନି । ମାତ୍ର କଥା କଥାକେ କହି ପକାନ୍ତି– ଘାସକଟାଠାରୁ ଘୋଡ଼ାଚଢ଼ା ଯାଏଁ ସବୁକାମ ତ ଭଗବାନଙ୍କର । ଏଥିରେ ଛୋଟ ବଡ଼ର ବାଛ ବିଚାର କରିବା ଠିକ୍ ନୁହେଁ । ବିବେକାନନ୍ଦ ତ ପୁଣି ମୋଚି ମେହେନ୍ତରଙ୍କୁ ନିଜର ଭାଇ ବୋଲି ଆଦରି ନେଇଥିଲେ । ଖୁସୀ ଲାଗେ– ବାହାରେ ଥିଲେ ମୁଁ ସିନା ଘୋଡ଼ାଚଢ଼ି ପାରିଥା'ନ୍ତି ହେଲେ ସମସ୍ତ ଅପ୍ରତିକୂଳ ପରିସ୍ଥିତିରେ ରିକ୍ସା ଟାଣିବାର ସୌଭାଗ୍ୟ କେବେବି ଜୁଟି ନ ଥା'ନ୍ତା । ହେଲେ ଜପତପ, ଭଜନପ୍ରବଚନ ଛାଡ଼ି ରିକ୍ସା ଟାଣିବା, ଲୁଗା କାଚିବା, ଝାଡୁ ମାରିବା ମାଧ୍ୟମରେ ଯେ ସାଧନା କରାଯାଇପାରେ, ଏକଥା କେବଳ ଏଇ ଆଶ୍ରମରେହିଁ ଦେଖିବାକୁ ମିଳେ । ପୁଣି ଉପଯୁକ୍ତ ମନୋବୃତ୍ତି ସହ କରିପାରିଲେ ଧ୍ୟାନ କରିବାଠାରୁ କାମରେ କୁଆଡ଼େ ଦଶଗୁଣ ଫଳ ।

ସନ୍ଧ୍ୟାରେ ଦିନେ ଆଶ୍ରମରୁ ଆସୁ ଆସୁ ସାଧକବନ୍ଧୁ ଜଣେ ତାଙ୍କର ମାମୁମାଈଁଙ୍କ ସହ ପରିଚୟ କରାଇଦେଲେ । ସମ୍ଭ୍ରମରେ ନମସ୍କାର ଜଣାଇଲି । ଜାଣିଲି ପ୍ରଥମଥର ପାଇଁ ଆସିଛନ୍ତି । ପୋଷାକପତ୍ରରୁ ଜଣାପଡୁଥାଏ ବେଶ୍ ଉଚ୍ଚପଦବିର ଅଧିକାରୀ । ବହୁତ ଖୁସିରେ ମାମୁ ତାଙ୍କର କହି ପକାଇଲେ :

– ହଁ ଆମେ ଦେଖିଛୁ । ପ୍ରଥମଦିନ ତୋତେ ଖୋଜି ବୁଲିବା ବେଳେ ତୁମେଦୁହେଁ ରିକ୍ସାଟାଣି ଆସୁଥିବାର ଆମେ ଦେଖିଛୁ ।

– ତୁମେ ଆମକୁ ସେତେବେଳେ ଡାକିଲନି ?

ବନ୍ଧୁଙ୍କ ପ୍ରଶ୍ନର ଉତ୍ତର ନ ଦେଇପାରି ସେ ଚୁପ୍ ହୋଇଗଲେ । ଟିକିଏ ଅପ୍ରସ୍ତୁତ ବୋଧହେଲେ । ବୁଝିଗଲି । ଏତେ ପାଠପଢ଼ି, ଏତେ ଧନସମ୍ପତ୍ତି ଛାଡ଼ି ଭଣଜା ତାଙ୍କର ରାସ୍ତାରେ ରିକ୍ସା ଟାଣୁଥିବାର ଦେଖି ହଠାତ୍ ନିଜକୁ ସାଲିସ ନ କରି ପାରିବାଟା ଅସ୍ୱାଭାବିକ ନୁହେଁ । କାରଣ ସେଇ ମନ ଆଜିଯାଏଁ ସାଇପଡ଼ିଶା, ବନ୍ଧୁବାନ୍ଧବଙ୍କ ଆଗରେ ନ୍ୟାୟ ଅନ୍ୟାୟ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ ଭିତରେ ବାଛ ବିଚାର କରି ରାୟ ଦେଉଥିଲା– ସଂସାରରେ ରହି କ'ଣ ଭଗବାନଙ୍କୁ ଲାଭ କରିହେବ ନି ? ସମସ୍ତେ ଯଦି ବାବାଜି ହେବେ ସଂସାର ତିଷ୍ଠିବ କେମିତି ? ବାପା– ମାଆ, ଭାଇ– ଭଉଣୀ ଏମାନଙ୍କ ପ୍ରତି କ'ଣ କିଛି କର୍ତ୍ତବ୍ୟ ନାହିଁ ? ସମାଜ ପ୍ରତି କ'ଣ କିଛି ପ୍ରତିଦାନ ନାହିଁ ? କିଛି ନୁହେଁ, କିଛି ନୁହେଁ ବୋଝବୋହିବାକୁ ପଡ଼ିବ ବୋଲି ଏସବୁ ଖାଲି ଗୋଟାଏ ବାହାନା । ଏମାନେ ସବୁ ସୁବିଧାବାଦୀ ସ୍ୱାର୍ଥପର । ନିଷ୍କର୍ମା ଅକର୍ମା ହୋଇ ଭକ୍ତ ଭିକ୍ଷାରେ ଭୋଜନ କରିବା ନ୍ୟାୟ । ହେଲେ ଏବେ ତ ନିଜ ଆଖିରେ ଦେଖିନେଲେ ଭଣଜା ତାଙ୍କର କେତେ ଖୁସି । ମୁଖର ଦ୍ୟୁତି ସୂଚାଇ ଦେଉଥାଏ ବ୍ରହ୍ମଚାରୀର ବ୍ରତନିଷ୍ଠାକୁ । ପୁଣି ଦୁଇ ତିନିଦିନର ରହଣି ଭିତରେ ଆଶ୍ରମର ଢଙ୍ଗରଙ୍ଗ, ରୀତିନୀତି ଦେଖି ବେଶ୍ ବୁଝିଗଲେଣି, ଗୀତାର କର୍ମଯୋଗଠାରୁ ଆହୁରି ସ୍ପଷ୍ଟ ଏହାର ଧାରା । ସାଧନାର ଏହା ଏକ ସର୍ବାଧୁନିକ ଦୃଷ୍ଟିଭଙ୍ଗୀ । ନିର୍ବାଣଠାରୁ ଆହୁରି ସୁଦୂରପ୍ରସାରୀ ଏହାର ଲକ୍ଷ୍ୟ । ପଥପିଚ୍ଛିଳ ହେଲେ ବି ଚେତନାରୁ ଅତିଚେତନା, ମାନସରୁ ଅତିମାନସକୁ ଏକ କ୍ରମାନ୍ୱୟ ଆରୋହଣ ପାଇଁ ସଭିଏଁ ସଂକଳ୍ପବଦ୍ଧ । ଲାଗୁଥାଏ ସେ ଯେମିତି ବର୍ଷା ଉଛୁଳା କୂଅ

ଭିତରୁ ଡେଇଁ ପଡ଼ିଛନ୍ତି ଭିନ୍ନ ଗୋଟାଏ ଜଳାଶ୍ରୟକୁ । ଆଉ ସେଇଟାହିଁ ତାଙ୍କ ପାଇଁ ସୀମାହୀନ ସମୁଦ୍ର । ନିଜର ଲଜ୍ଜିତ ଭାବକୁ ପ୍ରକାଶ ନ କରି କଥାକୁ ମୋଡ଼ଦେଇ କହିପକାଇଲେ :

— ତୁମର ଏଇ ଫତେଇଟା କିନ୍ତୁ ବହୁତ ଭଲ ହେଇଛି, ବେଶ୍ ମାନୁଛି, ଏଇଟା କ'ଣ ଓଡ଼ିଶାରୁ ଆଣିଥିଲ ?

— ହଁ ଭରି ଫେରି ଆସିଲି । ହେଲେ ଫତେଇଗତ ପ୍ରାଣଟା ମୋର ଚହଲିଉଠିଲା । ପୁରୁଣିଆ ଭାବଟା ସାରା ଫତେଇଟାକୁ ଜଡ଼ିଯାଇଥାଏ । ବୟସାଧିକ ଅବସ୍ଥା । ଆଉ ବେଶୀଦିନ ନୁହେଁ ।

ଭାବନାର ଧାଁ ଦଉଡ଼ ଭିତରେ ନିଦ ସେପର୍ଯ୍ୟନ୍ତ ଆସି ନ ଥାଏ । ଫତେଇର ଜନ୍ମ ଜାତକରୁ ଜୁଇଯାତ୍ରାଯାଏ ଲେସି ହୋଇରହିଥିବା ଘଟଣ ଅଘଟଣସବୁ ବିଜୁଳି ପରି ଝଟକି ଆସୁଥା'ନ୍ତି ରାତିର ବହଳିଆ ଅନ୍ଧାର ଭିତରୁ ।

ଡିପାର୍ଟମେଣ୍ଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ କାମରେ ମ୍ୟାନେଜରଙ୍କ ସାଙ୍ଗରେ ଯାଇଥାଏ ଜଣେ ପଦସ୍ଥ ସରକାରୀ ଅଫିସରଙ୍କ ପାଖକୁ । ପ୍ରାୟ ୧୫ମିନିଟ ଧାରଣା ଦେବା ପରେ ଚପରାସୀଠାରୁ ସଦୟ ସ୍ୱୀକୃତି ମିଳିଲା ଦପ୍ତର ଅନୁପ୍ରବେଶ ନିମନ୍ତେ । ଶୀତତାପ ନିୟନ୍ତ୍ରିତ ବେଶ୍ ବଡ଼ କୋଠରି । ସାରା ଚଟାଣ ଗାଲିଚାରେ ଭର୍ତ୍ତି । ଚଟାଣଛୁଆଁ ପରଦାଗୁଡ଼ାକ ଲମ୍ବିଆସିଥା'ନ୍ତି ଉପରୁ ତଳଯାଏଁ କବାଟ ଝରକାକୁ ଆଢୁଆଳ କରି । ଫୋନ୍‌ଟା ଥୋଇଦେଇ ଅଧାଶୁଆ ଚଉକି ଭିତରୁ ଚିହିଁକି ଉଠିଲେ ଅଫିସର ଜଣକ, ସ୍ପ୍ରିଙ୍ଗଦିଆ କଣ୍ଢେଇପରି । ନୂଆ ହେଇ ଆସିଥା'ନ୍ତି, ବୟସ ବେଶୀ ନୁହେଁ । ତିର୍ଯ୍ୟକ ଚାହାଣିରେ ଚାହିଁଦେଲେ ଆମକୁ । ପାଖାପାଖି ହେବାକୁ ଅଳ୍ପ ବାକି ଅଛି ହଠାତ ଶୁଭିଲା :

— ଦୟାକରି ଆପଣ ଟିକେ ବାହାରକୁ ଯିବେ ! ଅଫିସ୍‌ର ଶାଳୀନତାକୁ ବ୍ୟାହତ କରୁଛି ।

ଆଶ୍ଚର୍ଯ୍ୟ ହେଲୁ । ସାରା ରୁମ୍‌ଟା ଭିତରେ ସିଏ ଏବଂ ଆମେ । ଆଉ ତ କେହି ନାହାନ୍ତି । ପୁଣି ଅନୁମତି ସହ ଏକ ଅବ୍ୟକ୍ତିକ କାମ ନେଇ ପ୍ରବେଶ କରିଛୁ । କାହାପାଇଁ ଏ କଟୂକ୍ତି । ଅଫିସରଙ୍କ ଇସାରା ବୁଝିପାରି ନୀରବରେ ବାହାରି ଆସିଲି । ବାହାରେ ବସିଥାଏ, କାମ ସାରି ମ୍ୟାନେଜର୍ ଜଣକ ଫେରିଲେ ।

— ଆଚ୍ଛା ! ଆମ ଦେଶର ଆଇନ୍‌ରେ ଏପରି କ'ଣ କିଛି ନିୟମ ରହିଛି ?

ସେତେବେଳକୁ ମୁଁ କେତେକ'ଣ ଭାବି ଚାଲିଥାଏ । ଏଇ ହେଉଛି ସେଇ ଦେଶ ଯାହାର ପ୍ରତିନିଧି ଆଣ୍ଠୁଢ଼ଙ୍କା ଖଦିଲୁଗା ଖଣ୍ଡେ ପିନ୍ଧି ବ୍ରିଟିଶ ଦରବାରରେ ନିଜର ସ୍ୱତନ୍ତ୍ରତାକୁ ଜାହିର କରିଥିଲା । ଏଇ ହେଉଛି ସେଇ ଧର୍ମ ଯାହାର ପ୍ରତିନିଧି ମୁଣ୍ଡରେ ଠେକା ଭିଡ଼ି ଦେହରେ ଗେରୁଆ ପିନ୍ଧି ବିଶ୍ୱଧର୍ମ ମହାସଭାରେ ନିଜ ଧର୍ମର ମହାନ୍ ଉଦାରତାକୁ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରି ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନ କରାଇ ପାରିଥିଲା, ସେଠି ପୁଣି ସର୍ବସାଧାରଣଙ୍କ ପୋଷାକ ପରିଚ୍ଛଦ ଉପରେ ନିୟମ କାନୁନ ? ପୁଣି ସ୍ୱାଧୀନତାର ପଚାଶ ବର୍ଷ ପରେ ? ଆଶ୍ଚର୍ଯ୍ୟ ଲାଗେ ଏତେ ସମ୍ପ୍ରଦାୟ, ଏତେ ସଂସ୍କୃତି ଯେଉଁଠି ଗୋଟିଏ ପାଣି ପବନରେ ବଢ଼ି ଉଠନ୍ତି ସେଠି ଫୁଲପ୍ୟାଣ୍ଟ-ସାର୍ଟ ଆଉ ହାଫପ୍ୟାଣ୍ଟ-ଫତେଇ ଲାଗି ନାଗରିକର ଅଧିକାରରେ ଫରକ ଆସିବ ବା କିପରି ?

...ହେଲେ ମୋ ଭିତରର କୁହୁଳା ନିଆଁଟା ଧପ୍‌କରି ଶୀତଳେଇ ଗଲା । ମୁହଁରୁ ମୋର ବାହାରି ଆସିଲା ଭିନ୍ନ ଉତ୍ତରଟାଏ– ନାଁ, ଆଇନରେ ସେମିତି କିଛି ଧରାବନ୍ଧା ବିଧିବ୍ୟବସ୍ଥା ନାହିଁ, ହେଲେ ଆମ କାମଟା ତାଙ୍କ ପାଖରେ ।

ହଠାତ୍ ମନେହେଲା ମୋ ଅହଂକାରର ଲବଣ ପିତୁଳା ସମୁଦ୍ରର ଗଭୀରତା ମାପିବା ପାଇଁ ଡେଇଁ ପଡ଼ିଛି । ମ୍ୟାନେଜରବି ମୋ କଥାରେ ବେଶ୍ ଖୁସି ହୋଇଗଲେ । ଫେରି ଆସିଲୁ । ପରେ କିନ୍ତୁ ମାତ୍ର ଚାରିଦିନ ଭିତରେ ପ୍ରାୟ ମାସକର କାମ ଆପଣାଛାଏଁ ହୋଇଯାଇଥିବାର ଖବର ପାଇ ଆଶ୍ଚର୍ଯ୍ୟ ଲାଗିଲା । ସେତେବେଳକୁ ଫତେଇ ପାଇଁ ଫତୁଆ ହେବା କଷ୍ଟଟା ଭୁଲି ଯାଇଥିଲି । ତଉଲି ନେଲି, ଗୋଟିଏ ପଟେ ଅଫିସରଙ୍କର ସାହେବୀ ଆଦବ କାଇଦା, ଅନ୍ୟପଟେ କର୍ମନିଷ୍ଠା, ଉଣିଶବିଶ । ତାଙ୍କ ପ୍ରତି ଥିବା ଅଶ୍ରଦ୍ଧା ଭାବଟା ବି ଦୂରେଇ ଗଲା । ବୁଝିଗଲି ବାହାର ଦୁନିଆରେ ସବୁ ମାଠିଆ ଗୁଡ଼ାକ ଯେ ଫମ୍ପା ସେକଥା ନୁହେଁ, ହେଲେ ସମସ୍ତେ ଶବ୍ଦ ଜୋର୍ କରନ୍ତି ।

ଫଟା ଫତେଇଟି ପ୍ରତି ମୋ ଦରଦ ଭାବଟା ବଢ଼ିଗଲାବେଳେ ଜାଣୁଥାଏ ସଂପର୍କର ଶେଷ ଶିଖାଟା କ୍ରମଶଃ ନିସ୍ତେଜ ହୋଇ ଯାଉଛି । ଆରମ୍ଭ ପରି ଶେଷ ମୁହୂର୍ତ୍ତ ଗୁଡ଼ାକ ଭିତରେ ରହିଥାଏ ସଂପର୍କର ଗୋଟାଏ ନିବିଡ଼ତା, ନିଶ୍ଚିହ୍ନତାର ଗୋଟାଏ ଦକ୍‌ଦକ୍ ଭାବ ।

ସେତେବେଳେ ସବୁକଥା ମନକୁ ଛୁଇଁଯାଏ, ସ୍ମୃତିକୁ ଚେଇଁଦିଏ । ମନେହୁଏ ନୂଆ ପୁରୁଣା ସବୁକଥା ଆଉଥରେ ସାଉଁଟି ନେବା ପାଇଁ । ଆଜି ସକାଳର ଫିକା ବାସ୍ନାଟା ମନଟାକୁ ମହକେଇ ଦେଲା ।

ଲଣ୍ଡ୍ରିରୁ ଲୁଗା ଥାକ ଆଣି ଦେଖେ ଚିଠାଠାରୁ ଗୋଟାଏ କମ୍ । ଭାବିଲି, ହେଲେ ଠଉରେଇ ପାରିଲିନି ମୋ ହଜିବା କୁର୍ତ୍ତାର କଳେବରକୁ । କ'ଣ କରିବି, କାହାକୁ କହିବି, ନିଜ ହଜିବା କୁର୍ତ୍ତାକୁ ହେଜି ନ ପାରୁଥିବାର ଅସାମର୍ଥ୍ୟକୁ । ଲାଭ ବା କ'ଣ ? ଆଜିର ପୋଷାକ ସଉକି ଦୁନିଆରେ ଯେଉଁଠି ଛୁଆର କାନ୍ଥୁ ଶାଢ଼ିର ଭାଙ୍ଗ ଅଧିକ ଗୁରୁତ୍ୱପୂର୍ଣ୍ଣ, ସେଠି ମୋର ଏ ଭାବକୁ କିଏ ବା କାହିଁକି ବିଶ୍ୱାସ କରିବ ? ସାମ୍ନାଦେଇ ଚାଲିଯାଉଥିଲେ ବୟସ୍କା ସାଧିକା ଜଣେ, ମା'ଙ୍କ ଅମଳର । ସ୍ନେହୀ ଯେମିତି, ସରଳ ସେମିତି । କଥାବାର୍ତ୍ତା, ବେଶପୋଷାକ ସବୁଥିରେ ପିଲାଳିଆର ଢଙ୍ଗ । ...ଅଧ୍ୟାପିକା ଚାକିରି ଛାଡ଼ି ଆଶ୍ରମ ଆସିଥିଲେ ଖାଲି ମା'ଙ୍କ ମୋହରେ । ଆଶ୍ରମରେ ଲାବୋରେଟୋରିରୁ ଲଣ୍ଡ୍ରି, ଅଧାପନାରୁ ଲୁଗା ସଫେଇ କିଛି ଫରକ ପଡ଼େନି ତାଙ୍କ ପାଇଁ । ବିଭାଗୀୟ କର୍ମୀ ହେତୁ ଅତି ସନ୍ତର୍ପଣରେ କଥାଟା ଜଣାଇଲି ସିନା ହେଲେ ଉତ୍ତର ଶୁଣି ହତବମ୍ଭ ।

— ତୁମର ଫତେଇଟା ତ ? ବହୁତ ଜାଗା ଫାଟି ଯାଇଥିଲା । ମୁଁ ମେସିନରେ ନ ପକାଇ ହାତରେ ସଫାକରି ରଖିଛି । ହଜିବ କାହିଁକି ? ତାଙ୍କ କଥା ଶୁଣି ନିରର୍ଥକ ଉଦାସୀନତାର କଳାମେଘଟା ମୋ ମନରୁ ଅପସରି ଗଲା । ପାଟିରୁ ମୋର ଆପଣାଛାଏଁ ବାହାରିଗଲା :

— ବାହାର ଦୁନିଆରେ ମଣିଷ ନିଜ ପରିବାର ମଣିଷଙ୍କ ହିସାବ ରଖିବାକୁ କର୍ତ୍ତବ୍ୟ ବୋଲି ମଣୁନି, ହେଲେ ହଜାର ହଜାର ଲୁଗା ଭିତରେ ଆପଣ ଏଇ ଫଟା ଫତେଇଟାକୁ ମନେ ରଖିଛନ୍ତି; ପୁଣି ତା ପ୍ରତି ଏତେ ଯତ୍ନଶୀଳ ! ଧନ୍ୟ ଆପଣଙ୍କର କାର୍ଯ୍ୟନିଷ୍ଠା ।

ଧନ୍ୟବାଦର ପ୍ରତ୍ୟୁତ୍ତରରେ ଏତିକି ମାତ୍ର ଶୁଣିଲି : ନାଁ, ନାଁ, ଏଇଟା ତ ଆମ କାମ । ଏଥର ରାତିରେ ଶୋଇବାବେଳେ ପିନ୍ଧି ପକାଇବ । ଏଇଟି ତା ପାଇଁ ଶେଷ ସଫେଇ । ଆଉ ଆଣିବନି ।

ଛୋଟବଡ଼ ପ୍ରତିଟି ବସ୍ତୁ ପ୍ରତି ଯତ୍ନଶୀଳ ହେବାର ମା'ଙ୍କ ଉପଦେଶକୁ ସମର୍ଥନ ଜଣାଇ ଫେରି ଆସିଲି ସିନା, ହେଲେ ଫତେଇଟି ପ୍ରତି ମୋର ଆସକ୍ତି ଢେର ବଢ଼ିଗଲା । ଜାଣିଲି ସବୁଦିନ ପାଇଁ ମୋତେ ତା'ହେଲେ ତାକୁ ଭୁଲିଯିବାକୁ ହେବ । ଟାଣି ଦେବାକୁ ହେବ ସବୁ ସଂପର୍କ ଆଉ ସଂସର୍ଗରେ ଶେଷ ପୂର୍ଣ୍ଣଚ୍ଛେଦ । ଭାବନାଟା ପାଣିଛୁଆଁ ଭଉଁରି ପରି ମେଲିଯାଉଥାଏ ଥରକୁ ଥର । ରାତି ସେତେବେଳକୁ ଢେର ହେଲାଣି । ଆସକ୍ତି-ଆତୁର ପ୍ରାଣଟାକୁ ଚେତାଇଦେଇ ଭାବଟାଏ ଉଙ୍କିଉଠିଲା । ମୁଁ ବି ଏମିତି ଦିନେ ବୁଢ଼ା ହୋଇଯିବି, ମୋ ଆଦର ସାଇତା ଦେହଟା ବି ଦଦରା ହୋଇଯିବ । ହେଲେ ଫଟା ଫତେଇଟାକୁ ବିସର୍ଜିଦେବାକୁ ଯଦି ଏତେ ଖଟ୍‌କା ଲାଗୁଛି ତେବେ ଆତ୍ମା ଓ ଶରୀରର ଅଛିଣ୍ଡା ସଂପର୍କ ମଧ୍ୟରେ ମୃତ୍ୟୁକୁ ପରିବର୍ତ୍ତନର ଗୋଟିଏ ନିହାତି ସାଧାରଣ ପ୍ରକ୍ରିୟା ଭାବରେ ଗ୍ରହଣ କରିବା ତାହେଲେ କେତେ କଷ୍ଟକର ନ ହୋଇଥିବ ? ମନ, ପ୍ରାଣ ଯାହାକୁ ପରିଧାନ କରି ଲୀଳା ଖେଳା କରନ୍ତି, ନିଜର ସୁରକ୍ଷା ପାଇଁ ଯାହାକୁ ଦୁର୍ଗ ବନାଇଛନ୍ତି, ସେହି ଶରୀରକୁ ଛିଣ୍ଡା ପରିଧାନ ପରି ପରିବର୍ତ୍ତନ କରିଦେବା କ'ଣ ସତରେ ଏତେ ସହଜ ! ହେଲେ... ମୁଁ ତ ଶରୀର ନୁହେଁ, ଶରୀରଟା ମୋ ପାଇଁ । କେବଳ ସୁରକ୍ଷାର ଭାରଟା ମୋର । କିନ୍ତୁ ଉଡ଼ା ଚଢ଼େଇଟା ଉଡ଼ିଯିବା ପରେ ସେ କାହାର ନୁହେଁ କି କେହି ତା'ର ନୁହେଁ । ତେବେ ତା'ପ୍ରତି ମୋର ଏତେ ଆସକ୍ତି କାହିଁକି ? ମୃଗୟା ଅନ୍ୱେଷୀ ମନଟାକୁ ଫେରାଇଆଣି ବୁଝେଇଦେଲି, ବିନ୍ଦୁରେ ସିନ୍ଧୁ ଦର୍ଶନ ଅପେକ୍ଷା ସିନ୍ଧୁରେ ବିନ୍ଦୁର ସଂସିକ୍ତ ଅସ୍ତିତ୍ୱକୁ ଅନୁଭବ କରିବା ବୋଧହୁଏ ସହଜ ସାଧ୍ୟ ହୋଇପାରିଥାଏ । ତା'ଛଡ଼ା ଭଗବାନ ଯେତେବେଳେ କହୁଛନ୍ତି ''ବାସାଂସି ଜୀର୍ଣ୍ଣାନି ଯଥା ବିହାୟ...'' ସେତେବେଳେ ଯୁକ୍ତି ବୁଦ୍ଧିର ପ୍ରୟୋଗ ବିନା ସହଜ ସରଳରେ କଥାଟାକୁ ମାନିନେବାଟା ବରଂ ଶ୍ରେୟସ୍କର ।

ଅର୍ଜୁନର ଆବେଗ ଆକୁଳ ଆଖି ଦୁଇଟା ପ୍ରସରିଗଲା ଦେହରୁ ଦେହାନ୍ତର, ପରିଧାନରୁ ପରିଧାନକୁ । ଭଗବାନଙ୍କ ପ୍ରତିଶ୍ରୁତିକୁ ପ୍ରତିବାଦ ନ କରିବାର ସଂକଳ୍ପ ନେଇ ଫଟା ଫତେଇଟି ସହ ସମର୍ପିଦେଇ ଶୋଇଗଲି, କାଲିର କାମ ପାଇଁ ମୋତେ ପ୍ରସ୍ତୁତ କରିବାର ପ୍ରାର୍ଥନା କରି ।

❑❑❑

ସ୍ୱପ୍ନ ଆଗାମୀର

# ସ୍ୱପ୍ନ ଯଦି ନ ଥା'ନ୍ତା

## ନିରଂଜନ ନାୟକ

ସ୍ୱପ୍ନ ଯଦି ନ ଥା'ନ୍ତା ଏ ବିଶ୍ୱକୁ ଏକ ପରିପୂର୍ଣ୍ଣ ସତ୍ୟ ବୋଲି କୁହାଯାଇପାରନ୍ତା ନାହିଁ । ସେଇଥିପାଇଁ ସାବିତ୍ରୀରେ ଶ୍ରୀଅରବିନ୍ଦ କହିଛନ୍ତି :

It is a dream-fact vision of a truth
Which but for the dream
would not be wholly true.

(B-1, C-4, p. 61)

ସତ୍ୟର ଅଟଇ ଏହା (ବିଶ୍ୱ) ଏକ ସ୍ୱପ୍ନ
ଆଉ ବାସ୍ତବର ଦୃଷ୍ଟି
ସ୍ୱପ୍ନ ବିନା ନୁହେଁ ଏହା ପରିପୂର୍ଣ୍ଣ ସତ୍ୟ ।

ଏଠାରେ ବାସ୍ତବ ହେଉଛି ଏହି ଦୃଶ୍ୟମାନ ସ୍ଥୂଳ, ଜଡ଼ଜଗତ । କିନ୍ତୁ ଏହି ଦୃଶ୍ୟମାନ, ସ୍ଥୂଳ, ଜଡ଼ ସବୁକିଛି ନୁହେଁ । ଏହାର ପଶ୍ଚାତରେ ରହିଛି ଚେତନାର ବହୁବିଧ ଭୂମି, ବହୁବିଧ ଜଗତ, ବହୁବିଧ ଶକ୍ତି । ସ୍ୱପ୍ନ ଏଠାରେ ବାସ୍ତବରେ ଅନ୍ତରାଳରେ ଥିବା ଏହିସବୁ ଜଗତ, ଏହିସବୁ ସତ୍ତା, ଏହିସବୁ ଶକ୍ତିଙ୍କୁ ବୁଝାଉଛି । ଏ ଜଗତ ଏହି ଦୁଇଟିର ସମଷ୍ଟିରେ ଗଢ଼ା– ସମ୍ମୁଖରେ ଥିବା ବାସ୍ତବ ଓ ପଶ୍ଚାତରେ ଥିବା ସ୍ୱପ୍ନ । ଏ ବାସ୍ତବ ଜଗତ ସେହି ସ୍ୱପ୍ନଜଗତରୁହିଁ ଆସିଛି । ସ୍ୱପ୍ନ ନ ଥିଲେ ବା ସୂକ୍ଷ୍ମ ଜଗତ ନ ଥିଲେ ବାସ୍ତବ ସ୍ଥୂଳ ଜଗତ ସମ୍ଭବ ହୁଅନ୍ତା ନାହିଁ । ତେଣୁ ଶ୍ରୀଅରବିନ୍ଦ କହିଛନ୍ତି ସ୍ୱପ୍ନ ବିନା ଏ ଜଗତ ଅପୂର୍ଣ୍ଣ ହୋଇ ରହିଯାଇଥା'ନ୍ତା । ସାବିତ୍ରୀରେ ଏଠାରେ 'ସ୍ୱପ୍ନ' ବହୁ ବିଶାଳ ଅର୍ଥରେ ବ୍ୟବହୃତ ହୋଇଛି । ଏହା ମଧ୍ୟରେ ଆମେ ନିଦରେ ଶୋଇ ଦେଖୁଥିବା ସ୍ୱପ୍ନ ମଧ୍ୟ ଅନ୍ତର୍ଭୁକ୍ତ । କାରଣ ତାହା ବି ଏକ ସୂକ୍ଷ୍ମ ଜଗତର ଓ ସୂକ୍ଷ୍ମଚେତନାର ବ୍ୟାପାର ।

ଆମର ଖାଇବା-ପିଇବା, ଚାଲିବା-ବୁଲିବା ଶୋଇବା ଆଦି ଯେପରି ଅନିବାର୍ଯ୍ୟ ସେହିପରି ଶୋଇଲେ ସ୍ୱପ୍ନ ଦେଖିବା ବି ଅନିବାର୍ଯ୍ୟ । କାରଣ ଆମର ଶରୀରଟା ଶୋଇ ପଡ଼ିଲେ ବି ଭିତରର ମନ, ପ୍ରାଣ ଶୋଇ ନ ଥା'ନ୍ତି । ବ୍ୟକ୍ତି ଶୋଇ ପଡ଼ିବା ପରେ ତା'ର ସକ୍ରିୟ ସଂକଳ୍ପଶକ୍ତି ଆଉ କାର୍ଯ୍ୟ କରେ ନାହିଁ । ତେଣୁ ମନ, ପ୍ରାଣ ଶରୀରର ବନ୍ଧନରୁ ଓ ସକ୍ରିୟ ସଂକଳ୍ପଶକ୍ତିର ଶାସନରୁ ମୁକ୍ତ ହୋଇ ସେମାନେ ଜାଗ୍ରତ ଅବସ୍ଥା ଅପେକ୍ଷା ବେଶୀ ସକ୍ରିୟ ହୋଇଉଠନ୍ତି । ସେମାନଙ୍କ ସହ ପାକକ୍ରିୟାର ଅବସ୍ଥା, କିପ୍ରକାର ଖାଦ୍ୟ ଆମେ ଗ୍ରହଣ କରିଥାଉ, ବିଛଣାରେ କିପରି ଭାବରେ ଶୋଇଥାଉ ସେହିଭଳି ଅନେକ କଥା ମଧ୍ୟ ସହଯୋଗ କରିଥାଏ । ଏହି ସ୍ୱପ୍ନ ଅନେକ ପ୍ରକାରର ଅଛି ।

କେତେକ ସ୍ୱପ୍ନ ଚେତନାର ଅତି ଉପରିଭାଗରେ ଅତି ସାଧାରଣ କଥାକୁ ନେଇ ଘଟିଥାଏ । ଏଗୁଡ଼ିକ ବିଶେଷ ଅର୍ଥପୂର୍ଣ୍ଣ ନୁହେଁ । ଆଉ କେତେକ ସ୍ୱପ୍ନରେ ଆମେ ଜାଗ୍ରତ ଅବସ୍ଥାରେ ଯାହା କାମନା, ଯାହା ଇଚ୍ଛା, ଯାହା କଳ୍ପନା, ଯାହା ଚିନ୍ତା, ଯାହା ଆଶା କରିଥାଉ ସେସବୁ କେବଳ ଚାଲୁ ରହେ ଓ ସେମାନଙ୍କ ନିଜସ୍ୱ ଢଙ୍ଗରେ ପୂରଣ ହୋଇଥାଏ । ଏହି ସ୍ୱପ୍ନଗୁଡ଼ିକ ସୂଚାଇ ଦେଇଥାଏ ଯେ ଜାଗ୍ରତ ଅବସ୍ଥାରେ ସେଗୁଡ଼ିକ କେତେ ତୀବ୍ର ଓ ଶକ୍ତିଶାଳୀ ଥିଲେ ।

ଆଉ କେତେକ ସ୍ୱପ୍ନରେ ଜାଗ୍ରତ ଅବସ୍ଥାରେ କ୍ରିୟାକଳାପର ଖାଲି ଅନୁକରଣ କରାଯାଇଥାଏ । ବ୍ୟକ୍ତି ଶୋଇଥିବା ଅବସ୍ଥାରେ ବିଭିନ୍ନ ସ୍ଥାନକୁ ସ୍ୱଶରୀରରେ ଯାଇ ବିଭିନ୍ନ କାର୍ଯ୍ୟ କରି ଆସି ଶୋଇପଡ଼େ; କିନ୍ତୁ ନିଦ ଭାଙ୍ଗିଲେ ଜାଣି ନ ଥାଏ ଯେ ସେସବୁ କାର୍ଯ୍ୟ କରିଛି ।

ଆଉ କେତେକ ସ୍ୱପ୍ନରେ ଜାଗ୍ରତ ଅବସ୍ଥାରେ ଯେଉଁ କାର୍ଯ୍ୟ ଆମେ କରିପାରିବୁ ନାହିଁ ସେହିଭଳି ଅସାଧ ଅଲୌକିକ କାର୍ଯ୍ୟ ସ୍ୱପ୍ନରେ କରିଥାଉ । ବାସ୍ତବରେ ସ୍ୱପ୍ନରେ ସେସବୁ ହେଉଛି ଆମ ପ୍ରାଣଶକ୍ତିର କାର୍ଯ୍ୟ । ପ୍ରାଣ ଶରୀରଠାରୁ ଅଲଗା ହେଲେ ଯାହା ଇଚ୍ଛା ତାହା କରିପାରେ ।

ଆଉ କେତେକ ସ୍ୱପ୍ନରେ କ'ଣ ଘଟିବାକୁ ଯାଉଛି ତାହା ଆମେ ଜାଣିପାରୁ । ସ୍ଥୂଳରେ ଘଟିବା ପୂର୍ବରୁ ତାହା ଚେତନାର ଅନ୍ୟ ସ୍ତରରେ ଘଟିଥାଏ । ଯଦି ତାହା କିଛି ଖରାପ କଥା ହୋଇଥାଏ ଯାହା ସ୍ଥୂଳରେ ଘଟିବା ଆମେ ଚାହୁଁ ନ ଥାଉ ତେବେ ତାହା ସ୍ଥୂଳରେ ଘଟିବା ଆଗରୁ ଆମେ ମଧ୍ୟ ତାକୁ ବଦଳାଇ ଦେଇପାରୁ । ଚେତନାର ନିମ୍ନସ୍ତରରେ

ଯେଉଁ କଥା ସବୁ ଘଟିଥାଏ ସେସବୁ ଅପେକ୍ଷା ଚେତନାର ଉର୍ଦ୍ଧ୍ୱସ୍ତରରେ ଯାହା ଘଟିଥାଏ ତାହା ବହୁତ ଶକ୍ତିଶାଳୀ । ତାକୁ ବଦଳାଇବା ବଡ଼ କଷ୍ଟ ।

ଆଉ କେତେକ ସ୍ୱପ୍ନରେ ଆମେ ବିଭିନ୍ନ ବ୍ୟକ୍ତିଙ୍କ ସହ ବିଭିନ୍ନ ସଂପର୍କ ରଖିଥାଉ । ବେଳେବେଳେ ସେସବୁ ସ୍ୱପ୍ନର ବାରଂବାର ପୁନରାବୃତ୍ତି ବି ଘଟେ ।

ଆଉ କେତେକ ସ୍ୱପ୍ନରେ ଯାହା ଘଟେ ସେଗୁଡ଼ିକର ଏକ ଗଭୀର ଅର୍ଥ ଥାଏ । ସେଗୁଡ଼ିକୁ ପ୍ରତୀକାତ୍ମକ ସ୍ୱପ୍ନ କୁହାଯାଏ । ଚେତନାର ଭିନ୍ନ ଭିନ୍ନ ସ୍ତରରେ ସେଇ ଏକ ବସ୍ତୁ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରିଥାଏ । ଏପରି ସ୍ୱପ୍ନ ବହୁତ ଆଗ୍ରହଦାୟକ ଓ ଏହା ସ୍ଥୂଳରେ କିଂବା ସୂକ୍ଷ୍ମରେ କ'ଣ ଘଟିବାକୁ ଯାଉଛି ତାହା ପ୍ରତୀକ ଆକାରରେ ଆମକୁ ଜଣାଇଦିଏ । ଫଳରେ ଆମେ ପ୍ରସ୍ତୁତ, ସଜାଗ, ସତର୍କ ରହୁ ।

ବର୍ତ୍ତମାନ ଆମେ ଦେଖିବା ଗୋଟିଏ ସ୍ୱପ୍ନ ଯେଉଁଥିରେ ସ୍ଥୂଳରେ ଯାହା ବହୁବର୍ଷ ପରେ ଘଟିଲା ତାହା ସୂକ୍ଷ୍ମ ସ୍ତରରେ କିପରି ଅବିକଳ ଘଟିଥିବାର ସ୍ୱପ୍ନରେ ଦେଖାଯାଇ ଥିଲା । ଘଟଣାଟି ଏକ ବିଶ୍ୱବିଖ୍ୟାତ ଘଟଣା । ସିନେମା ଆକାରରେ ତାହା ପ୍ରାୟ ସମଗ୍ର ବିଶ୍ୱରେ ବାରଂବାର ପ୍ରଦର୍ଶିତ ହୋଇସାରିଛି । ସେ ସିନେମାଟିର ନାମ ଟାଇଟାନିକ୍ । ତାହା ପ୍ରଥମେ ଅବିକଳ ସ୍ୱପ୍ନରେହିଁ ଘଟିଥିଲା ।

ରବର୍ଟସନ ନାମକ ଜଣେ ଆମେରିକାର ଲେଖକ ୧୮୯୮ ମସିହା ଅପ୍ରେଲ ମାସରେ ଗୋଟିଏ ଦିନ ଏକ ଭୟଙ୍କର ସ୍ୱପ୍ନ ଦେଖିଲେ । ସେ ଦେଖିଲେ ୧୦୦ ଫୁଟ ଲମ୍ବା ଓ ୭୦,୦୦୦ ଟନ୍ ଓଜନର ନୂଆକରି ତିଆରି କରାଯାଇଥିବା ଏକ ବିଶାଳ ଜଳଜାହାଜ ପ୍ରଥମ କରି ଯାତ୍ରା ଆରମ୍ଭ କଲା । ଏଥିରେ ୨୨୫୦ ଜଣ ଯାତ୍ରୀଙ୍କର ଯିବାର ବ୍ୟବସ୍ଥା ହୋଇଥିଲା । ଏତେ ବଡ଼ ଜାହାଜର ପ୍ରଥମ ଯାତ୍ରା ଯୋଗୁଁ ବନ୍ଦରରେ ଏକ ସମାରୋହର ବ୍ୟବସ୍ଥା ହୋଇଥିଲା । ଚତୁର୍ଦ୍ଦିଗରେ ପତାକା ଖଞ୍ଜା ଯାଇଥିଲା । ପତାକା ଉଡ଼ିବା ସହ ବ୍ୟାଣ୍ଡ୍ ବାଜା ବାଜୁଥିଲା । ଜାହାଜରେ ଚାରିଟି ଲାଲରଙ୍ଗର ଚିମିନି ଥିଲା । ଜାହାଜର ନାମ 'ଟାଇଟାନ' ବୋଲି ଦେଖାଯାଉଥିଲା । ତା'ର ଶେଷ ଦୁଇ ଅକ୍ଷର ବେଶୀ ସ୍ପଷ୍ଟ ନ ଥିଲା । ଜାହାଜ ଯାତ୍ରା ଆରମ୍ଭ କରିବା କ୍ଷଣି ଆକାଶରେ ବାଦଲ ଛାଇଗଲା । ପୁଙ୍ଗା ବାଜି ଉଠିଲା, ଆଟଲାଣ୍ଟିକ୍ ମହାସାଗର ଛାତି ଚିରି ଇଂଲଣ୍ଡରୁ ଆମେରିକା ଦିଗରେ ଜାହାଜ ଯାତ୍ରା ଆରମ୍ଭ କଲା ।

ସ୍ୱପ୍ନର ଦ୍ୱିତୀୟ ଭାଗରେ ରବର୍ଟ ସନ୍ ଦେଖିଲେ ଜାହାଜର ଯାତ୍ରୀମାନେ ଆନନ୍ଦରେ ମଗ୍ନଥିବାବେଳେ କୌଣସି ଭାବୀ ବିପଦର ସମ୍ଭାବନାରେ ଆତଙ୍କିତ ମଧ ହେଉଛନ୍ତି । ସ୍ୱପ୍ନରେ ସେମାନଙ୍କ ଆଶଙ୍କା ମଧ ରବର୍ଟସନ୍‌ଙ୍କ ମଧରେ ସଞ୍ଚାରିତ ହୋଇଗଲା । ଜାହାଜର କ୍ୟାପ୍‌ଟେନ୍‌ଙ୍କ ନାମ ଥିଲା ସ୍ମିଥ୍ । ତାଙ୍କୁ ଏହି ଆଗାମୀ ବିପଦ ସଂପର୍କରେ ଜଣାଇଦେବା ଲାଗି ସେ ଯେତେ ଚେଷ୍ଟା କଲେ ପାରିଲେ ନାହିଁ । ଧୀରେ ଧୀରେ ପବନର ପ୍ରକୋପ ବଢ଼ିଲା । ସମୁଦ୍ର ବକ୍ଷ ଆନ୍ଦୋଳିତ ହେବାକୁ ଲାଗିଲା । ଜାହାଜରେ ଥିବା ଧନୀ ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନେ ଆମୋଦ ପ୍ରମୋଦରେ ମାତି ରହିଥିଲେ । ରବର୍ଟସନ ସ୍ୱପ୍ନରେ ମଧ ଜାଣିପାରିଲେ ଯେ ସେ ଜାହାଜରେ ଅନେକ ପୁରାତନ ପୁସ୍ତକ ଓ ମୂଲ୍ୟବାନ୍ ବସ୍ତୁସବୁ ରହିଛି । ଜାହାଜ ସହ ସେସବୁ ବସ୍ତୁ ମଧ ନଷ୍ଟ ହୋଇଯିବ । ସେହି ସ୍ୱପ୍ନରେ ପାଟିକରି ରବର୍ଟସନ କ୍ୟାପଟେନ୍‌ଙ୍କୁ ଜାହାଜର ଗତି କମ୍ କରିବାକୁ ଅନୁରୋଧ କଲେ । କିନ୍ତୁ କ୍ୟାପ୍‌ଟେନ୍ କିଛି ଶୁଣିପାରିଲେ ନାହିଁ । ଏତିକିବେଳେ ବିଶାଳ ଏକ ହିମଖଣ୍ଡରେ ଆସି ଜାହାଜ ଧକ୍କା ଲାଗିଲା । ଜାହାଜ ଫାଟିଯିବାର ଶବ୍ଦ ଶୁଭିଲା । ଜାହାଜରେ ପାଣି ପଶିବାକୁ ଆରମ୍ଭ କଲା । ସମୁଦାୟ ଜାହାଜରେ କୋଳାହଳ ଓ ଆତଙ୍କ ଖେଳିଗଲା ।

ଏହି ସମୟରେ ରବର୍ଟସନ୍‌ଙ୍କ ନିଦ ଭାଙ୍ଗିଗଲା । ଅବଶିଷ୍ଟ ରାତି ସେ ବହୁତ ଅସ୍ୱସ୍ତିର ସହ କଟାଇଲେ । ସ୍ୱପ୍ନ ଦେଖିବାର ପ୍ରାୟ ବର୍ଷେ ବିତିଗଲା । ସ୍ୱପ୍ନ ସ୍ମୃତି ସେହିପରି ସତେଜ ହୋଇ ତାଙ୍କ ମଧରେ ରହିଥାଏ । ସେହି ସ୍ୱପ୍ନକୁ ନେଇ ସେ ଏକ ଉପନ୍ୟାସ ଲେଖିଲେ । ସେ ଉପନ୍ୟାସର ନାମ ଦେଲେ 'ଫ୍ୟୁଟିଲିଟି' । ସେ ଉପନ୍ୟାସଟିକୁ ବୋଷ୍ଟନର ଜଣେ ପ୍ରକାଶକଙ୍କୁ ସେ ଶହେ ଡଲାରରେ ବିକ୍ରି କରିଦେଲେ । କଥାଟା ସର୍ବସାଧାରଣେ ହୋଇଗଲା । ରବର୍ଟସନ୍‌ଙ୍କର ସ୍ୱପ୍ନ ଦେଖିବାର ୧୪ ବର୍ଷ ହୋଇଗଲା ଓ ଉପନ୍ୟାସ ଲେଖା ହେବାର ୧୩ ବର୍ଷ ବିତିଗଲା ।

୧୯୧୨ ମସିହାରେ ଇଂଲଣ୍ଡର ହ୍ୱାଇଟ୍ ଷ୍ଟାର

ଲାଇନ 'ଟାଇଟାନିକ୍' ନାମକ ଏକ ବିଶାଳ ଜଳଯାନ ତିଆରି କରିଥିବା କଥା ଶୁଣି ସମଗ୍ର ବିଶ୍ୱ ବିସ୍ମିତ ହୋଇଥିଲା । ଏହାର ଓଜନ ଥିଲା ପ୍ରାୟ ୭୦,୦୦୦ ଟନ୍ ଓ ଦୈର୍ଘ୍ୟ ପ୍ରାୟ ୧୦୦ ଫୁଟ ଏବଂ ଏଥିରେ ୨୨୫୦ ଜଣ ଯାତ୍ରୀ ଯାତ୍ରା କରିବାର ବ୍ୟବସ୍ଥା ଥିଲା । ଏ ଜାହାଜକୁ କୌଣସି ତୋଫାନ ବୁଡ଼ାଇ ପାରିବାର କଥା ନ ଥିଲା । ଆଟଲାଣ୍ଟିକ୍ ମହାସାଗର ଦେଇ ଏ ଜାହାଜଟି ମଧ୍ଯ ଆମେରିକାକୁ ଯାତ୍ରା କରିବାର ଥିଲା । ଖବରକାଗଜରୁ ଏକଥା ପଢ଼ିସାରିବା ପରେ ଏହା ଏକ ପରିଚିତ ଘଟଣା ବୋଲି ଔପନ୍ୟାସିକ ରବର୍ଟସନ୍‌ଙ୍କୁ ବୋଧ ହେଲା । ତାଙ୍କ ଲିଖିତ ଉପନ୍ୟାସ 'ଫ୍ୟୁଟିଲିଟି'ର କଥା ତାଙ୍କର ମନେ ପଡ଼ିଲା । ତାଙ୍କ ମୁହଁରୁ ହଠାତ୍ ବାହାରି ପଡ଼ିଲା, ''ହେ ଭଗବାନ୍, ତୁମେ କ'ଣ ମୋରି ମାଧ୍ୟମରେ ଏ ଘଟଣାର ପୂର୍ବ ସୂଚନା ଦେଇଥିଲ ?'' ବ୍ୟସ୍ତ ହୋଇପଡ଼ି ସେ ଭାବିଲେ ହ୍ୱାଇଟ୍ ଷ୍ଟାର ଲାଇନ୍‌କୁ ଖବର ଦେଇ ସତର୍କ କରିଦେବେ । କିନ୍ତୁ ପରେ ଭାବିଲେ, କେହି କ'ଣ ତାଙ୍କ କଥା ଶୁଣିବେ ? ସମସ୍ତେ ଥଟ୍ଟାରେ, ହସରେ ଉଡ଼ାଇ ଦେବେ ।

୧୯୧୨ ମସିହା ଏପ୍ରିଲ ୧୪ ତାରିଖ ରାତିରେ ଇଂଲଣ୍ଡର ହ୍ୱାଇଟ୍ ଷ୍ଟାର ଲାଇନର ବିଶାଳ ଜାହାଜ 'ଟାଇଟାନିକ୍' ତା'ର ପ୍ରଥମ ଯାତ୍ରା ସ୍ୱରୂପ ନିଉୟର୍କ ଅଭିମୁଖେ ଯାତ୍ରା ଆରମ୍ଭ କଲା । ଏହା ଥିଲା ସେ ସମୟରେ ପୃଥିବୀର ସବୁଠାରୁ ବୃହତ୍ ଓ ମଜଭୁତ୍ ଜାହାଜ । ଜାହାଜରେ ୨୨୦୦ ଜଣ ଯାତ୍ରା କରୁଥିଲେ । ଏଥିରେ ୟୁରୋପ ଓ ଆମେରିକାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ । ଏହି ହତଭାଗ୍ୟ ବିଶାଳକାୟ ଜାହାଜ ଯାତ୍ରାର ପଞ୍ଚମ ଦିନ ସଲିଳ ସମାଧି ଲାଭ କଲା ।

ଆଶ୍ଚର୍ଯ୍ୟର କଥା ହେଲା ଟାଇଟାନିକ ଏବଂ ତା'ର ଦୁର୍ଭାଗ୍ୟର କାହାଣୀ 'ଫ୍ୟୁଟିଲିଟି' ଉପନ୍ୟାସର ସ୍ୱପ୍ନ ବର୍ଣ୍ଣିତ ଟାଇଟାନିକ ସହ ଅକ୍ଷରେ ଅକ୍ଷରେ ମିଳିଯାଉଥିଲା । ଏପରିକି ସ୍ୱପ୍ନ ଦେଖା ଜାହାଜର ଦୈର୍ଘ୍ୟ, ଓଜନ ଏବଂ ରଙ୍ଗ ମଧ୍ୟ ବାସ୍ତବ ଟାଇଟାନିକ୍ ସହ ସମାନ ଥିଲା । ଉଭୟ ଜାହାଜରେ ଚାରିଟି ଲେଖାଏଁ ଚିମିନି ଥିଲା । ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର କଥା ହେଲା ଉଭୟ ଜାହାଜର କ୍ୟାପ୍‌ଟେନ୍‌ଙ୍କ ନାମ ସମାନ ଥିଲା । ଉଭୟ ଜାହାଜରେ ଜାହାଜର ନିର୍ମାତା ଯାତ୍ରା କରୁଥିଲେ । ସ୍ୱପ୍ନ ଓ ବାସ୍ତବ ଉଭୟ ଘଟଣାରେ ଜାହାଜନିର୍ମାତା ଜାହାଜ ସହିତହିଁ ଜଳସମାଧି ଲାଭ କରିଥିଲେ । ଉଭୟ ଜାହାଜରେ ଲାଇଫ୍‌ବୋଟ ଖୁବ୍ କମ୍ ସଂଖ୍ୟକ ଥିଲା । ତେଣୁ ଉଭୟ ଜାହାଜର କେବଳ ଧନୀ ସମ୍ଭ୍ରାନ୍ତ ଶ୍ରେଣୀର ଲୋକ ବେଶୀ ରକ୍ଷା ପାଇଥିଲେ । ଉଭୟ ଜାହାଜରେ ଓମାର ଖୈୟାମ୍‌ଙ୍କ ରୁବାୟତର ଏକ ବହୁମୂଲ୍ୟ କପି ମଧ୍ୟ ଜାହାଜ ସହିତ ନଷ୍ଟ ହୋଇଯାଇଥିଲା ।

ଏହିପ୍ରକାର ସ୍ୱପ୍ନକୁ ଭବିଷ୍ୟତର ସଠିକ୍ ପୂର୍ବାଭାସ (premonition) ବୋଲି କୁହାଯାଇଥାଏ । ମା' କହନ୍ତି ଏପରି ସ୍ୱପ୍ନ ବାସ୍ତବରେ ପରିଣତ ହେବା ଆଗରୁ ତାକୁ ବଦଳାଇ ଦେଇ ହେବ ଯଦି ତାହା ଖୁବ୍ ଉଚ୍ଚତର ସ୍ତରର ନ ହୋଇ ଅତି ନିମ୍ନ ସ୍ତରର ହୋଇଥାଏ । କିନ୍ତୁ ଟାଇଟାନିକ କ୍ଷେତ୍ରରେ ସୂକ୍ଷ୍ମରେ ଘଟିଥିବା କଥା ସ୍ଥୂଳରେ ଘଟିବା ଲାଗି ୧୪ ବର୍ଷ ଲାଗିଯାଇଥିବାରୁ ବୋଧହୁଏ ତାହା ଚେତନାର ଏକ ଉଚ୍ଚସ୍ତରର ଘଟଣା । ଯେପରି ମା ୧୯୨୦ରେ ଦେଖିଥିଲେ ଯେ ସତ୍ୟର ସ୍ତରରେ ଭାରତ ସ୍ୱାଧୀନ ହୋଇଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ସ୍ୱାଧୀନତା ଲାଗି ପ୍ରାୟ ୨୭ ବର୍ଷ ଲାଗିଗଲା । ସୂକ୍ଷ୍ମଜଗତର ସମୟ ଓ ସ୍ଥୂଳ ଜଗତର ସମୟ ମଧ୍ୟରେ ବହୁତ ତାରତମ୍ୟ ଥାଏ ।

ବର୍ତ୍ତମାନ ଆମେ ଦେଖିବା ଏକ ପ୍ରତୀକାତ୍ମକ (Symbolic) ସ୍ୱପ୍ନର କଥା । ରାଜା ଜନକ ଥରେ ଶୋଇଥିବା ଅବସ୍ଥାରେ ସ୍ୱପ୍ନ ଦେଖିଲେ ଯେ ସେ ତାଙ୍କର ସୈନ୍ୟସାମନ୍ତ ନେଇ ଜଙ୍ଗଲକୁ ଶିକାର କରିବାକୁ ଯାଇଛନ୍ତି । ଜଙ୍ଗଲରେ ବୁଲୁ ବୁଲୁ ତାଙ୍କ ଘୋଡ଼ା ହଠାତ୍ ଉନ୍ମତ୍ତ ହୋଇ ତାଙ୍କୁ ନେଇ ଅନ୍ୟ ଆଡ଼େ ପଳାଇଲା । ବାଟରେ ଗୋଟିଏ ବିରାଟ ଖାଇକୁ ଡେଇଁବା ସମୟରେ ରାଜାଙ୍କୁ ସେ ଖାଇ ଭିତରେ ଫିଙ୍ଗି ଦେଇ ପଳାଇଲା । ରାଜା ପ୍ରାଣବିକଳରେ ଖାଇ ମଧ୍ୟକୁ ଓହଳି ରହିଥିବା ଗୋଟିଏ ଗଛର ଡାଳକୁ ଧରି ପକାଇଲେ । ଫଳରେ ସେ ଖାଇର ତଳେ ନ ପଡ଼ି ଝୁଲି କରି ରହିଲେ । ସେହି ଝୁଲୁଥିବା ଅବସ୍ଥାରେ ସେ ଖାଇର ତଳକୁ ଚାହିଁ ଦେଖିଲେ ଯେ ତଳେ ଏକ ବିରାଟ ସାପ ପାଟି ମେଲା କରି ରହିଛି । ସେ ଯଦି ଖସି ପଡ଼ନ୍ତି ତେବେ ତା' ପାଟି ଭିତରେ ସିଧା ଯାଇ ପଡ଼ିବେ ଓ ସେ ସଙ୍ଗେ ସଙ୍ଗେ ତାଙ୍କୁ ଗିଳି ଦେବ । ଯେଉଁ ଡାଳରେ ସେ ଝୁଲୁଥିଲେ ସେ ଡାଳ ଭିତରେ ଥିବା ଏକ ମହୁଫେଣା

ହଲି ଯିବାରୁ ଅସଂଖ୍ୟ ମହୁମାଛି ସେଥିରୁ ବାହାରି କ୍ରୋଧରେ ତାଙ୍କୁ ବିନ୍ଧିବାରେ ଲାଗିଲେ । ଯନ୍ତ୍ରଣାରେ ଛଟପଟ ହୋଇ ଉପରକୁ ଚାହିଁଲା ବେଳକୁ ଯେଉଁ ଡାଳରେ ସେ ଝୁଲୁଛନ୍ତି ସେ ଡାଳର ମୂଳକୁ ଦୁଇ ପାଖରୁ ଦୁଇଟି ମୂଷା କାଟିବାରେ ଲାଗିଛନ୍ତି । ଗୋଟିଏ ମୂଷା କଳା ଓ ଅନ୍ୟଟି ଧଳା । ବେଶୀ ସମୟ ଡାଳକୁ ଧରି ଝୁଲି ରହି ହେବ ନାହିଁ । ଖାଇର ଉପର ପାଖକୁ ଚାହିଁ ଦେଖିଲେ ଯେ ଛଅଟି ଭୟଙ୍କର ବାଘ ତାଙ୍କୁ ଖାଇବା ପାଇଁ ଛକି ରହିଛନ୍ତି । ଭୟ ଏବଂ ଯନ୍ତ୍ରଣାରେ ଜନକ ଏକ ଚିତ୍କାର କଲେ । ସେହି ସମୟରେ ତାଙ୍କ ମୁଖ ମଧ୍ୟରେ ମହୁଫେଣାରୁ କେତେ ଠୋପା ମହୁ ଆସି ପଡ଼ିଲା । ମୁହୂର୍ତ୍ତକ ଲାଗି ଜନକ ସମସ୍ତ ଯନ୍ତ୍ରଣା, ପରିବେଶ, ପରିସ୍ଥିତିକୁ ଭୁଲିଗଲେ । ତା'ପରେ ସେ ଦେଖିଲେ ଉର୍ଦ୍ଧ୍ୱରୁ ଆଗତା ଜଣେ ଅତିଶୟ ବୃଦ୍ଧା ଖାଇର ଧାରରେ ଠିଆ ହୋଇ କହୁଛନ୍ତି, ''ହେ ରାଜନ୍ ! ମୁଁ ତୁମର ଏହି ଅସହାୟ ଅବସ୍ଥା ଦେଖି ତୁମକୁ ସାହାଯ୍ୟ କରିବାକୁ ଆସିଛି । ତୁମେ ମୋର ବାଡ଼ିଟିକୁ ଧର । ମୁଁ ତୁମକୁ ଉପରକୁ ଉଠାଇ ଆଣିବି । ତା'ପରେ ତୁମର ଆଉ କୌଣସି ବିପଦ ରହିବ ନାହିଁ ।'' ଏହା କହି ବୃଦ୍ଧା ତାଙ୍କର ବାଡ଼ିଟିକୁ ରାଜାଙ୍କ ଆଡ଼କୁ ବଢ଼ାଇଲେ । ଜନକ ବୃଦ୍ଧାଙ୍କର ଦୁର୍ବଳ ଟଳଟଳ ଅବସ୍ଥା ଦେଖି ଭାବିଲେ ଯଦି ସେ ବାଡ଼ିଟିକୁ ଧରନ୍ତି ତେବେ ଦୁହେଁ ସିଧା ଯାଇ ସାପ ମୁହଁରେ ପଡ଼ିବେ । କିନ୍ତୁ ବୃଦ୍ଧା ବାରଂବାର ବାଧ କରିବାରୁ ଅନ୍ୟ ଉପାୟ କିଛି ନ ପାଇ ଜନକ ବାଡ଼ିଟିକୁ ଧରିଲେ । ତାଙ୍କୁ ଆଶ୍ଚର୍ଯ୍ୟ କରି ବୃଦ୍ଧାଜଣକ ତାଙ୍କୁ ଉପରକୁ ଟେକି ନେଲେ ଓ ଜନକ ଦେଖିଲେ ତାଙ୍କର ସମସ୍ତ ବିପଦ ଦୂର ହୋଇଛି । ସେ ବର୍ତ୍ତମାନ ନିରାପଦ ।

ବୃଦ୍ଧାଙ୍କର ଅଲୌକିକ ଶକ୍ତି ଦେଖି ଜନକ ବହୁତ ଖୁସି ହୋଇଗଲେ । ତାଙ୍କୁ ଅନେକ ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ ପୂର୍ବକ ସେ ଯାହା ଚାହାନ୍ତି ତାହା ପ୍ରକାଶ କରିବା ଲାଗି ଅନୁରୋଧ କଲେ । ବୃଦ୍ଧା ଯାହା ଚାହିଁବେ ଜନକ ତାହା ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ବୃଦ୍ଧା କହିଲେ, ''ମୁଁ କିଛି ଚାହେଁ ନାହିଁ, କେବଳ ଆପଣଙ୍କୁ ବିବାହ କରିବାକୁ ଚାହୁଁଛି ।'' ଏପରି କଥା ବୃଦ୍ଧାଙ୍କ ମୁହଁରୁ ବାହାରିବ ବୋଲି ଜନକ ଆଶା କରି ନ ଥିଲେ । ସେ କହିଲେ, ''ଆପଣ ମୋର ଆଈ ସଦୃଶ ହେବେ । ମୋ ସହ ବିବାହ କ'ଣ ସମ୍ଭବ ? ସେକଥା ଛାଡ଼ି ଆଉ ଯାହାକିଛି ଧନ, ସଂପଦ ଇଚ୍ଛା କରନ୍ତୁ, ମୁଁ ତାହା ଅବିଳମ୍ବେ ପୂରଣ କରିବି । ନଚେତ୍ ଯଦି ଚାହାନ୍ତି ମୁଁ ମୋ ରାଜ୍ୟର ଜଣେ ବୃଦ୍ଧଙ୍କ ସହ ଆପଣଙ୍କର ବିବାହ କରି ଦେଇପାରିବି ।'' ଏକଥା ଶୁଣି ବୃଦ୍ଧା ଟିକିଏ ଉତ୍ତ୍ୟକ୍ତ ହୋଇ କହିଲେ, ''ଆପଣ ମୋତେ ବିବାହ କରିବାକୁ ନ ଚାହିଁଲେ ବି ମୁଁ ଆପଣଙ୍କୁ ନିଶ୍ଚୟ ବିବାହ କରିବି । କାରଣ ମୁଁ କେବଳ ଆପଣଙ୍କର ।'' ଏହା କହି ଜୋର କରି ରାଜାଙ୍କର ହାତ ଧରିଲେ । ଜନକ ଏପର୍ଯ୍ୟନ୍ତ ସ୍ୱପ୍ନ ଦେଖି ଚାଲିଥିଲେ । ବର୍ତ୍ତମାନ ବୃଦ୍ଧାଙ୍କର ଜୁଲମ ଦେଖି ସେ ମଧ୍ୟ ଉତ୍ତେଜିତ ହୋଇ ଏକ ଚିତ୍କାର କଲେ । ଫଳରେ ତାଙ୍କ ନିଦ ଭାଙ୍ଗିଗଲା । ତାଙ୍କର ଅଙ୍ଗରକ୍ଷୀ ଓ ରାଣୀ କ'ଣ ଘଟିଲା ବୋଲି ଆଶ୍ଚର୍ଯ୍ୟ ହୋଇ ପଚାରିଲେ । ଜନକ କାହାକୁ କିଛି ନ କହି ଧ୍ୟାନରେ ବସିଲେ । ତା'ପରେ ସେ ଜ୍ଞାନୀ, ଗୁଣୀ, ସାଧୁ, ସନ୍ନ୍ୟାସୀମାନଙ୍କର ଏକ ସଭା ଡକାଇଲେ ତାଙ୍କର ଅଦ୍ଭୁତ ସ୍ୱପ୍ନଟିର ଅର୍ଥ ଜାଣିବା ଲାଗି । ହିମାଳୟ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ନ୍ୟାସୀ ଓ ପଣ୍ଡିତମାନେ ଆସିଲେ । ଜନକଙ୍କର ପ୍ରଶ୍ନ ଥିଲା : ଏ ଜଗତ ବାସ୍ତବ ନା ସେହି ସ୍ୱପ୍ନର ଜଗତ ବାସ୍ତବ ? ଆଉ ସେହି ମହାନ୍ ସ୍ୱପ୍ନର ଅନ୍ତର୍ନିହିତ ଅର୍ଥ କ'ଣ ? କେହି କହିଲେ ଏ ଜଗତ ସତ୍ୟ, କେହି କହିଲେ ସେ ଜଗତ ସତ୍ୟ, କେହି କହିଲେ ଦୁଇଟିଯାକ ସତ୍ୟ, କେହି କହିଲେ ଦୁଇଟିଯାକ ମିଥ୍ୟା । ସ୍ୱପ୍ନର ଅର୍ଥ ମଧ୍ୟ ଭିନ୍ନ ଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଭାବେ କହିଲେ । କୌଣସି ଉତ୍ତର ରାଜାଙ୍କର କିଂବା ଅନ୍ୟମାନଙ୍କର ସନ୍ତୋଷଯୋଗ୍ୟ ହେଲା ନାହିଁ । ବର୍ଷ ବର୍ଷ ଧରି ଏହି ଆଲୋଚନା ସଭା ଲାଗିରହିଲା ।

ଏହି ସମୟରେ ଆଉ ଏକ ଘଟଣା ଘଟିଥିଲା । କହୋଲା ନାମକ ଜଣେ ବେଦଜ୍ଞ ଋଷିଙ୍କ ପତ୍ନୀ ଗର୍ଭବତୀ ଥିଲେ । ଥରେ କହୋଲା ବେଦପାଠ କରୁଥିବା ସମୟରେ ଗର୍ଭସ୍ଥ ଶିଶୁ ତାଙ୍କର ଉଚ୍ଚାରଣ ଜନିତ ଭୁଲ ଦର୍ଶାଇ ଦେଲେ । ଏଥିରେ କହୋଲା ଅତିଶୟ କ୍ଷୁବ୍ଧ ହୋଇ ଗର୍ଭସ୍ଥ ସନ୍ତାନକୁ କହିଲେ, ''ତୁ ମାତୃଗର୍ଭରେ ଥାଇ ମୋର ଭୁଲ ଧରିଲୁଣି, ଜନ୍ମନେଲେ ତୁ କ'ଣ ନ କରିବୁ ? ତୁ ଜନ୍ମନେବା ସମୟରେ ତୋର ଶରୀର ଅଷ୍ଟବକ୍ର ହୋଇଯାଉ ।'' ଏହିରୂପେ ଅପମାନ ଓ ଈର୍ଷାର ବଶବର୍ତ୍ତୀ ହୋଇ ନିଜର ଅଜାତ ସନ୍ତାନକୁ ସେ ଅଭିଶାପ ଦେଲେ । ତା'ପରେ କହୋଲା

ଅନ୍ୟ ଋଷିମାନଙ୍କ ସହ ଜନକଙ୍କ ଦରବାରକୁ ଯାଇଛନ୍ତି ସ୍ୱପ୍ନର ବ୍ୟାଖ୍ୟା କରିବା ଲାଗି । ସେ ଯିବା ପରେ ପରେ ତାଙ୍କ ସନ୍ତାନ ଜନ୍ମନେଇଛି । ଏହା ମଧ୍ୟରେ ଆଠବର୍ଷ ବିତିଗଲାଣି । କହୋଲା ଜନକଙ୍କ ଦରବାରରୁ ଫେରି ନାହାନ୍ତି ।

ଅଭିଶାପ ଫଳରେ ତାଙ୍କ ପୁତ୍ରସନ୍ତାନଟି ଅଷ୍ଟବକ୍ର ଶରୀର ନେଇ ଜନ୍ମ ନେଇଛି । ତେଣୁ ତା'ର ନାମ ଅଷ୍ଟବକ୍ର ରଖାଯାଇଛି । ଅଷ୍ଟବକ୍ରଙ୍କୁ ବର୍ତ୍ତମାନ ଆଠବର୍ଷ । ଏତେ କମ୍ ବୟସ ହେଲେ ବି ଗୁରୁଙ୍କ ନିକଟରୁ ସେ ବେଦବେଦାନ୍ତ ସବୁ ଅଧ୍ୟୟନ କରିସାରିଲେଣି । ଥରେ ସେ ତାଙ୍କ ମାଆଙ୍କୁ ପଚାରିଲେ, ''ମାଆ ! ମୋ ପିତା କାହାନ୍ତି ?'' ମାଆ ସମସ୍ତ କଥା କହିଲେ– କିପରି ସେ ଅନ୍ୟ ଋଷିମାନଙ୍କ ସହ ଜନକଙ୍କ ଦରବାରକୁ ଯାଇ ସ୍ୱପ୍ନର ବୃତ୍ତାନ୍ତ ଠିକ୍ ଭାବେ କହିପାରି ନ ଥିବାରୁ ସେଠାରେ ଅଟକି ରହିଯାଇଛନ୍ତି । ଅଷ୍ଟବକ୍ର କହିଲେ, ''ମାଆ ମୋତେ ଆଶୀର୍ବାଦ କର । ମୁଁ ଗଲେ ସେ ସ୍ୱପ୍ନର ଅର୍ଥ କହିପାରିବି ବୋଲି ମୋର ବିଶ୍ୱାସ ହେଉଛି ।'' ଛୋଟଟିଏ ହେଲେ ବି ପୁଅର ଜ୍ଞାନ, ଗରିମା ଉପରେ ମାଆର ଅଗାଧ ବିଶ୍ୱାସ । ଆଶୀର୍ବାଦ କରି ସେ ପୁଅକୁ ଜନକଙ୍କ ଦରବାରକୁ ଯିବା ଲାଗି ଅନୁମତି ଦେଲେ ।

ଜନକଙ୍କ ଦରବାରରେ ଅଷ୍ଟବକ୍ର ପହଞ୍ଚିବା କ୍ଷଣି ଜନକ ତାଙ୍କୁ ନିଜର ଗୁରୁ ରୂପରେ ବରଣ କଲେ ଓ ଗୁରୁର ଆସନରେ ବସାଇଲେ । ଏହା ଦେଖି ଅନ୍ୟ ମୁନିଋଷିମାନେ ତାଙ୍କୁ ଅଷ୍ଟବକ୍ର ଗୁରୁ ବୋଲି କହି ଥଟ୍ଟା କଲେ । କିନ୍ତୁ ଅଷ୍ଟବକ୍ର ସେମାନଙ୍କୁ ଯେଉଁ ଉତ୍ତର ଦେଲେ ସେଥିରେ ସେମାନେ ନୀରବ ହେବାକୁ ବାଧ୍ୟ ହେଲେ । ଅଷ୍ଟବକ୍ର କହିଲେ, ''ଆଖୁ ବଙ୍କା ହୋଇପାରେ, କିନ୍ତୁ ତା'ର ମଧୁର ରସ କ'ଣ ବଙ୍କା ? ଧନୁ ବଙ୍କା ହୋଇପାରେ, କିନ୍ତୁ ତା'ର ତୀର କ'ଣ ବଙ୍କା ? ସାପର ଆକୃତି ବଙ୍କାଟଙ୍କା ହୋଇପାରେ, କିନ୍ତୁ ତା'ର ବିଷ କ'ଣ ବଙ୍କା ? ନଦୀ ବଙ୍କା ହୋଇପାରେ, କିନ୍ତୁ ଜଳ କ'ଣ ବଙ୍କା ? ନାକ ବଙ୍କା ହୋଇପାରେ, କିନ୍ତୁ ଘ୍ରାଣଶକ୍ତି କ'ଣ ବଙ୍କା ? ଏପରିକି ଫୁଲଟି ଯଦି କୌଣସି କାରଣରୁ ବଙ୍କା ହୋଇ ଯାଇଥାଏ ତା'ର ସୁଗନ୍ଧ କ'ଣ ବଙ୍କା ? ସେହିପରି ଆପଣମାନେ ମୋ ଶରୀର ବଙ୍କା ହେବା ଦେଖି ଯଦି ଥଟ୍ଟା କରୁଥା'ନ୍ତି, ମୋର ଆତ୍ମା ବଙ୍କା ନୁହେଁ ।'' ଏ ତୀକ୍ଷ୍ଣ ଉତ୍ତରରେ ସଭାସ୍ଥଳୀ ନୀରବ ନିସ୍ପନ୍ଦ ହୋଇଗଲା ।

ବର୍ତ୍ତମାନ ଅଷ୍ଟବକ୍ର ଜନକଙ୍କ ଆଡ଼କୁ ଚାହିଁ ତାଙ୍କର କ'ଣ ପ୍ରଶ୍ନ ଅଛି ପଚାରିବାକୁ କହିଲେ । ଜନକ କହିଲେ, ''ଏ ଜଗତ ସତ୍ୟ ନା ସେ ଜଗତ ସତ୍ୟ ?'' ଅଷ୍ଟବକ୍ର କହିଲେ, ''ଏ ଜଗତ ଏକ ଆପେକ୍ଷିକ ଜଗତ ଯାହା ନିତ୍ୟ ପରିବର୍ତ୍ତିତ ହେବାରେ ଲାଗିଛି । ଆଉ ସେ ସ୍ୱପ୍ନର ଜଗତ ତାହା କ୍ଷଣିକ, ତାହା ବି ସ୍ଥାୟୀ ନୁହେଁ । ସେହି ଦୃଷ୍ଟିରୁ ଚିରନ୍ତନ ବ୍ରହ୍ମଙ୍କ ସହ ତୁଳନା କଲେ ଦୁଇଟି ଯାକ ଜଗତ ଅବାସ୍ତବ ।''

ତା'ପରେ ଜନକ ସମୁଦାୟ ସ୍ୱପ୍ନଟି ବର୍ଣ୍ଣନା କରି ତା'ର ଅନ୍ତର୍ନିହିତ ଅର୍ଥ ପ୍ରକାଶ କରିବାକୁ ଅନୁରୋଧ କଲେ । ଅଷ୍ଟବକ୍ର ଉତ୍ତରରେ କହିଲେ, ''ସ୍ୱପ୍ନର ରାଜା ହେଉଛନ୍ତି ଶରୀରଧାରୀ ଆତ୍ମାଙ୍କ ପ୍ରତୀକ । ଜଙ୍ଗଲକୁ ଶିକାର କରିଯିବା ହେଉଛି ମଣିଷର ସୁଖଭୋଗର ଅନ୍ୱେଷଣ । ଅସଂଯତ ଘୋଡ଼ା ହେଉଛି ଆମର ଅସଂଯତ ଇନ୍ଦ୍ରିୟମାନଙ୍କର ପ୍ରତୀକ । ଅସଂଯତ ଘୋଡ଼ା ରାଜାଙ୍କୁ ନେଇ ଯେଉଁ ଖାଇ ଭିତରେ ଫିଙ୍ଗି ଦେଲା ତାହା ହେଉଛି ମଣିଷର ଅସଂଯତ ଇନ୍ଦ୍ରିୟ ତାକୁ ଯେପରି ନେଇ ଅଜ୍ଞାନ ଅନ୍ଧକାର ମଧ୍ୟରେ ଫିଙ୍ଗିଦିଏ । ସେ ବିଶାଳ ସାପ ହେଉଛି ମୃତ୍ୟୁ ଯାହାକି ପାଟିମେଲା କରି ଅପେକ୍ଷା କରିଥାଏ ମଣିଷର ଜୀବନ ଓ କର୍ମର ଶେଷ ପର୍ଯ୍ୟନ୍ତ । ଗଛଟି ହେଉଛି ମଣିଷର ଜୀବନବୃକ୍ଷ । ଡାଳଟି ହେଉଛି ମଣିଷର ଶରୀର । ଡାଳର ମୂଳ ହେଉଛି ମଣିଷର ଜୀବନର କ୍ଷଣସ୍ଥାୟିତ୍ୱ । ଧଳାମୂଷା ହେଉଛି ଦିନ ଓ କଳାମୂଷା ହେଉଛି ରାତି । ଦିନ ଓ ରାତି ମଣିଷର ଜୀବନକୁ ଧୀରେ ଧୀରେ ଦୁଇ ମୂଷାଙ୍କ ଭଳି କାଟି ଶେଷ କରିବାରେ ଲାଗିଛନ୍ତି । ଛଅଟି ବାଘ ହେଉଛନ୍ତି ଷଡ଼ରିପୁଙ୍କର– କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ଗର୍ବ– ମାନଙ୍କର ପ୍ରତୀକ । ଏହି ଷଡ଼ରିପୁ ଛଅଟି ବାଘଙ୍କ ଭଳି ଅପେକ୍ଷା କରି ରହିଥାଆନ୍ତି ଯଦି ମଣିଷ ଅହଂକାରର ବଶବର୍ତ୍ତୀ ହୋଇ ଉର୍ଦ୍ଧ୍ୱକୁ ଉଠେ ତାକୁ ଖାଇବା ଲାଗି । ଅସୁମାରି ମହୁମାଛିଙ୍କର ବିନ୍ଧିବା ହେଉଛି ଜଗତର, ଜୀବନର ଅସୁମାରି ଦୁଃଖ, ଯନ୍ତ୍ରଣା, ଦୁଃଶ୍ଚିନ୍ତା, ସମସ୍ୟା ଆଦିର ପ୍ରତୀକ ଯାହାକି ସୁଖଭୋଗ ଅନ୍ୱେଷୀ ମଣିଷକୁ ନିରନ୍ତର ବିନ୍ଧୁଛନ୍ତି । ଏହିସବୁ ଯନ୍ତ୍ରଣା ଓ ବିପଦ ମଧ୍ୟରେ ମୁଖରେ କିଛି ମଧୁବିନ୍ଦୁର ପତନ ହେଉଛି କିଛିଟା କ୍ଷଣିକ ସୁଖ ଯାହାଫଳରେ ମଣିଷ କ୍ଷଣକ ଲାଗି ତା'ର ସବୁ ଦୁଃଖକୁ

ଭୁଲିଯାଏ । ଉଦ୍ଧାର ଲାଗି ଉର୍ଦ୍ଧ୍ୱରୁ ଆଗତ ବୃଦ୍ଧାଟି ହେଉଛନ୍ତି ମଣିଷର ଜନ୍ମଜନ୍ମର ଉତ୍ତମ କର୍ମର ଫଳ । ବୃଦ୍ଧା ରାଜାଙ୍କୁ ଉପରକୁ ନିରାପଦରେ ଉଠାଇ ନେବା ହେଉଛି ମଣିଷର ଉତ୍ତମ କର୍ମର ଫଳ ତାକୁ ବିପଦ-ମୁକ୍ତ କରିବା । ବୃଦ୍ଧା ରାଜାଙ୍କୁ ବିବାହ କରିବାକୁ ଚାହିଁବା ଓ କେବଳ ତାଙ୍କରି ବୋଲି କହିବାର ଅର୍ଥ ହେଉଛି, ଉତ୍ତମ କର୍ମ ସବୁବେଳେ ମଣିଷର ଆତ୍ମା ସହ ରହେ । ଆତ୍ମା ଚାହୁଁ ନ ଚାହୁଁ ସେ ଆତ୍ମାକୁ ଛାଡ଼ି କୁଆଡ଼େ ଯାଇପାରେ ନାହିଁ । ବୃଦ୍ଧା ରାଜାଙ୍କ ହାତ ଧରି ବିବାହ ପାଇଁ ବାଧ କରିବାରେ ରାଜାଙ୍କର ନିଦ ଭାଙ୍ଗିଯିବାର ଅର୍ଥ ହେଉଛି ମଣିଷର ଉତ୍ତମ କର୍ମର ଫଳ ଏହିପରି ଅଜ୍ଞାନଗ୍ରସ୍ତ ମଣିଷକୁ ସଚେତନ କରାଇ ଉର୍ଦ୍ଧ୍ୱଗାମୀ ହେବାରେ ସାହାଯ୍ୟ କରିଥାଏ ।''

ସମଗ୍ର ସଭା ମୁଗ୍ଧ ନିସ୍ତବ୍ଧତା ମଧ୍ୟରେ ଏହି ଉତ୍ତର ଶୁଣିଲେ । ସମସ୍ତଙ୍କ ହୃଦ୍‌ବୋଧ ହେଲା । ରାଜା ଜନକଙ୍କର ଆନନ୍ଦ ଓ କୃତଜ୍ଞତାର ସୀମା ରହିଲା ନାହିଁ । ସେ ଅଷ୍ଟବକ୍ରଙ୍କୁ ଆହୁରି ପ୍ରଶ୍ନ କଲେ, ''ଗୁରୁଦେବ, ମୁଁ କିଏ ?'' ଅଷ୍ଟବକ୍ର ଜନକଙ୍କୁ ପ୍ରଶ୍ନ କଲେ, ''ହେ ରାଜନ୍, ମୁଁ ଆପଣଙ୍କର ସ୍ୱପ୍ନର ବ୍ୟାଖ୍ୟା କଲି, ସେଥିଲାଗି ମୋର ଗୁରୁଦକ୍ଷିଣା ସ୍ୱରୂପ କ'ଣ ଦେଉଛନ୍ତି ?'' ଜନକ କହିଲେ, ''ଗୁରୁଦେବ, ମୁଁ ମୋର ସମସ୍ତ ରାଜ୍ୟ ଗୁରୁଦକ୍ଷିଣା ସ୍ୱରୂପ ଆପଣଙ୍କ ଚରଣ-କମଳରେ ନିବେଦନ କରୁଛି ।'' ଅଷ୍ଟବକ୍ର ପୁଣି ପଚାରିଲେ, ''ଆଚ୍ଛା, ମୁଁ ଯଦି ଏବେ ଆପଣଙ୍କ ଜିଜ୍ଞାସା 'ମୁଁ କିଏ'ର ଉତ୍ତର ଦିଏ ତା'ପାଇଁ ଆପଣ କି ଗୁରୁଦକ୍ଷିଣା ଦେବେ ?'' ଜନକ କହିଲେ, ''ଗୁରୁଦେବ, ଯେହେତୁ ମୁଁ ମୋର ସମସ୍ତ ରାଜ୍ୟ ଆପଣଙ୍କ ଚରଣତଳେ ଅର୍ପଣ କରିଛି ବର୍ତ୍ତମାନ ମୋର ଏ ଶରୀର, ମନ, ବୁଦ୍ଧି ଓ ଅହଂକାରକୁ ଆପଣଙ୍କ ଚରଣରେ ନିବେଦନ କରୁଛି ।'' ଅଷ୍ଟବକ୍ର କହିଲେ,– ''ଠିକ୍ କହୁଛନ୍ତି ତ ?'' ରାଜା କହିଲେ, ''ବିଲକୁଲ୍ ଠିକ୍ ।''

ବର୍ତ୍ତମାନ ଅଷ୍ଟବକ୍ର କହିଲେ, ''ଠିକ୍ ଅଛି । ଆପଣ ତ ଆପଣଙ୍କ ଶରୀରକୁ ମୋତେ ଦେଇଦେଇଛନ୍ତି, ଏବେ ନିଶ୍ଚଳ ହୋଇ ବସନ୍ତୁ । ଶରୀର ବିଷୟରେ ଆଉ ଆପଣଙ୍କର ଚିନ୍ତା କରିବାର ଅଧିକାର ନାହିଁ । ଆପଣଙ୍କ ମନକୁ ବି ମୋତେ ଅର୍ପଣ କରିଛନ୍ତି । ତେଣୁ କୌଣସି ଚିନ୍ତାର ଅଧିକାର ଆଉ ଆପଣଙ୍କର ନାହିଁ । ବୁଦ୍ଧିକୁ ମୋତେ ଦେଇଥିବାରୁ ଆଉ ଆପଣଙ୍କର ବିଚାରର ଅଧିକାର ନାହିଁ । ଶେଷରେ ଆପଣଙ୍କ ଅହଂକାରକୁ ତ ମୋତେ ଦେଇଦେଇଛନ୍ତି । ବର୍ତ୍ତମାନ ଆପଣ ନୀରବ, ନିଶ୍ଚଳ, ଚିନ୍ତାଶୂନ୍ୟ, ବିଚାରଶୂନ୍ୟ ହୋଇ ଧ୍ୟାନ ମଧ୍ୟରେ ଅଭିନିବିଷ୍ଟ ହୁଅନ୍ତୁ ।'' ଜନକ ଅନୁଭବ କଲେ ଯେ ଗୁରୁଙ୍କ ଶକ୍ତି ଓ କୃପା ବଳରେ ତାଙ୍କ ଶରୀର, ମନ, ବୁଦ୍ଧି ଓ ଅହଂକାର ତାଙ୍କ ମଧ୍ୟରୁ କାଢ଼ି ନିଆଯାଇଛି । ଶରୀର ତାଙ୍କର ପ୍ରସ୍ତର ଭଳି ସ୍ଥିର, ମନ ଚିନ୍ତାଶୂନ୍ୟ, ବିଚାର ଶୂନ୍ୟ, ଅହଂକାର ସଂପୂର୍ଣ୍ଣ ବିଲୁପ୍ତ । ଯାହାକିଛି ତାଙ୍କ ମଧ୍ୟରେ ଅବଶିଷ୍ଟ ରହିଛି ତାହା ହେଉଛି ''ଅହଂ ବ୍ରହ୍ମାସ୍ମି'' । ଅର୍ଥାତ୍ ମୁଁ ହେଉଛି ସେହି ବ୍ରହ୍ମ, ସେହି ଆତ୍ମା । ଗୁରୁ ତାଙ୍କର ପ୍ରଶ୍ନର ଉତ୍ତର ମୁହଁରେ ନ ଦେଇ ଉପଲବ୍ଧିରେ ଦେଲେ । ଜନକ ଭାବି ନ ଥିଲେ ସାମାନ୍ୟ ଗୁରୁଦକ୍ଷିଣା ବଦଳରେ ଏପରି ମହାନ ଅଧ୍ୟାତ୍ମ-ସଂପଦ ସେ ଲାଭ କରିବେ ବୋଲି । ଜନକ ବର୍ତ୍ତମାନ ଜ୍ଞାନପ୍ରାପ୍ତ ସିଦ୍ଧ ତପସ୍ୱୀରେ ପରିଣତ ହେଲେ ।

କିଛି ସମୟ ପରେ ଅଷ୍ଟବକ୍ର ଓଁ ମନ୍ତ୍ର ଉଚ୍ଚାରଣ କରି ତାଙ୍କୁ ସାଧାରଣ ଚେତନାକୁ ଫେରାଇ ଆଣିଲେ । କିନ୍ତୁ ଜନକ ସବୁବେଳେ ଶରୀର ଚେତନାର ଉର୍ଦ୍ଧ୍ୱରେ ରହିଲେ । ତେଣୁ ଜନକଙ୍କୁ କୁହାଯାଏ ବିଦେହ ଜନକ, ଅର୍ଥାତ୍, ଯିଏ ସବୁବେଳେ ଶରୀରଠାରୁ ପୃଥକ୍ ଓ ଶରୀର ଉର୍ଦ୍ଧ୍ୱରେ ।

ବର୍ତ୍ତମାନ ସମସ୍ତ ମୁନି ଋଷି ଏହି ଅଷ୍ଟବର୍ଷୀୟ ବାଳକ ଗୁରୁଙ୍କର ପାଦସ୍ପର୍ଶ କରିବା ପାଇଁ ଭିଡ଼ ଲଗାଇଲେ । ସେମାନଙ୍କ ମଧ୍ୟରେ କହୋଲା ବି ଥିଲେ । ସେ ଯେତେବେଳେ ପାଦ ସ୍ପର୍ଶ କରିବାକୁ ଆସିଲେ ଅଷ୍ଟବକ୍ର ତାଙ୍କ ଦିବ୍ୟ ଦୃଷ୍ଟିରେ ଜାଣିପାରିଲେ ଯେ ସେ ତାଙ୍କ ପିତା । ତେଣୁ ସେ ତାଙ୍କ ପାଦ ସ୍ପର୍ଶ କରିବାକୁ ତାଙ୍କୁ ବାରଣ କଲେ । କହୋଲା ଦୁଃଖିତ ହେବାରୁ ଅଷ୍ଟବକ୍ର ତାଙ୍କୁ ଜଣାଇ ଦେଲେ ଯେ ସେ ହେଉଛନ୍ତି ତାଙ୍କ ପୁତ୍ର । ଏକଥା ଶୁଣିବା ପରେ କହୋଲାଙ୍କର ଦୁଃଖର ସୀମା ରହିଲା ନାହିଁ । ଏପରି ଜ୍ଞାନୀ, ପ୍ରତିଭାଶାଳୀ ପୁତ୍ରକୁ ହୀନ ଅଭିଶାପ ଦେଇ ତା'ର ଶରୀରକୁ ଅଷ୍ଟବକ୍ର କରିଥିବାରୁ ତାଙ୍କ ଆଖିରୁ ଅବିରାମ ଧାରାରେ ଲୋତକ ବହିଚାଲିଲା । କିନ୍ତୁ ଅଷ୍ଟବକ୍ର ପିତାଙ୍କୁ ଆଶ୍ୱାସନା ଦେବା ଲାଗି ସମସ୍ତଙ୍କୁ ବିସ୍ମିତ କରି ଏକ ମନ୍ତ୍ର ଉଚ୍ଚାରଣ ଫଳରେ ନିଜ ଶରୀରକୁ ଏକ ପୂର୍ଣ୍ଣାଙ୍ଗ ସ୍ୱାଭାବିକ ଶରୀରରେ ପରିଣତ କଲେ । ଜନକଙ୍କ ସଭା ସମାପ୍ତ ହେଲା । ସେ

ଏକ ଆଦର୍ଶ ରାଜର୍ଷି ରୂପରେ ରାଜ୍ୟ ଶାସନ କଲେ । ସମସ୍ତ ମୁନି ଋଷି ନିଜ ନିଜ ବାସସ୍ଥାନକୁ ଫେରିଗଲେ । କିନ୍ତୁ ଅଷ୍ଟବକ୍ର ହିମାଳୟକୁ ଯାତ୍ରା କଲେ ।

ଏହିରୂପେ ପ୍ରତୀକାତ୍ମକ ସ୍ୱପ୍ନ ଆମ ଜୀବନର ଜଗତ ଜୀବନର ଅନେକ ଗୋପନ ସତ୍ୟ ଉଦ୍‌ଘାଟନ କରିଥାଏ । ଭବିଷ୍ୟତରେ କ'ଣ ଘଟିବାକୁ ଯାଉଛି ତା'ର ପରୋକ୍ଷ ସୂଚନା ଦେଇଥାଏ । ଫଳରେ ଆମେ ସେଥିଲାଗି ସଜାଗ ଓ ପ୍ରସ୍ତୁତ ହୋଇଯାଉ । ଖରାପ ପ୍ରତୀକ ହୋଇଥିଲେ ଆମେ ମା'ଙ୍କ ଆଶ୍ରୟରେ ତା'ର କୁପ୍ରଭାବକୁ ବା ପରିଣାମକୁ ନ୍ୟୂନ କରି ଦେଖିଥାଉ କିଂବା ସଂପୂର୍ଣ୍ଣ ରୂପେ ସେଥିରୁ ମୁକ୍ତ ହୋଇ ତା' ସ୍ଥାନରେ ସୁପ୍ରଭାବ ଓ ସୁପରିଣାମ ଭୋଗ କରିଥାଉ । ଏହି ପ୍ରତୀକାତ୍ମକ ସ୍ୱପ୍ନର ଅର୍ଥ ଚେତନାର ଭିନ୍ନ ଭିନ୍ନ ଭୂମିରେ ଭିନ୍ନ ଭିନ୍ନ ହୋଇପାରେ । ବାସ୍ତବ ଜଗତର ସୀମା ଅଛି; କିନ୍ତୁ ସ୍ୱପ୍ନମୟ ଜଗତ ଅସୀମ, ଅନନ୍ତ । ସ୍ୱପ୍ନହିଁ ବାସ୍ତବର ସ୍ରଷ୍ଟା । ସବୁକିଛି ବାସ୍ତବରେ ଘଟିବା ପୂର୍ବରୁ ସ୍ୱପ୍ନମୟ ଜଗତରେ ଘଟି ସାରିଥାଏ ଆମେ ତାହା ଜାଣୁ ବା ନ ଜାଣୁ । ସେଇଥିପାଇଁ ଶ୍ରୀଅରବିନ୍ଦ କହିଛନ୍ତି ସ୍ୱପ୍ନ ଯଦି ନ ଥା'ନ୍ତା ତେବେ ଏ ବିଶ୍ୱ ଏକ ଅପୂର୍ଣ୍ଣ ସତ୍ୟ ହୋଇ ରହିଥା'ନ୍ତା ।

❑❑❑

# ପ୍ରଥମ ପଦ୍ମ ଫୁଟିଲା

## ଅନାଦି ଚରଣ ସ୍ୱାଇଁ

ପଚିଶି ବର୍ଷ ପରେ    ପ୍ରଥମ ପଦ୍ମ ଫୁଟିଲା
ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରର    ଶାନ୍ତି ସରୋବରେ ॥
ମଳୟ-ମୁଗ୍ଧ ଆଖି    ଦୋହଲି ଯାଉଛି କଟି
ଚାହିଁଛି ପରାଚୀ ଦେଶେ    ମିଳନ ରହିଛି ବାକି ॥
ଆକାଶବିହାରୀ ସୂର୍ଯ୍ୟ    ଧରଣୀର ପ୍ରୀତିପଦ୍ମ
ସରଗ ପୃଥିବୀ ମେଳ    ବାଜଇ ଚେତନା-ତୂର୍ଯ୍ୟ ॥
ହୃଦୟ-କୋରକ ଖୋଜେ    ଯାହା ଥିଲା ତାହା ଅଛି
ତୁମେ ଯେବେ ଖୋଲିଗଲ    ମୋର ଆବରଣ ବୋଝେ ॥
ପଚିଶିବର୍ଷ ପରେ    ପଦ୍ମ ଫୁଟିଲ ତୁମେ
ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରରେ    ଏହି ଶାନ୍ତି ସରୋବରେ ॥
ପଚିଶି ବର୍ଷ ଯୋଗ    ପଚିଶି ବର୍ଷ ସାଧନା
ପଚିଶି ବର୍ଷ ଆସ୍ପୃହା    ପଚିଶି ବର୍ଷ ପ୍ରାର୍ଥନା ॥
ପଚିଶି ବର୍ଷର ସଂକଳ୍ପ    ପଚିଶି ବର୍ଷର ନିଷ୍ଠା
ପଚିଶି ବର୍ଷର କର୍ମ    ଆଉ ଯେ ନାହିଁ ବିକଳ୍ପ ॥
ପଚିଶି ଅନ୍ତେବାସୀ    ଦୁଇଶ ପଚାଶ ଭୂମି
ପଚିଶି ବ୍ୟାକୁଳ ଡାକ    ତେବେ ତ ଫୁଟିଲ ଆସି ॥
ଏହି ସେହି ଶୁଭବର୍ଷ    କରଞ୍ଜିରେ ବି ଫୁଟିଲା
ଗୋଡ଼ଧୁଆ ରହିଗଲା    ଯାମଣା ହୋଇନି ଚାଷ ॥
କଙ୍କାଳ ଚାହିଁଛି ଠିଆ    ମାହନ୍ତସାହି ଖୋଜୁଛି
ପାଟିଆ ସାହି ପ୍ରସୁପ୍ତ    ଏତେ ସବୁ ଆମ ଗାଆଁ ॥
ସବୁଠି ଫୁଟିବ ପଦ୍ମ    ଅବତାର ଆଦି ମା'
ସାରା ପୃଥିବୀର ଡାକ    ପ୍ରସ୍ତୁତ ପୃଥିବୀ-ପଦ୍ମ ॥
ଜଗତ ଆଖିର ଆଶା    ପଦ୍ମ-ଦର୍ଶନ-ପିପାସା
ପଦ୍ମ ସୂର୍ଯ୍ୟ ଅନୁରାଗୀ    ପ୍ରକାଶ ପଦ୍ମର ଭାଷା ॥
ଫୁଟିଯାଅ ଶତଦଳ    ସହସ୍ର ଅଂଶୁର ବିନ୍ଦୁ
ଏ ହୃଦୟ ଶାନ୍ତିକୁଞ୍ଜେ    ଜାଗୁ ଅରବିନ୍ଦ ବଳ ॥

[ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଶାନ୍ତି ପୋଖରୀରେ ପଚିଶ ବର୍ଷ ଧରି ବହୁ ଚେଷ୍ଟାପରେ ପ୍ରଥମ ପଦ୍ମ ୨୮.୪.୨୦୦୦ ରେ ଫୁଟିବା ଉପଲକ୍ଷେ]



# ବିଶ୍ୱରୂପ : ଗୀତାତତ୍ତ୍ୱ

## ରଞ୍ଜିତା ରାୟ

ଆଜି ମୋ ମନର କଥା କହୁଛି ତୁମକୁ । ପ୍ରତି ମଣିଷର ଅନ୍ତରର କାହାଣୀ– ଆତ୍ମାର କାହାଣୀ । ପ୍ରତି ଅନ୍ତରର ପ୍ରକୃତ ଲୋଭ– ମୁହୂର୍ତ୍ତ ମୁହୂର୍ତ୍ତର ଶୋଷ । ନୂତନ ପୁରାତନ, ସବୁ ସମୟରେ ଅନ୍ତରର ଭାଷା । ବହୁ ଖୋଜାର ପ୍ରାପ୍ତି । ଜ୍ଞାନର ଆଲୋକ । ଧର୍ମର କେନ୍ଦ୍ରବିନ୍ଦୁ ।

ପାର୍ଥ... ପାର୍ଥ... କି ମଧୁର ସ୍ୱର !

ନୀଳ କାନ୍ତିର ଆଭା ବିଚ୍ଛୁରି ପଡୁଛି ସତେ ଯେମିତି ବ୍ରହ୍ମାଣ୍ଡ ସାରା । ଶ୍ରଦ୍ଧା ଆଉ ନମ୍ରତାର ଭାବ ସମ୍ପୂର୍ଣ୍ଣ ଭାବେ ଫୁଟି ଉଠୁଛି ଲମ୍ୱା ଲମ୍ୱା ନୀଳନୟନ ଦୁଇଟିରେ । ରଙ୍ଗ ଅଧରର ମୃଦୁମନ୍ଦ ହସ ସତେକି ସ୍ୱର୍ଗ-ମର୍ତ୍ତ୍ୟ-ପାତାଳ; ଏ ତିନିପୁରକୁ କିମିଆ କରିଯାଉଛି । ଶାଣିତ ନାସିକା, ପ୍ରଶସ୍ତ କପାଳରେ ବିଜୟର ଭାବ । ପାଟ ପୀତାମ୍ବରୀ ପରିଧାନ କରି ନୀଳମଣି ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥର ସାରଥି ଭାବେ କୁରୁକ୍ଷେତ୍ର ମଧ୍ୟରେ ଦଣ୍ଡାୟମାନ ।

ସବ୍ୟସାଚୀ– ମୁଁ ଡାକୁଛି, ମୁଁ; ତୁମର ସଖା– ସଖା ଗୋବିନ୍ଦ !

ଗୋବିନ୍ଦ– ଏ ନାମ କି ମଧୁର ! କି ଅପୂର୍ବ ! କର୍ଣ୍ଣକୁହରରେ ଶତଶତ ବାର ଧ୍ୱନିତ କରୁଛି । ଏ ରକ୍ତମାଂସର ଶରୀର ଶିହରି ଯାଉଛି । ଅଦ୍ଭୁତ ଶକ୍ତି ପାଖରେ ମସ୍ତକ ନଇଁଯାଉଛି । ସମସ୍ତ ଦୁଃଖର ଅବସାନ ।

କ୍ଷଣେ ଫେରି ଚାହିଁଲେ ଅର୍ଜୁନ । ବିଶେଷ ଚିନ୍ତିତ ଜଣା ପଡୁଥିଲେ ସେ । ନିଜ ଭିତରେ କିଛି ବି ସମାଧାନର ପଥ ବାହାର କରିପାରୁ ନ ଥିଲେ । ଗାଣ୍ଡୀବ ତାଙ୍କ ହାତରୁ ଖସି ପଡୁଥିଲା । ଭାବୁଥିଲେ ସବ୍ୟସାଚୀ– ଗୁରୁଜନମାନଙ୍କ ବିରୋଧରେ ମୁଁ କି ଧନୁ ଉଠାଇପାରିବି ? କୁରୁକ୍ଷେତ୍ରରେ ଯଦି ମୁଁ ଗୋଟି ଗୋଟି କରି ସମସ୍ତଙ୍କୁ ହତ୍ୟା କରେ, ତେବେ ଯୁଗ ମୋତେ କେଡ଼େ ପାପୀ ବୋଲି ସାବ୍ୟସ୍ତ ନ କରିବ !

ପାର୍ଥ ! ତୁମେ କି ଚିନ୍ତାରେ ପଡ଼ିଛ ! ମାୟା ତୁମକୁ କେତେଦୂର ନିଜ ଭିତରେ ଛନ୍ଦି ଦେଉଛି, ପାପଭାଗୀ ହେବ ବୋଲି ଭୟ କରିଯାଉଛ କି ମନ ମଧ୍ୟରେ ??

ନା'... ତୁମର ଏ ଧାରଣା ସଂପୂର୍ଣ୍ଣ ଭୁଲ୍ । ଭାଇ, ବନ୍ଧୁ, ପରିଜନ, ଗୁରୁଜନ, ଏସବୁ ମାୟା, ମୁଁ ତୁମର ସଖା । ମୁଁ ତୁମର ମଙ୍ଗଳମୟ ପ୍ରଭୁ । ତୁମେ ମୋ ମଧ୍ୟରେ ଲୀନ । ଏ ସମସ୍ତ ଜଗତ ମୋ ଭିତରେ । ତିନିପୁରର ପ୍ରତି କ୍ଷୁଦ୍ରାଣୁ, କୀଟାଣୁ; ସବୁକିଛି ମୋର ସତ୍ତା । ତୁମେ କାହାକୁ ଭୟ କରୁଛ ? କାହାପାଇଁ ତୁମ ମନ ମଧ୍ୟରେ ଶୋକ କରୁଛ ? କାହା ପାଇଁ ତୁମ ମନ ମଧ୍ୟରେ ମାୟା ଜାଗୁଛି ? ସବୁ ଭିତରେ ମୁଁ ଅଛି । ମୋର ସମସ୍ତେ । ମୁଁ କାହାରି ନୁହେଁ । ବର୍ତ୍ତମାନର ଏ ପାର୍ଥିବ ଶରୀର ମୋ ପ୍ରକୃତ ଶରୀରର କ୍ଷୁଦ୍ରାଂଶ ମାତ୍ର । ତୁମର ହସ୍ତ କମ୍ପମାନ ଅବସ୍ଥାରେ । ତୁମ ହାତରୁ ଗାଣ୍ଡୀବ ଖସି ପଡୁଛି । ତୁମେ ତ ମୋତେ ତୁମର ଏ ପାର୍ଥିବ ଚକ୍ଷୁରେ ଦେଖିପାରିବନି । ତୁମକୁ ମୁଁ ଏ ଦିବ୍ୟଚକ୍ଷୁ ପ୍ରଦାନ କରୁଛି । ଦେଖ, ମୁଁ କିଏ ଓ ଜଗତ କ'ଣ !!!

ସତେ ଧରଣୀ କି ଦିବ୍ୟ ଆଲୋକରେ ଉଦ୍ଭାସିତ ହୋଇଉଠିଲା । ଯୋଗୀ ବି ତା'ର ମହାଯୋଗରୁ ଅନାଇ ଚାହିଁଲା । ଦେବତା ହାତ ଯୋଡ଼ିଲେ । ପ୍ରକୃତି ସେଇ ମହାନ୍ ସତ୍ତାର ଚରଣଯୁଗଳରେ ଲୋଟିଲା । ପବିତ୍ର ତୀର୍ଥମାନେ ସଜାଗ ହୋଇଉଠିଲେ ସେଇ କାନ୍ତିମୟ ପାଦ ଯୋଡ଼ିକର ସେବା କରିବା ପାଇଁ । ପବିତ୍ରରୁ ପବିତ୍ରତର ହୋଇଯିବା ପାଇଁ । ମାୟା ହାତ ଯୋଡ଼ିଲା । ଛାୟା ଅପସରିଗଲା । କାୟା ଅନ୍ଧକାରାଚ୍ଛନ୍ନ ହେଲା ।

କାହାପାଇଁ ଏ କୃପା, ... ଏ ଦିବ୍ୟ ଦର୍ଶନ... ଏକ ମହାନ୍ ସତ୍ତାର କୋମଳ ପରଶ !!

ମନରେ ଏକ ସ୍ୱତନ୍ତ୍ର ଆନନ୍ଦ । ସମସ୍ତ କଷ୍ଟ, ଦୁଃଖ, ଯନ୍ତ୍ରଣା; କାହିଁ କୁଆଡ଼େ ଉଭେଇଯାଇଛି ।

ଅନେଇ ପାରୁ ନ ଥିଲେ ବୀରଧନୁର୍ଦ୍ଧର ଧନଞ୍ଜୟ । ଆଖି ଝଲସି ଉଠୁଥିଲା । ବିସ୍ମିତ ହୋଇ ଉଠିଥିଲେ ପାର୍ଥ । ପୁଲକିତ ହେଉଥିଲେ ସେ । ଦେହରେ ଶିହରଣ ଜାଗି ଉଠୁଥିଲା । ନୟନରେ ଆନନ୍ଦାଶ୍ରୁ ଖେଳୁଥିଲା । କରଯୋଡ଼ି ଅନେଇଥିଲେ ଫାଲ୍‌ଗୁନୀ । ଦେଖୁଥିଲେ–

ସଖା କୃଷ୍ଣଙ୍କର ଆକାର ଧୀରେ ଧୀରେ ବଢ଼ି ଯାଉଥିଲା । ସେହି ଆକାର ଅନୁସାରେ ଉଜ୍ଜ୍ୱଳ ଆଲୋକର

ଆଭା ଚତୁର୍ଦିଗରେ ଖେଳେଇ ହୋଇଯାଉଥିଲା । ମିଠା ମହକରେ ଚାରିଆଡ଼ ଆଚ୍ଛାଦିତ ଥିଲା ଯେମିତି ! ସୂର୍ଯ୍ୟ, ଚନ୍ଦ୍ର, ବରୁଣ, କୁବେର, ଅଗ୍ନି, ବାୟୁ, ଅଷ୍ଟବସୁ, ରାଜର୍ଷି, ବ୍ରହ୍ମର୍ଷି, ଋଷିମୁନିଗଣ, ଦେବଦେବୀ, ନାଗ, ଗନ୍ଧର୍ବ, କିନ୍ନର; ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ପ୍ରତି ସଜୀବ ନିର୍ଜୀବ ପ୍ରାଣୀ; ପରଂବ୍ରହ୍ମଙ୍କର ସେଇ ଆକାର ମଧ୍ୟରେ ସ୍ଥାନ ପାଇଥିଲେ । ତିନି ପୁରର ପ୍ରତିଟି ସ୍ଥିତି, ପ୍ରତି ଧର୍ମ, ପ୍ରତି କର୍ମ; ତା' ମଧ୍ୟରେ ଆବଦ୍ଧ ଥିଲା । ପାଣ୍ଡବ ଓ କୌରବଙ୍କ ସମେତ ସବ୍ୟସାଚୀଙ୍କର ପ୍ରତିଟି ସମ୍ପର୍କୀୟ ମଧ୍ୟ ତା' ମଧ୍ୟରେ ଥିଲେ ।

ଆଖି ଖୋସି ହୋଇ ଯାଉଥିଲା ଧନଞ୍ଜୟଙ୍କର । ନିଜର ସ୍ଥିତିକୁ ସେ ସେତେବେଳକୁ ଭୁଲି ସାରିଥିଲେ ।

ହାତଯୋଡ଼ି ପ୍ରଣାମ କଲେ ପାର୍ଥ ସେଇ ପରମ ଜ୍ୟୋତିର୍ମୟ ପରଂବ୍ରହ୍ମଙ୍କ ଉଦ୍ଦେଶ୍ୟରେ । ଏଥର ମୁହଁ ଖୋଲିଲେ ସେ । କହିଲେ, ପ୍ରଭୁ ! ଏ ବିଶ୍ୱରୂପ ଦେଖି ମୋ ମନରେ ଭୟ ଜାଗୁଛି । ଜାଣୁଛି ଆଜି; ତୁମ ମଧ୍ୟରେ ପ୍ରତି ସ୍ଥିତି ବିରାଜମାନ । ସଂସାର ମାୟାରେ ପୂର୍ଣ୍ଣ । କେହି କାହାର ନୁହନ୍ତି । ତୁମର ଏ ରୂପଦର୍ଶନରେ ମୋର ମନର ସମସ୍ତ ଦୁର୍ବଳତା ଲୋପ ପାଇଯାଇଛି । କିନ୍ତୁ ଏ ରୂପ ମୋ ମନରେ ଆନନ୍ଦ ଆଣି ପାରୁନି । ତୁମର ସେ ସଖା ମନର ଭାବ ମୁଁ ଅନୁଭବ କରି ପାରୁନି । ତେଣୁ ମୋ ପରି ପାର୍ଥିବଜୀବଟି ପାଇଁ ତୁମେ ଏ ରୂପ ତ୍ୟାଗ କରି ସଙ୍ଗେ ସଙ୍ଗେ ମୋ ''ସଖା ଗୋବିନ୍ଦ'' ରୂପରେ ଅବତୀର୍ଣ୍ଣ ହୁଅ । ନତ ଦୃଷ୍ଟିରେ ପୁଣି ଥରେ ପ୍ରଣାମ କଲେ ସେଇ ବିଶ୍ୱାତ୍ମାଙ୍କୁ ଧନଞ୍ଜୟ ।

ସେଇ ରୂପ ଯାହାକି ଆଣି ଦେଇଛି 'ଗୀତା' ପରି ଗ୍ରନ୍ଥ ଯାହା ଯୁଗ ଯୁଗ ପାଇଁ ଶିକ୍ଷାର ଏକ ମହାନ ମାଧ୍ୟମ ଓ ଆଣି ଦେଇଛି ମୁକ୍ତିକାମୀ ଆତ୍ମା ଲାଗି ମୁକ୍ତିର ପଥ । ତାକୁ ଭଲ ପାଇ ଅନ୍ତର ଆନନ୍ଦିତ ହେଉ । ସେଇ ପରମ ସତ୍ତାଙ୍କର ଆଶୀର୍ବାଦ ହାତଟି ଆମ ମସ୍ତକରେ ଥାଉ । ମଣିଷର ଶୋଷ ମେଣ୍ଟିବ ସେଥିରେ ।

ଦୃଷ୍ଟି ସିଧା କଲେ ପାର୍ଥ । ଦେଖିଲେ ସେଇ ଉଜ୍ଜ୍ୱଳ ଆଲୋକ, ସେଇ ବିରାଟ ଆକାର ଆଉ ନାହିଁ । ସାମ୍ନାରେ ରଥର ସାରଥି ସଖା କୃଷ୍ଣ ମୃଦୁ ମୃଦୁ ହସୁଛନ୍ତି । ଅପଲକ ନେତ୍ରରେ ଚାହିଁଲେ ତାଙ୍କୁ ସବ୍ୟସାଚୀ । ଆଖିକୁ ବିଶ୍ୱାସ କରୁ ନ ଥିଲେ । କାହିଁ ସେ ବିରାଟ୍ ଉଗ୍ରରୂପ; କାହିଁ ଏ ସ୍ନେହୀ ମନମୋହକାରୀ ନୀଳକାନ୍ତିଧାରୀ ସଖା କୃଷ୍ଣ !!!

କେତେ ମାୟାବୀ ଏ ସଖା ମୋର–

ପ୍ରଭୁ ପରମ କାରୁଣିକ, ମଙ୍ଗଳମୟ, ସତ୍‌ପଥ-ସନ୍ମାର୍ଗରେ ଆମକୁ ପରିଚାଳିତ ହେବାକୁ ଦିଅ ।

❑❑❑

**ଶିକ୍ଷକ ଆବଶ୍ୟକ**

ଶ୍ରୀ ଜଗବନ୍ଧୁ ଲେଙ୍କା, ସେକ୍ରେଟେରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃପଲ୍ଲୀ, ପୋ : ଚରମ୍ପା, ଜି : ଭଦ୍ରକ, ପିନ୍, ୭୫୬ ୧୦୧ ଜଣାଇଛନ୍ତି ଯେ ତାଙ୍କ ଶିକ୍ଷାକେନ୍ଦ୍ର ପାଇଁ ଜଣେ ଅଭିଜ୍ଞ ମାତୃଭକ୍ତ ବିଜ୍ଞାନ ଶିକ୍ଷକ (ବି.ଏସ୍‌ସି.) ଆବଶ୍ୟକ । ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ଠିକଣାରେ ଯଥାଶୀଘ୍ର ପତ୍ରାଳାପ କରିବା ଲାଗି ଅନୁରୋଧ ।

# ଭଗବତ୍ ପ୍ରାପ୍ତି ଓ ଶିକ୍ଷା
## ଶ୍ରୀମା

କୌଣସି ଗୋଷ୍ଠୀ ଅଥବା ସମାଜରେ ବାସ କରିବା ସକାଶେ ଯାହା ଏକାନ୍ତ ଅପରିହାର୍ଯ୍ୟ ତାହା ହେଲା– ପଢ଼ିବା ଆଉ ଲେଖିବାର ଜ୍ଞାନ ଥିବ, ଅନ୍ତତଃ ଗୋଟିଏ ଭାଷାକୁ ଶୁଦ୍ଧ ଭାବରେ କହି ପାରୁଥିବ, କିଞ୍ଚିତ୍ ସାଧାରଣ ଭୂଗୋଳରେ ଜ୍ଞାନ ରହିଥିବ । ଆଧୁନିକ ବିଜ୍ଞାନ ସହିତ ମୋଟା ମୋଟି ଏକ ପରିଚୟ ରହିଥିବ ଏବଂ ଆଚରଣରେ କେତେକ ନିୟମ ମଧ୍ୟ ଜଣାଥିବ ।

*

ଯାହା ଅଖଣ୍ଡ ତାକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ଦିଅ ନାହିଁ । ବିଜ୍ଞାନ ଓ ଆଧ୍ୟାତ୍ମିକତା, ଉଭୟଙ୍କର ଲକ୍ଷ୍ୟ ଏକ, ସେହି ଲକ୍ଷ୍ୟ ହେଉଛି ସର୍ବୋଚ୍ଚ ଦିବ୍ୟସତ୍ତାଙ୍କ ଉପଲବ୍ଧି । ଦୁଇଟି ମଧ୍ୟରେ ଏହି ଗୋଟିଏ ମାତ୍ର ପାର୍ଥକ୍ୟ ରହିଛି ଯେ ଦ୍ୱିତୀୟଟି ସେହି ଲକ୍ଷ୍ୟଟି ସମ୍ବନ୍ଧରେ ଜାଣିଥାଏ ଏବଂ ପ୍ରଥମଟି ସେ ବିଷୟରେ କିଛି ଜାଣି ନ ଥାଏ ।

(ଡିସେମ୍ବର ୧୯୬୨)

*

ଆମ ଭିତରେ ଯଦି ଜ୍ଞାନର ଏକ ସୁଦୃଢ଼ ମୂଳଦୁଆ ଥିବ ତେବେ ଆମେ ସଫଳ ଭାବରେ ଜୀବନର ସମ୍ମୁଖୀନ ହୋଇ ପାରିବା ।

*

ପ୍ରଶ୍ନ : ଗଣିତ, ଇତିହାସ ବା ବିଜ୍ଞାନ,– ଏହିସବୁ ବିଷୟ ଆପଣଙ୍କୁ ପାଇବାରେ ମୋତେ କିପରି ସାହାଯ୍ୟ କରିପାରିବ ?

ଶ୍ରୀମା : ସେଗୁଡ଼ିକ ଏକାଧିକ ଉପାୟରେ ସାହାଯ୍ୟ କରିପାରିବେ ।

୧. ଦିବ୍ୟ ସତ୍ୟର ଆଲୋକକୁ ଗ୍ରହଣ ଓ ବହନ କରିବାକୁ ହେଲେ ନିଜର ମନକୁ ବଳିଷ୍ଠ, ପ୍ରଶସ୍ତ ଏବଂ ନମନୀୟ କରିବାକୁ ପଡ଼ିବ । ଏହି ସାମର୍ଥ୍ୟଟିକୁ ଅର୍ଜନ କରିବା ଲାଗି ଏହିସବୁ ବିଷୟର ଅଧ୍ୟୟନ ତୁମ ଲାଗି ଅତ୍ୟନ୍ତ ଉପଯୋଗୀ ହେବ ।

୨. ଯଦି ତୁମେ ଯଥେଷ୍ଟ ଗଭୀର ଭାବରେ ବିଜ୍ଞାନର ଅଧ୍ୟୟନ କରିପାରିବ, ତେବେ ତାହା ବାହ୍ୟ ଆକୃତିଗୁଡ଼ିକର ଅସତ୍ୟତାକୁ ତୁମର ହୃଦ୍‌ବୋଧ କରାଇଦେଇ ପାରିବ ଏବଂ ଏହିପରି ତୁମକୁ ଆଧ୍ୟାତ୍ମିକ ସତ୍ୟ ଆଡ଼କୁ ପରିଚାଳିତ କରିନେବ ।

୩. ସ୍ଥୂଳ ପ୍ରକୃତିର ବିଭିନ୍ନ ଗୁଣ ଓ ଗତିବୃତ୍ତିଗୁଡ଼ିକର ଅଧ୍ୟୟନ ବିଶ୍ୱମୟୀ ପରମା ଜନନୀଙ୍କ ସହିତ ତୁମର ଏକ ସଂସ୍ପର୍ଶ ଘଟାଇ ପାରିବ ଓ ଏହିପରି ଭାବରେ ତୁମେ ମୋର ଅଧିକ ନିକଟବର୍ତ୍ତୀ ବି ହୋଇ ପାରିବ ।

(୧୭ ଡିସେମ୍ବର, ୧୯୬୬)

❑❑❑

# ସନ୍ତାନ ଓ ତା'ର ସମ୍ଭାବନା
## (୩୯)
## ଦେବବ୍ରତ ମଜୁମଦାର

### ଆମେ କାହିଁକି ସ୍ୱପ୍ନ ଦେଖୁ
### (୨)

ଶିଶୁମାନଙ୍କର ମନର ଜଟିଳତା କମ୍ । ଇଚ୍ଛା ଓ କାମନାର ଦମନ ସେମିତି ନ ଥିବାରୁ ସେମାନଙ୍କର ସ୍ୱପ୍ନଗୁଡ଼ିକ ଖୁବ୍ ସରଳ ଓ ସିଧା । ବେଶୀ ଭାଗ ସ୍ୱପ୍ନ ଅପୂର୍ଣ୍ଣ, ଅବଦମିତ ନୁହେଁ । ଇଚ୍ଛାପୂରଣ ବା ଜାଗ୍ରତ ଅବସ୍ଥାରେ କୌଣସି ଭୟ ବା ଉଦ୍‌ବେଗର ପ୍ରତିଫଳନ । ଯେପରି ୩ ବର୍ଷ ୯ ମାସର ଜଣେ ଝିଅ ସ୍ୱପ୍ନ ଦେଖୁଛି ଯେ ତା'ର ମାଆ ତା'ର ଛୋଟ ବିଛଣାରେ ଆସି ଶୋଇଛି । ପ୍ରକୃତ ପକ୍ଷରେ ସେ ଚାହେଁ ଯେ ତା'ର ମାଆ ତା' ବିଛଣାରେ ଶୋଉ । ୫ ବର୍ଷ ୧ ମାସର ଜଣେ ଝିଅ ଦେଖେ ଯେ ସେ ଦୁଇଟା ଅଣ୍ଡା ଖାଉଛି । ସେସମୟରେ ସେ ଅସୁସ୍ଥ ଥିବା ଯୋଗୁଁ ଅଣ୍ଡା ଖାଇବାକୁ ମନା ଥିଲା । ସେ ବାରଂବାର ଅଣ୍ଡା ଖାଇବ ବୋଲି ଝୁଙ୍କ ଧରିଥିଲା । ୨ ବର୍ଷ ୨ ମାସର ଜଣେ ଝିଅ ନିଦରୁ ଉଠି କାନ୍ଦ କାନ୍ଦ ହୋଇ କହିଲା– ନନ୍ଦା ପୁଣି ଆସିଛି । ନନ୍ଦା ପାଖ ପଡ଼ୋଶୀଘର ଝିଅ ଯେକି ପୂର୍ବଦିନ ଆସି ତା' ଖେଳନା ନେବାକୁ ଟଣା-ଓଟରା କରିଥିଲା । ତା'ର ଭୟ ଥିଲା ଯେ ଯଦି ତା'ର ଖେଳନାଗୁଡ଼ିକ ନନ୍ଦା ନେଇଚାଲିଯାଏ ।

ଶିଶୁର ସ୍ୱପ୍ନରେ କ'ଣ କିଛି ଗୁରୁତ୍ୱ ଅଛି ? ଜଣେ ମନୋବିଜ୍ଞାନୀ ବର୍ଷ ବର୍ଷ ଧରି ଜଣେ ଶିଶୁର ଶୈଶବଠାରୁ ବଡ଼ ହେବା ପର୍ଯ୍ୟନ୍ତ ସ୍ୱପ୍ନଗୁଡ଼ିକ ଲିପିବଦ୍ଧ କରନ୍ତି । ସେଥିରୁ ତାଙ୍କର ଧାରଣା ଶିଶୁ ସ୍ୱପ୍ନ ମଧ୍ୟରେ ଅନେକ କଥା ଦେଖେ ଯାହା ପରେ ସତ୍ୟ ହୁଏ । ଏହାର କାରଣ ସ୍ୱରୂପ ମନଃସମୀକ୍ଷକଗଣ କହନ୍ତି ଯେ ବଂଶାନୁକ୍ରମେ ଯାବତୀୟ ଘଟଣା, ଆବେଗ ଇତ୍ୟାଦି ଯେପରି ତା'ର ଅଚେତନ ସ୍ତରରେ ରେକର୍ଡ଼ ହୋଇଅଛି । ଶିଶୁମନ ଯୁକ୍ତି-ବୁଦ୍ଧିର ପାଖ ମାଡ଼େ ନାହିଁ । ସେଥିପାଇଁ ସ୍ୱପ୍ନରେ ସିଧାସଳଖ ଅଚେତନାକୁ ଯାଇ ସେଠାକାର ଛବି ଅବିକୃତ ଭାବରେ ଜାଗ୍ରତ ସ୍ତରକୁ ଉଠାଇ ଆଣିବା ସହଜ କଥା ନୁହେଁ । ଅନ୍ୟ ଦିଗରୁ ଶ୍ରୀମା କହିଛନ୍ତି– ''ଶିଶୁମାନେ ସେମାନଙ୍କର ଚୈତ୍ୟସତ୍ତାର ନିକଟବର୍ତ୍ତୀ ଥାଆନ୍ତି । ଯେତେ ବଡ଼ ହୁଅନ୍ତି ବଡ଼ମାନଙ୍କର ପ୍ରଭାବ ଓ ଆଧୁନିକ ଶିକ୍ଷା ପାଇଁ ତା'ଉପରେ ସ୍ତର ପରେ ସ୍ତରର ଆବରଣ ପଡ଼େ । ସେମାନେ ବାସ୍ତବ ସତ୍ୟଠାରୁ ଦୂରେଇ ଯାଆନ୍ତି । ସେମିତି ଯଦି ହୁଏ ସ୍ୱପ୍ନରେ ସେମାନଙ୍କ ପକ୍ଷରେ ଅଧିଚେତନ (Subliminal level) ସ୍ତରକୁ ଯିବା ସ୍ୱାଭାବିକ ହେବ ଓ ସ୍ୱପ୍ନରେ ସତ୍ୟର ପ୍ରତିଫଳନ ହୋଇପାରେ ।

ପଶ୍ଚିମବଙ୍ଗର ସ୍ୱନାମଧନ୍ୟ ଅଧ୍ୟାତ୍ମପୁରୁଷ ପରାଙ୍କୁଶ ସ୍ୱାମୀଜିଙ୍କ ବୟସ ୩ ବର୍ଷ ସମୟରେ ଦେଖିଥିବା ସ୍ୱପ୍ନ ଏଠାରେ ଉଲ୍ଲେଖ କରାଯାଇଛି । ତାଙ୍କ ଦିଦିମା ତାଙ୍କୁ ଶୋଇବାକୁ ନେବା ସମୟରେ କହୁଥିଲେ– ''ଦେଖ ଦିଦିମା, ତୁମର ଏହି ସାନ ଘରେ ମୁଁ ରହିବି ନାହିଁ । ମୋ ଭଗବାନ ମାଆର ଅନେକ ବଡ଼ ବଡ଼ ଘର ଅଛି । ସେଠାରେ ଅନେକ ଲୋକ ଖିଆପିଆ କରନ୍ତି । ବଡ଼ ହେଲେ ମୁଁ ସେଠାକୁ ଚାଲିଯିବି ।'' ସେ କହିଛନ୍ତି ସେ ସେସମୟରେ ସ୍ୱପ୍ନରେ ଯେଉଁମାନଙ୍କୁ ଦେଖୁଥିଲେ ପରବର୍ତ୍ତୀ ଆଶ୍ରମ-ଜୀବନରେ ସେମାନଙ୍କୁ ଭେଟିଛନ୍ତି । ଅନେକ ବଡ଼ ବଡ଼ ଘର ଅର୍ଥ ସେ କହିଛନ୍ତି ଗୁରୁଦେବଙ୍କର ଭାରତର ବିଭିନ୍ନ ସ୍ଥାନରେ ସାନ-ବଡ଼ ଆଶ୍ରମର କଥା । ବର୍ତ୍ତମାନ ତାଙ୍କ ନିଜ ଅଧୀନରେ ଓ ପରିଚାଳନାରେ ୩/୪ଟି ଆଶ୍ରମ ମଧ୍ୟ ଅଛି । ଶିଶୁ ବୟସର ସ୍ୱପ୍ନରେ ସେଗୁଡ଼ିକ ହୁଏତ ଦେଖୁଥିଲେ ସୁତରାଂ ଶିଶୁମାନଙ୍କ ପକ୍ଷରେ ପୂର୍ବାଭାସ ସହ ସ୍ୱପ୍ନ ଦେଖିବା ଖୁବ୍ ସମ୍ଭବ । ବଡ଼ମାନଙ୍କର ଉଚିତ ସେମାନଙ୍କୁ ନିୟମିତ ସ୍ୱପ୍ନ କଥା ପଚାରିବା ଓ ସ୍ୱପ୍ନ ମନେରଖିବା ପାଇଁ ଉତ୍ସାହିତ କରିବା ।

ବୟସ ବଢ଼ିବା ସହିତ ଶିଶୁର ସ୍ୱପ୍ନ ମଧ୍ୟ ଜଟିଳ ହୁଏ ଏବଂ ପ୍ରତୀକ ଭାବରେ ଆସେ । ଅନେକ ସମୟରେ ଶିଶୁର ସ୍ୱପ୍ନ ଅନୁସନ୍ଧାନ କରି ମନଃଚିକିତ୍ସକଗଣ ତା'ର

ବାପା ମାଆ ଆଗରେ ସମସ୍ୟାର ଚିତ୍ରଟି ଧରି ରଖନ୍ତି । ବାପା-ମାଆ ଶିଶୁର ଅତ୍ୟନ୍ତ ନିକଟତମ ମଣିଷ । ତେଣୁ ବାପା-ମାଆର ଜୀବନର ଛୋଟ ଛୋଟ ଆବେଗ, ଦ୍ୱନ୍ଦ୍ୱ ମଧ୍ୟ ତାହାର ଅଚେତନ (unconscious) ସ୍ନାୟୁ କେନ୍ଦ୍ରରେ ସ୍ଥାୟୀ ଛାପ ପକାଇଥାଏ । ଜଣେ ୧୦ ବର୍ଷ ବୟସର ପିଲା ମନଃଚିକିତ୍ସକଙ୍କୁ କହିଥିବା ସ୍ୱପ୍ନ କଥା ଶୁଣ । ''ଜାଣ ସେଦିନ ରାତିରେ ମୁଁ ଖୁବ୍ ଡରି ଯାଇଥିଲି । ଘରେ ମୁଁ ଏକା । ତା'ପରେ ଦେଖୁଛି ଏକ ବିରାଟ ବଣ । ସେଠାରେ ଭୀଷଣ ନିଆଁ ଲାଗିଛି । ସବୁ ପୋଡ଼ି ଯାଉଛି । ମୁଁ ଖୁବ୍ ଡରି ଯାଇଛି । ସେତେବେଳେ ତୁମକୁ ଦେଖିଲି । ତୁମେ ଗୋଟିଏ ବଡ଼ ପାତ୍ରରେ ପାଣି ନେଇ ନିଆଁରେ ଢାଳୁଛ । ନିଆଁ ନିଭିଗଲା । କେବଳ ଧୂଆଁ । ତୁମେ ସେତେବେଳେ ମୋତେ ଗୋଟିଏ ଚକୋଲେଟ୍ ଦେଲ ।''

କେଉଁ ବଣରେ ନିଆଁ ଲାଗିଥିଲା ? ଯାହାକୁ ଶିଶୁଟି ତାହାର ସ୍ୱପ୍ନର କଥା କହୁଥିଲା ସେ ତା'ର ପାରିବାରିକ ବନ୍ଧୁ । ସେମାନଙ୍କର ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଚାପା ବିରକ୍ତି ଓ ଉତ୍ତେଜନା ଚାଲିଥିଲା । କିନ୍ତୁ ଶିଶୁର କଥା ମନେ ପଡ଼ିବାରୁ ସେମାନେ ପ୍ରକାଶ୍ୟରେ କେବେ କଳି ବା କଥା କଟାକଟି କରୁ ନ ଥିଲେ । କିନ୍ତୁ ଶିଶୁର ମନ ଅସଲ କଥାଟି ବୁଝିପାରେ । ଉଦ୍‌ବିଗ୍ନ ହୁଏ । ଉଦ୍‌ବେଗର ପ୍ରତୀକ ବଣରେ ନିଆଁ ଲାଗିବା । ତା'ର ଅବଚେତନ ମନରେ ଆସିଥିଲା ଏହି ମନଚିକିତ୍ସକ uncle ଏହି ଅଶାନ୍ତିର ନିଆଁ ଲିଭାଇ ପାରିବେ । ଶିଶୁର ବାପା-ମାଆ ଶିଶୁର ଏହି ଉଦ୍‌ବେଗର କଥା ଘୂଣାକ୍ଷରରେ ବି ଜାଣି ପାରି ନ ଥିଲେ । ସେମାନଙ୍କୁ ଶିଶୁର ଏହି ସ୍ୱପ୍ନ କଥା ଜଣାଇବାରୁ ସେତେବେଳେ ସେମାନଙ୍କ ଆଖି ଖୋଲିଥିଲା ।

**ଉଠାବୟସର ସ୍ୱପ୍ନ :**

ଶୈଶବ ପରେ ଆସେ କୈଶୋର, ବୟଃସନ୍ଧି କାଳ ଓ ଯୌବନ । ଦେହ, ମନ, ପ୍ରାଣରେ ଯେପରି ଜୁଆର ଆସେ । ଚିନ୍ତା, ଭାବନା, ଆବେଗ ବିଚିତ୍ର ବାଟ ଧରି ତୀବ୍ର ଗତିରେ ଚାଲେ । ଯୌନ ଉତ୍ତେଜନା, ମାନସିକ ଆବେଗ, ଭବିଷ୍ୟତର ସ୍ୱପ୍ନ, ଉଦ୍‌ବେଗ, ଦ୍ୱନ୍ଦ୍ୱ, ବ୍ୟକ୍ତି ଭାବରେ ନିଜକୁ ପ୍ରକାଶ କରିବାର ବାସନା, ଭଲପାଇବା, ହିଂସା, ବିଦ୍ୱେଷ– ଏ ସମସ୍ତ ନେଇ ଟଳମଳ ବୟସର ସନ୍ଧିକ୍ଷଣ । ସ୍ୱପ୍ନରେ ସେହିସବୁ ଛବି ଭାସି ଉଠେ । ଏ ସମୟରେ ବେଶୀଭାଗ ସ୍ୱପ୍ନ ପ୍ରତୀକ ଭାବରେ ଯୌନ କାମନା ପୂରଣ କରିବାର ସ୍ୱପ୍ନ । ଏହା ବ୍ୟତୀତ ବିଭିନ୍ନ ପ୍ରକାର ମାନସିକ ଆବେଗର ପ୍ରତିଛବି ସ୍ୱପ୍ନରେ ଭାସି ଉଠେ । ସେ ସ୍ୱପ୍ନ ଦେଖେ ପାହାଡ଼ ଚଢ଼ି ଉପରକୁ ଉଠୁଛି । ଆକାଶରେ ଭାସି ଚାଲିଛି । ବାସ୍ତବଜୀବନର ଦ୍ୱନ୍ଦ୍ୱ-ସଂଘାତର ପ୍ରତିଛବି ସ୍ୱପ୍ନରେ ଭାସି ଉଠେ ଝଡ଼-ଝଞ୍ଜା, ଭୂମିକମ୍ପ, ଯୁଦ୍ଧକ୍ଷେତ୍ର ରୂପରେ । ଏ ସମୟରେ ଜୀବନ-ଜିଜ୍ଞାସା ମଧ୍ୟ ତୀବ୍ର ହୁଏ । ତେଣୁ ଗଭୀର ଆଧ୍ୟାତ୍ମିକ ବିଷୟ ସଂପର୍କୀୟ ସ୍ୱପ୍ନ ମଧ୍ୟ ସେମାନେ ଏ ବୟସରେ ଦେଖିଥାଆନ୍ତି ।

**ଅଧିଚେତନ ସ୍ତରର ସ୍ୱପ୍ନ :**

ଯେପରି ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ଚେତନା ଓ ତା'ର ବିଭିନ୍ନ ସ୍ତର ରହିଛି ସେମିତି ଅଛି ଏକ ବିଶ୍ୱଚେତନା ଓ ତାହାର ବିଭିନ୍ନ ସ୍ତର । ଆମର ବ୍ୟକ୍ତିଗତ ଚେତନା ବିଶ୍ୱଚେତନାର ବିଭିନ୍ନ ସ୍ତର ସହିତ ଯୁକ୍ତ । ସାଧାରଣ ମଣିଷ ଜାଗ୍ରତ ଚେତନାରେ ସେମାନଙ୍କର କୂଳ-କିନାରା ପାଆନ୍ତି ନାହିଁ । କିନ୍ତୁ ସ୍ୱପ୍ନ ମଧ୍ୟରେ କେତେବେଳେ କେତେବେଳେ ସେଗୁଡ଼ିକର ମୂଳ ମିଳିଥାଏ । ଜଣେ ଅନୁଗାମୀଙ୍କୁ ଲେଖିଥିବା ଶ୍ରୀଅରବିନ୍ଦଙ୍କ ଏକ ଚିଠିରେ ବିଷୟଟି ଖୁବ୍ ସ୍ପଷ୍ଟ ହୋଇ ଉଠିଛି । "There are dreams that have not the same character but are a representation or transcription of things that actually happen on other planes in other worlds under other conditions than ours.

ଆମର ଜାଗ୍ରତ ମନର ତଳେ ରହିଛି ଅବଚେତନ ସ୍ତର (subconscious), ତା'ତଳକୁ ଅଚେତନ, ଅଚିତି ବା unconscious ସ୍ତର । ଅଚେତନ ଅର୍ଥ ସେଠାରେ ଚେତନା ନାହିଁ ଏମିତି ବୁଝାଏ ନାହିଁ । ଆମର ଜାଗ୍ରତ ଚେତନାର ଏଠାରେ କୌଣସି ଖବର ପାଉନା । କିନ୍ତୁ ଅଧିଚେତନ ରହିଛି ଆମର ଜାଗ୍ରତ ବା ବହିଷ୍ଟର ଦେହ, ମନ, ପ୍ରାଣର ପଶ୍ଚାତରେ । ଅଧିଚେତନ ହେଉଛି ଆମର

ଆନ୍ତର ସତ୍ତା (inner being) । ଏଠାରେ ରହିଛି ଆମର ଆନ୍ତର ଦେହ ସତ୍ତା (inner physical), ଆନ୍ତର ମନସତ୍ତା (inner mental), ଆନ୍ତର ପ୍ରାଣସତ୍ତା (inner vital) । ଉପନିଷଦରେ ଏଗୁଡ଼ିକର ଉଲ୍ଲେଖ ଅଛି ଅନ୍ନମୟ କୋଷ, ମନୋମୟ କୋଷ ପ୍ରାଣମୟ କୋଷ ନାମରେ । ଏଗୁଡ଼ିକ ପୁଣି ବିଶ୍ୱଚେତନାର ଅନ୍ନମୟ ପୁରୁଷ, ମନୋମୟ ପୁରୁଷ, ପ୍ରାଣମୟ ପୁରୁଷ ସହିତ ଯୁକ୍ତ । ଅଧିଚେତନା ସ୍ତରରେ ଆମର ସତ୍ତାଗୁଡ଼ିକ ଯେତେ ବ୍ୟକ୍ତିଗତ ସେତେ ମଧ୍ୟ ବିଶ୍ୱଗତ । ଏହି ସ୍ତରରେ ବ୍ୟକ୍ତିଚେତନା ଓ ବିଶ୍ୱଚେତନା ମଧ୍ୟରେ ଯେମିତି ଏକ ଯୋଗାଯୋଗର ପଥ ରହିଛି । ଆମର ଜାଗ୍ରତ ଚେତନା ଅଧିଚେତନା ତୁଳନାରେ ଏକ କ୍ଷୁଦ୍ର ଅଂଶ ମାତ୍ର । ଅଧିଚେତନା ବିଶାଳ, ବ୍ୟାପକ । ଯେପରି ପାଣିରେ ବୁଡ଼ି ରହିଥିବା ଏକ ବିଶାଳ ପାହାଡ଼ ବା ପର୍ବତମାଳା । ପାଣିକୁ ଯଦି ଜାଗ୍ରତ ଚେତନାର ସ୍ତର ବୋଲି ଧରାଯାଏ ତେବେ ଅଧିଚେତନା ପର୍ବତମାଳାର ସୁ-ଉଚ୍ଚ ଶିଖରଗୁଡ଼ିକ ରହିଛି ବିଭିନ୍ନ ଆଲୋକରାଜ୍ୟରେ ବିସ୍ତୃତ । ସେମିତି ପାଣିର ତଳେ ପର୍ବତାଂଶ ପରି ଏହାର ମଧ୍ୟ ରହିଛି ଗାଢ଼ ଅନ୍ଧକାର ଓ ଭୟଙ୍କର ରାଜ୍ୟସବୁ । ସ୍ୱପ୍ନରେ ଯେତେବେଳେ ଆମର ଚେତନା ଅଧିଚେତନାର ଏହିସବୁ ଭୟଙ୍କର ରାଜ୍ୟରେ ଯାଇ ପଡ଼େ ସେସମୟରେ ଭୟାବହ ସ୍ୱପ୍ନସବୁ ଦେଖିଥାଉ । ଶ୍ରୀମା କହିଛନ୍ତି– ''ଏହିସବୁ ଲୋକେ ବିଶେଷତଃ ପ୍ରାଣଲୋକକୁ ଯାଇ ଆଘାତ ପାଇବା ଅନେକ ସମୟରେ ଆମର ଶାରୀରିକ ଅସୁସ୍ଥତାର ଲକ୍ଷଣ ଭାବରେ ଦେଖାଦିଏ ।'' ଉଦାହରଣ ସ୍ୱରୂପ ସେ କହିଛନ୍ତି– ଜଣକୁ ସେ ଜାଣିଥିଲେ ଯେ ସ୍ୱପ୍ନରେ ପ୍ରାଣସତ୍ତା ଦ୍ୱାରା ଆଖିରେ ଭୀଷଣ ଆଘାତ ପାଇଥିଲେ । କେତେ ମାସ ପରେ ସେ ଆଖିର ଦୃଷ୍ଟିଶକ୍ତି ହରାଇଥିଲେ ।

ଏଥର ଅଧିଚେତନାର (subliminal) ଉଚ୍ଚଲୋକର ସ୍ୱପ୍ନ କିଭଳି ହୋଇପାରେ ତାହା ଜାଣିବା ।

ଶ୍ରୀଅରବିନ୍ଦ କହିଛନ୍ତି– ''...ଏପରି ହୋଇପାରେ ଦେହର ସୁପ୍ତିରେ ମନର ସମସ୍ତ ଅଂଶ ଶୋଇଯାଏ ନାହିଁ । ତା'ର ଜାଗ୍ରତ ଅଂଶ ଏହି ଅବସରରେ ଓହ୍ଲାଇ ଆସେ ସତ୍ତାର ଅନ୍ତଃପୁରରେ ବହିଶ୍ଚେତନା ସହିତ ସମସ୍ତ ବ୍ୟବହାର ଚୁକ୍ତିକରି ଜାଗିଉଠେ ଅଧିଚେତନାର ମନୋମୟ, ପ୍ରାଣମୟ ଓ ଭୂତ ସୂକ୍ଷ୍ମମୟ ସ୍ତରରେ । ନିଦ ମଧ୍ୟରେ ଯଦି ଏହି ସମୟରେ ଏହି ସ୍ତରର ନିକଟବର୍ତ୍ତୀ କେଉଁଠି ରହୁ ତେବେ ଏହାର ମଧ୍ୟ କିଛି ଛବି ସ୍ୱପ୍ନ ମଧ୍ୟରେ ଉଠି ଆସେ । କିନ୍ତୁ ବେଶୀଭାଗ କ୍ଷେତ୍ରରେ ସେହି ଛବି ତିଆରି ହୁଏ ଅବଚେତନାର ସଂକେତ ଅନୁସାରେ । ତେଣୁ ଗୂଢ଼ ସତ୍ୟର ଉତ୍ସଠାରୁ ଛବି ଆସିଲେ ମଧ୍ୟ ତାହା ଗୋଳମାଳିଆ ହୁଏ ।

କିନ୍ତୁ ଅଧିଚେତନ ଲୋକ ଯଦି ସିଧାସଳଖ ସ୍ୱପ୍ନ ଚେତନାକୁ ଉଠି ଆସେ ସେତେବେଳେ ଛବିରେ କୌଣସି ବିକୃତି ହୁଏ ନାହିଁ । ଆଉ ସେତେବେଳେହିଁ ଯେତେସବୁ ବିସ୍ମୟକର ଘଟଣା ଘଟେ । ଆମେ ନୂଆ ନୂଆ ଚିନ୍ତା ଓ ଭାବର ସନ୍ଧାନ ପାଉ । ଆମର ଦର୍ଶନ ହୁଏ ଭାବପୂର୍ଣ୍ଣ ଅପରୂପ ପ୍ରତିମୂର୍ତ୍ତି । ଯେଉଁସବୁ ସମସ୍ୟାର ଆମେ ଚିନ୍ତା-ଭାବନା ଦେଇ କୂଳ-କିନାରା ପାଇ ପାରୁନା ସେଗୁଡ଼ିକର ସମାଧାନର ଚାବିକାଠି ପାଇଯାଉ । ଅତର୍କିତ ସଂକେତ, ଅନାଗତର ଆଭାସ ପାଉ । ଅଧିଚେତନା ହେଉଛି ସ୍ୱପ୍ନର ସଫଳ ଓ ସର୍ବଶ୍ରେଷ୍ଠ କାରିଗର । ଏପ୍ରକାରର ଚିତ୍ର ଆମେ ନିୟତ ପାଇ ପାରିବା ଯଦି ସାଧନା ମାଧ୍ୟମରେ ଆମର ଅନ୍ତଶ୍ଚେତନାର ଦ୍ୱାର ଖୋଲିଯାଏ । ସେତେବେଳେ ସ୍ୱପ୍ନରେ ବା ସ୍ୱପ୍ନ ବ୍ୟତୀତ ଏସବୁ ଆମ ନିକଟରେ ପ୍ରତିଭାତ ହୋଇଥାଏ ।

(କ୍ରମଶଃ)

(ବଙ୍ଗଳା ମାସିକ 'ସନ୍ତାନ ଓ ତା'ର ସମ୍ଭାବନା' ପତ୍ରିକାରୁ)

ଅନୁବାଦ : ଜୟନାରାୟଣ ପାଣିଗ୍ରାହୀ

❑❑❑

ÆÐk Ôûþ ¹ú@ ©Ð¯ú×Öh dŠús ÖÐÁú ¤`×> ÆÐ† ©Ð¯ú× ¯ò@ ÐÖh ©ÙÐk Ö@, NÁÐ@úSu ÔÐ¯ú×š ¹pÁ@ ÐÖh ¿úÐ Ð†>

– ଶ୍ରୀଅରବିନ୍ଦ

# ଓଁ ସୌନ୍ଦର୍ଯ୍ୟମୟି ପରମେ

## (୨)

### ସୁରେଶ

ପ୍ରାଚୀନ ଭାରତବର୍ଷରେ, ୟୁରୋପୀୟ ଦେଶମାନଙ୍କରେ ଏବଂ ପ୍ରଧାନତଃ ଗ୍ରୀସ୍ ଦେଶରେ ଶିଳ୍ପଶାସ୍ତ୍ର(Art) ଏବଂ ନନ୍ଦନତତ୍ତ୍ୱ(Aesthetics) ବିଷୟରେ ଅନେକ ମୂଲ୍ୟବାନ୍ ବିଚାର ଓ ଆଲୋଚନା କରାଯାଇଛି । ଅନେକ ସମୟରେ ମନେହୁଏ, ଏ ଦୁଇଟି ବିଷୟ (ପୃଥକ୍ ହେଲେ ମଧ୍ୟ) ସମାର୍ଥକ । କହିବା ବାହୁଲ୍ୟ ଯେ ଶିଳ୍ପଶାସ୍ତ୍ର ବିଷୟଟି ଶିଳ୍ପସୃଷ୍ଟିର ପ୍ରକ୍ରିୟା, ଶିଳ୍ପବସ୍ତୁ, ଶିଳ୍ପୀ, ଏବଂ ଶିଳ୍ପୀର ବିଭିନ୍ନ ମାନସିକ ଅବସ୍ଥାନ୍ତର ସମ୍ପର୍କିତ ଆଲୋଚନା । ଅପରପକ୍ଷରେ, ''ନନ୍ଦନତତ୍ତ୍ୱ'' ବିଷୟଟିକୁ ଶିଳ୍ପଦର୍ଶନ-ଜନିତ ଅଥବା ଶିଳ୍ପପାଠର ଫଳସ୍ୱରୂପ ଯେଉଁ ରସାଭାସ ବା ଆନନ୍ଦ-ଚେତନା, ଦର୍ଶକ, ଶ୍ରୋତା କିଂବା ପାଠକ ମନରେ ସଂଜାତ ହୁଏ, ତାହାକୁହିଁ କେନ୍ଦ୍ର କରି ବିଶ୍ଳେଷଣ ଓ ବିଚାରାଦି କରାଯାଇଥାଏ । ଏଠାରେ ''ଶିଳ୍ପ'' ଅର୍ଥରେ ଏହାର ବୃହତ୍ତର ପଟ୍ଟଭୂମିକୁ କଳ୍ପନା କରାଯାଇଛି... ଯଥା : ସଙ୍ଗୀତ, ନୃତ୍ୟ, ନାଟକ, କାବ୍ୟ-ସାହିତ୍ୟ, ଚିତ୍ରଶିଳ୍ପ, ଭାସ୍କର୍ଯ୍ୟ, ସ୍ଥାପତ୍ୟକଳା ପ୍ରଭୃତି ସମସ୍ତ କ୍ରିୟାତ୍ମକ ଶିଳ୍ପକଳା(Creative Art) ଏହି 'ଶିଳ୍ପ' ଶବ୍ଦର ଅନ୍ତର୍ଭୁକ୍ତ । ସୁତରାଂ ଆମେ ସ୍ପଷ୍ଟ ଦେଖିବାକୁ ପାଉଁ ଏବଂ ଅନୁଭବ କରୁଁ ଯେ ଶିଳ୍ପଶାସ୍ତ୍ରର ସଂଜ୍ଞା ଏବଂ ନନ୍ଦନତତ୍ତ୍ୱର ସଂଜ୍ଞା ପୃଥକ୍ ହେବାଟା ସ୍ୱାଭାବିକ ତଥା ଅବଶ୍ୟମ୍ଭାବୀ । ଯଦ୍ୟପି, ନୂତନ (କିଂବା ପୁରାତନ) ଶିଳ୍ପସୃଷ୍ଟି ଦ୍ୱାରାହିଁ ମାନବଜାତିର ମନରେ ସୌନ୍ଦର୍ଯ୍ୟଚେତନା ଏବଂ ସାର୍ବିକ ଆନନ୍ଦ ସଞ୍ଚାରିତ ହୋଇଥାଏ ।*

ଯେତେବେଳେ ବିଶ୍ୱବିଖ୍ୟାତ ସ୍ୱର-ବ୍ରହ୍ମ ସାଧକ ମିଆଁ ତାନ୍‌ସେନ୍ ମେଘମହ୍ଲାର ଆଦି ରାଗସଙ୍ଗୀତ ଗାୟନ କରି ଅକାଳ ପଡ଼ିଥିବା ତାପ-କ୍ଲିଷ୍ଟ ଧରିତ୍ରୀ ବକ୍ଷରେ ବର୍ଷାର ଅବିରାମ ଧାରା ଝରାଇ ଦେଉଥିଲେ, ସେସବୁ ଘଟଣାକୁ କଳ୍ପଲୋକର ଇନ୍ଦ୍ରଜାଲ ବୋଲି କଥାରେ ଉଡ଼ାଇ ଦେବାଟା ଉଚିତ ହେବ ନାହିଁ, କାରଣ ଗଭୀର ସ୍ୱର-ସାଧନା ଦ୍ୱାରା ଏବଂ ବୃନ୍ଦାବନର ସଙ୍ଗୀତ ଗୁରୁ ସ୍ୱାମୀ ହରିଦାସଙ୍କ ବିଶେଷ କୃପା ଲାଭ କରି ତାନସେନ ଏକ 'ସୁଗଭୀର ଅନ୍ତର୍ଦୃଷ୍ଟି' ତଥା ବିଶେଷ ନାଦସିଦ୍ଧି ଲାଭ କରିଥିଲେ । ଏ ସମ୍ପର୍କରେ ଶ୍ରୀମା କହିଛନ୍ତି, କି ଭାବରେ, କି ପ୍ରକାରେ ଏବଂ କି ଉପାୟରେ ଏହି ଧରଣର ଅତ୍ୟାଶ୍ଚର୍ଯ୍ୟ ଓ ଅତି ସୁନ୍ଦର ଘଟଣା ସବୁ ଘଟିଯାଏ, ସେସବୁ ବୁଝିବା ସକାଶେ ପ୍ରୟୋଜନ 'ଅଫୁରନ୍ତ ଧୈର୍ଯ୍ୟ ଓ ଉଦାର ବହୁମୁଖୀ ଅନ୍ତର୍ଦୃଷ୍ଟି' । ଅଲୌକିକ ଯାହା କିଛି ଘଟେ ସେ ସବୁକୁ 'କଳ୍ପଲୋକର ଇନ୍ଦ୍ରଜାଲ' ବୋଲି ମନେ କରିବା ଠିକ୍ ନୁହେଁ; ଗଳ୍ପ, ଉପନ୍ୟାସ, ସିନେମା ପ୍ରଭୃତିରେ ଯେଉଁ ଭାବରେ ଘଟଣାସବୁକୁ ଉପସ୍ଥାପିତ କରାଯାଇଥାଏ, ଅଲୌକିକ ଜଗତରେ ସେପରି ଭାବରେ କିଛି ହୁଏ ନାହିଁ । 'ଏକମାତ୍ର ଗଭୀର ଅନ୍ତର୍ଦୃଷ୍ଟି ଦ୍ୱାରାହିଁ ଏସବୁ ବିଷୟକୁ ଦେଖିବା (ବୁଝିବା) ସମ୍ଭବ– ଏଥିପାଇଁ ପ୍ରୟୋଜନ ଗଭୀର ବିଶ୍ୱଗ୍ରାହୀ ବୃହତ୍ ଅନ୍ତର୍ଦୃଷ୍ଟି ।''

ଭଗବତ୍‌କୃପାର କର୍ମଧାରାକୁ ବୁଝିବାକୁ ହେଲେ ସର୍ବପ୍ରଥମେ ପ୍ରୟୋଜନ ସେହି କୃପାର ଧାରା, ପଦ୍ଧତି ଓ ପ୍ରକରଣକୁ ଅନୁଧାବନ କରିବାର କ୍ଷମତା ! ବସ୍ତୁତଃ ଅନ୍ତରତର ସତ୍ୟକୁ ଦର୍ଶନ କରିବାକୁ ହେଲେ, ବାହ୍ୟରୂପର ମୋହରେ ଅନ୍ଧ ହୋଇଯିବାଟା ଆଦୌ ଚଳିବ ନାହିଁ... ଶ୍ରୀମାଙ୍କ ଉପଦେଶ ଅନୁସାରେ ସେଇ କଥା (ଅଥବା ଅଭ୍ୟାସ)ଟି ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ । ଦିନେ ଆଶ୍ରମ-ସ୍କୁଲର ଗୋଟିଏ ଶ୍ରେଣୀରେ କଥୋପକଥନ ମାଧ୍ୟମରେ ଶ୍ରୀମା ଛାତ୍ର-ଛାତ୍ରୀଙ୍କୁ ନିମ୍ନଲିଖିତ କେତୋଟି ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ :– ''ତୁମ୍ଭମାନଙ୍କୁ ମୁଁ ପ୍ରକୃତିର ନିଃସୀମ ପ୍ରାଚୁର୍ଯ୍ୟର କଥା କହିଛି । ପ୍ରକୃତି ସୃଷ୍ଟିର ଅକ୍ଷୟ ଶକ୍ତି । ସେ ଅଗଣିତ ବସ୍ତୁରୂପକୁ ନେଇ ମିଶାନ୍ତି, ପୁଣି ପୃଥକ୍ କରି ଦେଇ ପୁନରାୟ ଗଢ଼ନ୍ତି, ପୁନର୍ବାର ଭାଙ୍ଗି ଦେଇ ନଷ୍ଟ କରି ନୂତନ ନୂତନ ରୂପ ସୃଷ୍ଟିରେ ହାତ ଦିଅନ୍ତି । ଆଗରୁ କହିଛି, ପ୍ରକୃତି ଗୋଟିଏ ବିରାଟ ଡେକ୍‌ଚି ସଦୃଶ । ତା' ଭିତରେ ସବୁ ଓଲଟ ପାଲଟ କରି ଗୋଟାଏ (ସୁନ୍ଦର ବସ୍ତୁ) ବାହାର କରାହୁଏ; ପସନ୍ଦ ନ ହେଲେ ପୁଣି ଥରେ ଭିତରକୁ ଫିଙ୍ଗି ଦେଇ ଅନ୍ୟକିଛି ବାହାର କରାଯାଏ... ପ୍ରକୃତି ନିକଟରେ

---

* ଶ୍ରୀ ଅରୁଣ ଭଟ୍ଟାଚାର୍ଯ୍ୟଙ୍କ ରଚିତ ''ନନ୍ଦନତତ୍ତ୍ୱେର ସୂତ୍ର'' ଦ୍ରଷ୍ଟବ୍ୟ ।

ଗୋଟିଏ, ଦୁଇଟି କିଂବା ଏକଶତଟି ବସ୍ତୁରୂପର ମଧ କୌଣସି ଗୁରୁତ୍ୱ ନାହିଁ । ହଜାର, ହଜାର ରୂପ ଅଛି ଏବଂ ଅଛି ସମୟ, ଶହେ, ହଜାର, ଲକ୍ଷେ ବର୍ଷ, ଯାହାର କୌଣସି ମୂଲ୍ୟ ନାହିଁ– ସମ୍ମୁଖରେ ପଡ଼ିଅଛି ନିରବଧି କାଳ ! ସ୍ପଷ୍ଟଭାବରେ କହିଲେ, ପ୍ରକୃତି ନିଜର ଖିଆଲ-ଖୁସୀ ମୁତାବକ କାର୍ଯ୍ୟ କରିଯାଆନ୍ତି ।

ମାନବଜାତିର ଏହା ଏକ ପରମ ସୌଭାଗ୍ୟ ଯେ ନଭେମ୍ବର ୮ (୧୯୫୭)ଦିନ ଶ୍ରୀମାଙ୍କ ମର୍ତ୍ତ୍ୟଲୀଳାରେ ଘଟିଥିଲା ଏକ ଅସାଧାରଣ ଦିବ୍ୟାନୁଭୂତି । ସେଦିନ ବିଶ୍ୱ-ପ୍ରକୃତି ସହିତ ଶ୍ରୀମାଙ୍କ 'ସାମଗ୍ରିକ ତାଦାତ୍ମ୍ୟର ଅନୁଭୂତି' ଜାଗରିତ ହେଲା । ଅକସ୍ମାତ୍ 'ପ୍ରକୃତି' ବୁଝି ପାରିଲେ ଯେ ଏଇ ନୂତନ ଅଧ୍ୟାତ୍ମ (ଅତିମାନସ) ସତ୍ୟ ଜୀବନଠାରୁ ଦୂରକୁ ପଳାୟନ କରେନା, ଜୀବନର ବୃତ୍ତିର ପ୍ରଚଣ୍ଡ ପ୍ରସାର ଦେଖି ଭୟରେ ପଛଘୁଞ୍ଚା ଦିଏ ନା । ବରଂ ଜୀବନର ସର୍ବବିଧ ରୂପକୁ ଏକ ଅଖଣ୍ଡତା ମଧ୍ୟରେ (ପୁଷ୍ପମାଳା ସଦୃଶ) ଗୁନ୍ଥିଦେବାକୁ ପ୍ରୟାସ କରେ । ପ୍ରକୃତି-ଦେବୀ ବୁଝି ପାରିଲେ''ଅତିମାନସ ଚେତନା ତାଙ୍କୁ ଖର୍ବ କରିବାକୁ ଆସି ନାହିଁ, ଆସିଛି ପରିପୂର୍ଣ୍ଣ କରିବାକୁ ।'' ସେଇ ଦିବ୍ୟ ମିଳନର ପୁଣ୍ୟ-ଲଗ୍ନରେ ପରମପୁରୁଷଙ୍କଠାରୁ ଏକ ଆଦେଶ ଆସି ପହଞ୍ଚିଲା, ''ଜାଗି ଉଠ ହେ ପ୍ରକୃତି, ସହଯୋଗିତାର ଆନନ୍ଦକୁ ନେଇ !'' ଏହା ଶୁଣି ସମଗ୍ର ପ୍ରକୃତି ତତ୍‌କ୍ଷଣାତ୍ ଆନନ୍ଦର ବିପୁଳ ଉଲ୍ଲାସରେ ଉଦ୍‌ବେଳିତ ହୋଇ ଉତ୍ତର ଦେଲେ, ''ମୁଁ ତୁମର ଆଦେଶକୁ ମାନି ନେଲି; ମୁଁ ସହଯୋଗିତା କରିବି ।'' ପ୍ରକୃତି ସେଇ ଆଦେଶକୁ ଶିରୋଧାର୍ଯ୍ୟ କଲେ, ଏବଂ ଅନାଗତ ଅନନ୍ତକାଳ ଦିଗକୁ ଦୃଷ୍ଟିପାତ କରି ଦେଖିଲେ ''ଅତିମାନସ ଚେତନା ଆସିଛି ତାଙ୍କୁ ଆହୁରି ନିଖୁଣ ଭାବରେ ସାର୍ଥକ କରି ତୋଳିବା ପାଇଁ, ତାଙ୍କର ଗତିଧାରା ପାଇଁ ଆହୁରି ଅଧିକ ଶକ୍ତି ଯୋଗାଇ ଦେବା ଉଦ୍ଦେଶ୍ୟ ନେଇ, ତାଙ୍କର ଲୀଳାରେ ଭରିଦେବା ପାଇଁ ଆହୁରି ଅଧିକ ପ୍ରସାରତା, ଆହୁରି ଅନେକ ସମ୍ଭାବନା ।''

ଏହାପରେ ଶ୍ରୀମା ହଠାତ୍ ଶୁଣିବାକୁ ପାଇଲେ ବିଶ୍ୱର ଦିକ୍-ଦିଗନ୍ତରୁ ଭାସି ଆସୁଛି ଏକ ବିପୁଳ ସଙ୍ଗୀତ ଧ୍ୱନି, ମନେହେଲା ତାହା ଅନେକାଂଶରେ ପ୍ରଖ୍ୟାତ ସଙ୍ଗୀତଜ୍ଞ ଓ ବିଶ୍ୱ-ବିଖ୍ୟାତ ସ୍ୱର-ସାଧକ ବେଟୋଫେନ୍‌ଙ୍କ 'କନ୍‌ସେର୍‌ତୋ 'ଇନ୍ ଡ଼ି-ମେଜର୍' (Beethoven's Concerto-in-D'Major) ସଦୃଶ । ଏପରି ମହାନ୍ ସଙ୍ଗୀତ ବେଳେବେଳେ ''ସୂକ୍ଷ୍ମ-ଭୂତମୟ'' ଜଗତରେ ଶୁଣାଯାଏ; ତା'ଛଡ଼ା ଏପରି ଅମର ସଙ୍ଗୀତ କେବଳ ''ମହାପ୍ରଗତିର ଶୁଭଲଗ୍ନରେହିଁ ଉତ୍‌ଥିତ ହୁଏ ।'' ଶ୍ରୀମାଙ୍କ ବର୍ଣ୍ଣନା ଅନୁସାରେ ପଚାଶଟି ଅର୍କେଷ୍ଟ୍ରା (ବାଦ୍ୟବୃନ୍ଦ) ସତେ ଯେପରି ଐକତାନରେ ଝଂକୃତ ହୋଇ ଉଠିଲା; କେଉଁଠାରେ ଗୋଟିଏ ସୁଦ୍ଧା ଭୁଲ ସ୍ୱର ନାହିଁ । ସେହି ମହାନ୍ ସଙ୍ଗୀତ ସତେ ଯେପରି ପ୍ରକାଶ କରିବାକୁ ଉଦ୍ୟତ ''ପ୍ରକୃତି ଓ ପୁରୁଷର ନବ-ମିଳନର ବାର୍ତ୍ତା''; ପ୍ରକାଶ କରିବାକୁ ଇଚ୍ଛୁକ ଦୁଇଟି ପୁରୁଣା ବନ୍ଧୁଙ୍କ ସାକ୍ଷାତ୍‌କାରର କଥା, ଦୀର୍ଘ ବିରହ-ବିଚ୍ଛେଦ ପରେ ପୁଣି ଯେଉଁମାନେ ପରସ୍ପରଙ୍କୁ ଫେରି ପାଇଛନ୍ତି, ସେଇ ମିଳନ-ବାର୍ତ୍ତାର କଥା ।

ଯେ କୌଣସି ସୁନ୍ଦର ଓ ଅତି ସୁନ୍ଦର କଳାତ୍ମକ ସୃଷ୍ଟି ସେଇ ପରମ ''ସୁନ୍ଦରମ୍''ଙ୍କ ଶାଶ୍ୱତ ଆରାଧନା ଅଟେ । ଏହା ଦୃଶ୍ୟମାନ ଅଥବା ଶ୍ରବଣଗୋଚର ହୋଇପାରେ, କିଂବା ଅନ୍ୟକୌଣସି ଇନ୍ଦ୍ରିୟ ମାଧ୍ୟମରେ ଅନୁଭୂତ ହୋଇପାରେ । ଦୈନନ୍ଦିନ ସୂର୍ଯ୍ୟୋଦୟର ମନୋରମ ଦୃଶ୍ୟ ପରି ଏଇସବୁ ଅତିସୁନ୍ଦର ଦୃଶ୍ୟ ଓ ଧ୍ୱନି ସଦାସର୍ବଦା ମନୁଷ୍ୟ ହୃଦୟରେ ଚିରନୂତନ, ସଜୀବ, ସୁମହାନ ଓ ସୁମଧୁର ହୋଇ ରହିଥାଏ । କେବଳ ସେତିକି ନୁହେଁ ଏଇ ଦିବ୍ୟାନୁଭୂତିଗୁଡ଼ିକ ନବୀନତମ ଚେତନାର ବାହକ ହୋଇ ଉଠନ୍ତି । ଶ୍ରୀମା ଉପରୋକ୍ତ ସଙ୍ଗୀତ-ମୂର୍ଚ୍ଛନା ବିଷୟରେ ଯେଉଁ ସୁନ୍ଦର ଓ ମର୍ମସ୍ପର୍ଶୀ ବର୍ଣ୍ଣନା କରିଛନ୍ତି, ସେ ସମ୍ବନ୍ଧରେ କବି-ହୃଦୟ-କନ୍ଦରରେ ଉତ୍‌ଥିତ ଭାବର ଝଙ୍କାର କଥା ମନେ ପଡ଼ିଯାଏ... ଯଥା : ଅତି ସୁନ୍ଦର (ସଙ୍ଗୀତ ଶ୍ରବଣ) ତୃପ୍ତିରେ ଅବସାଦ ନାହିଁ... ଯେତେ ଶୁଣୁଥିଲେ, ସେଇ ଧରଣର 'ଅମର ସଙ୍ଗୀତ' ନୂଆ ଶୁଭୁଥାଇ । ଏଠାରେ କବିବର ରାଧାନାଥ ରାୟଙ୍କ ସୌନ୍ଦର୍ଯ୍ୟବୋଧ ଏବଂ ସୌନ୍ଦର୍ଯ୍ୟ-ଉପାସନା ସମ୍ବନ୍ଧରେ ବିଖ୍ୟାତ ଓ ଜନପ୍ରିୟ ବର୍ଣ୍ଣନାଟି ସ୍ମରଣ କରିବା ସ୍ୱାଭାବିକ : –

''ଦୃଷ୍ଟପୂର୍ବ ହୋଇ ଅଦୃଷ୍ଟ ପ୍ରତୀତି
ସୁନ୍ଦରପଣର ଚିରନ୍ତନ ରୀତି,
ସୁନ୍ଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେହେଁ ନୂଆ ଦିଶୁଥାଇ ।''

ଇଂରାଜୀ ଭାଷାରେ କବିଙ୍କର ବର୍ଣ୍ଣନାଟି ମଧ ଅତି ସୁନ୍ଦର :– ''A thing of beauty is a joy for ever.''

(କ୍ରମଶଃ)

❑❑❑

# ଜ୍ଞାନ-ବିଜ୍ଞାନ

## ପାଠାଗାର

ପାଠାଗାର ବା ଗ୍ରନ୍ଥାଗାର ଶବ୍ଦର ପରିଭାଷା ହେଉଛି ମୁଦ୍ରିତ ବା ଲିଖିତ ପୁସ୍ତକମାନଙ୍କର ସଂଗ୍ରହ, ଯାହା ଅଧ୍ୟୟନ ଅନୁସନ୍ଧାନ କିଂବା ସାଧାରଣ ସାମାନ୍ୟ ପଠନ ନିମିତ୍ତ ବ୍ୟବସ୍ଥିତ ବା ସଂଗଠିତ ହୋଇଥାଏ । ଶିକ୍ଷାର ପ୍ରସାର ଓ ଜ୍ଞାନର ବିକାଶ ଦିଗରେ ଗ୍ରନ୍ଥାଗାରଗୁଡ଼ିକର ଭୂମିକା ଉଲ୍ଲେଖଯୋଗ୍ୟ । ଶିକ୍ଷାର ବିକାଶରେ ବ୍ୟକ୍ତି, ଜାତି, ଦେଶ ତଥା ମାନବସମାଜର ବିକାଶ ସମ୍ଭବପର ହୋଇଥାଏ । ମଣିଷ ପାରିବାରିକ, ସାମାଜିକ, ଅର୍ଥନୈତିକ, ବୈଜ୍ଞାନିକ, ଭୌଗୋଳିକ, ଜାତୀୟ, ଆନ୍ତର୍ଜାତୀୟ ତଥ୍ୟ ଜାଣିବା ଦ୍ୱାରା ନିଜକୁ ପରିବେଶ ସହିତ ଖାପ ଖୁଆଇ ଚଳିପାରିଥାଏ । ଏହା ବ୍ୟତୀତ ସାହିତ୍ୟ, ସଂସ୍କୃତି ଓ ଆଧାତ୍ମିକ ଚିନ୍ତନ ତା' ମଧ୍ୟରେ ବିକାଶ ଲାଭ କରିବାକୁ ହେଲେ ଅଧ୍ୟୟନର ଆବଶ୍ୟକତା ଅଛି । ପାଠାଗାର ଜୀବନର ଏହିସବୁ ବିକାଶ ଦିଗରେ ଏକ ମାଧ୍ୟମ ଅଟେ । ପାଠାଗାର ଦ୍ୱାରା ମନୁଷ୍ୟ ସବୁ ତଥ୍ୟ ଜାଣି ନିଜର ଜ୍ଞାନର ପରିସର ବଢ଼ାଇଥାଏ । ଏହା ସାରାଜୀବନର ସାଥୀ ହେବା ଆବଶ୍ୟକ ।

ସବୁ ଉନ୍ନତ ରାଷ୍ଟ୍ରମାନଙ୍କରେ ଗ୍ରନ୍ଥାଗାର ସେବା ଦ୍ୱାରାହିଁ ଲୋକ ସଚେତନତା ବୃଦ୍ଧି ହୋଇ ଦେଶ ସମୃଦ୍ଧ ହୋଇଛି । ସ୍ୱାଧୀନତାକୁ ହୃଦୟଙ୍ଗମ କରିବାକୁ, ନିରକ୍ଷରତା-ଦୂରୀକରଣ ତଥା ଶିକ୍ଷାର ପ୍ରସାର ପାଇଁ ଗ୍ରନ୍ଥାଗାରର ଭୂମିକା ଅନସ୍ୱୀକାର୍ଯ୍ୟ । ଗ୍ରନ୍ଥାଗାର ହେଉଛି ହିନ୍ଦୁର ମନ୍ଦିର, ମୁସଲମାନର ମସ୍‌ଜିଦ, ଶିଖର ଗୁରୁଦ୍ୱାର, ଖ୍ରୀଷ୍ଟିଆନର ଗିର୍ଜାଠାରୁ ମଧ୍ୟ ପବିତ୍ର । ଏହି ଅନୁଷ୍ଠାନରୁ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଧନୀ, ଦରିଦ୍ର ନିର୍ବିଶେଷରେ ସମସ୍ତେ ଉଦାର ଭାବରେ ସୁବିଧା ପାଇଥା'ନ୍ତି । ୧୯୯୬ ମସିହା ସୁଦ୍ଧା ବ୍ରିଟେନ ସମସ୍ତ ଜନସଂଖ୍ୟାର ୯୬%, କ୍ୟୁବା ୯୭%, ରୁଷିଆ ୯୫% ଓ ଜାପାନର ୯୪% ଭାଗ ବ୍ୟକ୍ତିବିଶେଷଙ୍କୁ ପାଠାଗାର ମାଧ୍ୟମରେ ଶିକ୍ଷାର ଆଲୋକକୁ ଅଣାଯାଇଥିଲା । ଭାରତ ସ୍ୱାଧୀନତାର ୫୩ ବର୍ଷପରେ ମାତ୍ର ୭% ଭାଗ ଲୋକଙ୍କୁ ଲାଇବ୍ରେରି ସୁବିଧାର ବ୍ୟବସ୍ଥା ଦେଇଛି । ଗ୍ରାମ, ସହରରେ ଗ୍ରନ୍ଥାଗାରମାନ ପ୍ରତିଷ୍ଠା କରାଯାଇ ଆଧୁନିକ କଳା କୌଶଳର ଶିକ୍ଷା ଦିଆଗଲେ ଆମର ଅଶିକ୍ଷିତ ବ୍ୟକ୍ତିମାନଙ୍କର ସଂଖ୍ୟା କମିବା ସଙ୍ଗେ ସଙ୍ଗେ ଲୋକମାନେ ନିଜକୁ ବିକଶିତ କରି ରାଷ୍ଟ୍ର ନବଗଠନରେ ସାହାଯ୍ୟ କରନ୍ତେ !

ଗ୍ରନ୍ଥାଗାର ପ୍ରତିଷ୍ଠାକରି ସୁପରିଚାଳନା ପାଇଁ ପାଠାଗାର ଆଇନ (Public Library Act) ପ୍ରଣୟନ କରି ଆନୁଷଙ୍ଗିକ ପଦକ୍ଷେପମାନ ନେଲେ ଅଳ୍ପ ଦିନରେ ଆମ ଦେଶର ବହୁଳ ଭାବରେ ଲୋକମାନେ ଶିକ୍ଷିତ ହୋଇପାରନ୍ତେ । ପାଠାଗାର ସେବା ଦୃଷ୍ଟିରୁ ଓଡ଼ିଶାର ସ୍ଥାନ ବହୁ ପଛରେ । ଆମ ଦେଶର ତାମିଲନାଡୁ ୧୯୪୮, ଆନ୍ଧ୍ରପ୍ରଦେଶ ୧୯୬୦, କର୍ଣ୍ଣାଟକ ୧୯୬୫, ମହାରାଷ୍ଟ୍ର ୧୯୬୭, ପଶ୍ଚିମବଙ୍ଗ ୧୯୬୯, ମଣିପୁର ୧୯୮୮, କେରଳ ୧୯୮୮, ହରିଆନା ୧୯୮୯ରେ ଗ୍ରନ୍ଥାଗାର ଆଇନ ଲାଗୁ କରାଇଥିଲେ ମଧ୍ୟ ଓଡ଼ିଶାରେ ଗ୍ରନ୍ଥାଗାର ଆଇନ ପ୍ରଣୟନ ହୋଇପାରି ନାହିଁ । ଏହି ଆଇନ ପ୍ରଣୟନ ହେଲେ ଓଡ଼ିଶାରେ ୬୦ ହଜାର କର୍ମନିଯୁକ୍ତି ସୃଷ୍ଟି ହୋଇ ବେକାର-ସମସ୍ୟାର ସମାଧାନ ସହ ଶିକ୍ଷାର ପ୍ରସାର ହୋଇପାରନ୍ତା । ସରକାରୀ ବା ବେସରକାରୀ ଉଦ୍ୟମରେ ପାଠାଗାର ସମସ୍ତ ଗ୍ରାମ ଓ ସହରରେ ସ୍ଥାପନ କରିବା ସହିତ ସେଗୁଡ଼ିକର ସୁସଂଗଠିତ ବିକାଶ ପାଇଁ ଗ୍ରନ୍ଥାଗାର ଆଇନର ଆବଶ୍ୟକତା ରହିଛି ।

୧୯୮୬ ମସିହାରେ ଜାତୀୟ ଶିକ୍ଷାନୀତିରେ ଗ୍ରନ୍ଥାଗାର ଆନ୍ଦୋଳନକୁ ଗୁରୁତ୍ୱ ଦିଆଯାଇଛି । ସମସ୍ତ ଗ୍ରନ୍ଥାଗାର ଉନ୍ନତି ପ୍ରତି ଜାତୀୟ ସରକାର ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ନିୟମାନୁଯାୟୀ ଗ୍ରନ୍ଥାଗାରିକମାନଙ୍କୁ ଗତ ୧୯୮୬ ମସିହା ଜାନୁଆରି ପହିଲାଠାରୁ ବେତନ ବାବଦରେ ୮୦% ଅର୍ଥ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଅନୁଦାନ ହିସାବରେ ଯୋଗାଇଦେବାକୁ ବାଧ୍ୟ । ମାତ୍ର ଆମ ରାଜ୍ୟ ଏହିସବୁ ସୁବିଧାକୁ ପାଇବା ଲାଗି ସଚେତନ ନୁହେଁ । ପ୍ରକୃତରେ ରାଜ୍ୟକୁ ବିକାଶ ଦିଗରେ ଆଗେଇ ନେବାକୁ ଚାହୁଁଥିଲେ ସରକାର ଶିକ୍ଷାର ପ୍ରସାର ଦିଗରେ ଦୃଷ୍ଟିଦେବା ଆବଶ୍ୟକ । ବର୍ତ୍ତମାନ ପରିସ୍ଥିତିରେ ସରକାର ଗ୍ରନ୍ଥାଗାରମାନଙ୍କର କିପରି ବିକାଶ ହେବ ଓ ଲୋକମାନେ

ଶିକ୍ଷା ପ୍ରତି କିପରି ଆକୃଷ୍ଟ ହେବେ ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ । ରାଜ୍ୟର ବିଶିଷ୍ଟ ଶିକ୍ଷାବିତ୍‌ମାନେ ମଧ୍ୟ ଏ ବିଷୟରେ ସରକାରଙ୍କୁ ବାରଂବାର ସଚେତନ କରାଇବା ଆବଶ୍ୟକ ।

## ମାଇକେଲ୍ ଫାରାଡ଼େ

ପ୍ରତିଭା ପରିବେଶ ଦ୍ୱାରା ଚାପି ହୋଇଯାଏ ନାହିଁ । ସୁନାକୁ ନିଆଁରେ ପକାଇଲେ ଯେପରି ନଷ୍ଟ ନ ହୋଇ ଆହୁରି ଉଜ୍ଜ୍ୱଳ ହୋଇଉଠେ, ପ୍ରତିଭା ସେହିପରି ପରିବେଶର ତାଡ଼ନାରେ ଆହୁରି ବିକଶିତ ହୋଇଉଠେ । ଏହିପରି ଏକ ଉଦାହରଣ ହେଉଛନ୍ତି ମାଇକେଲ ଫାରାଡ଼େ । ମାନବ ସେବାରେ ନିୟୋଜିତ ହେଉଥିବା ଡାଇନାମୋ, ଜେନେରେଟର ଓ ଟ୍ରାନ୍ସଫର୍ମର୍ ଏହି ଅମର ବୈଜ୍ଞାନିକଙ୍କର ଗବେଷଣାଲବ୍ଧ ଜ୍ଞାନର ଫଳ । ୧୮୩୧ ମସିହାରେ ସେ ଉଦ୍ଭାବନ କରିଥିବା ଇଲେକ୍‌ଟ୍ରୋ ମ୍ୟାଗ୍‌ନେଟିକ୍ ଇଂଡକ୍‌ସନ୍ ତତ୍ତ୍ୱ ଏହିସବୁ ବୈଦ୍ୟୁତିକ ଯନ୍ତ୍ରର କାର୍ଯ୍ୟ କରିବାର ସୂତ୍ର । ମାନବ ଜାତିର ଅଶେଷ କଲ୍ୟାଣ ପାଇଁ ତାଙ୍କର ଏହି ଉଲ୍ଲେଖନୀୟ ଭୂମିକା ଲାଗି ସେ ଚିର ଅମର । କିନ୍ତୁ ଏହି ପ୍ରଖ୍ୟାତ ବୈଜ୍ଞାନିକ ମାଇକେଲ ଫାରାଡ଼େ ଇଂଲଣ୍ଡର ଏକ ଦରିଦ୍ର ପରିବାରରେ ୧୭୯୧ ମସିହାରେ ଜନ୍ମ ହୋଇଥିଲେ । ତାଙ୍କ ବାପା ଜଣେ ଦରିଦ୍ର କମାର ଥିଲେ । ଦାରିଦ୍ର୍ୟର ନିପୀଡ଼ନ ଯୋଗୁଁ ସେ ପାଠ ପଢ଼ିପାରି ନ ଥିଲେ । ପରିବାରର ଭରଣପୋଷଣ ଲାଗି ସେ ବହି ବନ୍ଧାଇବା କାର୍ଯ୍ୟକୁ ତାଙ୍କର ପେସା ଭାବରେ ଗ୍ରହଣ କରିଥିଲେ । ଏହିଭଳି ପନ୍ଥା ଗ୍ରହଣ କରିବାକୁ ପରିବେଶ ତାଙ୍କୁ ବାଧ୍ୟ କରିଥିଲା । କିନ୍ତୁ ବହି ବନ୍ଧାଇବା କାର୍ଯ୍ୟ ପରୋକ୍ଷରେ ତାଙ୍କ ଲାଗି ଆଶୀର୍ବାଦରେ ପରିଣତ ହେଲା । ପାଠପଢ଼ା ବନ୍ଦ ହୋଇଥିଲେ ବି ସେ ଜ୍ଞାନାର୍ଜନ ଲାଗି ଆସ୍ପୃହାଶୀଳ ଥିଲେ । ତାଙ୍କ ପାଖକୁ ବନ୍ଧେଇ ହେବା ଲାଗି ଆସୁଥିବା ବହିସବୁକୁ ସେ ଆଗ୍ରହରେ ପଢୁଥିଲେ ।

ବିଦ୍ୟୁତ୍ ଉପରେ ଏକ (Encyclopaedia) ବା ଜ୍ଞାନମଣ୍ଡଳ ଗ୍ରନ୍ଥ ଅଧ୍ୟୟନ କରିବା ପରେ ସେ ବିଦ୍ୟୁତ୍ ତତ୍ତ୍ୱ ପ୍ରତି ଆକୃଷ୍ଟ ହୋଇଥିଲେ । ସେହିପରି ଅନ୍ୟ ଏକ ପୁସ୍ତକ (experiment in chemistry) ତାଙ୍କୁ ରସାୟନ ବିଜ୍ଞାନ ପ୍ରତି ଆକୃଷ୍ଟ କରିଥିଲା । ଦିନରେ ବହି ବନ୍ଧାଇ କାର୍ଯ୍ୟକରି ସଂଧ୍ୟାରେ ସେତେବେଳର ବିଶିଷ୍ଟ ବୈଜ୍ଞାନିକ ହଂପ୍ରେ ଡେଭୀଙ୍କ କ୍ଲାସ୍‌ରେ ନିୟମିତ ସେ ଯୋଗ ଦେଉଥିଲେ । ନିଜ ମଧ୍ୟରେ ଅଧିକ ଜ୍ଞାନ ଲାଭର ଯେଉଁ ଅଭୀପ୍ସା ଥିଲା ସେ ହଂପ୍ରେଙ୍କୁ ତାହା ଜଣାଇଲେ । ହଂପ୍ରେଙ୍କ ଅନୁମୋଦନ କ୍ରମେ ତାଙ୍କର ଗବେଷଣାଗାରରେ ଜଣେ ସହାୟକ କର୍ମୀରୂପେ ଫାରାଡ଼େ ଯୋଗଦେଲେ । କ୍ରମେ କ୍ରମେ ସେ ହଂପ୍ରେଙ୍କର ଅତି ନିକଟତର ହୋଇଗଲେ । ମାତ୍ର ହଂପ୍ରେ ଫାରାଡ଼େଙ୍କୁ ତାଙ୍କ ପ୍ରତିଭାର ଉପଯୁକ୍ତ ସମ୍ମାନ ନ ଦେଇ ଜଣେ ବେତନଭୋଗୀ ଚାକିରିଆ ଭାବରେ ବ୍ୟବହାର କରୁଥିଲେ ।

ଫାରାଡ଼େ ହଂପ୍ରେଙ୍କ ସହିତ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ବିଜ୍ଞାନ ପ୍ରତିଷ୍ଠାନ ଭ୍ରମଣ କରିବାର ସୁଯୋଗ ପାଇଥିଲେ । ଏହି ଭ୍ରମଣ ସମୟରେ ହଂପ୍ରେ ତାଙ୍କୁ ସହକର୍ମୀ ରୂପେ ବିବେଚନା ନ କରି ଭୃତ୍ୟରୂପେ ବ୍ୟବହାର କରୁଥିଲେ ମଧ୍ୟ ଫାରାଡ଼େ ଦୁଃଖରେ ଭାଙ୍ଗି ପଡ଼ି ନ ଥିଲେ । ବିଭିନ୍ନ ସ୍ଥାନରେ ବିଶିଷ୍ଟ ବୈଜ୍ଞାନିକମାନେ ଫାରାଡ଼େଙ୍କର ଉଜ୍ଜ୍ୱଳ ପ୍ରତିଭାର ସଂଧାନ ପାଇଲେ ଓ ତାଙ୍କର ଭୂୟସୀ ପ୍ରଶଂସା କଲେ । ଏଥିରେ ଫାରାଡ଼େ ନିର୍ବିକାର ଥିବାବେଳେ ହଂପ୍ରେ ଈର୍ଷାରେ ଅସହ୍ୟ ହୋଇଥିଲେ । ଯାହା ହେଲେ ବି ହଂପ୍ରେ ଫାରାଡ଼େଙ୍କୁ ଭ୍ରମଣର ସୁଯୋଗ ଦେଇଥିବାରୁ ତାଙ୍କର ପ୍ରତିଭା ଲୋକଲୋଚନକୁ ଆସିଥିଲା ।

୧୮୨୫ ରେ ଫାରାଡ଼େ କେମିକାଲ୍ ଲାବରେଟେରିର ନିର୍ଦ୍ଦେଶକ ହେଲେ ଓ ୧୮୩୩ରେ ରୟାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅଧ୍ୟାପକ ହେଲେ । ୧୮୩୧ରେ ସେ ତାଙ୍କର ଅମୂଲ୍ୟତତ୍ତ୍ୱ ଇଲେକ୍‌ଟ୍ରୋ ମ୍ୟାଗ୍‌ନେଟିକ୍ ଇଂଡକ୍‌ସନ୍ ଉଦ୍ଭାବନ କଲେ । ଫାରାଡ଼େ ମଧ୍ୟ ଗ୍ୟାସ୍‌ର ଲିକୁଇଫିକେସନ୍ ତତ୍ତ୍ୱ, କାର୍ବନର ଦୁଇଟି କ୍ଲୋରାଇଡ୍, ପୋଲାରାଇଜ୍‌ଡ୍ ଲାଇଟ୍ ଉପରେ ମ୍ୟାଗ୍‌ନେଟିଜିମ୍ ପ୍ରଭାବ ଉପରେ ତତ୍ତ୍ୱ ଉଦ୍ଭାବନ କରିଥିଲେ । ୧୮୬୭ ମସିହାରେ ଏହି ମହାନ୍ ବୈଜ୍ଞାନିକ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ସଂଚୟନ : ଶେଷଦେବ କର

❑❑❑

# ଜାଣିଚ କି ?

## ସଂଗ୍ରାହକ

### ଚମତ୍କାର-ପ୍ରଦର୍ଶନର ପରିଣାମ

ଅନେକ ବ୍ୟକ୍ତି ହାତ ସଫେଇକୁ ଯାଦୁବିଦ୍ୟା ନାମରେ ନାମିତ କରି ପେଟ ପୋଷିଥାଆନ୍ତି । ବେଳେବେଳେ ସେମାନେ ଧରାପଡ଼ିଯାଉଥା'ନ୍ତି ଓ ବେଳେବେଳେ ସେମାନଙ୍କ ଜୀବନ ଉପରେ ମଧ୍ୟ ଆଞ୍ଚ ଆଣିଥାଏ । ସନ ୧୯୧୮ର କଥା । ସେଇ ସମୟରେ ଚୀନର ଯାଦୁକର 'ଚୁଙ୍ଗ ଲିଙ୍ଗ୍‌ସୁ' ସାରା ଇଂଲଣ୍ଡରେ ପ୍ରସିଦ୍ଧ ଥିଲେ । ସେ ଏପରି ଅଦ୍ଭୁତ ଯାଦୁର ଖେଳ ପ୍ରଦର୍ଶନ କରୁଥିଲେ । ବେଳେ ବେଳେ ତାଙ୍କର ଏକପ୍ରକାର ଖେଳକୁ ଦେଖିବାକୁ ବାରଂବାର ଲୋକମାନେ ଆସୁଥିଲେ । ଚୁଙ୍ଗ୍ ତାଙ୍କ ସ୍ତ୍ରୀଙ୍କୁ ଏକ ବିରାଟ ସାମୁଦ୍ରିକ ଶାମୁକା ମଧ୍ୟରେ ଭର୍ତ୍ତିକରି ବନ୍ଦ କରି ଦେଉଥିଲେ । ଖୋଲିବା ପରେ ଦେଖା ଯାଉଥିଲା ଯେ ସେ ସେଥିରେ ନାହାନ୍ତି । ହସି ହସି ଦର୍ଶକ ଗ୍ୟାଲେରିରେ ଦେଖାଯାଉଛନ୍ତି । ସେ ଷ୍ଟେଜ ଉପରକୁ ଏକ ବିରାଟ ତୋପ ମଗାଉଥିଲେ । ସେଥିରେ ତଳେ ବାରୁଦ ଓ ଉପରେ ଲୁହାର ଗୋଳା ମଝିରେ ନିଜ ସ୍ତ୍ରୀଙ୍କୁ ରଖୁଥିଲେ । ତୋପ ଫୁଟୁଥିଲା । ଗୋଳା ଦୂରକୁ ନ ଯାଇ ଷ୍ଟେଜ ଉପରେ ରହୁଥିଲା ଓ ତାଙ୍କ ସ୍ତ୍ରୀ ଅନ୍ୟ ସ୍ଥାନରେ ପ୍ରକଟ ହେଉଥିଲେ । ତାଙ୍କ ସ୍ତ୍ରୀଙ୍କ ଛାତିକୁ ବନ୍ଧୁକରୁ ଗୁଳି କରାଯାଉଥିଲା । ଗୁଳି ଗୋଟିଏ ପଟରୁ ଆର ପଟକୁ ଭେଦକରି ଯାଉଥିଲା । ଫଳରେ ସେ ମରିଯାଉଥିଲେ । ପୁଣି ତାଙ୍କୁ ପରେ ବଞ୍ଚାଯାଉଥିଲା । ବନଶୀ କଣ୍ଟା ହାତରେ ଧରି ସେ ଶୂନ୍ୟରୁ ଜିଅନ୍ତା ମାଛ ଧରି ଆଣି ଦର୍ଶକଙ୍କୁ ଦେଖାଉଥିଲେ । ଏହିଭଳି ତାଙ୍କର ଆଉ ଏକ ଖେଳ ଥିଲା– ଛାତି ଉପରେ ଚାଇନା-ପ୍ଲେଟ ରଖିବା ଓ ବନ୍ଧୁକର ଗୁଳିକୁ ଛାତିରେ ଅଟକାଇବା । ୨୩ ମାର୍ଚ୍ଚ ୧୯୧୮ ରାତିରେ ସେ ପ୍ଲେଟ ଉପରେ ବନ୍ଧୁକ ଗୁଳି ଅଟକାଇବା ଖେଳ ପ୍ରଦର୍ଶନ କରୁଥିବା ସମୟରେ ଗୁଳି ତାଙ୍କର ଛାତିକୁ ଭେଦ କଲା ଏବଂ ସେ ସେହି ଷ୍ଟେଜ୍ ଉପରେ ମୃତ୍ୟୁ ବରଣ କଲେ ।

ଏକଦା ଇଂଲଣ୍ଡରେ ଯାଦୁକର ଡେବିଡ୍ ଡେବାଣ୍ଟଙ୍କର ବିଶେଷ ଖ୍ୟାତି ଥିଲା । ଟଙ୍କା ତିଆରି କରିପାରୁଥିବା ଯାଦୁକର ରୂପେ ତାଙ୍କୁ ସମସ୍ତେ ଜାଣିଥିଲେ । ଶୂନ୍ୟରେ ହାତହଲାଇ ସେ ଟଙ୍କା ଧରି ଆଣୁଥିଲେ । ଏଇଭଳି ସେ ଡବାଭର୍ତ୍ତି ଟଙ୍କା ତିଆରି କରୁଥିଲେ । ଏବଂ ଦର୍ଶକମାନଙ୍କୁ ସ୍ତବ୍ଧ କରିଦେଉଥିଲେ । ଦିନେ ଯାଦୁକର ଡେବାଣ୍ଟ ରାସ୍ତାରେ ଯାଉଥିଲେ । ରାସ୍ତାରେ ଏକୁଟିଆ ପାଇ ତାଙ୍କୁ ଜଣେ ଯୁବକ ଧରି ପକାଇଲା । ଏବଂ କହିଲା ଆଜିକାଲି ମୁଁ ବହୁତ କଷ୍ଟରେ ଚଳୁଛି । ମୋର ଟୋପି ଟଙ୍କାରେ ଭର୍ତ୍ତି କରିଦିଅ । ଏତିକିରେ ମୋର କାମ ଚଳିଯିବ । ଡେବାଣ୍ଟ ତାକୁ ଯେତେ ଭୁଲାଇବାକୁ ଚେଷ୍ଟା କଲେ ସେ ଏକଜିଦ୍ ଧରିବସିଲା । ଶେଷରେ ଡେବାଣ୍ଟଙ୍କୁ ମାରିବାକୁ ପ୍ରସ୍ତୁତ ହୋଇଗଲା । ଡେବାଣ୍ଟ ଦେଖିଲେ ଉତ୍‌କ୍ଷିପ୍ତ ଯୁବକ ତାଙ୍କୁ ମାରିଦେବ । ସେ ପ୍ରାଣ ବିକଳରେ ପକେଟ ଉଣ୍ଡାଳି ଦେଖିଲେ ମାତ୍ର *୬*ଟି ସିଲିଂ ଅଛି । ସେ ଗୋଟିଏ ଗୋଟିଏ ସିଲିଂ ଦେଇ ନାନା କଥା କହି ଭୁଲାଉଥିଲେ । କାରଣ ସେ ଆଶା ରଖିଥିଲେ ଏହିପରି ସମୟ ଗଡ଼ିଲେ ସେ ବାଟରେ କେହି ବାଟୋଇ ଆସିବେ ଓ ତାଙ୍କୁ ଉଦ୍ଧାର କରିବେ । ସେ ଶେଷ ସିଲିଂଟିକୁ ବାହାର କଲାବେଳକୁ କେତେକ ପଥିକ ସେଇ ବାଟେ ଆସୁଥିବାର ଦେଖାଗଲା । ଜଣାପଡ଼ିଲା ଯେ ସେମାନେ ଘରୁ ପଳାଇ ଆସିଥିବା ଏଇ ପାଗଳ ଯୁବକକୁ ଖୋଜୁଛନ୍ତି । ତାକୁ ପାଇ ସେମାନେ ଜୋର ଜବରଦସ୍ତି ନେଇଗଲେ ।

ଆଉ ଏକ ଖେଳ ଦେଖାଇ ଅନେକ ଯାଦୁକର ବହୁତ ଅର୍ଥ ଉପାର୍ଜନ କରିବା ସଙ୍ଗେ ସଙ୍ଗେ କେତେକେ ମଧ୍ୟ ପ୍ରାଣ ବିସର୍ଜନ କରିଛନ୍ତି । ସେ ଖେଳଟି ହେଉଛି ବନ୍ଧୁକରୁ ଗୁଳି ଫୁଟିବା ସମୟରେ ନିଜ ହାତରେ ଗୁଳିକୁ ଧରିନେବା ବା ନିଜ ଦେହରେ ଗୁଳିକୁ ଭେଦ କରିବାକୁ ଦେବା । ପୋଲାଣ୍ଡର ଯାଦୁକର 'ଦେଲାନସ୍କି' ଏହି ଖେଳ ଆର୍ଚଷ୍ଟାଭଟ୍‌ର ଯୁବରାଜଙ୍କ ଦରବାରରେ ଦେଖାଇବାର ଆୟୋଜନ କଲେ, ସେଥିରେ ସଫଳତା ଲାଭ କଲାପରେ ତାଙ୍କୁ ପ୍ରଚୁର ଧନ ଏବଂ ସମ୍ମାନ ମିଳିବାର ଥିଲା । ଯାଦୁକରର ପତ୍ନୀକୁ ଷ୍ଟେଜ୍ ଉପରେ ଛିଡ଼ା କରାଇବାର ଥିଲା ଓ ଯୁବରାଜଙ୍କର ଛଅଜଣ ଅଙ୍ଗରକ୍ଷକ ତା'ଉପରେ ଗୁଳି ଚାଳନା କରିବାର ଥିଲା । ତାଙ୍କ ପତ୍ନୀ ଏହି ଛଅଟି ଗୁଳିକୁ ତାଙ୍କ ହାତରେ ଧରିନେବେ ବୋଲି କଥା ଥିଲା । ଭୁଲରେ କିନ୍ତୁ ଗୋଟିଏ ଅଙ୍ଗରକ୍ଷକ ବନ୍ଧୁକରେ ଯାଦୁକରର ନକଲି

*(ଅବଶିଷ୍ଟାଂଶ ୫୬ପୃଷ୍ଠାରେ ଦେଖନ୍ତୁ)*

# ସଂଗଠନ ସମାଚାର

## ଶିକ୍ଷା ସଂଗଠନ

**ଇଟାମାଟି (ପୁରୀ) :** ଚଳିତ ବର୍ଷ ମାର୍ଚ୍ଚ ୨୪ ତାରିଖରେ ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପଞ୍ଚଦଶତମ ବାର୍ଷିକ ଉତ୍ସବ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅଭିଭାବକ ତଥା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏଥିନିମନ୍ତେ ଅନୁଷ୍ଠିତ ଆଲୋଚନା ସଭାରେ ପୂର୍ବତନ ବିଧାୟକ ଶ୍ରୀ ବଂଶୀଧର ସାହୁ ଓ ନୟାଗଡ଼ର ଜିଲ୍ଲାପାଳ ଶ୍ରୀ ଅଶ୍ୱିନୀ କୁମାର ଦାଶ ଯୋଗ ଦେଇ ସମାଜର ପ୍ରଗତି ଓ ପରିବର୍ତ୍ତନ ପାଇଁ ଶ୍ରୀଅରବିନ୍ଦଙ୍କ ଆଦର୍ଶଭିତ୍ତିକ ପୂର୍ଣ୍ଣାଙ୍ଗ ଶିକ୍ଷା ସହାୟକ ହେବ ବୋଲି ଆଶାପୋଷଣ କରିଥିଲେ । ଏହି ଆଲୋଚନାଚକ୍ରର ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ସର୍ବଶ୍ରୀ ବୈକୁଣ୍ଠ ମହାପାତ୍ର, ତାରେଶ୍ୱର ରଥ, ରମାକାନ୍ତ ସାହୁ ପ୍ରମୁଖ ଅନ୍ୟତମ । ଉକ୍ତ କାର୍ଯ୍ୟକ୍ରମରେ ସର୍ବଶ୍ରୀ ଭିକାରି ସାହୁ, ବାଇଧର ପ୍ରହରାଜ, ବୈକୁଣ୍ଠ ନାୟକ, କୃଷ୍ଣଚନ୍ଦ୍ର ଦାଶଙ୍କ ସମେତ ବହୁ ମାତୃପ୍ରେମୀ ଭାଇଭଉଣୀମାନେ ସହଯୋଗ କରିଥିଲେ ।

**ମଙ୍ଗୁରାଇ (କଟକ) :** ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଚଳିତ ବର୍ଷ ଫେବ୍ରୁଆରି ୨୯ ତାରିଖରେ 'ସୁବର୍ଣ୍ଣ ଦିବସ' ଉପଲକ୍ଷେ ଏକ ବିଶେଷ ଉତ୍ସବର ଆୟୋଜନ କରା ଯାଇଥିଲା । ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ମାର୍ଚ୍ଚପାଷ୍ଟ ଓ ବନ୍ଦେ ମାତରମ୍ ପରିବେଷଣ କରିବା ପରେ ସମ୍ପାଦକ ଶ୍ରୀ ରବୀନ୍ଦ୍ର କୁମାର ପାତ୍ର ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

ଏହି ଶିକ୍ଷା ଅନୁଷ୍ଠାନରେ ଶ୍ରୀମାଙ୍କର ପ୍ରଥମ ପଣ୍ଡିଚେରୀ ଆଗମନୀ ଦିବସ ମାର୍ଚ୍ଚ ୨୯ତାରିଖଟି ମଧ୍ୟ ଯଥାବିଧି ପାଳିତ ହୋଇଯାଇଛି ।

## ଶିବିର ଓ ସମ୍ମିଳନୀ

**ବୁଗୁଡ଼ା (ଗଞ୍ଜାମ) :** ଗତ ମାର୍ଚ୍ଚ ୧୯ତାରିଖରେ ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଗଞ୍ଜାମ ଜିଲ୍ଲା ସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସର୍ବଶ୍ରୀ ପ୍ରସାଦ ତ୍ରିପାଠୀ, ଟି. ଭି. ଭାସ୍କର ରାଓ, ସୁଶ୍ରୀ ସୁଷମା ଦାଶ ପ୍ରମୁଖ ଯୋଗ ଦେଇ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନ ଉପରେ ଆଲୋଚନା କରିଥିଲେ ।

**ଓଲାଭର :** ସ୍ଥାନୀୟ ଶ୍ରୀଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ ଗତ ଏପ୍ରିଲ ୨୨ତାରିଖରେ ଏକ ଦିନିକିଆ ପାଠଚକ୍ର ସମ୍ମିଳନୀ ଓଲାଭର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହାର ବିଭିନ୍ନ ଅଧିବେଶନମାନଙ୍କରେ 'ଯୋଗ ଓ ଜୀବନ' ସମ୍ପର୍କରେ ଆଲୋଚନାଚକ୍ର, ଯୋଗ ସମ୍ପର୍କୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ସାଧାରଣ ସଭା ଆଦି ଅନୁଷ୍ଠିତ ହୋଇଥିଲା । ଶ୍ରୀ ଅନାଦି ଚରଣ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ 'ଦୈନନ୍ଦିନ ଜୀବନରେ ପୂର୍ଣ୍ଣାଙ୍ଗ ଶିକ୍ଷା' ସମ୍ପର୍କରେ ଆଲୋଚନା କରିଥିଲେ ।

**ବାରୁଆଁ (ଢେଙ୍କାନାଳ) :** ସ୍ଥାନୀୟ 'ମାତୃକୁଟୀର' ପରିସରରେ ଗତ ମାର୍ଚ୍ଚ ୧୯ ତାରିଖରୁ ୨୨ ତାରିଖ ମଧ୍ୟରେ ଏକ ଚାରିଦିନିଆ 'ଶ୍ରମ-ସ୍ୱାଧ୍ୟାୟ-ଶିବିର' ଅନୁଷ୍ଠିତ ହୋଇଯାଇଛି । ପ୍ରାୟ ପଚାଶ ଜଣ ଶିବିରାର୍ଥୀଙ୍କୁ ନେଇ ଅନୁଷ୍ଠିତ ଏଇ ଶିବିରଟି ଶ୍ରୀଅରବିନ୍ଦ ଆଶ୍ରମର ସାଧକ ଶ୍ରୀ ମଧୁସୂଦନ ମହାପାତ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଏହାର ସ୍ୱାଧ୍ୟାୟ କାର୍ଯ୍ୟକ୍ରମ ଶ୍ରୀଅରବିନ୍ଦଙ୍କ ରଚିତ 'ଯୋଗ-ସମନ୍ୱୟ' ପୁସ୍ତକର ପ୍ରଥମ ପାଞ୍ଚଟି ଅଧ୍ୟାୟ ଉପରେ ସନ୍ନିବେଶିତ ହୋଇଥିଲା ।

**ଜଟଣୀ (ଖୋର୍ଦ୍ଧା) :** ଗତ ଏପ୍ରିଲ ୮ ଓ ୯ ତାରିଖରେ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ମହିଳା ପାଠଚକ୍ରମାନଙ୍କୁ ନେଇ ଏକ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ସ୍ଥାନୀୟ 'ମାତୃଭବନ'ଠାରେ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧାର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟମଣି ମହାପାତ୍ର ଏହି ଉତ୍ସବଟିକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ । ଏହାର ଆଲୋଚନାଚକ୍ରମାନଙ୍କରେ ସର୍ବଶ୍ରୀ ପ୍ରସାଦ ତ୍ରିପାଠୀ, ରବି ପାଢ଼ୀ, ଡଃ. ବିରଞ୍ଚି ନାରାୟଣ ମହାପାତ୍ର, ଗଦାଧର ମିଶ୍ର, ଶେଖ୍ ଅବଦୁଲ୍ କାଶମ୍, ଭୂପାଳ ମାହାନା, ବିମଳ ପ୍ରସନ୍ନ ଦାସ, ଶ୍ରୀମତୀ ଅଞ୍ଜଳି ସିହ୍ନା, ସୁଶୀଳା ବେହୁରା, ଡଃ. ସରୋଜ ବାଳା ପଟ୍ଟନାୟକ, ନଳିନୀ ପଟ୍ଟନାୟକ, ଡଃ. ଶ୍ୟାମା କାନୁନ୍‌ଗୋ, ଡଃ. ବନଲତା ମହାପାତ୍ର ଓ ଡଃ. ବିଜୟିନୀ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଆଲୋଚ୍ୟବିଷୟମାନଙ୍କ ମଧ୍ୟରେ 'ପୃଥିବୀପୃଷ୍ଠରେ ଶ୍ରୀମାଙ୍କ କାର୍ଯ୍ୟ', 'ଯୋଗ ଓ ଜୀବନ', 'ପାଠଚକ୍ର ସଂଗଠନ' ଆଦି ଅନ୍ୟତମ ।

**ଶିମିଳିଗୁଡ଼ା (କୋରାପୁଟ) :** ଚଳିତ ବର୍ଷ ଫେବ୍ରୁଆରି ୨୦ ତାରିଖରେ କୋରାପୁଟ ଜିଲାର ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଶିମିଳିଗୁଡ଼ାସ୍ଥ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ 'ବର୍ତ୍ତମାନର ଯୁଗ-ସଂକଟ ଓ ଶ୍ରୀଅରବିନ୍ଦ', 'ପୂର୍ଣ୍ଣାଙ୍ଗ ଶିକ୍ଷାର ଉପଯୋଗିତା', 'ବାଛି ନିଅ ସ୍ୱର୍ଗ ଅବା ରସାତଳ'ଆଦି ବିଷୟବସ୍ତୁ ଉପରେ ଉପସ୍ଥିତ ବକ୍ତାମାନେ ସ୍ୱକୀୟ ମତ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ଶିକ୍ଷାର୍ଥୀ ସମିଧା ଓ ସୁକ୍ରାନ୍ତ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ ।

## ବାର୍ଷିକ ଉତ୍ସବ

**ଆପଣ୍ଡା (ଭଦ୍ରକ) :** ଗତ ମାର୍ଚ୍ଚ ୨୯ ତାରିଖରେ ସ୍ଥାନୀୟ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ସମ୍ମିଳନୀ ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲିପୁର, ଭଦ୍ରକ, ବନ୍ଧାଲୋ, ଆନନ୍ଦପୁର, ବନ୍ତ, ମୁଗୁପୁର, କେଶଦୁରାପାଳ, ଆଗରପଡ଼ା ରାଘବପୁର, ଭୁବନେଶ୍ୱରପୁର-ଶାସନ ପ୍ରଭୃତି ସ୍ଥାନରୁ ପ୍ରାୟ ଅଠରଟି ପାଠଚକ୍ରର ସଭ୍ୟସଭ୍ୟାମାନେ ଯୋଗ ଦେଇଥିଲେ ।

**ବେଲାରୀ (କେନ୍ଦ୍ରାପଡ଼ା) :** ଗତ ମାର୍ଚ୍ଚ ୧୬ତାରିଖରେ ସ୍ଥାନୀୟ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ରର ୨୪ତମ ବାର୍ଷିକ ଉତ୍ସବ ସହ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଚତୁର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଶ୍ରୀ ସୁବାସ ଚନ୍ଦ୍ର କର 'ଶ୍ରୀଅରବିନ୍ଦ ଓ ନୂତନ ସହସ୍ରାବ୍ଦ' ସମ୍ପର୍କରେ ଆଲୋଚନା କରିଥିଲେ ଓ ଶେଷରେ ମୁଖ୍ୟ ଅତିଥି ଶ୍ରୀ ଦିବାକର ନାଥ ଶର୍ମା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

ଏତଦ୍ ବ୍ୟତୀତ ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନ, ବାହାଦଲ ପୁର, ବାଲେଶ୍ୱରର ବାର୍ଷିକ ଉତ୍ସବ ଜାନୁଆରି ୧୫ ତାରିଖରେ; ଶ୍ରୀଅରବିନ୍ଦ ଯୁବ ପାଠଚକ୍ର ଓ ମହିଳା ପାଠଚକ୍ର, ଜାଲୋଏ, ସୁବର୍ଣ୍ଣପୁରର ବାର୍ଷିକ ଉତ୍ସବ ଯଥାକ୍ରମେ ମାର୍ଚ୍ଚ ୮ ଓ ୯ ତାରିଖରେ; ନବରଙ୍ଗପୁର ଜିଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ବାର୍ଷିକ ସମ୍ମିଳନୀ ଏପ୍ରିଲ ୯ ତାରିଖରେ; ମାତୃମୟୀ ପାଠଚକ୍ର, ଧରମଦୁଆର, ବାଲେଶ୍ୱରର ପଞ୍ଚମ ବାର୍ଷିକ ଉତ୍ସବ ମେ ୧ତାରିଖରେ; ଶ୍ରୀଅରବିନ୍ଦ ପାଠଚକ୍ର, ଶାନ୍ତିପୁର, ବଲାଙ୍ଗୀରର ୧୭ତମ ବାର୍ଷିକ ଉତ୍ସବ ଜାନୁଆରି ୨୬ତାରିଖରେ; ଶ୍ରୀଅରବିନ୍ଦ ସାଧନାପୀଠ ମାଟିପାରିଲୋରର ଷଷ୍ଠ ବାର୍ଷିକଉତ୍ସବ ଏପ୍ରିଲ ୨୦ ତାରିଖରେ; ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚମ୍ପୁଆ, କେନ୍ଦୁଝରର ବାର୍ଷିକ ଉତ୍ସବ ଏପ୍ରିଲ ୧୦ରେ; ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପନର ତୃତୀୟ ବାର୍ଷିକ ଉତ୍ସବ ମାତୃନିକେତନ, ଅନୁଗୁଳଠାରେ ଏପ୍ରିଲ ୧୧ତାରିଖରେ ଓ ଏପ୍ରିଲ ୨୩ ତାରିଖରେ ଚାହାପଡ଼ା, ମାହାଙ୍ଗାଠାରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରର ଶୁଭ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

## ବିଶେଷ ଉତ୍ସବ

ମାର୍ଚ୍ଚ ୨୯ ତାରିଖ, ୧୯୧୪ମସିହାରେ ଦିବ୍ୟଜନନୀ ଶ୍ରୀମା ପ୍ରଥମ ଥର ପାଇଁ ପଣ୍ଡିଚେରୀରେ ପଦାର୍ପଣ କରିଥିଲେ ଏବଂ ପୁନର୍ବାର ୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ ପଣ୍ଡିଚେରୀ ଆସି ଶ୍ରୀଅରବିନ୍ଦ ଆଶ୍ରମରେ ସ୍ଥାୟୀ ଭାବରେ ଅବସ୍ଥାନ କରିଥିଲେ । ଏହି ଦୁଇଟି ବିଶେଷ ଦିବସ ଉପଲକ୍ଷେ ଓଡ଼ିଶାର ବିଭିନ୍ନ ସମାଧିପୀଠ, ସାଧନାଳୟ, ଶିକ୍ଷାକେନ୍ଦ୍ର ଓ ପାଠଚକ୍ରମାନଙ୍କରେ ସ୍ୱତନ୍ତ୍ର ଉତ୍ସବମାନ ପାଳିତ ହୋଇଯାଇଛି ।

ଏଥି ମଧ୍ୟରୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବୁଗୁଡ଼ା, ଗଞ୍ଜାମ; ଜ୍ୟୋତିର୍ମୟୀ ଶ୍ରୀଅରବିନ୍ଦ ପାଠଚକ୍ର, କୁରୁଣ୍ଡା, ବାଲେଶ୍ୱର; ଶ୍ରୀଅରବିନ୍ଦ ସୋସାଇଟି, ପାରଳାଖେମୁଣ୍ଡି; ଶ୍ରୀଅରବିନ୍ଦ ସାଧନାଳୟ, ଦରଡ଼ିଆ, ବାଲେଶ୍ୱର; ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖଲିକୋଟ; ଶ୍ରୀମା ଶ୍ରୀଅରବିନ୍ଦ ଘରୋଇ ପାଠଚକ୍ର, ବନ୍ଧାଲୋ; ଶ୍ରୀଅରବିନ୍ଦ ପାଠଚକ୍ର, ଦାମୋଦର ପଲ୍ଲୀ, ଆସିକା; ଶ୍ରୀଅରବିନ୍ଦ ଦିବ୍ୟଜୀବନ ପାଠଚକ୍ର, ନୂଆସାହି, ଅନୁଗୁଳ; ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗଣିଆ ଓ ଶ୍ରୀଅରବିନ୍ଦ ପାଠଚକ୍ର, ଜହଳ, ମାହାଙ୍ଗା ଆଦି ଅନ୍ୟତମ ।

❑❑❑

[illegible]

— ଶ୍ରୀମା

# ଜିଜ୍ଞାସୁର ପୃଷ୍ଠା

ଜିଜ୍ଞାସା-୧ : ପାଠଚକ୍ର ଶେଷରେ ନୀରବ ଧ୍ୟାନ ହେବା ପରେ ପୁଣି ଶ୍ଳୋକ ଆବୃତ୍ତି ଓ ଶାନ୍ତିପାଠ କରିବା ଦରକାର କି ?

ଉତ୍ତର-ଉଦ୍ୟମ-୧ : ଯଦି ଶ୍ଳୋକ ଆବୃତ୍ତି ଓ ଶାନ୍ତିପାଠ କରିବାର ଥାଏ ତେବେ ଶେଷ ଧ୍ୟାନ ପୂର୍ବରୁ କରିପାର । ଶେଷ ଧ୍ୟାନ ପରେ ଆଉ କାର୍ଯ୍ୟକ୍ରମ ନ ରଖିବା ଭଲ ।

ଜିଜ୍ଞାସା-୨ : ପାଠଚକ୍ରରେ ଧ୍ୟାନ ସମୟରେ ଜଣେ ଢୁଳାଉଛି, ତାକୁ ଅନ୍ୟମାନେ ଦେଖି ନୀରବରେ ହସୁଛନ୍ତି । ଏଥିରେ ଭୁଲ୍ କାହାର ?

ଉତ୍ତର-ଉଦ୍ୟମ-୨ : ପାଠଚକ୍ରରେ ଧ୍ୟାନ ସମୟରେ କିଂବା ଅନ୍ୟ କେଉଁଠି ଧ୍ୟାନ ସମୟରେ କେହି କେହି ଢୁଳାଇବା ଏକ ସ୍ୱାଭାବିକ କ୍ରିୟା । ଯଦିଓ ଢୁଳାଇବା ଉଚିତ ନୁହେଁ ତଥାପି ସେମାନେ ଇଚ୍ଛା କରି ତାହା କରି ନ ଥା'ନ୍ତି । ସାଧାରଣତଃ ଧ୍ୟାନ ସମୟରେ ମନ ନୀରବ ହୋଇଯାଉ ଥିବାରୁ ଯେଉଁ ଶାନ୍ତି ଆସେ ତା' ଫଳରେ ପ୍ରଥମ କଥା ଯାହା ଆସେ ତା' ହେଉଛି ନିଦ । ଏହା ଏକ ଖରାପ ସୂଚନା ନୁହେଁ, କିନ୍ତୁ ଏହାକୁ ଅତିକ୍ରମ କରିବାକୁ ହେବ ।

ଧ୍ୟାନ ସମୟରେ ନିଜର ଧ୍ୟାନ ଛଡ଼ା ଅନ୍ୟ କିଏ କ'ଣ କରୁଛି ସେଥିପ୍ରତି ଲକ୍ଷ୍ୟ କରିବା ଧ୍ୟାନର ନିୟମ ନୁହେଁ । ତେଣୁ ଧ୍ୟାନ ସମୟରେ ଅନ୍ୟ କିଏ ଢୁଳାଉଛି ତାକୁ ଇଚ୍ଛା କରି ଲକ୍ଷ୍ୟ କରିବା ହେଉଛି ପ୍ରଥମ ଭୁଲ ଓ ଦ୍ୱିତୀୟ ଭୁଲ ହେଉଛି ତାକୁ ଥଟ୍ଟା କରି ହସିବା । ଯଦି ନିଜ ଅଜାଣତରେ କେହି ଧ୍ୟାନ ସମୟରେ ଢୁଳାଉ ଥିବାର ଆମ ନଜରରେ ପଡ଼େ ତେବେ ଆମେ ସେଥିପ୍ରତି ଗୁରୁତ୍ୱ ନ ଦେଇ ନିଜ ଧ୍ୟାନରେ ଅଭିନିବିଷ୍ଟ ହେବା ଉଚିତ ।

ଜିଜ୍ଞାସା-୩ : ମୁଁ ଭଗବାନଙ୍କୁ ଯେତେ ଡାକୁଛି ସେ ଜମା ଶୁଣୁ ନାହାନ୍ତି । ଟିକିଏ ବି ତାଙ୍କ ଉପଲବ୍ଧି ଦେଉ ନାହାନ୍ତି । ତେଣୁ ବହୁତ ନିରାଶ ଲାଗୁଛି ।

ଉତ୍ତର-ଉଦ୍ୟମ-୩ : ଜଣେ ଶିଷ୍ୟ ଜଣେ ଗୁରୁଙ୍କୁ ଠିକ୍ ଏଇ ପ୍ରଶ୍ନ ପଚାରି ଥିଲା । ଗୁରୁ ତା'ର ଉତ୍ତରରେ ଗୋଟିଏ ଚାଲୁଣୀ ଆଣି ସେଥିରେ ପାଣି ପୂରାଇବାକୁ କହିଲେ । ଶିଷ୍ୟ ଯେତେ ପାଣି ଢାଳିଲେ ସବୁ ବାହାରି ଗଲା । ଶେଷରେ ଗୁରୁ କହିଲେ ଚାଲୁଣୀଟିକୁ ପାଣିରେ ବୁଡାଇବା ଲାଗି । ଚାଲୁଣୀଟିକୁ ପାଣିରେ ବୁଡ଼ାଇବା ଫଳରେ ସେଥିରେ ପାଣି ଭର୍ତ୍ତି ହୋଇ ରହିଲା । ଗୁରୁ କହିଲେ ଏହିପରି ତୁମକୁ ହେବାକୁ ହେବ । ତୁମେ ଭଗବାନଙ୍କୁ ନିଜ ଆଡ଼କୁ ଆକର୍ଷଣ କରି ତୁମ ଇଚ୍ଛା ସେ ପୂରଣ କରିବାକୁ ଚାହିଁବା ଅପେକ୍ଷା ତୁମେ ଭଗବାନଙ୍କୁ ସମର୍ପଣ କରି, ତାଙ୍କ ମଧ୍ୟରେ ନିଜକୁ ହଜେଇ ଦେଇ, ତାଙ୍କ ଇଚ୍ଛା ପୂରଣର ଯନ୍ତ୍ର ହୋଇ ଉଠିବା ହେଉଛି ଯଥାର୍ଥ ସାଧନା । ତୁମେ ଯଦି ଭଗବାନଙ୍କୁ ସମର୍ପଣ କରିବ, ତାଙ୍କ ଉପସ୍ଥିତି ତୁମ ସହ ରହିବ, ତୁମ ମନରେ ପ୍ରାଣରେ ଆଉ ଉଦ୍‌ବିଗ୍ନତା, ହତାଶା, ନୈରାଶ୍ୟ ଦେଖାଦେବ ନାହିଁ । ଶାନ୍ତ, ଶକ୍ତିଶାଳୀ, ଅନନ୍ୟମୁଖୀ ଅଭୀପ୍ସା ରହିବ । ଅସ୍ଥିର, ଅଶାନ୍ତ ଅଭିଳାଷ ଲୋପ ପାଇବ । ଯଥାସମୟରେ ଭାଗବତ ଉପଲବ୍‌ଧି ହେବ । ତେବେ ଅନନ୍ତ କାଳ ପାଇଁ ତାହା ନ ହେଲେ ବି ଭିତରେ ଅସ୍ଥିର ଉଦ୍‌ବେଗ ଆସିବ ନାହିଁ । ସମର୍ପଣ ଆମ କାମ । ତାହା ଆମେ ପ୍ରତି ମୁହୂର୍ତ୍ତରେ ଯଥାର୍ଥଭାବେ କରୁଛୁ କି ? ଅନ୍ୟସବୁ କଥା ଭଗବାନ କରିବେ । ଆମର ସେ ସମ୍ବନ୍ଧେ ଚିନ୍ତା କରିବା ଆବଶ୍ୟକ ନାହିଁ ।

ଜିଜ୍ଞାସା-୪ : ମୁଁ ଜୀବନରେ ସବୁଦିଗରୁ ବିଫଳ ହେଲିଣି । ଆଉ ଏ ଜୀବନ ରଖିବା ଆବଶ୍ୟକ ମନେ କରୁ ନାହିଁ । ଆଉ ବି ଜୀବନରେ କୌଣସି ଆଶା ନାହିଁ ।

ଉତ୍ତର-ଉଦ୍ୟମ-୪ : ଏଇ କଥା ଠିକ୍ ଦୁଇଟି ବେଙ୍ଗ ମଧ୍ୟରୁ ଗୋଟିଏ ବେଙ୍ଗ କହୁଥିଲା । ଥରେ ଦୁଇଟି ବେଙ୍ଗ ବାହାରୁ ଗୋଟିଏ ଘର ଭିତରକୁ ପଶି ଆସିଲେ । ସେମାନେ ଗୋଟିଏ ପାତ୍ର ଦେଖିଲେ । ତା' ଭିତରେ କ'ଣ ଅଛି ଜାଣିବା ଲାଗି ତା' ଭିତରକୁ ଡେଇଁ ପଡ଼ିଲେ । ସେ ପାତ୍ର ଭିତରେ ଦହି ଥିଲା । ବେଙ୍ଗ ଦୁଇଟି ପାଣିବେଙ୍ଗ ନୁହନ୍ତି । ସେଥିରେ ପଡ଼ିବା ପରେ ଦୁହେଁ ବୁଡ଼ି ଯିବାକୁ ଲାଗିଲେ । ପ୍ରଥମ ବେଙ୍ଗ କହିଲା, ''ମରିବା ସୁନିଶ୍ଚିତ, କାହିଁକି ଆଉ ଜୀବନରକ୍ଷାର ଚେଷ୍ଟା'' କରିବା ? ଉଦ୍ଧାରର କୌଣସି ଆଶା ଦେଖାଯାଉ ନାହିଁ । କିନ୍ତୁ ଦ୍ୱିତୀୟ ବେଙ୍ଗଟି କହିଲା, ''ଚେଷ୍ଟା ନ କରି ମରିବା ତ ସହଜ । ଟିକିଏ ଚେଷ୍ଟା କଲେ କ୍ଷତି କ'ଣ ? ଯଦି କିଛି ଉଦ୍ଧାରର ମାର୍ଗ ମିଳିଯାଏ, ନହେଲେ ମରିବା, ଆଉ କ'ଣ ? ଖାଲି ଖାଲିଟାରେ ମରିବା ଅପେକ୍ଷା ଟିକିଏ ଚେଷ୍ଟା କରି କାହିଁକି ନ ମରିବା ?'' ଏହା

କହି ସେ ଦହି ଭିତରେ ଘୂରି ଗୋଡ଼ ହାତ ଛାଟି ପହଁରିବାରେ ଲାଗିଲା । କିଛି ସମୟପରେ ଦହି ଉପରେ ଲହୁଣିର ଗୋଟିଏ ପିଣ୍ଡୁଳା ଦେଖାଦେଲା । ଦ୍ୱିତୀୟ ବେଙ୍ଗଟି ଲହୁଣି ପିଣ୍ଡୁଳା ଉପରକୁ ଉଠି ପାତ୍ର ବାହାରକୁ ଡେଇଁ ପଡ଼ିଲା । ସେତେବେଳକୁ ପ୍ରଥମ ବେଙ୍ଗଟି ବୁଡ଼ି ମରିଗଲାଣି । ବେଙ୍ଗ ଦୁଇଟିଙ୍କ ପରି ଆମେ ସମସ୍ତେ ସଂସାର ରୂପକ ଦହିପାତ୍ରରେ ପଡ଼ିଛେ । ତେଣୁ ନିରାଶ, ନିଶ୍ଚେଷ୍ଟ ନ ହୋଇ ଯଥାର୍ଥ ମାର୍ଗରେ ଉଦ୍ୟମ କଲେ ବାଧା ବିପତ୍ତି ଓ ଦୁଃଖଜଞ୍ଜାଳର ଊର୍ଦ୍ଧ୍ୱକୁ ଯାଇପାରିବା ।

— ସଂପାଦକ

❑❑❑

---

*(ପୃଷ୍ଠା ୫୨ର ଅବଶିଷ୍ଟାଂଶ)*

ଗୁଳି ପରିବର୍ତ୍ତେ ଅସଲ ଗୁଳି ରହିଯାଇଥିଲା । ସେଇ ଗୁଳିଟି ଯେତେବେଳେ ଫୁଟିଲା ଯାଦୁକରଙ୍କ ପତ୍ନୀ ଷ୍ଟେଜ ଉପରେ ମୃତ୍ୟୁ ବରଣ କଲେ ।

ଫ୍ରାନ୍ସର ଯାଦୁକର 'ରବେୟାର ଉଦଯଁ' ଷ୍ଟ୍ରାସ୍‌ବର୍ଗ ନଗରର ଏକ କଳାମଞ୍ଚ ଉପରେ ନିଜର ଯାଦୁ ପ୍ରଦର୍ଶନ କରିବାର ଥିଲା । ପୁଅ ଜିଡ଼ମାନି ଗୋଟିଏ ସେଉ ଦୁଇଦାନ୍ତ ମଝିରେ ଦବାଇ ରଖୁଥିଲା । ସାମନାରୁ ପିସ୍ତଲ ଗୁଳି ଚାଲୁଥିଲା ଏବଂ ସେହି ଗୁଳି ସେଉର ମଝିରେହିଁ ଅଟକି ଯାଉଥିଲା । ଧାତୁଗୁଡ଼ିକର ଚୂର୍ଣ୍ଣନରେ ତିଆରି ଗୁଳି ଦେଖିବାକୁ ଅସଲି ଗୁଳି ଭଳି ଜଣା ପଡୁଥିଲା, କିନ୍ତୁ ସେହି ଚୂର୍ଣ୍ଣ ପିସ୍ତଲ ଟିପିବା ମାତ୍ରେ ଏଣେତେଣେ ବିଛାଇ ହୋଇ ଯାଉଥିଲା ଏବଂ ସେଉ ଭିତରେ ପୂର୍ବରୁ ଖଂଜା ଯାଇଥିବା ଗୁଳି ବାହାର କରି ଦେଖାଇ ଦିଆଯାଉଥିଲା । କିନ୍ତୁ ଏଠି ନକଲି ଓ ଅସଲି ଗୁଳି ଖଂଜିବାରେ ଭୁଲ ହୋଇଗଲା । ଫଳରେ ବାଳକ ଗୁଳି ଖାଇ ଆର୍ତ୍ତନାଦ କରି ତଳେ ପଡ଼ିଗଲା ଓ ଥରେ ଦୁଇଥର ଛଟପଟ କରି ସେଠାରେ ମୃତ୍ୟୁ ବରଣ କଲା । ନିଜ ପୁତ୍ରର ମୃତ୍ୟୁର କାରଣ ହେବାରୁ ଯାଦୁକରର ମର୍ମବେଦନା ଅକଥନୀୟ ଥିଲା । ❑

# ହେ ମୋର ଚିରନ୍ତନ

## ସରୋଜିନୀ ପାଣିଗ୍ରାହୀ

ନିଖିଳ ବିଶ୍ୱ ତୁମରି ତ ଏକ ଲୀଳା,
ସବୁକିଛି ଏଠି ତୁମରି ତ ଖାଲି ଖେଳା ।
ତୁମେ ତ କରି ନ କେବଳ ରୂପର ଦାନ,
ନିଜେହିଁ ତ ତୁମେ ହୋଇଅଛ ରୂପମାନ ।
ହେ ମୋର ଚିରନ୍ତନ ।୧।

ପ୍ରକୃତି ଆଉ ପୁରୁଷର ରୂପ ଧରି,
ନିଜର ସାଥିରେ ଖେଳୁଅଛ ଲୁଚକାଳି ।
ତୁମେ ତ ଦ୍ରଷ୍ଟା ତୁମେ ତ ଦୃଶ୍ୟମାନ,
ତୁମେ ତ ସ୍ରଷ୍ଟା ତୁମେ ତ ସୃଷ୍ଟିଧନ ।
ହେ ମୋର ଚିରନ୍ତନ ।୨।

ନିଜ ଅନ୍ଧାରେ ନିଜକୁ ହଜାଇ ଦେଇ,
ଖୋଜୁଚ ନିଜକୁ କେତେ ଯେ ବ୍ୟାକୁଳ ହୋଇ ।
ପଡୁଚ ଉଠୁଚ ସହୁଚ କଷଣ ମାନ,
ଖୋଜିବା ତ ତୁମ ହୁଏ ନାହିଁ ଅବସାନ ।
ହେ ମୋର ଚିରନ୍ତନ ।୩।

ଅହଂକାରର ପରଦା ଉହାଡ଼େ ରହି,
ଭାବୁଚି ତୁମକୁ ଖୋଜୁଚି ମୁଁ କଷ୍ଟ ସହି ।
ତଥାପି ଖୋଜିବି ଏଇଭଳି ଚିରଦିନ,
(ଯେତେଦିନ ଯାଏ)
ଲଭିନି ତୁମରି ଦିବ୍ୟ ଆଲୋକ ଦାନ ।
ହେ ମୋର ଚିରନ୍ତନ ।୪।

H

